# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧/୨୦୧୮ (୨୦ ପୃଷ୍ଠା) Bhubaneswar, Monday, October 1 / 2018 ★★★★

୪୪ଶ ଭାଗ ୩୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP
GROUP
Quality Since 1965
कमला पसन्द
अनोखा स्वाद
पान मसाला
20% EXTRA
Hallmark
of quality
କମଲା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧/୨୦୧୮ | Bhubaneswar, Monday, October 1 / 2018 | ପୃଷ୍ଠା-୧




**୨୦୧୮ ମୋ ପାଇଁ ଶୁଭଙ୍କର: ତାପସୀ**
'ମନ୍‌ମର୍ଜିୟାଁ'ର ସଫଳତା ପରେ ୨୦୧୮ ତାଙ୍କ ପାଇଁ ଶୁଭଙ୍କର ବୋଲି ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ। ୧୨

୧୬ **ଏକଲବ୍ୟ ପୁରସ୍କାର ପାଇଁ ଲିଲିମା ମନୋନୀତ**
ମହିଳା ହକି ତାରକା ଲିଲିମା ମିଞ୍ଜ ସମ୍ମାନଜନକ ଏକଲବ୍ୟ ପୁରସ୍କାର-୨୦୧୮ ପାଇବା ପାଇଁ ମନୋନୀତ ହୋଇଛନ୍ତି।




DADLS-123

ବିଜୁ ସେତୁ ଯୋଜନା
୫୮୪ ସେତୁ | ୧୨୫୦ କୋଟି ଟଙ୍କା | ଲକ୍ଷାଧିକ ଲୋକଙ୍କ ମୁହଁରେ ହସ
#ଯୋଡୁଛି ଲୋକଙ୍କୁ ସୁବିଧା ସୁଯୋଗ ସହିତ






ହାଣ୍ଡିଭଙ୍ଗା ଜଳପ୍ରପାତ। କେନ୍ଦୁଝର ଜିଲ୍ଲାର ଯୋଡା ବ୍ଲକରେ ଅବସ୍ଥିତ ଏକ ମନୋରମ ପର୍ଯ୍ୟଟନସ୍ଥଳୀ। ବଡକାଳିମାଟି ଗାଁ ନିକଟରେ ଥିବା ନାଳ ବାଧକ ସାଜିଥିଲା ପର୍ଯ୍ୟଟକ ମାନଙ୍କ ଯିବା ବାଟରେ।

୨୦୧୬-୧୭ରେ ପ୍ରାୟ ୨୫୦ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହେଲା ଏଇ ନାଳ ଉପରେ **ବିଜୁ ସେତୁ ଯୋଜନା**ରେ ଏକ ଦୀର୍ଘ ସେତୁ। ସୁଗମ ହେଲା ପର୍ଯ୍ୟଟନସ୍ଥଳୀକୁ ଯିବା ବାଟ, ଉପକୃତ ହେଲେ ଯୋଡା ବ୍ଲକର ୭ଟି ଜନଜାତି ବହୁଳ ବସତିର ୮ହଜାରରୁ ଉର୍ଦ୍ଧ୍ୱ ଲୋକ।

**'ବିଜୁ ସେତୁ ଯୋଜନା'**। ଗାଁ କୁ ଗାଁ ଆଉ ଲୋକଙ୍କୁ ସୁବିଧା ସୁଯୋଗ ସହ ଯୋଡ଼ିବା ପାଇଁ ଆମ ମୁଖ୍ୟମନ୍ତ୍ରୀ **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ** ଦୂରଦୃଷ୍ଟିସମ୍ପନ୍ନ ପରିକଳ୍ପନା।





ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

@Naveen_Odisha | CMO.Odisha | @CMO_Odisha
15001/13/0265/1819


## କୋର୍ଟ ମ୍ୟାନେଜର ହେବେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର

**ଦୁଇଦିନିଆ ଆଲୋଚନାଚକ୍ର ଉଦ୍‌ଯାପିତ**

**କଟକ ଅଫିସ, ୩୦।୯**

ଦେଶର ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଆହୁରି ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମୟ ଆସିଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ବୈଷୟିକ ଜ୍ଞାନକୌଶଳ ଥିବା ଶିକ୍ଷିତ ଯୁବତୀଯୁବକ (ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର) କୋର୍ଟର ମ୍ୟାନେଜର ଭାବେ ଅବସ୍ଥାପିତ ହେଲେ ବିଚାର ପ୍ରକ୍ରିୟା ଆହୁରି ଦୃଢ଼ ହୋଇପାରିବ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ର କହିଛନ୍ତି। ରବିବାର କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଆଇନ ସମ୍ପର୍କିତ ଦୁଇଦିନିଆ ଆଲୋଚନାଚକ୍ରର ଶେଷ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ମିଶ୍ର ଏହା କହିଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ନୂଆ ରାୟ ସମ୍ପର୍କରେ ସେ କହିଲେ, ଏହାର ଅଧିକ ତର୍ଜମା ହେବା ଆବଶ୍ୟକ। ଯୁଗ ଉପଯୋଗୀ ସମସ୍ୟାକୁ ନେଇ କିଭଳି ବିଚାର ପ୍ରକ୍ରିୟାରେ ପରିବର୍ତ୍ତନ ଅଣାଯିବ ତାହାକୁ ନେଇ ଅନୁଧ୍ୟାନ କରାଯିବା ଦରକାର। ଏଥିନିମନ୍ତେ ବିଚାର ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଦକ୍ଷତା ଓ ଆଗ୍ରହକୁ ଆଗକୁ ବଢ଼ାଇବାକୁ ଜଷ୍ଟିସ ମିଶ୍ର ଆହ୍ୱାନ ଦେବା ସହ ଏହାଦ୍ୱାରା କେବଳ ଓଡ଼ିଶାରେ ନୁହେଁ, ସାରା ଭାରତ ବର୍ଷରେ ନ୍ୟାୟିକ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଥିଲେ। ଏଥିସହ ସାକ୍ଷୀ ଓ ପୀଡିତଙ୍କ ସୁରକ୍ଷା ଉପରେ ଜଷ୍ଟିସ ମିଶ୍ର ଗୁରୁତ୍ୱ ଦେଇଥିଲେ। ଏହି ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ, ଜଷ୍ଟିସ ଏସ୍.ଆର୍. ଷଡ଼ଙ୍ଗୀଙ୍କ ସମେତ ଦେଶର ବିଭିନ୍ନ ହାଇକୋର୍ଟର ୧୪୦ଜଣ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ପ୍ରଧାନ ବିଚାରପତି ଦୀପକ ମିଶ୍ର, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ଦୁଇ ହାଇକୋର୍ଟ ବିଚାରପତି।

## ଭାରତୀୟ ବାୟୁସୀମା ଉଲ୍ଲଂଘନ କଲା ପାକ୍ ହେଲିକପ୍ଟର



**ନୂଆଦିଲ୍ଲୀ,୩୦।୯(ପି.ଟି.)**

ପାକିସ୍ତାନର ଏକ ହେଲିକପ୍ଟର ଜମ୍ମୁ-କଶ୍ମୀରର ପୁଞ୍ଚ ସେକ୍ଟରରେ ରବିବାର ଭାରତୀୟ ବାୟୁସୀମା ଉଲ୍ଲଂଘନ କରିଛି। ଧଳାରଙ୍ଗର ହେଲିକପ୍ଟରଟି ଅପରାହ୍ନ ୧୨ଟା ୧୦ରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଭାରତ ପଟକୁ ମାଡ଼ିଆସିଥିଲା। ଏହା ଗୁଲ୍‌ପୁର ଅଞ୍ଚଳରେ ଖୁବ୍ ଉଚ୍ଚରେ ଉଡାଣ କରୁଥିବା ଦେଖି ଭାରତୀୟ ସୀମା ରକ୍ଷକମାନେ ଗୁଳିବର୍ଷା କରିଥିଲେ। ଫଳରେ ୫ ମିନିଟ ଉଡାଣ କରିବା ପରେ ହେଲିକପ୍ଟର ପୁଣି ପାକିସ୍ତାନ ପଟକୁ ଫେରିଯାଇଥିଲା। ପ୍ରଥମେ ଏହା ପାକିସ୍ତାନୀ ବାୟୁସେନାର ବୋଲି ମନେକରାଯାଉଥିଲା। କିନ୍ତୁ ପରେ ଏହା ପାକିସ୍ତାନର ଏକ ବେସାମରିକ ହେଲିକପ୍ଟର ବୋଲି ଜଣାପଡ଼ିଲା। ଭାରତୀୟ ସେନାର ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଦେବେନ୍ଦ୍ର ଆନନ୍ଦ ଏହି ସୂଚନା ଦେଇଛନ୍ତି।

## ଭିଭିଆଇପି ଉଡାଣ: ସରକାରଙ୍କ ଉପରେ ଏଆଇର ୧୧୪୬.୮୬ କୋଟି ବକେୟା

**ନୂଆଦିଲ୍ଲୀ,୩୦।୯**

ଭିଭିଆଇପିମାନେ ଏୟାର ଇଣ୍ଡିଆ(ଏଆଇ) ବିମାନରେ ଗସ୍ତ କରି ଭଡା ଦେବାକୁ ଭୁଲି ଯାଇଛନ୍ତି। ଫଳରେ ଋଣରେ ବୁଡ଼ି ରହିଥିବା ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏବେ କେନ୍ଦ୍ର ସରକାରଙ୍କଠାରୁ ପ୍ରାୟ ୧୧୪୬.୮୬ କୋଟି ଟଙ୍କା ବକେୟା ବାବଦରେ ପାଇବ। ଆଶ୍ଚର୍ଯ୍ୟର କଥା ଯେ, ବହୁ ବିଲ୍ ଏକ ଦଶନ୍ଧି ହେଲା ବକେୟା ପଡିଛି। ଗତ ବର୍ଷକ ଭିତରେ ଏଥିରେ ତିନି ଗୁଣା ବୃଦ୍ଧି ପାଇଛି। ଆର୍‌ଟିଆଇ ଆବେଦନରୁ ଏହା ଜଣାପଡିଛି।

ଅବସରପ୍ରାପ୍ତ କମୋଡର ଲୋକେଶ ବାତ୍ରାଙ୍କ ଆବେଦନ ଉପରେ ଏୟାର ଇଣ୍ଡିଆ ଜଣାଇଛି ଯେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଉପରେ ୨୧୧.୧୭ କୋଟି ଟଙ୍କା, କ୍ୟାବିନେଟ ସଚିବାଳୟ ଏବଂ ପିଏମ୍‌ଓ ଉପରେ ୫୪୩.୧୮ କୋଟି ଟଙ୍କା ଏବଂ ବୈଦେଶିକ ମନ୍ତ୍ରଣାଳୟ ଉପରେ ୩୯୨.୩୩ କୋଟି ଟଙ୍କା ବକେୟା ରହିଛି। ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଉଦ୍ଧାର କାର୍ଯ୍ୟ ଲାଗି ବ୍ୟବହୃତ ବିମାନ ସେବା ପାଇଁ ସରକାରଙ୍କୁ ୧୦ ବର୍ଷ ପୂର୍ବେ ବିଲ୍ ଦିଆଯାଇଥିଲେ ହେଁ ତାହା ଅଦ୍ୟାବଧି ପ୍ରଦାନ କରାଯାଇନି। ଜାନୁୟାରୀ ୩୧ ସୁଦ୍ଧା ଏହି ବିଲ୍ ୩୨୫ କୋଟି ଟଙ୍କା ଥିଲା ବେଳେ ଏହା ଏବେ ୧୧୪୬.୮୬କୋଟି ଟଙ୍କାକୁ ବୃଦ୍ଧି ପାଇଛି।

## ଟୀବ୍ର ହେଲା ବିଜେଡି ଗୋଷ୍ଠୀ କନ୍ଦଳ

**ଜଗତ୍‌ସିଂହପୁର ଜିଲା ରାଜନୀତି**
- ରାସ୍ତା ଉପରେ କର୍ମୀ ମୁହାଁମୁହିଁ
- ଜିଲା କାର୍ଯ୍ୟକର୍ତ୍ତାଙ୍କ ଆଗରେ ଘଟିଲା ବିଶୃଙ୍ଖଳା
- ରାଜଶ୍ରୀ ହଟାଅ, ତିର୍ତ୍ତୋଲ ବଞ୍ଚାଅ ସ୍ଲୋଗାନ ଦେଲେ ବିପକ୍ଷଗୋଷ୍ଠୀ

**ଜଗତ୍‌ସିଂହପୁର ଅଫିସ/ ରଘୁନାଥପୁର (ଡି.ଏନ୍.ଏ),୩୦।୯**

ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ ଦଳୀୟ ଶୃଙ୍ଖଳାରେ ସୁଧାର ଆସିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ଦିନକୁଦିନ ବିଜେଡିରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ପୂର୍ବରୁ ଦାମ ଓ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସଙ୍କ ମଧ୍ୟରେ ବିବାଦକୁ ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ବିଷ୍ଣୁ ଓ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ମଧ୍ୟରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାର ପ୍ରତିଫଳନ ରବିବାର ତାରପୁର ବାଇପାସ୍‌ଠାରେ ଦେଖିବାକୁ ମିଳିଛି। ଏଠାରେ ବିଷ୍ଣୁ ଓ ରାଜଶ୍ରୀଙ୍କ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏପରି କି ବିଟ୍ ରାସ୍ତା ଉପରେ ରାଜଶ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେବାକୁ ପଛାଇ ନାହାନ୍ତି ଦଳରେ ଥିବା ତାଙ୍କ ବିରୋଧୀ ଗୋଷ୍ଠୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଗତ୍‌ସିଂହପୁର ଜିଲାରେ ଦଳୀୟ କନ୍ଦଳ ଦୂର କରିବା ଓ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନିଯୁକ୍ତ କାର୍ଯ୍ୟକର୍ତ୍ତାମାନଙ୍କ ଉପସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ପୂର୍ବାହ୍ନ ୧୧.୩୦ରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲା ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ☞ପୃଷ୍ଠା-୨

## ୮୩୨ ଛୁଇଁଲା ମୃତ୍ୟୁସଂଖ୍ୟା

**ଇଣ୍ଡୋନେସିଆ ଭୂକମ୍ପ-ସୁନାମି**
- ଚାପି ହୋଇ ରହିଛନ୍ତି ଶତାଧିକ
- ସହଯୋଗ ପ୍ରତିଶ୍ରୁତି ଦେଲେ ମୋଦି

**ପାଲୁ/ନୂଆଦିଲ୍ଲୀ,୩୦।୯(ପି.ଟି.)**

ଇଣ୍ଡୋନେସିଆ ଭୂକମ୍ପର ଭୟଙ୍କର ଚିତ୍ର ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି। ଭୂକମ୍ପଜନତି ମୃତ୍ୟୁସଂଖ୍ୟା ରବିବାର ୮୩୨ ଟପିଥିବାବେଳେ ଅତଡ଼ା ତଳେ ଆହୁରି ଶତାଧିକ ଲୋକ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ବୋଲି ଇଣ୍ଡୋନେସିଆ ବିପର୍ଯ୍ୟୟ ପରିଚାଳନା ବିଭାଗ ମୁଖପାତ୍ର ସୁତପୋ ପୂର୍ଣ୍ଣାନୁଗ୍ରହୋ ସୂଚନା ଦେଇଛନ୍ତି। ଭୂକମ୍ପ ଏବଂ ସୁନାମି ଯୋଗୁ ସୁଲାୱେସୀ ଦ୍ୱୀପ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ଚାରିଆଡ଼େ ଅତଡ଼ା ସାଙ୍ଗକୁ କୁଢ଼ କୁଢ଼ ଶବ ପଡ଼ି ରହିଛି। ମହାମାରୀ ଆଶଙ୍କା ଦୂରକରିବା ଲାଗି ରବିବାରଠାରୁ ସମୂହ ସମାଧି ଆରମ୍ଭ ହୋଇଯାଇଛି ବୋଲି ସୁତପୋ କହିଛନ୍ତି। ଏବେ ବି ଅନେକ ପ୍ରଭାବିତ ଅଞ୍ଚଳକୁ ଉଦ୍ଧାରକାରୀ ଦଳ ପହଞ୍ଚି ପାରି ନାହାନ୍ତି। ଏଣୁ ମୃତ୍ୟୁସଂଖ୍ୟା ବହୁତ ବଢ଼ିପାରେ ବୋଲି ଉପରାଷ୍ଟ୍ରପତି ଜୁସୁଫ୍ କାଲ୍ଲା ପ୍ରକାଶ କରିଛନ୍ତି।

ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା ଜୀବନ ରକ୍ଷା ଲାଗି ସମୟ ସହ ପ୍ରତିଯୋଗିତା ଚଳାଇଛନ୍ତି ଉଦ୍ଧାରକାରୀ ଦଳ। ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଥିରେ ବାଧକ ସାଜିଛି ଆବଶ୍ୟକ ଉଦ୍ଧାରକାରୀ ସାମଗ୍ରୀ। ଅତ୍ୟାଧୁନିକ ସାମଗ୍ରୀର ଅଭାବ ଯୋଗୁ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଜଣାପଡ଼ିଛି। ଭୂକମ୍ପ ପରେ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଲକ୍ଷ ଲକ୍ଷ ଲୋକ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ଶୂନ ହୋଇଯିବ**

### ଆଜିର ମନ୍ତବ୍ୟ

"ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ସହିଷ୍ଣୁତା ପାଇଁ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରାସଙ୍ଗିକତା ସବୁବେଳେ ରହିବ।

-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

### କିଛି ତଥ୍ୟ

ସରକାର ଚଳିତ ବର୍ଷ ମେ ମାସରେ ୯୪,୦୧୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିଥିବା ବେଳେ ଏହା ଜୁନ୍‌ରେ ୯୫,୬୧୦ କୋଟି, ଜୁଲାଇରେ ୯୬,୪୮୩ କୋଟି ଏବଂ ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ରହିଛି।

– ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 30.09.2018 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers


**■ ବେଆଇନ ଗୋ ଚାଲାଣକୁ ନେଇ ଲଙ୍କାକାଣ୍ଡ**

## ୬ ଗାଡ଼ି ଭଙ୍ଗାରୁଜା, ଗୋଟିଏ ଜାଳିଦେଲେ

- ବିଳମ୍ବିତ ରାତିରୁ ୧୧ ଘଣ୍ଟା ଧରି ଅବରୋଧ
- ପୋଲିସର ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

**ଭଦ୍ରକ ଅଫିସ/ଧାମନଗର, ୩୦।୯(ଡି.ଏନ.ଏ.)**

ବେଆଇନ ଗୋଚାଲାଣକୁ କେନ୍ଦ୍ରକରି ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ବଜାରରେ ତୁମୁଳକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ଶନିବାର ବିଳମ୍ବିତ ରାତିରେ ୮ଟି ପିକ୍‌ଅପ ଭ୍ୟାନରେ ବେଆଇନ ଗୋ ଚାଲାଣ ହେଉଥିବା ଦେଖି ସେଥିରୁ ୭ଟି ଭ୍ୟାନକୁ ଅଟକାଇଥିଲେ। ଗୋଟିଏ ଭ୍ୟାନ୍ ଖସି ପଳାଇଥିଲା। ଧରାପଡ଼ିଥିବା ଭ୍ୟାନ୍‌ରେ ଚାଲାଣ ହେଉଥିବା ୧୨୦ରୁ ଉର୍ଦ୍ଧ୍ୱ ଗାଈଙ୍କ ମଧ୍ୟରୁ ୨ଟି ମରିଯାଇଥିବା ଏବଂ ୩୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ଥିବା ଜଣାପଡ଼ିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ସେଠାରେ ଗୋଟିଏ ଭ୍ୟାନ୍‌କୁ ଜାଳି ଦେଇ ରାସ୍ତା ଅବରୋଧ କରିଥିଲେ। ସେମାନେ ଅନ୍ୟ ୬ଟି ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ରାତି ପାହିବା ପରେ ପୁନଶ୍ଚ ଉତ୍ତେଜନା ବୃଦ୍ଧି ପାଇଥିଲା। ଶତାଧିକ ଲୋକ ବେଆଇନ ଗୋଚାଲାଣ ରୋକିବାକୁ ଦାବି କରି ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବିଳମ୍ବିତ ରାତିରୁ ଧାମନଗର ଏସ୍‌ଡିପିଓ, ଧୂଷୁରୀ ଏବଂ ଧାମନଗର ଥାନା ଅଧିକାରୀଙ୍କ ସମେତ ଉଚ୍ଚ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଥିଲେ। ଅସୁରାଳି ବଜାର କମିଟି ଏବଂ ପୋଲିସ ପ୍ରଶାସନ ମଧ୍ୟରେ ଆଲୋଚନା ପରେ ଦୀର୍ଘ ୧୧ ଘଣ୍ଟା ଧରି ଜାରି ରହିଥିବା ରାସ୍ତାରୋକୋ ଆନ୍ଦୋଳନ ପୂର୍ବାହ୍ନ ୧୧ଟା ବେଳକୁ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ନେବାରୁ ଧାମନଗର ବଜାର ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଶନିବାର ରାତି ପ୍ରାୟ ୨ଟା ବେଳେ ଗୋଚାଲାଣ ହେଉଥିବା ୭ଟି ଭ୍ୟାନ୍‌କୁ ସ୍ଥାନୀୟ ଯୁବକ ଧରିବା ପରେ ସେଠାରେ ଲଙ୍କାକାଣ୍ଡ ସୃଷ୍ଟି ହୋଇଥିଲା। ଗୋଡ଼କୁ ଛନ୍ଦି ବନ୍ଧାଯାଇଥିବା ଗୋରୁଙ୍କୁ ଲୋକେ ଉଦ୍ଧାର କରି ଗୋଟିଏ ଭ୍ୟାନ୍‌ରେ ନିଆଁ ଲଗାଇ ଦେଇଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଧାମନଗରରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଭୋର ସମୟରେ ଧୂଷୁରୀ ପ୍ରାଣୀ ଚିକିତ୍ସକ ଡା. ନିରାକାର ଜେନା ନିଜ କର୍ମଚାରୀଙ୍କୁ ନେଇ ଆହତ ଗୋରୁଙ୍କୁ ଚିକିତ୍ସା କରିଥିଲେ। ରାତିରେ ପୋଲିସ ପାଟ୍ରୋଲିଂ ସତ୍ତ୍ୱେ କିଭଳି ଗୋଚାଲାଣ ହେଉଛି ସେ ସମ୍ପର୍କରେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଲୋକେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଜାମ ରହିବା ପରେ ଅସୁରାଳି ବଜାର କମିଟି ଉପସ୍ଥିତିରେ ☞ପୃଷ୍ଠା-୨


ପୋଡ଼ି ଦିଆଯାଇଥିବା ଗାଡ଼ି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଦୟାଶଙ୍କର
ପରିବାରବର୍ଗ


ଜଗଦିସ୍
ପରିବାରବର୍ଗ


ରିଧାନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ବିଏସ୍ଏଫ ଆଇଜି ହେଲେ ଖୁରାନିଆ

ଭୁବନେଶ୍ୱର, ୩୦ ।୯(ବ୍ୟୁରୋ)

ବରିଷ୍ଠ ଆଇପିଏସ୍ ଅଫିସର ଯୋଗେଶ ବାହାଦୂର ଖୁରାନିଆଙ୍କୁ ରବିବାର ନୂଆ ନିଯୁକ୍ତି ମିଳିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଖୁରାନିଆଙ୍କୁ ବିଏସ୍ଏଫ ଆଇଜି ଭାବେ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇବା ପରେ ଖୁରାନିଆ କହିଛନ୍ତି, ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି ମୁଁ ତାହାକୁ ସୁଚାରୁରୂପେ ତୁଲାଇବି। ସାଧାରଣ ଲୋକେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବି ବୋଲି ସେ କହିଛନ୍ତି। ୧୯୯୦ ବ୍ୟାଚର ଆଇପିଏସ୍ ଅଫିସର ଖୁରାନିଆଙ୍କ ଘର ହରିୟାଣାର କାଇଥଲ ଅଞ୍ଚଳରେ। ସେ ବିଏସ୍ଏଫ୍ ଆଇଜି ହେବା ପୂର୍ବରୁ ଏଡିଜି ପୋଭିଜନିଂ ଦାୟିତ୍ୱରେ ରହିଥିଲେ। ପୂର୍ବରୁ ଭୁବନେଶ୍ୱର-କଟକ ପୋଲିସ କମିଶନର ମଧ୍ୟ ଥିଲେ। ଗତ ଅଗଷ୍ଟରେ ତାଙ୍କୁ ବଦଳି କରାଯାଇଥିଲା। ସୂଚନାଯୋଗ୍ୟ, ଗତ ସପ୍ତାହରେ ଖୁରାନିଆ ଏବଂ ବି. ରାଧିକାଙ୍କୁ ଡେପୁଟେଶନରେ ଯିବା ପାଇଁ ଅନୁମତି ମିଳିଥିଲା।

# ଜୋର୍ ଧରିଲା ଦୁଇ ମନ୍ତ୍ରୀଙ୍କ ବହିଷ୍କାର ଦାବି

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

■ ନୈତିକତା ଥିଲେ ଦୁଇମନ୍ତ୍ରୀଙ୍କୁ ବରଖାସ୍ତ କରନ୍ତୁ: ଧର୍ମେନ୍ଦ୍ର

■ ସେଭଳି ଭୁଲ୍ କରି ନାହାନ୍ତି ଯେ କାର୍ଯ୍ୟାନୁଷ୍ଠାନ ନିଆଯିବ: ସମୀର

ରାଜ୍ୟ ସରକାରଙ୍କ ଦୁଇ ବରିଷ୍ଠ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିବା ଲାଗି ବିରୋଧୀଙ୍କ ପକ୍ଷରୁ ଜୋର୍‌ଦାର ଦାବି ଆରମ୍ଭ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଜଣେ ମହିଳାଙ୍କ ଦୁଇଟି ଲେଖାଏ ସ୍ୱାମୀ ପ୍ରସଙ୍ଗକୁ ନେଇ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ଏପରିକି ମନ୍ତ୍ରୀଙ୍କ ବାସଭବନ ଘେରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରିବା ପାଇଁ ଚେତାବନୀ ଦେଇଛି। ସେହିଭଳି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ପୋଲିସ୍ ଉପରକୁ ଆକ୍ରମଣ କରିବା ଏବଂ ବିଭିନ୍ନ ଆପରାଧିକ କାର୍ଯ୍ୟ ଯୋଗୁ ଗିରଫ ହେବାପରେ ବିରୋଧୀ ଶାସକ ଦଳକୁ ଘେରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀ ପାତ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ବିରୋଧୀ ଦାବି କରିଛନ୍ତି। କାହିଁକି ମୁଖ୍ୟମନ୍ତ୍ରୀ ଏହି ଦୁଇ ମନ୍ତ୍ରୀଙ୍କୁ ବହିଷ୍କାର କରୁନାହାନ୍ତି ବୋଲି କହି ଭାଜପା ଏବଂ କଂଗ୍ରେସ ଶାସକ ଦଳକୁ ସମାଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀ କେବେହେଲେ ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ୟପଟେ ଶାସକ ଦଳର ନେତା ମଧ୍ୟ ମନ୍ତ୍ରୀଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି।

ପ୍ରଧାନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କେବେ ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ତାହା କୁହନ୍ତୁ। ଯେଉଁ ନେତାମାନଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ମନ୍ତ୍ରିମଣ୍ଡଳରୁ ବାହାର କରିଛନ୍ତି ସେମାନଙ୍କୁ ବର୍ଷେରୁ ଦୁଇବର୍ଷ ପରେ ପୁଣି ସରକାରକୁ ଆଣିଛନ୍ତି। ସେମାନଙ୍କୁ ପୁନର୍ବାର ଦଳର କାର୍ପଟଦାର କରିଛନ୍ତି। ଏହା ଏକ ସୁବିଧାବାଦୀ ରାଜନୀତି। ମୁଁ ଏବେ ଭ୍ରଷ୍ଟାଚାର ବିରୋଧରେ ଲଢେଇ କରୁଛି। ଆଜି ଶାସକ ଦଳରେ ଯେଉଁଭଳି ଭାବେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ପ୍ରଭାବଶାଳୀ ଲୋକ ଗୁଣ୍ଡାରାଜ କରୁଛନ୍ତି। ମହିଳାମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଉଛନ୍ତି, ଯାହା ପ୍ରଜାତନ୍ତ୍ରରେ କେବେବି ଶୋଭନୀୟ ନୁହେଁ। ଯଦି ନୈତିକତା ଥାଏ ତେବେ ସେ ପ୍ରକାର ବ୍ୟକ୍ତିଙ୍କୁ ସରକାର ତୁରନ୍ତ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ପୂର୍ବରୁ ଯେଉଁ ମନ୍ତ୍ରୀମାନେ ମନ୍ତ୍ରିମଣ୍ଡଳରୁ ବିଦା ହୋଇଛନ୍ତି ସେହି ନିୟମ ଏବେ ବଦ୍ରି ପାତ୍ର ଓ ପ୍ରଦୀପ ମହାରଥୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନା ନାହିଁ ସେକଥା ବିଚାର ହେଉ। ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବ ନା ନାହିଁ ସେକଥା ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ନିରଞ୍ଜନ କହିଛନ୍ତି।

ରାଜ୍ୟ ସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ବଦ୍ରି ପାତ୍ରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଯେଉଁ ମନ୍ତ୍ରୀମାନଙ୍କ ସମ୍ପର୍କୀୟମାନେ ଏଭଳି ଅପରାଧ କରିଛନ୍ତି ସ୍ୱାଭାବିକ ଭାବେ ଏହା ନିନ୍ଦନୀୟ। ମନ୍ତ୍ରୀଙ୍କ ଯୋଗୁ ତାଙ୍କ ପୁଅକୁ ଗିରଫ କରାଯାଇପାରୁ ନ ଥିଲା। ଏବେ ତାଙ୍କ ପୁଅକୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧରେ କ'ଣ କରିବେ ନ କରିବେ ସେକଥା ଜାଣି ନାହିଁ। କିନ୍ତୁ ମନ୍ତ୍ରୀ ମହୋଦୟ ନିଜେ ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୌମ୍ୟଙ୍କ ଏହି ବୟାନ ପରେ ତାଙ୍କୁ ମନ୍ତ୍ରୀ ପାତ୍ର ଓଲଟା ଆକ୍ରମଣ କରିଛନ୍ତି। ସୌମ୍ୟ ଜଣେ ବେପାରୀ, ତାଙ୍କୁ କେବଳ ବେପାର କରିବା ଜଣା। ତାଙ୍କ ପରିବାର ଯୋଗୁ ହିଁ ରାଜ୍ୟରୁ କଂଗ୍ରେସ ସତ୍ତା ହରାଇଛି ବୋଲି ପାତ୍ର କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବଦ୍ରି ପାତ୍ର ସେପରି କିଛି ଭୁଲ୍ କରି ନାହାନ୍ତି, ଯେଉଁଥିପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ପଡିବ। ସେହିପରି ପ୍ରଦୀପ ମହାରଥୀଙ୍କ ବକ୍ତବ୍ୟକୁ ଭଲରେ ଶୁଣିଲେ ଜଣାପଡିବ ସେକିଛି ଭୁଲ୍ କଥା କହି ନାହାନ୍ତି, ଯେଉଁଥିପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା ଉପରେ ମତ ରଖି ସେ କହିଛନ୍ତି, ବିଜେଡି ସଭାପତି ନୈତିକତାର ଅଭାବ ରଖି ନାହାନ୍ତି। କେନ୍ଦ୍ର ସରକାର ବହୁବାର ନୈତିକତା ନ ଥିବାଭଳି କାର୍ଯ୍ୟ କରିଛନ୍ତି ତା'ର ମଧ୍ୟ କିଛି ଉଦାହରଣ କମ୍ ନାହିଁ।

# ପ୍ରଧାନ ବିଚାରପତିଙ୍କୁ ଭେଟିଲେ ଆଇନଜୀବୀ ପ୍ରତିନିଧି ଦଳ

କଟକ ଅଫିସ, ୩୦।୯

**ଆଇନଜୀବୀଙ୍କୁ ମାଡ଼ ଘଟଣା**

■ ଆନ୍ଦୋଳନରୁ ଓହରିଯିବାକୁ ପରାମର୍ଶ ଦେଲେ

■ ନ୍ୟାୟ ପାଇଁ ଆଇନଗତ ଉପାୟ ଆପଣାଅ

■ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କଲେ ଆଇନଜୀବୀ

ଜଣେ ଆଇନଜୀବୀଙ୍କୁ ମାଡ଼ ଘଟଣାକୁ ନେଇ ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଜାରି ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି ଆଇନଜୀବୀ। ଆନ୍ଦୋଳନରତ ଆଇନଜୀବୀମାନେ ଜିଦ୍‌ରେ ଅଟଳ ରହିଥିବାବେଳେ ଏ ସଂକ୍ରାନ୍ତରେ ରବିବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ଭେଟିଛନ୍ତି। ପ୍ରଧାନ ବିଚାରପତି ମିଶ୍ର କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଅନୁଷ୍ଠିତ ଆଇନ ସମ୍ପର୍କିତ ଏକ ଜାତୀୟ ଆଲୋଚନାଚକ୍ରରେ ଯୋଗଦେବାକୁ ଆସିଥିବା ଅବସରରେ ଆଇନଜୀବୀଙ୍କ ୬ ଜଣିଆ ଏକ ପ୍ରତିନିଧି ଦଳ ତାଙ୍କ ସହ ଆଲୋଚନା କରିଥିଲେ। ପରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଜଷ୍ଟିସ ମିଶ୍ର ଆମକୁ ପୁଣି ଥରେ ଆନ୍ଦୋଳନରୁ ଓହରିଯିବାକୁ ପରାମର୍ଶ ଦେବା ସହ ମାଡ଼ ଘଟଣାରେ ଆଇନଗତ ଉପାୟରେ ନ୍ୟାୟ ପାଇବାକୁ ଉଦ୍ୟମ କରନ୍ତୁ ବୋଲି କହିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନର ପରବର୍ତ୍ତୀ ବୈଠକରେ ଏହି ବିଷୟରେ ଆଲୋଚନା କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଚୂଡ଼ାନ୍ତ ହେବ ବୋଲି ମହାନ୍ତି ଜଣାଇଛନ୍ତି। ହାଇକୋର୍ଟ ବାର୍ କାଉନସିଲ ଚେୟାରମ୍ୟାନ ଡକ୍ଟର ଟହଲି ଚରଣ ମହାନ୍ତି କହିଛନ୍ତି, ରାଜ୍ୟର ଆଇନଜୀବୀଙ୍କ ସ୍ୱାର୍ଥ ପାଇଁ ଜଷ୍ଟିସ ମିଶ୍ରଙ୍କ ସହିତ ଆଲୋଚନା କରିଥିଲୁ। ଆଇନଜୀବୀଙ୍କ ସ୍ୱାର୍ଥରକ୍ଷା ପାଇଁ ଆଇନଗତ ଉପାୟରେ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଜଷ୍ଟିସ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି।

ତେବେ ଓଡ଼ିଶାରେ ଆଇନଜୀବୀଙ୍କ ଆନ୍ଦୋଳନକୁ ନେଇ ଆଗତ ଏକ ମାମଲାର ଶୁଣାଣିବେଳେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି ଦୀପକ ମିଶ୍ର, ବିଚାରପତି ଜଷ୍ଟିସ ଏ.ଏମ୍. ଖାନୱିଲ୍‌କର ଓ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୁଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଏହି ଆଦେଶ ଦେଇଥିଲେ। ଏହି ରାୟକୁ ବିରୋଧ କରି କଟକରେ ଆଇନଜୀବୀମାନେ ଜଷ୍ଟିସ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏପରିକି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ ମାନି ନ ଥିଲେ। ତେଣୁ ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ରଙ୍କ କଟକ ଗସ୍ତକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିଲା। ପରିସ୍ଥିତିକୁ ନଜରରେ ରଖି କମିଶନରେଟ ପୋଲିସ ପକ୍ଷରୁ ଜଷ୍ଟିସ ମିଶ୍ରଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରବିବାର ସକାଳୁ ହାଇକୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆଇନଜୀବୀମାନେ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ ପ୍ରଦର୍ଶନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ୮୩୨ ଛୁଇଁଲା...

ଖୋଲାପଡ଼ିଆରେ ଆଶ୍ରୟ ନେଇଥିବା ବେଳେ ନାନାଦି ଅପରାଧ ସାମ୍ନାକୁ ଆସିଛି। ଦୋକାନ ବଜାରଗୁଡ଼ିକରେ ଲୁଟ୍‌ପାଟ ହେଉଥିବା ଅଭିଯୋଗ ହୋଇଛି। ରବିବାର ମଧ୍ୟାହ୍ନରେ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଭୂକମ୍ପ ପ୍ରଭାବିତ ଅଞ୍ଚଳ ଗସ୍ତକରି ବିପନ୍ନଙ୍କ ଦୁର୍ଦ୍ଦଶା ବୁଝିଥିଲେ। ଦିନରାତି କାର୍ଯ୍ୟକରି ଲୋକଙ୍କ ରିଲିଫ୍ ଏବଂ ଉଦ୍ଧାରକାର୍ଯ୍ୟ କରିବା ଲାଗି ସେନା ଏବଂ ବିଭିନ୍ନ ଉଦ୍ଧାରକାରୀ ଦଳକୁ ରାଷ୍ଟ୍ରପତି କହିଛନ୍ତି। ଭୂକମ୍ପରେ ଧନଜୀବନ ହାନିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଏହି ମହାବିପତ୍ତି ସମୟରେ ନିଜର ସାମୁଦ୍ରିକ ପଡ଼ୋଶୀ ସହ ଭାରତ ଛିଡ଼ା ହୋଇଛି ବୋଲି ମୋଦି କହିଛନ୍ତି। ଏହାସହ ଭାରତ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ୬ ଗାଡ଼ି ଭଙ୍ଗାରୁଜା...

ପୋଲିସ ପ୍ରଶାସନ ପକ୍ଷରୁ ଆଲୋଚନା ଆରମ୍ଭ ହୋଇଥିଲା। ଏସଡିପିଓ ମନୋରଞ୍ଜନ ସାମଲ, ଧାମନଗର ଥାନା ଆଇଆଇସି ବନ୍ଦନା ପାତ୍ର, ଧୂଷୁରୀ ଥାନା ଆଇଆଇସି ରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଅସୁରାଳି ବଜାର କମିଟି ସଭାପତି ଡା. ସଦାନନ୍ଦ ଦାସ, ଉପସଭାପତି ହରିହର ବେହେରା, ସମ୍ପାଦକ ଅଜୟ ସ୍ୱାଇଁ, ସଭ୍ୟ ନରେନ୍ଦ୍ର ସାହୁ, ଅସୁରାଳି ସରପଞ୍ଚ ରାଜେନ୍ଦ୍ର ସାହୁ, ଆଇନଜୀବୀ ସୁରଜ କୁମାର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଭଦ୍ରକ ଜିଲାର ପନ୍ଦରବାଟିଆ ଅଞ୍ଚଳରୁ ଦୀର୍ଘବର୍ଷ ଧରି ବେଆଇନ ଗୋଚାଲାଣ ହେଉଥିବା ଏବଂ କେନ୍ଦ୍ରାପଡ଼ାର ଟିଟୋ ଗ୍ୟାଙ୍ଗ ସହିତ ଚାଲାଣକାରୀଙ୍କ ସମ୍ପର୍କ ଥିବା ସ୍ଥାନୀୟ ଲୋକେ ସନ୍ଦେହ ବ୍ୟକ୍ତ କରିଥିଲେ।

### ତୀବ୍ର ହେଲା ବିଜେଡି...

ଓ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଦଳ ପକ୍ଷରୁ କୁଜଙ୍ଗରେ ହେଉଥିବା ମହିଳା ସମାବେଶରେ ଯୋଗଦେବା ପାଇଁ ଯାଉଥିଲେ। ସେମାନଙ୍କୁ ବାଟରେ ସମ୍ବର୍ଦ୍ଧିତ କରିବା ପାଇଁ ରାଜଶ୍ରୀଙ୍କ ସମର୍ଥକମାନେ ରଘୁନାଥପୁର, ତାରପୁର ବାଇପାସ୍ ଓ ତିର୍ତ୍ତୋଲରେ ଏକତ୍ରିତ ହୋଇଥିଲେ। ରଘୁନାଥପୁରରେ ଠିକ୍‌ଠାକ୍ ଭାବେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। କିନ୍ତୁ ତାରପୁର ବାଇପାସ୍ ନିକଟରେ ରାଜଶ୍ରୀଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ପୃଥକ ଭାବେ ପ୍ରସ୍ତୁତ ହୋଇରହିଥିଲେ। ନେତାମାନେ ସେଠାରେ ପହଞ୍ଚିବା ପୂର୍ବରୁ ପ୍ରଥମେ ରାଜଶ୍ରୀଙ୍କ ବିପକ୍ଷ ଗୋଷ୍ଠୀର କିଛି ଲୋକ ସପକ୍ଷ ଗୋଷ୍ଠୀଙ୍କୁ ଭକୁଆ ବନାଇବା ପାଇଁ ଆଗକୁ ଚାଲିଆସି ଅପେକ୍ଷା କରିଥିଲେ। ଯେତେବେଳେ ମନ୍ତ୍ରୀ ଜେନାଙ୍କ ଗାଡ଼ି ପହଞ୍ଚିଲା ସେତେବେଳେ ସେମାନେ ତାଙ୍କୁ ଅଟକାଇ ଶୋଭାଯାତ୍ରାରେ ନେବାକୁ ଚାହିଁଥିଲେ। ଜେନା ମଧ୍ୟ ଗାଡିରୁ ଓହ୍ଲାଇ ପଡିଥିଲେ। କିନ୍ତୁ ଏହି ସମୟରେ ସେମାନେ 'ରାଜଶ୍ରୀ ହଟାଅ, ତିର୍ତ୍ତୋଲ ବଞ୍ଚାଅ' ସ୍ଲୋଗାନ ଦେବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ରାଜଶ୍ରୀଙ୍କ ସପକ୍ଷ ଗୋଷ୍ଠୀ ବିରୋଧ କରିଥିଲେ। ଏହା ପରେ ଆରମ୍ଭ ହୋଇଗଲା ହୋହଲ୍ଲା, ଠେଲାପେଲା ଓ ମାଡ଼ଗୋଳ। ଉପସ୍ଥିତ ଅନେକ ମହିଳା ଓ ପୁରୁଷ ଏଣେତେଣେ ଦୌଡ଼ିବାକୁ ଲାଗିଲେ। ପରିସ୍ଥିତି ଏଭଳି ହେଲା ଯେ ପୋଲିସ କ'ଣ କରିବ ହଠାତ୍ ବୁଝିପାରିଲା ନାହିଁ। ଉଭୟ ଗୋଷ୍ଠୀଙ୍କୁ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡିଲା। ଏହାସତ୍ତ୍ୱେ ମନ୍ତ୍ରୀ ଜେନା ରାଜଶ୍ରୀ ବିପକ୍ଷ ଗୋଷ୍ଠୀଙ୍କ ସହ ଶୋଭାଯାତ୍ରାରେ ବାଇପାସ୍ ପର୍ଯ୍ୟନ୍ତ ଗଲେ। ସେଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜେନାଙ୍କ ସହ ବିଧାୟକ ମୁଦୁଲି ମଧ୍ୟ ଶୋଭାଯାତ୍ରାରେ ଯାଇଥିଲେ। କିନ୍ତୁ ଗାଡିରୁ ଜିଲା ପର୍ଯ୍ୟବେକ୍ଷକ ସାମଲ କିମ୍ବା ବିଧାୟିକା ମଲ୍ଲିକ ଓହ୍ଲାଇବାକୁ ଉଚିତ ମନେକରି ନ ଥିଲେ। ଅନ୍ୟପକ୍ଷରେ ଜିଲା ପର୍ଯ୍ୟବେକ୍ଷକଙ୍କୁ ଗୌଣ କରି କର୍ମୀମାନେ ସହ ପର୍ଯ୍ୟବେକ୍ଷକଙ୍କୁ ଏଭଳି ବିପୁଳ ସମ୍ବର୍ଦ୍ଧନା ଦେବା ଆଲୋଚନାର ବିଷୟ ହୋଇଛି। କେବଳ ପର୍ଯ୍ୟବେକ୍ଷକ ସାମଲ ନୁହନ୍ତି, ନୂଆକରି ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନେଇଥିବା ମୁଦୁଲିଙ୍କୁ ମଧ୍ୟ ଏଠାରେ ଗୌଣ କରାଯାଇଥିଲା।


ତାରପୁର ବାଇପାସ୍ ଛକଠାରେ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀର ଲୋକମାନେ ଗଣ୍ଡଗୋଳ କରୁଛନ୍ତି।


# classified

real estate

**SALE**

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64331

1200 sqft. gharabari residential yellowzone plot at Patia, Bhubaneswar. Price Rs. 29,40,000/-. Contact: 9078151122. D-64186

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 480/-ରେ ବିକ୍ରିହେବ। 9438855652, 9090053827. D-64330

NH-16 adjacent prime location residential/ commercial plots (Bhubaneswar), Hanspal, Utkal Heights, Pahala, Phulnakhara, New Puri-NH. 8480446340. D-8657

**PURCHASE**

2000' land requires in Bhubaneswar from Pokhariput to Chandrasekharpur & Rasulgarh to Baramunda with 30' road. 9583944403. D-62799

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

All type of massage and good therapy full body massage Sai herbal spa. 7609005923. D-64205

Experience full body massage with us by experts. Enquiry: 7377048581. D-64161

Physiotherapy and herbal massage by trained ladies/ gents therapist. 7008773793. D-65009

Saishree ayurvedic full body massage ladies & gents. Contact: 7438896074. D-64602

Ayurvedic full body massage ladies / gents smart expert therapist. 9114697517. D-64603

Newly open herbal full body massage with refreshment well trained therapist. 7381239385. D-64604

New open herbal full body massage ladies/ gents. Contact: 8117033493. D-64605

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ପ୍ରଣତୀ ପଣ୍ଡା**
ସ୍ୱାମୀ- ରାଜକିଶୋର ପଣ୍ଡା
ରାକମା, ଭାପୁର, ନୟାଗଡ଼
ଆବିର୍ଭାବ: ତା ୦୧।୦୬।୧୯୬୬
ତିରୋଧାନ: ତା ୨୧।୦୯।୨୦୧୮

ତୁମେ ଆମକୁ ଅବେଳରେ ଛାଡି ଆରପାରିକୁ ଚାଲିଗଲ। ଆଜି ତୁମର ଏକାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ, ପୁତ୍ର- ପିଙ୍କୁ, କନ୍ୟା- ରିଙ୍କି, ନାତୁଣୀ- ଅନନ୍ୟା, ନାତି, ଜ୍ୱାଇଁ- ମନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୮୬୬୭



**ସ୍ୱର୍ଗତ ବାଞ୍ଛାନିଧି ବେହେରା**
କଣ୍ଠାବଣିଆ, ଖଇରା, ବାଲେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୨୧।୦୯।୨୦୧୮

ତୁମ ସ୍ମୃତି ପ୍ରତିଟି ମୁହୂର୍ତ୍ତରେ ଆମ ପାଇଁ ଜୀବନ୍ତ ହୋଇ ରହିଛି। ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମ ଅନୁପସ୍ଥିତି ଅନୁଭବ କରୁଅଛୁ। ତୁମ ଆଦର୍ଶ, ଭଗବତପ୍ରୀତି, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ପରୋପକାରିତା ଆମ ହୃଦୟରେ ଅଭୁଲାସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୮୬୫୫


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପୂର୍ବାହ୍ନ ସୁଦ୍ଧା ପାରିବାରିକ ଅଶାନ୍ତି ବାତାବରଣ କେତେକାଂଶରେ ବଦଳିଯିବ। କିନ୍ତୁ ଚନ୍ଦ୍ର ଓ ଶନିଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ମନ ଅନୁଯାୟୀ ଆଜିର କାମ କରିବା ସହଜସାଧ୍ୟ ହେବନାହିଁ। ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଆର୍ଥିକ ସଂକଟକୁ ଦୂରେଇବାରେ ପାଖପଡୋଶୀ ସହଯୋଗର ହାତ ବଢାଇପାରନ୍ତି।

**ବୃଷ**
ସକାଳୁ ସକାଳୁ ପୂର୍ବ ସଂକଳ୍ପିତ କାମ ବନ୍ଧୁମାନଙ୍କ ମାଧ୍ୟମରେ କରିବା ଦିଗରେ ଚେଷ୍ଟିତ ହେବେ। ଶୁକ୍ର ସ୍ୱଗୃହୀ ହେଲେ ମଧ୍ୟ ବୃହସ୍ପତିଙ୍କ ସଙ୍ଗରେ ଥିବାରୁ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବେ। ଶିଳ୍ପ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କୌଣସି ନିଷ୍ପତ୍ତିର ଶେଷ ସମୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମିଥୁନ**
ବୁଧଙ୍କ ପ୍ରତି ଶନିଙ୍କ ଦୃଷ୍ଟିରୁ ସ୍ନାୟବିକ ଦୁର୍ବଳତା କାର୍ଯ୍ୟହାନି ଓ ନିରୁତ୍ସାହର କାରଣ ହେବ। ତଥାପି ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବେ। ପାରିବାରିକ ଅସ୍ଥିରତା ଲାଗିରହିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କର୍କଟ**
ଧନାଧିପତି ତୃତୀୟସ୍ଥ ହେତୁ ବନ୍ଧୁଙ୍କ ଅର୍ଥ ସାହାଯ୍ୟ ପ୍ରଦାନ କରିବା ଦିଗରେ ନିଷ୍ପତ୍ତି ନେଇପାରନ୍ତି। କେତେକ କ୍ଷେତ୍ରରେ ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ବୃଦ୍ଧି ପାଇବ। ପ୍ଲଟିଙ୍ଗ୍ କାରବାର ଓ ନୂତନ ଯାନବାହନ କ୍ରୟ କରିବା କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ସିଂହ**
ଷଷ୍ଠ ସ୍ଥାନରେ ମଙ୍ଗଳ ଭ୍ରାତୃ ବିବାଦ, ଜମିଜମା ସମସ୍ୟା, ଯାନ୍ତ୍ରିକ ଜିନିଷର କ୍ଷତି ଅଶାନ୍ତି ସୃଷ୍ଟି କରିବେ। କୌଣସି ବ୍ୟକ୍ତି ରାଗ ଶୁଝାଇବାକୁ ଯାଇ କଅଁଳ ଭାଷାରେ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସନ୍ଧ୍ୟାରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**କନ୍ୟା**
ଶୁକ୍ର ଓ ବୃହସ୍ପତି ମୁଖଭାବ ମଣ୍ଡନ କରୁଥିବାରୁ ହସଖୁସିର ସହ ଆଲୋଚନାରେ ସମୟ କଟାଇବେ। କିନ୍ତୁ ଶନି ତୃତୀୟ ଭାବରେ ରହିଥିବାରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢି ବଢି ଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାରକରଜ କରିବାକୁ ପଡିପାରେ।

**ତୁଳା**
ରାଶିରେ ଶୁଭଗ୍ରହ ଓ ଉଚ୍ଚସ୍ଥ ମଙ୍ଗଳ କର୍ମାଧିପତିଙ୍କ କୋଣଭାବସ୍ଥ ହେତୁ ଆଜି ପ୍ରତ୍ୟେକ କର୍ମାରମ୍ଭ ଶୁଭପ୍ରଦ ହେବ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। କେତେକ କ୍ଷେତ୍ରରେ ନିଜ ଲୋକମାନଙ୍କ ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ଅଷ୍ଟମ ଚନ୍ଦ୍ର ଅର୍ଥଲାଭ ପାଇଁ ମାର୍ଗ ଉନ୍ମୁକ୍ତ କରିବ।

**ବିଛା**
ପାପଯୁକ୍ତ ମଙ୍ଗଳଜନିତ ସାମାନ୍ୟ ଅସୁସ୍ଥତା ଅନୁଭବ କଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ମଙ୍ଗଳଙ୍କ ପ୍ରଭାବରେ ଦୃଢ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ଧନୁ**
ବିଭିନ୍ନ ପ୍ରକାର ଯୋଜନାର ପରିକଳ୍ପନା କରି ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ ହେବ। ବାଧ୍ୟବାଧକତାରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରହିଯାଇପାରେ। ଦ୍ୱାଦଶସ୍ଥ ଶନି ଆପଣଙ୍କ ଭୋଗବିଳାସ ପାଇଁ ବାଧକ ସାଜିବ।

**ମକର**
କର୍ମସ୍ଥାନରେ ଶୁଭଗ୍ରହ କର୍ମର ପୁଷ୍ଟି ସାଧନ କରିବା ସହ ପାରିବାରିକ ଜୀବନକୁ ପ୍ରୀତିପ୍ରଦ ରଖିବେ। କର୍ମକ୍ଷେତ୍ରରେ ବିଗତ ଦିନମାନଙ୍କର ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରି ମନସ୍ତାପ କରିପାରନ୍ତି। ସଭାସମିତିରେ ପ୍ରଶଂସିତ ହେବା ସହ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଜିର ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ରହିବ।

**କୁମ୍ଭ**
ଶୁକ୍ରଙ୍କ ଶୁଭ ପ୍ରଭାବରୁ ବିଭିନ୍ନ ପ୍ରକାର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ଚାହିଁବ। ନୂତନ ଗୃହ, ଯାନବାହନ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା, ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ନିଜ ରାଶି ପ୍ରତି ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ ଉନ୍ନତ ଚିନ୍ତା ଓ କାମ ଦ୍ୱାରା ବିଶିଷ୍ଟ ବ୍ୟକ୍ତିଙ୍କ ସୁନଜରରେ ଆସିବେ। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଜି ପରିବାରର ଖର୍ଚ୍ଚ ପରିମାଣ ଦ୍ୱିଗୁଣା ହୋଇପାରେ।

ଆଜି ଆଶ୍ୱିନ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ସୋମବାର, ଦେବୀ ଉତ୍‌ଥାପନ, ଅକ୍ଟୋବର ୧ ତାରିଖ, ବିଶ୍ୱ ବନ୍ୟପ୍ରାଣୀ ସପ୍ତାହାରମ୍ଭ, ବିଶ୍ୱ ଆବାସ ଦିବସ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ରକ୍ତଦାନ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଘ୨।୧୧ମି. ଗତେ ମିଥୁନ ଚନ୍ଦ୍ର, ମିଥୁନ ରାଶିର ଘାତବାର, ସପ୍ତମୀର ଶ୍ରାଦ୍ଧ, ସକାଳ ଘ୬।୧୧ମି. ମଧ୍ୟେ ଘ୧।୨୧ମି. ଗତେ, ଘ୨।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୪ମି. ଗତେ ଘ୧୦।୧୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୯ମି. ଗତେ, ଘ୮।୩୮ମି. ମଧ୍ୟେ ରାହୁକାଳ।



ରାଜସ୍ଥାନ ଫାଗି ଅନ୍ତର୍ଗତ ଶଙ୍କରପୁରା ଗାଁର ଘଟିଛି ଏକ ଅଭାବନୀୟ ଘଟଣା। ଝିଅର ଚରିତ୍ର ଉପରେ ସାହିପଡ଼ିଶାରେ ଆଲୋଚନା ହେବାରୁ ମାତାପିତା ଚିନ୍ତାରେ ପଡ଼ିଥିଲେ। ଶେଷରେ ସମ୍ମାନ ରକ୍ଷା କରିବା ଲାଗି ଝିଅକୁ ନିଆଁରେ ପୋଡ଼ି ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ପୋଲିସ ଅଧୀକ୍ଷକ ଅଜୟପାଲ ଲାମ୍ବାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପୋଲି ଅଧୀକ୍ଷକ ରାଜେଶ କୁମାର ଯାଦବ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ତଥା ସାକ୍ଷୀଙ୍କ ବୟାନ ଆଧାରରେ ପୋଲିସ ଅଭିଯୁକ୍ତ ମାତାପିତା ପରମା ଦେବୀ ଏବଂ ଗୋପାଳ ଗୋସ୍ୱାମୀଙ୍କୁ ଗିରଫ କରିଛନ୍ତି।




## ସଂକ୍ଷେପରେ

### କୁଜଙ୍ଗରେ ମହିଳା ସମାବେଶ : ଦାମଙ୍କ ସମାଲୋଚନା

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ବିଜେଡି କୁଜଙ୍ଗରେ ମହିଳା ସମାବେଶ କରିବାକୁ ସକ୍ଷମ ହୋଇଛି। ବିଜେଡି ଇତିହାସରେ ପ୍ରଥମ ଥର ପାଇଁ ବରିଷ୍ଠ ନେତା ଦାମୋଦର ରାଉତଙ୍କ ବିନା ଏହି ସଭା ହୋଇଛି। ଦାମଙ୍କୁ ଦଳରୁ ବହିଷ୍କାର କରିବା ପରେ ପ୍ରଥମ ଥର ପାଇଁ ଏପରି ସଭା ଆୟୋଜନ କରିବାରେ ଦଳ ସଫଳ ହୋଇଛି। ହେଲେ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଏବଂ ଜଗତସିଂହପୁରର ପୂର୍ବତନ ବିଧାୟକ ବିଷ୍ଣୁଚରଣ ଦାସଙ୍କ ଗୋଷ୍ଠୀ ମୁହାଁମୁହିଁ ହେବା, ପରସ୍ପର ବିରୋଧରେ ସ୍ଲୋଗାନବାଜି ଦେବା ଦଳୀୟ ରାଜନୀତିକୁ ଚର୍ଚ୍ଚାରେ ରଖିଛି। ଏହାକୁ ନେଇ ଦାମ ବିଜେଡିକୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି ଯେ, ବିଜେଡିର ନେତୃତ୍ୱ କେତେ କାପୁରୁଷ ତାହା ଏହି ସଭାରୁ ପ୍ରମାଣିତ ହୋଇଛି। ସାମାନ୍ୟ ଗୋଟିଏ ବ୍ଲକରେ ମହିଳା ସମାବେଶ କରିବା ପାଇଁ ମନ୍ତ୍ରୀ ପଠାଉଛନ୍ତି। ତଥାପି ଲୋକ ହେବେ ନା ନାହିଁ, ସନ୍ଦେହ ରହିଛି। ସେଥିପାଇଁ ଜଗତସିଂହପୁର, ପାଟକୁରା ଏବଂ ମହାକାଳପଡାରୁ ଗାଡି ପଠାଇ ଲୋକ ଆଣିଛନ୍ତି। ଏଥିରୁ ସେ କେତେ ପ୍ରଭାବଶାଳୀ ତାହା ପ୍ରମାଣିତ ହୋଇଥିବେ ଦାମ କହିଛନ୍ତି। ପ୍ରକାଶ ଯେ, ରବିବାର କୁଜଙ୍ଗରେ ହୋଇଥିବା ମହିଳା ସମାବେଶରେ ସଂଖ୍ୟାଧିକ କର୍ମୀ ଯୋଗ ଦେଇଥିଲେ। ଦାମଙ୍କ ନିର୍ବାଚନମଣ୍ଡଳୀ ପାରାଦୀପର କିଛି ପ୍ରମୁଖ ବିଜେଡି ନେତ୍ରୀ ଏବଂ ନେତା ଉକ୍ତ ସଭାରେ ଯୋଗ ଦେଇଛନ୍ତି। ଜିଲା ବିଜେଡି ଦାୟିତ୍ୱରେ ଥିବା ପ୍ରଫୁଲ୍ଲ ସାମଲ ମଧ ଦାମଙ୍କୁ ସମାଲୋଚନା କରିଛନ୍ତି।

# ଶ୍ରୀମନ୍ଦିରରେ ଆଜିଠୁ ପରୀକ୍ଷାମୂଳକ ଧାଡ଼ି ଦର୍ଶନ

**ପୁରୀ ଅଫିସ, ୩୦।୯**

ଭକ୍ତ, ସେବାୟତ ସମସ୍ତଙ୍କୁ ଅନ୍ଧାରରେ ରଖି ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଧାଡ଼ିଦର୍ଶନ ବ୍ୟବସ୍ଥା ଅକ୍ଟୋବର ପହିଲାରୁ ଆରମ୍ଭ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବର୍ତ୍ତମାନ ଅପରପକ୍ଷ ଶ୍ରାଦ୍ଧ ଚାଲିଥିବା ବେଳେ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଛି ଷୋଳପୂଜା। ଏହାର କିଛିଦିନ ପରେ ଆରମ୍ଭ ହେବ କାର୍ତ୍ତିକ ବ୍ରତ। ଏସବୁକୁ ଆଖି ଆଗରେ ନ ରଖି ନିଷ୍ପତ୍ତି ନେଇଥିଲା ପ୍ରଶାସନ। ଏବେ ବାସ୍ତବ ସ୍ଥିତି ପରଖିବା ପରେ ଏବେ ପଛଘୁଞ୍ଚା ଦେଇଛି ପ୍ରଶାସନ। ଧାଡ଼ିଦର୍ଶନ ବ୍ୟବସ୍ଥାକୁ ନିୟମିତ ନ କରିବା ଲାଗି ନିଷ୍ପତ୍ତି ନେଇଛି। ପ୍ରାଥମିକ ପର୍ଯ୍ୟାୟରେ ଏବେଠାରୁ ସପ୍ତାହରେ ଗୋଟିଏ ଦିନ ଧାଡ଼ି ଦର୍ଶନ ହେବ। କାର୍ତ୍ତିକ ମାସ ପରେ ଏହାକୁ ନିୟମିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

ପ୍ରବେଶ କଟକଣା ସୋମବାରଠାରୁ ନିୟମିତ ଭାବେ ଲାଗୁ କରାଯିବ। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଏବଂ ଦର୍ଶନ ସାରି ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରିବେ। ସେବକଙ୍କ ପାଇଁ ପ୍ରବେଶ କଟକଣା ଲାଗୁ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରୀମନ୍ଦିରରେ ସୋମବାରଠାରୁ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବାକୁ ଯାଉଛି ଧାଡ଼ି ଦର୍ଶନ ବ୍ୟବସ୍ଥା। ଭକ୍ତମାନେ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଧାଡ଼ି ପାଇଁ ବ୍ୟାରିକେଡ ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ତେବେ



ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ପାଇଁ ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ କରାଯାଉଛି।

- **ସପ୍ତାହକୁ ହେବ ଗୋଟିଏ ଦିନ**
- **କାର୍ତ୍ତିକ ପରେ ନିୟମିତ**
- **ସେବକଙ୍କ ପାଇଁ ଲାଗୁହେବ ନାହିଁ ପ୍ରବେଶ କଟକଣା**

ଶେଷ ମୁହୂର୍ତ୍ତରେ ଧାଡ଼ିଦର୍ଶନ ବ୍ୟବସ୍ଥା ନିୟମିତ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ଘୋଷଣା କରିଛି। ପରୀକ୍ଷାମୂଳକ ଭାବେ ଯେଉଁ ଦିନ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ତାହା ଉପରେ ନଜର ରଖାଯିବ। ଯଦି ଏଥିରେ କିଛି ତ୍ରୁଟି ବା ଭକ୍ତମାନଙ୍କର ଅସୁବିଧା ପରିଲକ୍ଷିତ ହୁଏ ତେବେ ସେଥିରେ ଆବଶ୍ୟକ ସୁଧାର ଅଣାଯିବ। ଦର୍ଶନ ପାଇଁ ଭକ୍ତମାନେ ଯେପରି ସାମାନ୍ୟତମ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମନ୍ଦିର ପ୍ରଶାସନ କହିଛି।

ଧାଡ଼ି ଦର୍ଶନ ପାଇଁ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଲଗାଯାଇଛି। ବାଇଶିପାହାଚରେ ବ୍ୟାରିକେଡ ପାଇଁ ଡ୍ରିଲ ମେଶିନରେ ଗାତ କରାଯାଇଥିବାରୁ ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାଇଶିପାହାଚ ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ଥିବାରୁ ଏହି ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇ ହାତରେ ରହିଛି। ଏଏସ୍ଆଇର ବିନା ଅନୁମତିରେ ବାଇଶିପାହାଚରେ ଡ୍ରିଲ ମେଶିନ ସାହାଯ୍ୟରେ ଗାତ କରାଯାଇଛି।

ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ। ତିନିଜଣିଆ ବିଶେଷଜ୍ଞ କମିଟି, ଆମିକସ୍ କ୍ୟୁରି ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ଶୃଙ୍ଖଳିତ ଦର୍ଶନ ପାଇଁ ଏହି ବ୍ୟବସ୍ଥା କରାଯାଉଥିଲେ ମଧ ପରୋକ୍ଷରେ ଏହାଦ୍ୱାରା ଭକ୍ତମାନେ ଅଧିକ ପ୍ରଭାବିତ ହେବେ ବୋଲି ଆଲୋଚନା ହେଉଛି। ଏହି ବ୍ୟବସ୍ଥାକୁ ନେଇ ପୁରୀର ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ତାଙ୍କ ସୁବିଧା ଅନୁଯାୟୀ ଯେ କୌଣସି ଦ୍ୱାରରେ ପ୍ରବେଶ କରି ଫେରି ଯାଉଥିବା ବେଳେ ଏହି ବ୍ୟବସ୍ଥା ନିୟମିତ ହେଲେ ସେମାନଙ୍କୁ ଧାଡ଼ିରେ ଏବଂ କେବଳ ସିଂହଦ୍ୱାର ଦେଇ ଯିବାକୁ ପଡିବ। ଅନ୍ୟପକ୍ଷରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଦ୍ୱାରା ଅଧିକାଂଶ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ଶ୍ରୀମନ୍ଦିରକୁ ପ୍ରତ୍ୟହ ୬୦ରୁ ୭୦ ହଜାର ଭକ୍ତ ଆସୁଥିବା ବେଳେ ଧାଡ଼ି ଦର୍ଶନ ହେଲେ ଅତିବେଶିରେ ୩୫ରୁ ୪୦ ହଜାର ଭକ୍ତ ଦର୍ଶନ କରିପାରିବେ। ତେଣୁ ଏହିସବୁ ଅସୁବିଧାକୁ ନେଇ ଏବେ ଧାଡ଼ି ଦର୍ଶନ ବ୍ୟବସ୍ଥା ପ୍ରତି ବିରୋଧର ସ୍ୱର ଶାଣିତ ହେବାରେ ଲାଗିଛି।

# ୩ ଟନ୍ ଗଞ୍ଜେଇ ଜବତ

**କୋରାପୁଟ,୩୦।୯(ସ୍ୱ.ପ୍ର.):** କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନକାଡେଲି ଅଞ୍ଚଳରେ ଏକ ମିନି ଟ୍ରକରୁ ୩ ଟନରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି ମାଛକୁଣ୍ଡ ପୋଲିସ। ଏହାର ମୂଲ୍ୟ ପ୍ରାୟ ଏକ କୋଟି ଟଙ୍କା ହେବ। ରବିବାର ସକାଳେ ଜିଲାର ଲମତାପୁଟ ବ୍ଲକ ଅନକାଡେଲି ପଞ୍ଚାୟତ ଅନ୍ତର୍ଗତ ହନୁମାଳରୁ ଓଡି ୧୫ ସି ୨୩୦୫ ନମ୍ବର ଥିବା ଏକ ମିନିଟ୍ରକ ରାୟପୁର ଯାଉଥିଲା। ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ମାଛକୁଣ୍ଡ ପୋଲିସ ଟ୍ରକ୍‌ଟିକୁ ଅଟକାଇବାକୁ

**ଟ୍ରକ୍ ଛାଡ଼ି ଚାଳକ ଫେରାର**

ଚେଷ୍ଟା କରିଥିଲା। ପୋଲିସ ପଛରେ ଥିବା ଜାଣି ଚାଳକ ଟ୍ରକ୍‌ଟିକୁ ଲମତାପୁଟ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଟ୍ରକ ପାଖରେ ପହଞ୍ଚି ତଲାସି ନେବା ପରେ ସେଥିରୁ ୩ ଟନରୁ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାର ଓଜନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମାଛକୁଣ୍ଡ ଥାନା ଅଧିକାରୀ ଏସ୍.ଆର୍. ନାୟକ ପ୍ରକାଶ କରିଛନ୍ତି।

BOSCH
Invented for life

**The German Home Appliances Brand**

Launches its innovative range of Washing Machines, Dishwashers & Refrigerators in Odisha and looking for Distributor.




Bosch, leading Home Appliances company with world class products offers you a fantastic business opportunity.

Call us to discuss more
**Mr. Ashutosh Sahoo – 9538721212**
**Mr. Subhankar Banerjee – 8017071010**




**Honda Motorcycle and Scooter India Pvt. Ltd., Registered Office:** Commerical Complex II, Sector-49-50, Golf Course Extension Road, Gurugram - 122 018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. ^Only available in disc variant. **Conditions apply. Accessories shown in the picture are not a part of the standard equipment. Product shown in the picture may vary from actual product in market.

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**

ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆତ୍ମା ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା । ଏ ସବୁ ଆତ୍ମାର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି। ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ। କିମ୍ବା କେବଳ ଇନ୍ଦ୍ରିୟଗତ ଆମୋଦ-ଯାହା ଚରିତ୍ରକୁ ଗଠନ ନ କରି ବିନଷ୍ଟ କରେ ତାହା ଦ୍ୱାରା କଳୁଷିତ ହେବା ଉଚିତ ନୁହେଁ।

– ଶ୍ରୀଅରବିନ୍ଦ

# ଶୂନ ହୋଇଯିବ

ଭାରତରେ ପେଟ୍ରୋଲ ଓ ଡିଜେଲ ଦର ପରସ୍ପର ପ୍ରତିଦ୍ୱନ୍ଦ୍ୱିତା କଲା ଭଳି ବଢ଼ି ଚାଲିଛି। ପେଟ୍ରୋଲ ଦର ମୁମ୍ବାଇରେ ୯୦ ଟଙ୍କା ୮୪ ପଇସା ଅତିକ୍ରମ କରିସାରିଥିବା ବେଳେ ଡିଜେଲ ୮୦ ପାଖାପାଖି ଛୁଇଁଛି। ଭୁବନେଶ୍ୱରରେ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ ୮୨ ଟଙ୍କା ୧୯ ପଇସା ଏବଂ ୮୦ ଟଙ୍କା ୧୫ ପଇସା ହେଲାଣି। ବିଶେଷଜ୍ଞ ମତ ଦେଲେଣି ଯେଉଁ ହାରରେ ଏହି ଦର ବଢ଼ିଚାଲିଛି ଡିସେମ୍ବର ବେଳକୁ ଉଭୟ ୧୦୦ ଛୁଇଁବା ଥୟ।

ତେଲ ଦର ବୃଦ୍ଧିରେ ଅର୍ଥନୀତି ଓ ରାଜନୀତି ଉଭୟ ସମ୍ପୃକ୍ତ ହୋଇଗଲେଣି। ସେ ସମ୍ପର୍କରେ ଯଥେଷ୍ଟ ମତ ଦିଆସରିଲାଣି। ସମ୍ପାଦକୀୟଠାରୁ ଆରମ୍ଭ କରି ରାସ୍ତାରେ ପ୍ରତିବାଦ ଲଗାତର ଦେଖିବାକୁ ମିଳୁଛି। କିନ୍ତୁ ଅନ୍ୟ ଏକ ବୈଷୟିକ କିମ୍ବା ଯାନ୍ତ୍ରିକ ଦିଗ ରହିଯାଇଛି, ଯାହା ସମ୍ପର୍କରେ ଆଲୋଚନା ହେବାକୁ ବାକି ରହିଛି। ଜାତୀୟ ସ୍ତରରେ ହେଉଥିବା ଆଲୋଚନା ଏବେ ଏକ କୌତୂହଳ ଦିଗକୁ ମୁହାଁଇଲାଣି। କୁହାଯାଉଛି, ତେଲ ମୂଲ୍ୟ ୧୦୦ ଟଙ୍କା ଛୁଇଁଲେ ପେଟ୍ରୋଲ ପମ୍ପଗୁଡ଼ିକରେ ଥିବା ଡିସ୍‌ପେନ୍‌ସିଂ ୟୁନିଟ୍ (ଡିୟୁ) ଅଚଳ ହୋଇପଡ଼ିବ। କାରଣ ସେହି ମେଶିନ୍ ତେଲର ଦରକୁ ଧାରଣ କରିବା ଲାଗି ୪ ଅଙ୍କ ବିଶିଷ୍ଟ ରହିଛି। ଅର୍ଥାତ୍ ୯୯.୯୯ ଟଙ୍କା ହେଲେ ତାହା ସର୍ଭରକୁ ହିସାବ କରିବା ଲାଗି ଠିକ୍ ନିର୍ଦ୍ଦେଶ ଦେଇଥାଏ। ଯେତେବେଳେ ଏହା ୧୦୦ ଛୁଇଁବ ଗାଣିତିକ ହିସାବରେ ତାହା ୫ ଅଙ୍କ ହୋଇ ୧୦୦.୦୦ ଟଙ୍କା ଦେଖାଇବ। ଅର୍ଥାତ୍ ମେଶିନ୍‌ର କ୍ଷମତା ବାହାରକୁ ଏହା ଚାଲିଯିବ। ଫଳରେ ଡିୟୁ ଅଚଳ ହୋଇଯିବ, ନଚେତ୍ ଶୂନ ଟଙ୍କା ଶୂନ ପଇସା ଦେଖାଇବ।

ଉପରଲିଖିତ ପରିସ୍ଥିତି ସୃଷ୍ଟି ହେଲେ ଡିସ୍‌ପେନ୍‌ସିଂ ୟୁନିଟ୍‌କୁ ରିକାଲିବ୍ରେଟ୍ ବା ସେଥିରେ ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ, ବିମୁଦ୍ରୀକରଣ ପରେ ନୂଆକରି ଆସିଥିବା ୨୦୦୦ ଟଙ୍କିଆ ନୋଟ୍ ଏଟିଏମ୍‌ରେ ଭର୍ତ୍ତି କରିବା ଲାଗି ମେଶିନ୍‌ରେ ସଂଶୋଧନ ଅଣାଯାଇଥିଲା। ସେତେବେଳେ ମଧ୍ୟ ବିରାଟ ସମସ୍ୟା ସୃଷ୍ଟି ହୋଇଥିଲା। ଏବେ ଡିୟୁ କ୍ଷେତ୍ରରେ ଏହା ଅଚାନକ ହେବା ମଧ୍ୟ କଷ୍ଟକର। ଦେଶରେ ୫୯,୦୦୦ ପେଟ୍ରୋଲ ପମ୍ପ ରହିଛି। ତେଲ ଦର ୧୦୦ ଟଙ୍କା ଛୁଇଁବା ଆଶଙ୍କା କରି ମୁମ୍ବାଇର କେତେକ ପେଟ୍ରୋଲ ପମ୍ପରେ ମେଶିନ୍‌ଗୁଡ଼ିକୁ ପୁନଃ ନିର୍ମାଣ କରାଯାଉଥିବା ଖବର ମିଳିଲାଣି। ତେବେ ଯେଉଁଠାରେ ମେଶିନ୍‌ଗୁଡ଼ିକୁ ପରିବର୍ତ୍ତନ କରାଯାଇପାରିବ ନାହିଁ, ସେଠାରେ ଗ୍ରାହକମାନେ ଡିଲରଙ୍କ ଠକାମିର ଶିକାର ହେବା ନିଶ୍ଚିତ। ଏମିତି ଦେଖିଲେ ଅଧିକାଂଶ ପେଟ୍ରୋଲ ପମ୍ପ୍‌ରେ ତେଲ ମାପ ଠିକ୍ ନ ଥାଏ ବା ସେଲ୍ସମ୍ୟାନ୍‌ମାନେ ଜାଣିଶୁଣି ଗ୍ରାହକଙ୍କୁ ଠକାଇଥାଆନ୍ତି ବୋଲି ଅଭିଯୋଗ ହୋଇଥାଏ। ତେଣୁ ଆଶଙ୍କା କରାଯାଉଥିବା ସମସ୍ୟା ଉପୁଜିଲେ ଡିଲରମାନେ ସେମାନଙ୍କ ମେଶିନ୍ ପରିବର୍ତ୍ତନ ଦିଗରେ ହୋଇଥିବା ଖର୍ଚ୍ଚ ଗ୍ରାହକଙ୍କ ଉପରେ ପକାଇବାକୁ ଚିନ୍ତା କରିପାରନ୍ତି। ମେଶିନ୍ ପରିବର୍ତ୍ତନ ପାଇଁ ଯେଉଁ ଖର୍ଚ୍ଚ ହେବ ତାହାକୁ ତୈଳ କମ୍ପାନୀ ଭରଣା କରିବେ ନା ବିକ୍ରେତା ତାହା ଏକ ପ୍ରଶ୍ନ ସୃଷ୍ଟି କରୁଛି। ସେଥିରୁ ମଧ୍ୟ ଆଉ ଏକ ପ୍ରଶ୍ନ ଉପୁଜିପାରେ। ଘରୋଇ କମ୍ପାନୀ ପେଟ୍ରୋଲ ପମ୍ପ୍‌ର ମାଲିକମାନେ ଯଦି ଏହା ନିଜ ହାତରୁ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ତେବେ ସେମାନେ ସେହି ଖର୍ଚ୍ଚକୁ ଗ୍ରାହକଙ୍କ ଉପରେ ଲଦିବା ସକାଶେ ଚେଷ୍ଟା କରିବେ।

ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ମୁଦ୍ରାର ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ହ୍ରାସ ପାଇବାରେ ଲାଗିଛି। ପେଟ୍ରୋଲିୟମ୍‌ଜାତ ପଦାର୍ଥର ଦର ବଢ଼ି ଚାଲୁଥିବାରୁ ଏହାର ପ୍ରଭାବ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରକୁ ବଢ଼ାଇ ଚାଲିଛି। ଭାରତରେ ଟ୍ରକ୍ ଓ ଟ୍ରେନ୍‌ରେ ଜିନିଷପତ୍ର ବୁହାଯାଉଥିବାରୁ ତେଲ ଦର ବୃଦ୍ଧି ସହିତ ସବୁପ୍ରକାରର ସାମଗ୍ରୀ ଦର ଜଡ଼ିତ ରହୁଛି। କୁହାଯାଉଥିଲା ପେଟ୍ରୋଲିୟମ୍‌ଜାତ ପଦାର୍ଥକୁ ନିୟନ୍ତ୍ରଣକୁ ଆଣିବା ନିମନ୍ତେ କେନ୍ଦ୍ର ସରକାର ଏହାକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅନ୍ତର୍ଭୁକ୍ତ କରିବେ। ହେଲେ ସେ ନେଇ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇପାରି ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦେଖି ସରକାରଙ୍କୁ ତେଲ ଦର କମାଇବାକୁ ପଡ଼ିବ। ନ ହେଲେ ତେଲ ରାକ୍ଷସ ଦେଶର ଅର୍ଥନୀତିକୁ ବିଭିନ୍ନ ଦିଗରୁ ପଛକୁ ନେଇଯିବ।

## ଚିରନ୍ତନୀ

ପଉଷର ପଞ୍ଚମୀ ଚାଁଦ
ଆକାଶର କୋଣେ ଦେଲା ହସି
ମଧୁମାସ ଆଗମନୀ-ଭାଷା
ଜରା-ହୃଦେ ଯଉବନ-ଆଶା
ପୌଷର ପଞ୍ଚମୀ ଶଶି
ଢାଳି ଦେଲା ଦୂରେ ହସି ହସି।

(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | | | | 0 | | E | | | 1 | 9 | | B | |
| | C | | 1 | | | | | 9 | 8 | | | 7 | | |
| | | | | A | | | | 6 | B | | 0 | 8 | 5 | D |
| | | | | D | | A | C | | | 3 | | E | | |
| | | | | | 3 | | | 0 | 6 | | | | | A |
| | | | | 8 | | D | | | 2 | | | 5 | 0 | E |
| | | 9 | | E | | | 4 | | | | | | 3 | |
| | | B | | | | 3 | | | 7 | | 8 | | | |
| | | | 6 | | B | | | | 5 | 4 | | | | |
| 8 | D | | | | | | A | | | | 1 | 6 | | |
| | | | | | | | 0 | | 1 | | | C | 2 | 4 |
| 6 | | | 0 | | 2 | 8 | | | E | | | | A | |
| | | | | | | | | 3 | | 6 | A | | | 9 |
| | | | | | | E | B | D | | | | | | 3 |
| | | | D | 5 | 4 | | 9 | | | B | 7 | | E | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | D | 1 | B | 2 | 9 | A | E | 4 | 6 | 0 | C | 3 | 7 | 5 |
| 5 | E | 4 | 7 | A | C | 9 | 0 | B | 3 | 8 | D | 1 | 6 | 2 |
| 9 | C | A | 4 | 3 | 0 | 7 | 5 | 6 | 1 | B | 2 | 8 | E | D |
| 2 | 7 | 3 | 1 | 5 | 6 | D | 8 | C | 4 | 9 | E | A | 0 | B |
| 0 | 6 | B | E | 8 | D | 1 | 2 | 3 | 5 | 7 | A | C | 9 | 4 |
| 6 | 4 | E | D | 9 | B | 8 | C | A | 0 | 3 | 5 | 7 | 2 | 1 |
| B | 1 | 8 | 3 | E | 7 | 6 | 9 | 2 | D | A | 4 | 0 | 5 | C |
| 7 | 5 | 0 | A | 1 | 8 | E | 4 | D | 2 | C | 6 | B | 3 | 9 |
| D | 3 | C | 5 | 6 | 2 | 0 | B | 1 | 7 | E | 9 | 4 | 8 | A |
| A | 2 | 9 | 0 | C | 4 | 5 | 3 | 7 | 8 | 1 | B | 6 | D | E |
| 4 | 0 | 5 | 8 | D | 1 | B | 6 | E | C | 2 | 3 | 9 | A | 7 |
| 1 | 9 | 7 | 6 | 4 | E | 3 | A | 5 | B | D | 8 | 2 | C | 0 |
| E | 8 | D | 2 | B | 3 | C | 7 | 9 | A | 4 | 0 | 5 | 1 | 6 |
| C | A | 2 | 9 | 0 | 5 | 4 | 1 | 8 | E | 6 | 7 | D | B | 3 |
| 3 | B | 6 | C | 7 | A | 2 | D | 0 | 9 | 5 | 1 | E | 4 | 8 |

ଗତକାଲିର ଉତ୍ତର

# ବୟସ୍କମାନେ ଅଲୋଡ଼ା ନୁହନ୍ତି



ବୈକୁଣ୍ଠ ନାଥ ମିଶ୍ର

ଏକଦା ରୋମାନିଆର ଶାସକ ଚିନ୍ତା କଲେ ଯେ ବୃଦ୍ଧମାନେ ଦେଶପାଇଁ ସମ୍ପୂର୍ଣ୍ଣ ଅଦରକାରୀ। ସେମାନେ କିଛି ରୋଜଗାର ନ କରି ଅନ୍ୟର ଉପାର୍ଜନରେ ବଞ୍ଚନ୍ତି। ସେମାନେ ଦେଶ ପ୍ରଗତିର ବାଧକ। ତେଣୁ ରାଜା ଆଦେଶ ଦେଲେ ଯେ ଦେଶର ପ୍ରତ୍ୟେକ ଯୁବକ ନିଜ ହାତରେ ନିଜ ବୃଦ୍ଧ ମାତାପିତାଙ୍କୁ ହତ୍ୟା କରନ୍ତୁ। ରାଜାଦେଶ ଅଲଂଘ୍ୟ। ଫଳରେ ଅଳ୍ପଦିନ ଭିତରେ ସେ ଦେଶ ବୃଦ୍ଧଶୂନ୍ୟ ହୋଇଗଲା। ମାତ୍ର ଜଣେ ଯୁବକ ପରିଣାମକୁ ଚିନ୍ତା ନ କରି ପିତୃଭକ୍ତି ସ୍ୱରୂପ ବୃଦ୍ଧ ପିତାଙ୍କୁ ହତ୍ୟା ନ କରି ମାଟି ତଳ କୋଠରିରେ ଲୁଚାଇରଖିଲା। ନିୟମିତ ଖାଦ୍ୟପାନୀୟ ଦେବା ସହ ସେବାଯତ୍ନ କଲା। ସାହି ପଡିଶା ଏ ବିଷୟରେ କିଛି ବି ସୂଚନା ପାଇଲେ ନାହିଁ। ରାଜା ଆତ୍ମତୃପ୍ତି ଲାଭ କଲେ ଯେ ପରାଙ୍ଗପୁଷ୍ଟ ବୃଦ୍ଧମାନଙ୍କୁ ନିଶ୍ଚିହ୍ନ କରାଯାଇ ପାରିଛି।

ସେହି ବର୍ଷ ଦେଶ ଉତ୍କଟ ମରୁଡ଼ିର ସମ୍ମୁଖୀନ ହେଲା। ଜଳାଭାବରୁ କୃଷି ସମୂଳେ ଉଜୁଡିଗଲା। ନିଜ ସାଇତା ଶସ୍ୟରେ ସେ ବର୍ଷଟା କୌଣସି ପ୍ରକାରେ ଚଳିଗଲା। କିନ୍ତୁ ପରବର୍ଷ ଜମିରେ ବୁଣିବା ପାଇଁ ବିହନ ମୁଠାଏ କାହା ପାଖରେ ନ ଥିଲା। ପଡିଶା ଦେଶର ମଧ୍ୟ ଅନୁରୂପ ଅବସ୍ଥା। ବିହନ ଗଣ୍ଡାଏ ମିଳିବା ଅସମ୍ଭବ ହୋଇପଡିଲା। ନିଜ ପିତାଙ୍କୁ ଲୁଚାଇ ରଖିଥିବା ଯୁବକଟି ବିମର୍ଷ ବଦନରେ ପିତାଙ୍କୁ ସବୁକଥା ଜଣାଇଲା। ବୃଦ୍ଧ କିଛି ସମୟ ଚିନ୍ତା କରି କହିଲେ ଚିନ୍ତା କର ନାହିଁ ପୁଅ। ତୁମେ ହଳ ବଳଦ ନେଇ ଘର ସମ୍ମୁଖ ପାଦଚଲା ରାସ୍ତାକୁ ହଳ କରିଦିଅ। ତା'ପରେ ସମାଧାନର ବାଟ ମିଳିଯିବ। ପିତାଙ୍କ ଉପଦେଶ ଅନୁସାରେ ଯୁବକ ରାସ୍ତାକୁ ହଳ କରିଦେଲା। ପ୍ରଥମ ବର୍ଷାରେ ରାସ୍ତାରେ ଛତୁ ଫୁଟିଲାପରି ଶସ୍ୟ ଚାରାମାନ ଦେଖାଗଲା। ଯୁବକ ସେଗୁଡିକୁ ନେଇ ଖେତରେ ରୋପଣ କଲା ଓ ଦିନ କେତେଟାରେ ଖେତ ସବୁଜିମାମୟ ହୋଇଗଲା। ତୁଣ୍ଡ ବାଇଦ ସହସ୍ର କୋଶ। ରାଜାଙ୍କର କର୍ଣ୍ଣଗୋଚର ହେବା କ୍ଷଣି ସେ ଯୁବକକୁ ଡକାଇ ଏହାର କାରଣ ପରାରନ୍ତେ ଯୁବକ କହିଲା, ରାଜାଦେଶ ଅମାନ୍ୟ କରି ମୁଁ ମୋ ପିତାଙ୍କୁ ହତ୍ୟା କରି ନାହିଁ। ତେଣୁ ହେ ମହାରାଜା ମୁଁ ଦଣ୍ଡଯୋଗ୍ୟ। ଆଜି ଯେଉଁ ସବୁଜ ଶସ୍ୟର ସମ୍ଭାର ଦେଖୁଛନ୍ତି ତାହା ମୋ ପିତାଙ୍କ ଅବଦାନ। ରାଜା ବୃଦ୍ଧଙ୍କ ନିକଟକୁ ଯାଇ କ୍ଷମା ଯାଚନା ପୂର୍ବକ ସବୁଜିମାର ରହସ୍ୟ ଜାଣିବାକୁ ଚାହିଁଲେ। ବୃଦ୍ଧ କହିଲେ, ଖରାଦିନେ ଶଗଡରେ ଶସ୍ୟ ପରିବହନ ବେଳେ ଅନେକ ଶସ୍ୟ ରାସ୍ତାରେ ପଡିଥାନ୍ତି। ଉପଯୁକ୍ତ କର୍ଷଣ ଓ ଜଳ ଲାଭ କରି ସେଗୁଡିକ ଅଙ୍କୁରିତ ହୁଅନ୍ତି। ରାଜାଙ୍କର ଜ୍ଞାନୋଦୟ ହେଲା ଯେ ବୃଦ୍ଧମାନେ ବାସ୍ତବିକ ପ୍ରାଜ୍ଞ ଓ ଅଭିଜ୍ଞ। ଗୋଟିଏ ଦେଶକୁ ନିଶ୍ଚିତ ବିପଦରୁ ରକ୍ଷା କରିବାର କ୍ଷମତା ସେମାନଙ୍କର ଅଛି। ରାଜା ଅନୁତପ୍ତ ହେଲେ ଓ ନିଜ ଭୁଲ ବୁଝି ପାରିଲେ।

ଏ ଗଳ୍ପ ଆମକୁ ସୂଚନା ଦେଉଛି ଯେ ବୟସ୍କମାନେ ଦେଶ ପ୍ରଗତିର ବାଧକ ନୁହନ୍ତି। ଏ ଯୁଗରେ ବୟସ୍କମାନଙ୍କୁ ଅଦରକାରୀ ମନେକରାଯାଇ ସେମାନଙ୍କ ପ୍ରତି ଯଥେଚ୍ଛାଚାର କରାଯାଉଥିବାର ଖବର ଗଣମାଧ୍ୟମରେ ବାରମ୍ବାର ପ୍ରକାଶିତ ହୋଇ ସଭ୍ୟ ପ୍ରାଣକୁ ବିଚଳିତ କରୁଛି। ୨୦୧୬ ନଭେମ୍ବର ୨୮ରେ ବାଲେଶ୍ୱର ସହର ଉପକଣ୍ଠ ଏକ ନିର୍ଜନ ସ୍ଥାନରୁ ଅତ୍ୟନ୍ତ ଦୟନୀୟ ଭାବେ ରାସ୍ତା ପାର୍ଶ୍ୱରେ ପଡିଥିବା ଜଣେ ୯୫ ବର୍ଷ ବୟସ୍କା ବୃଦ୍ଧାଙ୍କୁ ଉଦ୍ଧାର କରାଗଲା। ଯାହାଙ୍କୁ ନିଜ ପୁଅମାନେ ନିଷ୍ଠୁର ଭାବେ ଫିଙ୍ଗି ଦେଇଥିଲେ। ସେହି ବର୍ଷ ସୁନ୍ଦରଗଡ ଜିଲାର ଏକ ଗ୍ରାମରେ ୪ ପୁଅ ବୃଦ୍ଧପିତାଙ୍କୁ ଖଟିଆରେ ବୋହିନେଇ ମଶାଣିରେ ଶୁଆଇ ଦେଇ ଆସିଥିଲେ। ପରଦିନ କିଛି ଯୁବକ ବୃଦ୍ଧଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ପୁରୀ ସହରରେ ଦିବ୍ୟାଙ୍ଗ ବୃଦ୍ଧଙ୍କୁ ନିଜ ପୁଅ ଘରୁ ଘୋଷାରି ନେଇ ବାହାରେ ଫିଙ୍ଗିବାର ଦୃଶ୍ୟ ଦୂରଦର୍ଶନରେ ପ୍ରଦର୍ଶିତ ହୋଇ ଜନମାନସକୁ ଉଦ୍‌ବିଗ୍ନ କରିଥିଲା। ଧନୀ, ଦରିଦ୍ର ନିର୍ବିଶେଷରେ ବୟସ୍କଙ୍କ ଉପରେ ଆକ୍ରମଣ ଏକ ସଂକ୍ରାମକ ବ୍ୟାଧିରେ ପରିଣତ ହେଲାଣି।

ଦେଶରେ ବୟସ୍କଙ୍କ ଆୟ ଓ ବ୍ୟୟ ଧାରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଅତ୍ୟାଚାରର ମାତ୍ରା ବୃଦ୍ଧି ପାଇ ଚାଲିଛି। ଏଜୱେଲ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ସ୍ତରର ଏକ ରିପୋର୍ଟ ଅନୁସାରେ ୬୦.୪ ପ୍ରତିଶତ ବୃଦ୍ଧାବୃଦ୍ଧଙ୍କ ମାସିକ ପେନସନ ସେମାନଙ୍କ ଆୟର ମୂଳ ଉତ୍ସ। ୧୯.୪ ପ୍ରତିଶତ ବୟସ୍କ ଜମି ଭାଗଚାଷକୁ ଦେଇ, ଘରଭଡା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି। ଶତକଡା ପଚାଶ ବୃଦ୍ଧାବୃଦ୍ଧ ମୂଲ୍ୟବାନ ଗହଣା ରଖିଥିବା ବେଳେ ୪୮.୫ ବୟସ୍କଙ୍କ ପାଖରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି। ଶତକଡା ୩୨ ବୃଦ୍ଧାବୃଦ୍ଧଙ୍କ ମାସିକ ପେନସନ ୧୦ ହଜାରରୁ ୨୦ ହଜାର ଓ ୨୭ ଭାଗ ବୃଦ୍ଧାବୃଦ୍ଧ ୨୦ ହଜାରରୁ ଅଧିକ ପେନସନ ପାଉଛନ୍ତି। ଏହି ଆୟ ଅଧିକାଂଶ ପରିବାରରେ କଳହର ମୂଳ ମଞ୍ଜି। ବୟସ୍କଙ୍କ ଆୟର ଏକ ସିଂହ ଭାଗ ଅର୍ଥାତ୍ ପ୍ରାୟ ଏକ ତୃତୀୟାଂଶ ଔଷଧ ଓ ଚିକିତ୍ସା ବାବଦରେ ଖର୍ଚ୍ଚ ହେଉଛି। ପ୍ରାୟ ୯୦ ପ୍ରତିଶତଙ୍କର ସ୍ୱାସ୍ଥ୍ୟ ସମସ୍ୟା ରହିଛି। ସେମାନଙ୍କ ଭିତରୁ ୭୦ ପ୍ରତିଶତ ଆଣ୍ଠୁଗଣ୍ଠି ରୋଗ, ୮୦ ଭାଗ ମଧୁମେହରେ ଆକ୍ରାନ୍ତ। ବୟସ୍କଙ୍କ ଭିତରୁ ୧୪ ଭାଗ ସହରରେ, ୮୬ ଭାଗ ଗ୍ରାମାଞ୍ଚଳରେ ବାସ କରନ୍ତି। ଆମ ଦେଶରେ ଶତକଡା ୨୫ ବୃଦ୍ଧ ବିପତ୍ନୀକ ହୋଇ ନିଃସଙ୍ଗ ଜୀବନ ଅତିବାହିତ କରୁଥିବା ବେଳେ ଶତକଡା ୪୯ ତାଙ୍କ ଜୀବନସାଥୀଙ୍କ ସହ ବାସ କରନ୍ତି। ୨୬.୫ ପ୍ରତିଶତ ବୟସ୍କ ସେମାନଙ୍କ ପିଲାଙ୍କ ସହ ବାସ କରନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଅବହେଳିତ। ସମୁଦାୟ ବୟସ୍କଙ୍କ ମଧ୍ୟରୁ ୩୭ ଭାଗ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ତଥାପି ନିର୍ଯାତନା ସେମାନଙ୍କ ପିଛା ଛାଡୁନାହିଁ।

ବରିଷ୍ଠଙ୍କ ସୁରକ୍ଷା ଓ ସୁନିଶ୍ଚିତ ଜୀବନଧାରଣ ପାଇଁ ୧୯୯୦ ମସିହା ଡିସେମ୍ବର ୧୪ ତାରିଖରେ ଜାତିସଂଘ ସାଧାରଣ ଅଧିବେଶନରେ ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ରୂପେ ପାଳନ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା ଓ ତଦନୁଯାୟୀ ୧୯୯୧ ମସିହାଠାରୁ ଏହା ସମଗ୍ର ପୃଥିବୀରେ ପାଳିତ ହୋଇଆସୁଛି। ୨୦୦୭ରେ ଆମ ପାର୍ଲାମେଣ୍ଟରେ ମାତାପିତା ତଥା ବରିଷ୍ଠ ନାଗରିକଙ୍କ ପ୍ରତିପୋଷଣ ଓ କଲ୍ୟାଣ ନିମନ୍ତେ ଆଇନ ପ୍ରଣୀତ ହୋଇଛି। ଆଇନରେ ବୃଦ୍ଧ ମାତାପିତାଙ୍କ ସ୍ୱଚ୍ଛଳ ଜୀବନଯାପନକୁ ନିଶ୍ଚିତ କରାଯାଇଛି। ହେଲେ ଆଇନ ଓ ବାସ୍ତବିକତା ସମ୍ପୂର୍ଣ୍ଣ ଭିନ୍ନ। ବିଦେଶରେ ରହୁଥିବା କର୍ମଜୀବୀ ସନ୍ତାନଙ୍କର ମାତାପିତା ଓ ଆଦୌ ସନ୍ତାନ ନ ଥିବା ବୃଦ୍ଧ ଦମ୍ପତିଙ୍କ ଦଶା ପ୍ରାୟତଃ ସମାନ। ଆମେରିକା ପରି ଦେଶମାନଙ୍କରେ କମ୍ପାନୀ ପରିଚାଳିତ ବୃଦ୍ଧାଶ୍ରମ ରହିଛି, ଯେଉଁଠି ବ୍ୟାବସାୟିକ ଭିତ୍ତିରେ ସମସ୍ତ ସୁବିଧା ଉପଲବ୍ଧ। ଆମ ଦେଶରେ ମଧ୍ୟ ବ୍ୟାବସାୟିକଭିତ୍ତିରେ ଜରାନିବାସର ଆବଶ୍ୟକତା ରହିଛି। ଘରୋଇ ସହକାରୀ (ଚାକର) ନିଯୁକ୍ତି ଅନେକ କ୍ଷେତ୍ରରେ ବିପଜ୍ଜନକ ପ୍ରମାଣିତ ହେଲାଣି। ଯୁକ୍ତରାଷ୍ଟ୍ରର ୟେଲ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ପକ୍ଷରୁ ଦୁଇଦଶନ୍ଧି ଧରି ହୋଇଥିବା ଗବେଷଣା ଅନୁସାରେ ବାର୍ଦ୍ଧକ୍ୟରେ ସମ୍ମାନାସ୍ପଦ ପରିବେଶ ସେମାନଙ୍କ ମାନସିକତାକୁ ପ୍ରଭାବିତ କରିଥାଏ। ଫଳରେ ସେମାନଙ୍କଠାରେ ସକାରାତ୍ମକ ଚିନ୍ତାଧାରା ଉଦ୍ରେକ ହୋଇ ସୁସ୍ଥ ଓ ଦୀର୍ଘ ଜୀବନ ପ୍ରାପ୍ତ ହୋଇଥାଏ। ତେଣୁ ସେମାନେ ଅବସାଦ, ମତିଭ୍ରମ ଓ କ୍ଷୀଣ ସ୍ମୃତି ଶକ୍ତିର ଦୁଷ୍ପ୍ରଭାବରୁ ମୁକ୍ତ ରହନ୍ତି। ଇକ୍ୱେଡର ଏପରି ଏକ ଦେଶ ଯାହା ବୟସ୍କଙ୍କ ପାଇଁ ଅତ୍ୟନ୍ତ ସୁଖପ୍ରଦ। ଏଠାକାର ଅଧିବାସୀମାନେ ବାର୍ଦ୍ଧକ୍ୟକୁ ସୌଭାଗ୍ୟର ଦିନ ଭାବେ ବହୁ ଆଗରୁ ଅପେକ୍ଷା କରିଥାନ୍ତି।

ବୟସ୍କମାନେ ଉଚ୍ଚ ଶିକ୍ଷିତ, ସ୍ୱଳ୍ପ ଶିକ୍ଷିତ ବା ଶିକ୍ଷାରହିତ ହୋଇଥାନ୍ତୁ, ସେମାନେ କିନ୍ତୁ ତାଙ୍କ ଦୀର୍ଘ ଜୀବନର ଅଭିଜ୍ଞତାକୁ ଭିତ୍ତିକରି ବେଶ୍ ପ୍ରଜ୍ଞାଶୀଳ ହୋଇଥାନ୍ତି। ବୟସ୍କଙ୍କ ଭାବାବେଗ ଯୁବତୀ ଯୁବକଙ୍କ ପ୍ରଖର ବୁଦ୍ଧିମତ୍ତାଠାରୁ ଯଥେଷ୍ଟ ଉନ୍ନତ। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଆଇକ୍ୟୁର ସମୟସୀମା ୬ରୁ ୨୧ ବର୍ଷ ବୟସ ମଧ୍ୟରେ ସଂଗୃହୀତ ହେଉଥିବା ବେଳେ ଇକ୍ୟୁର ସମୟସୀମା ୭୦ କିମ୍ବା ତଦୂର୍ଦ୍ଧ୍ୱ ବୟସ ପର୍ଯ୍ୟନ୍ତ ବଳବତ୍ତର ରହେ। ସେଥିପାଇଁ ବୟସ୍କମାନେ ମାପିଚୁପି ମନ୍ତବ୍ୟ ଦିଅନ୍ତି। ଏପରି କି ନିଜ ସନ୍ତାନମାନଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଦୁଃସହ ପରିସ୍ଥିତିକୁ ସେମାନେ ସହ୍ୟ କରନ୍ତି ପଛେ ପ୍ରତିବାଦ କି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ।

ବୃଦ୍ଧମାନେ ନିଜକୁ ସଙ୍କୁଚିତ ନ କରି ସମସ୍ତ ସକାରାତ୍ମକ ଚିନ୍ତାଧାରାକୁ ଆପଣେଇ ସମାଜ କଲ୍ୟାଣରେ ବ୍ରତୀ ହେଲେ ନିଜର ଓ ସମାଜର ପ୍ରଭୂତ ମଙ୍ଗଳ ସାଧିତ ହେବ। ଯୁବଗୋଷ୍ଠୀ ରୋମାନିଆର ସେ ଯୁବକଙ୍କ ପଥ ଅନୁସରଣ କଲେ ମାତାପିତାଙ୍କର ଦୁର୍ଦ୍ଦିନର ଅବସାନ ଘଟିବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଇଚ୍ଛାକୃତ ଅଜ୍ଞତା



ମୀନାକ୍ଷୀ ଦେବୀ

ଓଡ଼ିଶାର ଏକ ପଡ଼ୋଶୀ ରାଜ୍ୟର କେତେକ ବ୍ୟକ୍ତିଙ୍କ ମଧ୍ୟରେ ବୋଧହୁଏ ଏବେ ବି ଓଡ଼ିଶା ପ୍ରତି ସେଇ ଦେଢ଼ଶହ ବର୍ଷ ପୂର୍ବର ଇତରଧାରଣା, ତାଚ୍ଛଲ୍ୟ ଭାବ ଓ ଅସହିଷ୍ଣୁତା ରହିଛି। ତା'ର ପ୍ରମାଣ ଦେଇଛନ୍ତି ଅଭିଜିତ୍ ଆୟାର ମିତ୍ର, ଯିଏ ଅତୀତର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ ବଂଶଧର ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ଓଡ଼ିଶା, ଓଡ଼ିଆଙ୍କ ପ୍ରାଣର ଦେବତା ଜଗନ୍ନାଥ ଏବଂ ଓଡ଼ିଶାର ଗୌରବ କୋଣାର୍କ ମନ୍ଦିର ବିଷୟରେ ସେ ଯେଉଁ ଅରୁଚିକର ମନ୍ତବ୍ୟ ଦେଇଛନ୍ତି, ତାହା ତାଙ୍କ ଅଜ୍ଞାନତା ଏବଂ ଓଡ଼ିଶାବିରୋଧୀ ମନୋଭାବର ପରିଚାୟକ। ନ ହେଲେ ସେ ଓଡ଼ିଶାର ଆଦିଦେବତା ଜଗନ୍ନାଥଙ୍କୁ 'କଳିଙ୍ଗର ଦୁଷ୍ଟରାଜା କଲିକତାରୁ ନେଇଆସିଥିଲା' ବୋଲି କହି ନ ଥାନ୍ତେ ଏବଂ ସମୟକ୍ରମେ କେତେକାଂଶରେ ଭାଙ୍ଗିଯାଇଥିବା କୋଣାର୍କର ସୂର୍ଯ୍ୟମନ୍ଦିରକୁ ଅଶ୍ଳୀଳ ଭଙ୍ଗା ମନ୍ଦିର ଏବଂ ଏହା ମୁସଲମାନଙ୍କ କୀର୍ତ୍ତି ବୋଲି ବର୍ଣ୍ଣନା କରି ନ ଥାନ୍ତେ। ଓଡ଼ିଶାର ଶିଳ୍ପୀ ଏବେ ମଧ୍ୟ ଆଉ ଏକ କୋଣାର୍କ ଗଢ଼ିପାରିବାର ଆସ୍ପର୍ଦ୍ଧା ରଖେ।

ଆଜକୁ ପ୍ରାୟ ଦେଢ଼ଶହ ବର୍ଷ ତଳେ ଓଡ଼ିଶାକୁ ଚାକିରି କରିବାକୁ ଆସିଥିବା କିଛି ପଡ଼ୋଶୀ ରାଜ୍ୟର ବ୍ୟକ୍ତି ଏ ରାଜ୍ୟର ପାଣିପବନରେ ବଢ଼ି ଓଡ଼ିଆଭାଷାରେ ବେଶି ପାଠ୍ୟପୁସ୍ତକ ନ ଥିବାରୁ ଯେପରି ତାଚ୍ଛଲ୍ୟ କରୁଥିଲେ, ସେଇ ଦୁଃଖଦ କାହାଣୀ ସବୁ ଫକୀରମୋହନ ତାଙ୍କ 'ଆତ୍ମଚରିତ'ରେ ବର୍ଣ୍ଣନା କରିଛନ୍ତି। 'ଆତ୍ମଚରିତ'ର ୫୭ ପୃଷ୍ଠାରେ ସେ ଲେଖିଛନ୍ତି, ''ଉତ୍କଳଭାଷା ବିଷୟ ଉଲ୍ଲେଖ ସମୟରେ ବଙ୍ଗାଳୀ ଶିକ୍ଷକ ଓ ଅନ୍ୟାନ୍ୟ ବଙ୍ଗାଳୀ ବାବୁମାନେ ଯେପରି ତୁଚ୍ଛ ତାଚ୍ଛଲ୍ୟ ଭାବରେ ମନ୍ତବ୍ୟ ପ୍ରକାଶ କରିଥାନ୍ତି, ପ୍ରକୃତରେ ଆପଣାର ମାତାକୁ ଅପମାନ କଲାପରି ନିନ୍ଦାକାରୀମାନଙ୍କ ପ୍ରତି ବିଷମ କ୍ରୋଧ ଏବଂ ପ୍ରାଣରେ ବଡ଼ ଆଘାତ ଲାଗେ।'' ଆଜି ପ୍ରତି ସ୍ୱାଭିମାନୀ ଓଡ଼ିଆର ସେଇ ଦଶା। ଅନ୍ତର ଦଗ୍ଧୀଭୂତ ହୋଇଗଲା ପରି ଲାଗୁଛି। ଲାଗୁଛି ଆମକୁ, ଆମ କଳା ସଂସ୍କୃତିକୁ, ଆମ ଠାକୁରଙ୍କୁ, ଆମ ମାଆକୁ ଯେପରି କିଏ ପଦାଘାତ କରିଛି।

ଏହି ନିନ୍ଦୁକ ବ୍ୟକ୍ତିଙ୍କୁ ଜଣାନାହିଁ ବୋଧହୁଏ ସାରା ଭାରତ ଇଂରେଜମାନଙ୍କ ପଦାନତ ହୋଇସାରିଲା ପରେ ବି ଶେଷ ସ୍ୱାଧୀନ ରାଜ୍ୟ ରୂପେ ଓଡ଼ିଶା ଥିଲା ଅପରାଜେୟ। ବହୁ କୂଟ ଚକ୍ରାନ୍ତ ଦ୍ୱାରା ଶେଷରେ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ। ତଥାପି ବହୁଦିନ ପର୍ଯ୍ୟନ୍ତ ଏହି ବୀର ଜାତି, ଯାହାଙ୍କୁ କୁହାଯାଉଥିଲା 'କଳିଙ୍ଗାଃ ସାହସିକାଃ', ଇଂରେଜମାନଙ୍କ ବଶ୍ୟତା ସ୍ୱୀକାର କରି ନ ଥିଲେ। ୧୮୧୭ରେ ଓଡ଼ିଶାର ବୀର ପାଇକମାନେ ଇଂରେଜ ଶାସନ ବିରୋଧରେ ବିପ୍ଳବ କରିଥିଲେ, ଯାହା ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାର ଦୀର୍ଘ ଚାଳିଶବର୍ଷ ପରେ ଘଟିଥିଲା ସିପାହି ବିଦ୍ରୋହ। ଏଠାରେ ସରକାରୀ କର୍ମଚାରୀ ଭାବରେ ପଡ଼ୋଶୀ ରାଜ୍ୟର ଯେଉଁ ତଥାକଥିତ ଶିକ୍ଷିତ ବ୍ୟକ୍ତିମାନେ ଆସିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଓଡ଼ିଶା ଓ ଓଡ଼ିଆ ବିରୋଧୀ। ଓଡ଼ିଶାରେ ନିଜ ଭାଷାକୁ ପ୍ରଚଳନ କରିବା ପାଇଁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ରଲାଲ ମିତ୍ର ଏବଂ ବହୁ ପଡ଼ୋଶୀ ବ୍ୟକ୍ତି ଯେଉଁ ଓଡ଼ିଆଭାଷାମାରଣ ଯଜ୍ଞ ଆରମ୍ଭ କରିଥିଲେ ତାହା ସାରା ଓଡ଼ିଶାବାସୀଙ୍କ ପ୍ରାଣକୁ କ୍ଷତବିକ୍ଷତ କରିଦେଇଥିଲା। ବିଦ୍ୟାଳୟଗୁଡ଼ିକରୁ ଓଡ଼ିଆଭାଷା ଉଠିଯାଇ ବଙ୍ଗଳାଭାଷା ପ୍ରଚଳିତ ହୋଇଥିଲା। ଶେଷରେ ଜାତିପ୍ରାଣ ବରପୁତ୍ରମାନଙ୍କ ପ୍ରଚେଷ୍ଟା ଫଳରେ ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଜନ୍ ବୀମ୍‌ସ ଓଡ଼ିଆ ଏକ ସ୍ୱତନ୍ତ୍ର, ସମୃଦ୍ଧ ଓ ପ୍ରାଚୀନ ଭାଷା ବୋଲି ପ୍ରକାଶ କରି ବିଦ୍ୟାଳୟଗୁଡ଼ିକରୁ ବଙ୍ଗଳାଭାଷା ଉଠାଇ ଓଡ଼ିଆ ଭାଷାକୁ ପୁନଃପ୍ରଚଳନ କରିବାକୁ ନିର୍ଦ୍ଦେଶ ଦେଲେ। ଏକଦା 'ଓଡ଼ିୟା ଏକ୍‌ଟା ଭାଷା ନୟେ' ବୋଲି ହୋଇଥିବା ପ୍ରଚାର ବିରୋଧରେ ଆଜି ଓଡ଼ିଆ ଭାଷା ପ୍ରଥମ ଭାରତୀୟ ଆର୍ଯ୍ୟଭାଷା ଭାବରେ ପାଇଥିବା 'ଶାସ୍ତ୍ରୀୟ ଭାଷା'ର ସମ୍ମାନ ଏକ ପ୍ରତ୍ୟୁତ୍ତର। ଓଡ଼ିଶାକୁ ବଙ୍ଗପ୍ରଦେଶର ଅଂଶ ବୋଲି କହି ଅଭିଜିତ୍ ଆୟାର ମିତ୍ର ପ୍ରକାଶ କରିଥିବା ଧୃଷ୍ଟତା ଓ ଅଜ୍ଞତା ବାସ୍ତବିକ ହାସ୍ୟାସ୍ପଦ।

ଦେଢ଼ଶହ ବର୍ଷ ତଳେ ମଧ୍ୟ ଆମର ସ୍ୱାଭିମାନୀ ଓଡ଼ିଆମାନେ ଭାଷା ଓ ଜାତି ପ୍ରତି କରାଯାଇଥିବା ଅପମାନର ପ୍ରବଳ ବିରୋଧ କରିଥିଲେ। ସେନାପତି ଫକୀରମୋହନ ଗଭୀର କ୍ଷୋଭରେ ସେଦିନ କହିଥିଲେ, ''ସହସା ଆମ୍ଭମାନଙ୍କ ମସ୍ତକରେ ଯୁଗପତ୍ ସହସ୍ର ବଜ୍ରପାତ ପରି ଜଣାଗଲା। ଶତ୍ରୁମାନଙ୍କ ଆନନ୍ଦ ଉତ୍ସାହ, ବିଦ୍ରୂପବାଣୀ ହୃଦୟରେ ତୀର ପରି ବିନ୍ଧି ଯାଉଥାଏ। ଏ କ'ଣ ହେଲା ? ଆମ୍ଭମାନଙ୍କର ମାତୃଭାଷା କ'ଣ ଆଉ ପଢ଼ିହେବ ନାହିଁ ?'' ଇତିହାସ କହେ ଦିନେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। କିନ୍ତୁ ଇଂରେଜମାନେ ଶାସନଗତ ସୁବିଧାକୁ ଆଳକରି ଓଡ଼ିଶାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ବଙ୍ଗ ପ୍ରେସିଡେନ୍‌ସି ଓ ବିହାର ପ୍ରେସିଡେନ୍‌ସି ସହିତ ମିଶାଇ ଦେଇଥିଲେ। ଏହି ଇତିହାସ ବିଷୟରେ ଅଜ୍ଞ ଅଭିଜିତ୍ ଓଡ଼ିଶା ପଶ୍ଚିମବଙ୍ଗର ଅଂଶ ବୋଲି କହି ଓଡ଼ିଆମାନଙ୍କୁ ଅପମାନିତ କରିଛନ୍ତି। ଜୟଦେବଙ୍କୁ ବଙ୍ଗାଳୀ ବୋଲି ପ୍ରମାଣ କରିବାକୁ ଅତୀତରେ ପଡ଼ୋଶୀ ପ୍ରାବନ୍ଧିକମାନେ ବହୁ ଚେଷ୍ଟା କରିଛନ୍ତି। ପୁଣି ବର୍ତ୍ତମାନ ଜଗନ୍ନାଥ କଲିକତାର, ଓଡ଼ିଶା ବଙ୍ଗପ୍ରଦେଶର ଅଂଶ ବୋଲି କହି ନିଜର ଗୌରବ ବଢ଼ାଇବାକୁ ହାସ୍ୟାସ୍ପଦ ଉଦ୍ୟମ କରିଛନ୍ତି ଅଭିଜିତ୍। ଏହା ତାଙ୍କର ଇଚ୍ଛାକୃତ ଅଜ୍ଞତା। ପ୍ରତ୍ୟେକ ଓଡ଼ିଆ ଏହାର ପ୍ରତିବାଦ କରି ଏହି କୁତ୍ସିତ ମନ୍ତବ୍ୟ ପ୍ରଦାନକାରୀଙ୍କୁ ଦଣ୍ଡିତ କରିବା ପାଇଁ ଦାବି କରିବା ଉଚିତ।

ମୋ- ୯୩୩୭୭୭୨୨୪୭

## ଆମ ସମସ୍ୟା

### ବଡ଼ଦାଣ୍ଡରେ ବିପଦସଙ୍କୁଳ କୋଠା

ମହାଶୟ,

ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଅନେକ ବିପଦସଙ୍କୁଳ କୋଠାଘର ରହିଛି। କେତେବେଳେ ବି ଏହା ବିପଦ ସୃଷ୍ଟି କରିପାରେ। ସେହିପରି କୋଠାଘରେ ଏକ ବିରାଟ ବରଗଛ ବହୁବର୍ଷ ଧରି କାୟା ବିସ୍ତାର କରି ପଥଚାରୀ ଓ ପଡୋଶୀଙ୍କ ମନରେ ଭୟ ସଞ୍ଚାର କରୁଥିଲେ ହେଁ ତାହାକୁ ମୂଳୋତ୍ପାଟନ କରାଯାଉ ନାହିଁ। ସ୍ୱର୍ଗଦ୍ୱାର ସମ୍ମୁଖରେ ଖୋଲାରେ ବିକ୍ରି ହେଉଥିବା ଖାଦ୍ୟ ଉପରେ ପୋଡା ମଡାର ପାଉଁଶ ପଡି ତାକୁ ଅଖାଦ୍ୟରେ ପରିଣତ କରୁଥିବା ବେଳେ ନିର୍ବିଘ୍ନରେ ତାହା କେମିତି ବିକ୍ରି ହେଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଟ୍ରାଫିକ୍ ପୋଲିସ ମୁତୟନ ହେଉ

୫ ନମ୍ବର ଜାତୀୟ ରାଜପଥର ଖଣ୍ଡଗିରି, କଳିଙ୍ଗବିହାର ଛକ ଏବଂ ଗୋହିରା ଛକରେ ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ଅତ୍ୟନ୍ତ ଦୁରୂହ ବ୍ୟାପାର। ଖଣ୍ଡଗିରି ଛକରେ ଟ୍ରାଫିକ ପୋଲିସ ରହୁଥିବା ସ୍ଥଳେ କଳିଙ୍ଗ ବିହାର ଏବଂ ଗୋହିରା ଛକରେ କୌଣସି ଟ୍ରାଫିକ ପୋଲିସ ନାହିଁ। ଫଳରେ ଚାଳକମାନେ ଦ୍ରୁତଗତିରେ ଗାଡି ଚଳାଇଥାନ୍ତି। କାହାରିକୁ ସହଜରେ ରାସ୍ତା ପାର ହେବାକୁ ଦିଅନ୍ତିନାହିଁ। ତେଣୁ ଏହି ସ୍ଥାନମାନଙ୍କରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଏହି ସ୍ଥାନରେ ଓଭରବ୍ରିଜ ନିର୍ମାଣ କରିବା ନିହାତି ଜରୁରୀ ହୋଇ ପଡିଲାଣି।

ଅକ୍ଷୟ ମହାନ୍ତି,ତେନ୍ତୁଳିପଦା,ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ନରେନ୍ଦ୍ର ମୋଦି ସରକାର ଅମଳରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ସ୍ୱଚ୍ଛ ଭାରତ ମିଶନ୍ ଏକ ବୃହତ୍ ଅଭିଯାନ ହୋଇଥିବା ବେଳେ ପୂର୍ବ ଦିଲ୍ଲୀରେ ଏହାର ବିପରୀତ ଦେଖିବାକୁ ମିଳିଛି। ଦୀର୍ଘ ୧୭ ଦିନ ହେଲା ଏହି ଅଞ୍ଚଳରେ ଅଳିଆ ଆବର୍ଜନା ପଡ଼ିରହିଛି। ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ପୂତିଗନ୍ଧମୟ ପରିବେଶରେ ଅତିଷ୍ଠ ହୋଇପଡ଼ିଲେଣି। ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କ ସମସ୍ୟା ଜଣାଇବା ନିମନ୍ତେ ଅଳିଆ ଆବର୍ଜନା ପାଖରେ ଠିଆହୋଇ ସେଲ୍‌ଫି ଉଠାଇବା ସହିତ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି।

ପୂର୍ବ ଦିଲ୍ଲୀ ବାସିନ୍ଦା କଲ୍ୟାଣ ସଂଘଗୁଡ଼ିକର ଏକ ମିଳିତ ସାମ୍ମୁଖ୍ୟ 'ସେଲ୍‌ଫି ଉଇଥ୍ ଗାର୍ବେଜ' କ୍ୟାମ୍ପେନ୍ ଆରମ୍ଭ କରିଛି। ପରିମଳ କର୍ମଚାରୀ ସଂଘ ଗତ ୧୭ ଦିନ ହେଲା କାର୍ଯ୍ୟବନ୍ଦ ଧର୍ମଘଟ କରିଆସୁଛି। କୌଣସି ସମାଧାନର ବାଟ ଆଗକୁ ଦେଖାଯାଉ ନାହିଁ। ୟା ମଧ୍ୟରେ ପେଷି ହେଉଛନ୍ତି ସାଧାରଣ ଜନତା। ବିଭିନ୍ନ ସ୍ଥାନରେ ପଡ଼ିରହିଥିବା ଅଳିଆ ଆବର୍ଜନା ପାଖରେ ଠିଆହୋଇ ସେଲ୍‌ଫି ଉଠାଇବା ସହିତ ଏହି ଫଟୋ ସାମ୍ମୁଖ୍ୟ ପାଖକୁ ପଠାଇବାକୁ ପରାମର୍ଶ ଦିଆଯାଇଛି। ଏହାର ଅଳ୍ପ କିଛିଘଣ୍ଟା ମଧ୍ୟରେ ଲୋକମାନେ ବିଭିନ୍ନ ଅଞ୍ଚଳର ସେଲ୍‌ଫି ଫଟୋ ଉଠାଇ ପଠାଇବା ଆରମ୍ଭ କରିଛନ୍ତି। ଗୀତା କଲୋନି, କ୍ରିଷ୍ଣା ନଗର, ବିକାଶ ମାର୍ଗ ମାର୍କେଟ, କୈଳାସ ନଗର ଏବଂ ଗାନ୍ଧୀ ନଗର ଅଞ୍ଚଳରେ ପରିବେଶର ପରିସ୍ଥିତି ଅତ୍ୟନ୍ତ ଖରାପ ହୋଇପଡିଛି। ବାସ୍ତବରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜନସାଧାରଣଙ୍କର ଏହା ଏକ ଅଭିନବ ଅଭିଯାନ।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଅକ୍ଟୋବର ୧୯୯୩**

- ଆଡ୍‌ମିରାଲ ଭି.ଏସ୍. ଶେଖାୱତ ନୌବାହିନୀର ନୂତନ ସେନାଧ୍ୟକ୍ଷ ରୂପେ ଦାୟିତ୍ୱ ଗ୍ରହଣ କଲେ।
- ମହାରାଷ୍ଟ୍ରରେ ଆଜି ପ୍ରତ୍ୟୁଷରେ ଏକ ଭୟଙ୍କର ଭୂମିକମ୍ପ ହେବା ଫଳରେ ୩୦ ହଜାର ଲୋକଙ୍କ ପ୍ରାଣହାନି।

## ସାପ୍ତାହିକ ପଞ୍ଜିକା

୨୩- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶର ସର୍ବବୃହତ୍ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଯୋଜନା ଆୟୁଷ୍ମାନ୍ ଭାରତର ଶୁଭାରମ୍ଭ ହୋଇଛି।

୨୪- ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚନରେ ଶାସକ ପିପିଏମ୍ ନେତା ତଥା ବର୍ତ୍ତମାନର ରାଷ୍ଟ୍ରପତି ୟାମିନ୍ ଅବଦୁଲ ଗୟୁମ୍ ପରାଜିତ ହେବା ସହ ଏମ୍‌ଡିପି ପ୍ରାର୍ଥୀ ଇବ୍ରାହିମ୍ ମହମ୍ମଦ ସୋଲିଙ୍କ ବିଜୟ ଘଟିଛି।

୨୫- କେବଳ ଚାର୍ଜଶୀଟ୍ ଆଧାରରେ କୌଣସି ନେତାଙ୍କୁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୨୬- ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଅନୁମତି।

୨୭- ଏଣିକି ପରକୀୟା ପ୍ରୀତି ଅପରାଧ ବିବେଚିତ ହେବ ନାହିଁ, କିନ୍ତୁ ଏହାକୁ ଆଧାର କରି ଛାଡ଼ପତ୍ର ଦିଆଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୨୮- କେରଳର ସାବରିମାଲାସ୍ଥିତ ପ୍ରସିଦ୍ଧ ଆୟାପ୍ପା ମନ୍ଦିରକୁ ଏଣିକି ମହିଳାମାନେ ପ୍ରବେଶ କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ ଏକ ରାୟରେ କହିଛନ୍ତି। ଫଳରେ ଅନେକ ଶତାବ୍ଦୀର ପରମ୍ପରା ଅକାମୀ ହୋଇଯାଇଛି।

## ସଂକ୍ଷେପରେ

### କଲମଛାଡ଼ ଆନ୍ଦୋଳନ



ମାର୍ଶାଘାଇ,୩୦।୯(ଡିଏନ୍‌ଏ): ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶନିବାର କଲମଛାଡ ଆନ୍ଦୋଳନ କରି ମାର୍ଶାଘାଇ ବ୍ଲକ ଆଗରେ ଧାରଣା ଦେଇଥିଲେ । ଜିଲାର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ ମାରିବା ଘଟଣାକୁ ବିରୋଧ କରି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା । ପ୍ରକାଶ ଯେ, ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ ରାଶନ କାର୍ଡ ହିତାଧିକାରୀ ଚୟନ କରିବାକୁ ତଦନ୍ତ ପାଇଁ ଯାଇଥିବା ସମୟରେ ଗୁରୁଚରଣ ବଳ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ତେବେ ପୋଲିସ ପ୍ରଶାସନ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି । ଏହାକୁ ବିରୋଧ କରି ନିଖିଳ ଓଡିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ନିଷ୍ପତ୍ତି କ୍ରମେ ମାର୍ଶାଘାଇ ବ୍ଲକର ୧୫ ଜଣ ନିର୍ବାହୀ ଅଧିକାରୀ କଲମଛାଡ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏ ନେଇ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲା ଆରକ୍ଷୀ ଅଧୀକ୍ଷକ କେନ୍ଦ୍ରାପଡାଙ୍କୁ ମାର୍ଶାଘାଇ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି ।




■ ଦୁର୍ଗାପୂଜା ପାଇଁ ତୋରଣ କରୁଥିବା ଯୁବକଙ୍କୁ ମାଡ଼

# ପୂଜା କମିଟି ପକ୍ଷରୁ ବିରୋଧ

**୫ ତାରିଖ ଶାନ୍ତି କମିଟି ବୈଠକ ବର୍ଜନ ଲାଗି ନିଷ୍ପତ୍ତି**

ପଟ୍ଟାମୁଣ୍ଡାଇ,୩୦।୯(ସ୍ୱ.ପ୍ର.)

ଆସନ୍ତା ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ଆହ୍ୱାନରେ ଗତ ୨୨ ତାରିଖରେ ଥାନାରେ ଶାନ୍ତି କମିଟି ବୈଠକ ବସି ନିଷ୍ପତ୍ତି ହୋଇଥିଲା । ତେବେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକ ଶନିବାର ସକାଳେ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ହରିହର ପୂଜା କମିଟିର ତୋରଣ ତିଆରି କରୁଥିବା ଶମ୍ଭୁନାଥ ଖୁଣ୍ଟିଆ ନାମକ ଜଣେ ଯୁବକଙ୍କୁ ମାଡ ମାରିବା ଘଟଣା ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏହାର ପ୍ରତିବାଦରେ ହରିହର ପୂଜା କମିଟିର ସମ୍ପାଦକ ରବୀନ୍ଦ୍ର ବାଇ ଓ ସଭାପତି ରବୀନ୍ଦ୍ର ସେଠୀଙ୍କ ଆହ୍ୱାନରେ ରବିବାର ସନ୍ଧ୍ୟାରେ ପୂଜା କମିଟି କର୍ମକର୍ତ୍ତା ଓ ଶାନ୍ତି କମିଟି ସଦସ୍ୟମାନଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଧାମୋହନ ଦାଶ, ରବୀନ୍ଦ୍ର ସାହୁ, ସରୋଜ ପାଢୀ, ଶରତ କୁମାର ଦାସ,ବିଭୂତି ପଟ୍ଟନାୟକ, କୃପାସିନ୍ଧୁ ବେହେରା, ଦୁଷ୍ମନ୍ତ ସାହୁ, ଅକ୍ଷୟ କୁମାର ପଣ୍ଡା, ନାରାୟଣ ସାହୁ, କ୍ଷୀରୋଦ ନାୟକ, ସନାତନ ବିଶ୍ୱାଳ, ଚିତ୍ତରଞ୍ଜନ ସାମଲ, ସସ୍ମିତ ଦାସ, ଅଶୋକ ବେହେରା, ଶାନ୍ତି କମିଟି ସଦସ୍ୟ ବିଜୟ କୁମାର ସାହୁ, ଗୋପୀନାଥ ତ୍ରିପାଠୀ, ନୃସିଂହ ପ୍ରସାଦ ଚୌଧୁରୀ ଓ ଖବରଦାତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ଥାନା ଆଇଆଇସି ବେଆଇନ ଭାବେ ଟେଷ୍ଟ କରୁଥିବା ଯୁବକଙ୍କୁ ମାଡ ମାରିବା ଘଟଣାକୁ ନେଇ ବୈଠକରେ ତୀବ୍ର ବିରୋଧ କରାଯାଇଥିଲା । ପୋଲିସ ମାଡରେ ଆହତ ଯୁବକ ଶମ୍ଭୁନାଥ ଥାନାରେ ଓ ପରେ ଏସଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଘଟଣା ପୂଜା କମିଟି ସଦସ୍ୟ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଏ ନେଇ ଏସପିଙ୍କ ନିକଟରେ ଅଭିଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଟାଉନ କ୍ଲବ ପୂଜା କମିଟି ସଦସ୍ୟ ରମେଶ ଦେ ଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବୈଠକରେ ଆସନ୍ତା ୪ ତାରିଖ ମଧ୍ୟରେ ମାଡ ମାରିବା ଘଟଣା ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୨୫ ପୂଜା କମିଟିର ସଦସ୍ୟ ଓ କର୍ମକର୍ତ୍ତାମାନେ ୫ ତାରିଖରେ ହେବାକୁ ଥିବା ଶାନ୍ତି କମିଟି ବୈଠକକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# କାଉପଡା ସମବାୟ ସମିତିର ସାଧାରଣ ସଭା

ଡେରାବିଶ,୩୦।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କାଉପଡା ପ୍ରାଥମିକ କୃଷି ସମବାୟ ସମିତିର ୫୬ତମ ବାର୍ଷିକ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ସଭାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ରବିନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସମବାୟ ସମିତି ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ କହିଥିଲେ । ଏହି ସଭାରେ ସମ୍ପାଦକ ଗୌରାଙ୍ଗ ପ୍ରଧାନ ଗତ ବାର୍ଷିକ ସାଧାରଣ ସଭାର ବିବରଣୀ ପାଠ କରିବା ପରେ ଚଳିତବର୍ଷର ଅଡିଟ୍ ରିପୋର୍ଟ ବିଷୟରେ ସୂଚନା ଦେଇଥିଲେ । ଏଥିସହ ସମବାୟ ସମିତି ପକ୍ଷରୁ ଚଳିତବର୍ଷର ବଜେଟ୍ ଉପସ୍ଥାପନ କରିଥିଲେ । ଏହି ବଜେଟ୍‌ରେ ଚଳିତ ଆର୍ଥିକବର୍ଷରେ ସମିତି ବିଭିନ୍ନ ବାବଦକୁ ୩୫ଲକ୍ଷ ଟଙ୍କା ଆୟ କରିବାର ଲକ୍ଷ୍ୟ ରଖିବା ସହ ବ୍ୟୟ ବାବଦକୁ ୨୬ ଲକ୍ଷ ଟଙ୍କା ଓ ୮ ଲକ୍ଷ ୧୯ ହଜାର ସମିତି ଲାଭ ଆଶା ରଖିଥିବା ସମ୍ପାଦକ ସୂଚନା ଦେଇଥିଲେ । ତେବେ ଚଳିତବର୍ଷ ସମିତି ପକ୍ଷରୁ ଖରିଫ୍ ଋତୁରେ ଧାନ ବିକ୍ରୟ ପାଇଁ ଚାଷୀଙ୍କ ପଞ୍ଜୀକୃତ କାର୍ଯ୍ୟ ଚାଲୁ ରହିଥିବାରୁ ସମିତି ଅଧୀନରେ ଥିବା ସମସ୍ତ ଚାଷୀମାନେ ଏହାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ । ଚଳିତ ଋତୁରେ ଚାଷୀଙ୍କୁ ସମିତି ପକ୍ଷରୁ ୟୁରିଆ ସାର ଯୋଗାଇ ଦିଆଯାଇ ନ ଥିବାରୁ ସଭାରେ ଉପସ୍ଥିତ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଗତ ଲଘୁଚାପଜନିତ ବର୍ଷାରେ ଧାନ ଫସଲ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଥିବାରୁ ସମିତି ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ଚାଷୀ ଅନୁରୋଧ କରିଥିଲେ ।

ଏହି ସଭାରେ ପ୍ରଧାନମନ୍ତ୍ରୀ କୃଷିବୀମା ଯୋଜନାରେ ଅନ୍ତର୍ଭୁକ୍ତ ଚାଷୀଙ୍କୁ ଫସଲ କ୍ଷତିପୂରଣ ଦେବା ପାଇଁ ଅନେକ ଚାଷୀ ଦାବି କରିଥିଲେ । ସେହିପରି ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ସମିତିରେ ପ୍ରାୟ ୩୧ ଗୋଟି ଜେଏଲ୍‌ଜି ଗୋଷ୍ଠୀ ଗଠନ ହୋଇଥିବା ଏବଂ ସେଥିମଧ୍ୟରୁ ୧୭ଟି ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ସଭାରେ ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, କାଉପଡ଼ା ସରପଞ୍ଚ ଲକ୍ଷ୍ମୀ ମଲ୍ଲିକ ଓ ସମିତିସଭ୍ୟ ବଂଶୀଧର ମଲ୍ଲିକ, ଉପସଭାନେତ୍ରୀ ରଶ୍ମିବାଳା ଜେନା, ପରିଚାଳନା ପରିଷଦ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି, ରାଧାଶ୍ୟାମ ଦାସ, କରୁଣାକର କର, ପୀତାମ୍ବର ସାହୁ, ହେମନ୍ତ ମହାନ୍ତି ପ୍ରମୁଖ ସାଧାରଣ ସଭାରେ ଉପସ୍ଥିତ ରହିଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହ-ସମ୍ପାଦକ ସୁମନ ସଙ୍ଗୀତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




ସମବାୟ ସମିତିର ସାଧାରଣ ସଭାରେ ଉପସ୍ଥିତ ଅତିଥିମାନେ।

## କଣ୍ଡିଆରେ କୃଷକ ସମାବେଶ

ରାଜକନିକା, ୩୦।୯(ଡି.ଏନ୍.ଏ.)

ରାଜକନିକା ବ୍ଲକ ଚରପଡା ପଞ୍ଚାୟତ କଣ୍ଡିଆ ଗ୍ରାମର ଭାଗବତ ଜୀଉ ପୀଠରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଚାଷୀ ଯତୀନ୍ଦ୍ର ପାଣ୍ଡବ ପୌରୋହିତ୍ୟ କରିଥିଲେ। କେନ୍ଦ୍ରାପଡା ଜିଲା ନବନିର୍ମାଣ କୃଷକ ସଂଘର ସହ ସଂଯୋଜକ ଅକ୍ରୁର ଚରଣ ପଲାଇ ଏଥିରେ ଯୋଗଦେଇ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ବୁଝାଇ ଥିଲେ। ଅକ୍ଟୋବର ୨୯ରୁ ନଭେମ୍ବର ୫ ପର୍ଯ୍ୟନ୍ତ ହେବାକୁ ଥିବା କୃଷକ ପଦଯାତ୍ରାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଥିଲେ । ରାଜକନିକା ନବନିର୍ମାଣ କୃଷକ ସଂଘର ସଂଯୋଜକ ପୀତବାସ ନାୟକ ସଂଗଠନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଦୋଳ ଗୋବିନ୍ଦ ବାରିକ, ଦୁର୍ଯ୍ୟୋଧନ ସାହୁ, ଉମେଶ ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ସାମଲ, ଦଧିବାମନ ନାୟକ, କୃଷ୍ଣଚନ୍ଦ୍ର ବାରିକ,ଗୋପାଳ ଚନ୍ଦ୍ର ନାୟକ ଓ ଦୈତାରୀ ସାମଲ ଯୋଗ ଦେଇଥିଲେ।

## କଣ୍ଡିରା ପଞ୍ଚାୟତର ନୂତନ ବିଜେଡି ସଭାପତି

ରାଜନଗର, ୩୦।୯(ଡି.ଏନ୍.ଏ.)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ବିଜେଡି ସଭାପତି ଭାବେ ବରିଷ୍ଠ ବିଜେଡି ନେତା ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ପଞ୍ଚାୟତର କର୍ମୀଙ୍କ ମତାମତକୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି।

## ଶୋକଖବର

ପଟ୍ଟାମୁଣ୍ଡାଇ,୩୦।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପୋଖରିଆପଡା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ କୀର୍ତ୍ତିଚନ୍ଦ୍ର ପ୍ରଧାନ (୭୮)ଙ୍କ ନିକଟରେ ଭୁବନେଶ୍ୱରଠାରେ ପରଲୋକ ଘଟିଛି । ସେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ପରୋପକାରୀ ଓ ଅମାୟିକ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଭୁବନ ମୋହନ ଜେନା, ବ୍ରଜସୁନ୍ଦର ଭୂୟାଁ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ନୀଳମଣି ସାହାଣି, ଭାଜପା ମିଡିଆ ପ୍ରଭାରୀ ବିଜୟ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପ୍ରଧାନଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ବଡ ପୁଅ ଭାଜପା ନେତା ରଶ୍ମିରଞ୍ଜନ ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ମାର୍ଶାଘାଇ,୩୦।୯(ଡିଏନ୍‌ଏ)

ମାର୍ଶାଘାଇ ବ୍ଲକ ପିକରାଳୀ କପିଳମୁନି ନୋଡାଲ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରମାନେ ପରିଷ୍କାର ପରିଚ୍ଛନ୍ନତା, ପ୍ଲାଷ୍ଟିକ ବର୍ଜନ, ବାହ୍ୟ ମଳମୁକ୍ତ ସମ୍ବନ୍ଧରେ ସ୍ଲୋଗାନ ଦେବା ସହ ଶୋଭାଯାତ୍ରାରେ ପିକରାଳୀ ଓ ପରକୂଳା ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମ୍ୟ ରାସ୍ତା ଓ ପରକୂଳା ଜଗଧାତ୍ରୀ ମନ୍ଦିର ପରିସରକୁ ଝାଡୁ ,କୋଦାଳ ସହାୟତାରେ ଛାତ୍ରୀଛାତ୍ରମାନେ ସଫେଇ କରିବା ସହ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱଚ୍ଛ ଭାରତ ପ୍ରେରକ ସୌମ୍ୟା ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଉଷାରାଣୀ ଦାସ ,ଇକୋ କ୍ଲବ ସଂଯୋଜକ ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗଦେଇ ଗାଁ ପରିବେଶ ସଫେଇ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅତିଥିମାନେ ରାସ୍ତାକଡ ଓ ନଦୀପାର୍ଶ୍ୱରେ ମଳ ତ୍ୟାଗ ନ କରି ନିଜ ଘରେ ପାଇଖାନା ବ୍ୟବହାର କରିବା ଦ୍ୱାରା ଆମେ ବିଭିନ୍ନ ରୋଗରୁ ମୁକ୍ତ ପାଇ ପାରିବା ବୋଲି କହିଥିଲେ । ଶେଷରେ ବାହ୍ୟ ମଳମୁକ୍ତ ଅଭିଯାନ ସମ୍ପର୍କରେ ଏକ ପଥପ୍ରାନ୍ତ ନାଟକ ଶିକ୍ଷକ ରତିକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଳ ପରିମଳ ମିଶନର ପ୍ରାନ୍ତୀୟ ସଂଯୋଜକ ଆଲୋକ ନାୟକ ଓ ବ୍ଲକ ସଂଯୋଜକ ଏସ୍ .ପ୍ରେମପ୍ରକାଶ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ସ୍ୱାଇଁ, ବିଦ୍ୟାଧର ସାହୁ, ରଞ୍ଜନ ବେଉରା, ରାଜକିଶୋର ବେହେରା, ତ୍ରିଲୋଚନ ବେହେରା, ଶିକ୍ଷୟିତ୍ରୀ ଚିନ୍ମୟୀ ଦ୍ୱିବେଦୀ, ନିବେଦିତା ଲେଙ୍କା,ପ୍ରାକ୍ତନ ଛାତ୍ର ସରୋଜକାନ୍ତ ପରିଡା ସହଯୋଗ କରିଥିଲେ।

# ୪ ଦଫା ଦାବିରେ ତହସିଲ ଆଗରେ ବିକ୍ଷୋଭ

ପଟ୍ଟାମୁଣ୍ଡାଇ,୩୦।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ଓ ପୌରାଞ୍ଚଳର ୨୧ଟି ୱାର୍ଡରେ ଗତ ଲଗାଣ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡାରେ ଧାନ ଫସଲ ମୂଳ ଧୋଇଯାଇଛି। ଲଗାଣ ବର୍ଷାରେ ବହୁ ଚାଳଘର ଭାଙ୍ଗି ଯାଇଛି। ଏଭଳି ସ୍ଥିତିରେ ବିପନ୍ନମାନଙ୍କୁ ଏ ପର୍ଯ୍ୟନ୍ତ ପଲିଥିନ ଖଣ୍ଡେ ବି ମିଳିନାହିଁ। ଏହିସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଲୋକାଲ କମିଟି ପକ୍ଷରୁ ଶୁକ୍ରବାର ପଟ୍ଟାମୁଣ୍ଡାଇ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ସାର, ବିହନ ଓ କୀଟନାଶକ ଯୋଗାଇ ଦେବା, ଫସଲ ବୀମା ଅର୍ଥ ତୁରନ୍ତ ପ୍ରଦାନ କରିବା, ଆରଆଇ ଅଫିସ ମାଧ୍ୟମରେ ପଲିଥିନ ଓ ଘରଭଙ୍ଗା ସାହାଯ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ ।

ସିପିଆଇ(ଏମ୍ )ଲୋକାଲ କମିଟି ସମ୍ପାଦକ ବାବାଜୀ ପରିଡା, ଜିଲା ସମ୍ପାଦକ ଗୟାଧର ଧଳ ,ରତ୍ନଜୟ ମଲ୍ଲିକ, ସୋମନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଶ୍ରୀବତ୍ସ ସେଠୀ, ଗୁଣମଣି ବେହେରା, କାଳନ୍ଦୀ ସାମଲ, ନାରାୟଣ ଜେନା, ବ୍ରଜବନ୍ଧୁ ବେହେରା, ଅଶୋକ ନାଥ, ରବୀନ୍ଦ୍ର ବେହେରା ଭୀମସେନ ବେହେରା, ବସନ୍ତ ମୋତି ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଶେଷରେ ୪ ଦଫା ସମ୍ବଳିତ ଏକ ଦାବି ପତ୍ର ପଟ୍ଟାମୁଣ୍ଡାଇ ଭରପ୍ରାପ୍ତ ତହସିଲଦାର ସରୋଜ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା।



# ସଂଗ୍ରାମୀ ଥିଲେ, ବୀର ଥିଲେ,
# କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ !!

ଡ. ସୁରେନ୍ଦ୍ର କୁମାର ମିଶ୍ର




ଗତ ସଂଖ୍ୟାରେ 'ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠି' ଶୀର୍ଷକ ଆଲୋଚନା ପ୍ରକାଶ ପାଇଥିଲା। ସେଥିରେ ଦୁଇଟି ପ୍ରସଙ୍ଗ ଲକ୍ଷ୍ୟ କରିବା କଥା। ଗୋଟିଏ ହେଲା ଐତିହାସିକ ବି.ସି. ରାୟଙ୍କର 'ବକ୍ସି ଜଗବନ୍ଧୁ ପୁସ୍ତକ' ଯେଉଁଥିରେ ୧୮୦୪ ମସିହା ଯୁଦ୍ଧରୁ ବକ୍ସି ଜଗବନ୍ଧୁ ଦୂରେଇ ରହିବାର କାରଣକୁ ସେ ନିଜର ମତାମତ ଦେଇ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। କାରଣ ସେ ଯାହା ମତ ଦେଇଛନ୍ତି, ତାହା ବକ୍ସିଙ୍କଠାରୁ ସେ ଶୁଣିନାହାନ୍ତି କିମ୍ବା ସେତେବେଳର ପରିସ୍ଥିତି ଆଖିରେ ଦେଖିନାହାନ୍ତି। ସମ୍ଭାବନା କରିଛନ୍ତି- ଏକ ବୃହତ୍ ଶକ୍ତି ସହିତ ମୁକାବିଲା କରିବା ଅପେକ୍ଷା ଜଗବନ୍ଧୁ ଦୂରେଇ ରହିବା ଓ ସାବଧାନତା ଅବଲମ୍ବନ କରିବା ଲକ୍ଷ୍ୟ କରାଯାଏ।

ଐତିହାସିକ ବି.ସି. ରାୟଙ୍କର ସମ୍ପୂର୍ଣ୍ଣ ନାମ ଡ. ଭବାନୀ ଚରଣ ରାୟ। ୧୮୦୪ ମସିହା ଯୁଦ୍ଧରେ ବକ୍ସିଙ୍କ ଅନୁପସ୍ଥିତି ସମ୍ବନ୍ଧରେ ଆମେ ତାଙ୍କ ମତ ପଢ଼ିଲେ। ସ୍ପଷ୍ଟ ହେଲା ୧୮୦୪ ଯୁଦ୍ଧରେ ବକ୍ସିଙ୍କର କୌଣସି ଭୂମିକା ନ ଥିଲା। ଡ. ରାୟ ଅନ୍ୟତ୍ର ଲେଖିଛନ୍ତି- ଭାରତର ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ସମସ୍ତେ ସଂଗ୍ରାମୀ ଥିଲେ। ବୀର ଥିଲେ, ମାତ୍ର ସ୍ୱାଧୀନତା ସଂଗ୍ରାମୀ ନ ଥିଲେ। ୟେ ଏପରି ଏକ ଗୋଳମାଳିଆ ଉପସ୍ଥାପନା ଯେ ଆମେ ଆମ ବିଚାରବୋଧରେ ବୁଝିପାରୁନୁ। ବୁଝିପାରୁନୁ କି ବୁଝାପଡୁନି ତାହା ବି ଆମକୁ ସଂକ୍ରମିତ କରୁଛି। ପୁଣି ସେ ଲେଖିଛନ୍ତି- ୧୮୧୭ ମସିହାରେ ସ୍ୱାଧୀନତା ସଂଗ୍ରାମ ହୋଇଥିଲା। ସ୍ୱାଧୀନତା ସଂଗ୍ରାମ ତ ହେଲା! ପାଇକ ବିଦ୍ରୋହର ସମସ୍ତ ଛାମୁଆ ପାଇକ ବୀର ସ୍ୱାଧୀନତା ସଂଗ୍ରାମୀ କିପରି ନ ଥିଲେ? ପୂର୍ବରୁ ଲେଖିଛନ୍ତି- ଖୋର୍ଦ୍ଧା ରାଜା ଓ ବ୍ରିଟିଶ୍ ସରକାର ମଧ୍ୟରେ ଏଭଳି ଏକ ଜୀବନ-ମରଣ ଯୁଦ୍ଧ (୧୮୦୪ ମସିହା)ରେ ସେନାମୁଖ୍ୟ ଭାବରେ ଜଗବନ୍ଧୁଙ୍କର ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସମୀଚୀନ ଥିଲା। ଏଇଠି ଆମର ବିଚାରବୋଧ ଗୋଳମାଳିଆ ଧରୁଛି। ବ୍ରିଟିଶ୍ ସରକାର ବିରୋଧରେ ପତାକା ଧରି ଜିନ୍ଦାବାଦ ଧ୍ୱନି ଦେବା ଲୋକେ ତ ସ୍ୱାଧୀନତା ସଂଗ୍ରାମୀ, ତେବେ ସେଇ ବ୍ରିଟିଶ୍ ସରକାର ବିରୋଧରେ ଜୟୀ ରାଜଗୁରୁ ଓ ତାଙ୍କ ଡାକରାରେ ଯୁଦ୍ଧରେ ଯୋଗ ଦେଇଥିବା ପାଇକ ବୀରମାନେ କିପରି ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି? ଜୀବନ-ମରଣ ଯୁଦ୍ଧରେ ଯେଉଁ ପାଇକ ବୀରମାନେ ଜୀବନକୁ ବାଜି ଲଗେଇ ୧୮୦୪ ମସିହାରେ ଲଢ଼ିଥିଲେ ସେମାନେ କେମିତି ସ୍ୱାଧୀନତା ସଂଗ୍ରାମୀ ହେବେ ନାହିଁ। ସେନାପତି ଜୟୀ ରାଜଗୁରୁଙ୍କୁ ସେଇ ବ୍ରିଟିଶ୍ ସରକାର ବିଚାର କରି ଅମାନବିକ ଫାଶୀ ଦେଲେ ସେ କେମିତି ସ୍ୱାଧୀନତା ସଂଗ୍ରାମୀ ହେବେ ନାହିଁ! 'ଭାରତ ଛାଡ଼' ଡାକରାରେ ଯେଉଁମାନେ ଯୋଗଦେଲେ ସେମାନେ ସ୍ୱାଧୀନତା ସଂଗ୍ରାମୀ। ଅଥଚ 'ଓଡ଼ିଶା ଛାଡ଼' ଡାକରାରେ ଯେଉଁ ସେନାପତି ଓ ବୀର ପ୍ରାଣ ଦେଲେ ଦେଶ ପାଇଁ, ଆଉ ଅକର୍ମଣ୍ୟ ହୋଇ ଯେଉଁ ବୀର ପାଇକମାନେ ଜୀବନସାରା ଡହଳ-ବିକଳ ପରିସ୍ଥିତିକୁ ସାମନା କଲେ, ସେମାନେ କେମିତି ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି? ସଂଗ୍ରାମୀ ଥିଲେ, କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ, ଯଦି ଆମେ ଏପରି କହିବା ତେବେ ଜାତୀୟ ସ୍ତରରେ ଆମ ଦାବି ବଳିଷ୍ଠ ହୋଇ ଇତିହାସରେ ସ୍ୱୀକୃତ ହୋଇଥାନ୍ତା କେମିତି!! ଆମ ଇତିହାସରେ ଏଇ ଦୟନୀୟ ବିଚାରଧାରା ଓଡ଼ିଶାର ଗୌରବମୟ ଐତିହ୍ୟକୁ ଅଣଆଡ଼ିଆ କରି ଦେଇଛି। ସିପାହି ବିଦ୍ରୋହରେ ସମସ୍ତେ ସ୍ୱାଧୀନତା ସଂଗ୍ରାମୀ ହେଲେ।


ବକ୍ସିଙ୍କୁ ଦିଆଯାଇଥିବା ରାଜକୀୟ ଚିହ୍ନ।

ଆଉ ଆମ ୨୩ ବର୍ଷର ଯୁଦ୍ଧରେ ଆମେ ଲେଖିଦେଲେ ସଂଗ୍ରାମୀ ଥିଲେ କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ!!

ପୂର୍ବରୁ ଆମେ ଡ. ରାୟଙ୍କର ଏକ ସ୍ୱୀକାରୋକ୍ତି ଲେଖିଥିଲୁ। ତାହା ହେଲା 'ବ୍ରିଟିଶ୍ କିମ୍ବା ଦେଶୀୟ ନଥିପତ୍ରରେ ସେଇ ଯୁଦ୍ଧରେ (୧୮୦୪ ମସିହା) ଲିପ୍ତ ରହିବା କଥାର ଚିହ୍ନବର୍ଣ୍ଣ ନାହିଁ'। ସେଇ ପ୍ରସଙ୍ଗରେ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିଆଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକର ବର୍ଣ୍ଣନାକୁ ଆମେ ଆଲୋଚନା କରୁଅଛୁ। ସରକାରୀ ନଥିପତ୍ରରେ ଏହାର ଚିହ୍ନବର୍ଣ୍ଣ ଅଛି କି ନା! ଯଦି ଅଛି ତେବେ କେମିତି ଅଛି ? ଯାକୁ ଆମେ ତୁଳନା କଲେ ସରକାରୀ ଦସ୍ତାବିଜରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳେ। ନଥିପତ୍ରରୁ ଜଣାଯାଏ ୧୮୦୪ ମସିହା ବେଳେ ବକ୍ସି ଜଗବନ୍ଧୁ ଏକ ସାଧାରଣ ଲୋକ ଥିଲେ। ନିର୍ଦ୍ଦିଷ୍ଟ କେତେକ ପାରିବାରିକ ସମସ୍ୟା ହେତୁ ତାଙ୍କର ପ୍ରକୃତ ସେବା କ୍ଷେତ୍ରରେ ସେ ନ ଥିଲେ। କଟକ ଜିଲାପାଳ ଟ୍ରୋୟାର ରାଜସ୍ୱ-ପରିଷଦ କାର୍ଯ୍ୟକାରୀ ସମ୍ପାଦକ ଜେ.ପି.ୱାର୍ଡ଼ଙ୍କ ନିକଟକୁ ତା ୨୩.୫.୧୮୧୭ ମସିହାରେ ପଠାଇଥିବା ପତ୍ରରେ କିଲ୍ଲା ରୋଡଙ୍ଗ ଏବଂ ଜଗବନ୍ଧୁଙ୍କ ସମ୍ପର୍କରେ ତଥା ସେତେବେଳର ପରିସ୍ଥିତି ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ଆମକୁ ମିଳିଥାଏ। ସେ ଚିଠିରେ ଲେଖିଛନ୍ତି- ହସ୍ତାନ୍ତରିତ ହୋଇଥିବା ଏକ ପ୍ରଗଣାର ଅଂଶ ହେଲା କିଲ୍ଲା ରୋଡଙ୍ଗ। ଏହା ଜଗବନ୍ଧୁଙ୍କ ପୂର୍ବପୁରୁଷଙ୍କର। ଯେଉଁମାନେ କି ଖୋର୍ଦ୍ଧା ରାଜାଙ୍କର ବଂଶାନୁକ୍ରମିକ 'ବକ୍ସି' ଥିଲେ। ପରବର୍ତ୍ତୀ ପ୍ରଗଣା ହସ୍ତାନ୍ତର ସମୟରେ ସେମାନେ ମଧ୍ୟ ଜମିଦାରି ସୂତ୍ରରେ କିଲ୍ଲା ରୋଡଙ୍ଗର ଦଖଲରେ ଥିଲେ। ସେତେବେଳର ଦଖଲଦାର ଥିଲେ ଜଗବନ୍ଧୁଙ୍କର ଦାଦା। ତାଙ୍କ ସହିତ ଜଗବନ୍ଧୁଙ୍କର କଳହର ସୂତ୍ରପାତ ହେବାରୁ ଜଗବନ୍ଧୁ ତାଙ୍କୁ ହତ୍ୟା କରିଥିଲେ ଏବଂ ଦଣ୍ଡରୁ ରକ୍ଷା ପାଇବା ନିମନ୍ତେ ପଳାୟନ କରିଥିଲେ। ଫଳସ୍ୱରୂପ ମୁଁ ମନେକରେ ଉକ୍ତ ସମ୍ପତ୍ତି ସରକାରୀ ଦଖଲକୁ ଫେରି ଆସିଥିଲା। ଏଥିରୁ ସ୍ପଷ୍ଟ ଯେ ଦାଦା-ପୁତୁରାଙ୍କ କଳହ, ଦାଦାଙ୍କୁ ହତ୍ୟା ଏବଂ ଦୃଶ୍ୟପଟରୁ ଜଗବନ୍ଧୁଙ୍କର ଅନ୍ତର୍ଦ୍ଧାନ ରୋଡଙ୍ଗ ସମ୍ପତ୍ତି ଦଖଲ ନିମନ୍ତେ ସେ ସମୟର ଶାସକ ଅର୍ଥାତ୍ ମରହଟ୍ଟାମାନଙ୍କୁ ସୁବିଧା ଯୋଗାଇ ଦେଲା। ଏଥିରୁ ଆମେ ଜାଣୁଛେ ମରହଟ୍ଟା ଶାସନ ସମୟରୁ ଜଗବନ୍ଧୁ ସମାଜର ମୁଖ୍ୟ ସ୍ରୋତରେ ନ ଥିଲେ। ସେ ପୁଣି ଲେଖିଛନ୍ତି- ବ୍ରିଟିଶ୍‌ମାନେ ଓଡ଼ିଶା ଦଖଲ କଲାବେଳେ ଜଗବନ୍ଧୁ ସ୍ୱତନ୍ତ୍ର ସମ୍ମାନ ବିନା ଜଣେ ସାଧାରଣ ନାଗରିକ ଥିଲେ। ମାନ୍ୟବର ଗଭର୍ନର ଜେନେରାଲଙ୍କୁ ଆର.ରକ୍ ଓ ଡବ୍ଲ୍ୟୁ ଓରଟନ୍ ସାଲମନ୍ ରାଜସ୍ୱ ପରିଷଦ ତା ୩.୬. ୧୮୧୭ରେ ଜଗବନ୍ଧୁଙ୍କ ବିଷୟରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ କରିଥିବାର ଦେଖାଯାଏ- 'ହତ୍ୟାର ଫଳସ୍ୱରୂପ ମରହଟ୍ଟା ଶାସନ ସମୟରେ ଏକଦା ସେ ପଳାତକ ଘୋଷିତ ହୋଇଥିଲେ। ଯଦି ବା ସେ ଦୋଷୀ ସାବ୍ୟସ୍ତ ହୋଇ ନ ଥିଲେ, ତଥାପି ମରହଟ୍ଟା ଶାସକ ତାଙ୍କୁ ପଳାତକ ଘୋଷଣା କରି ତାଙ୍କର ସମ୍ପତ୍ତି ବାଜ୍ୟାପ୍ତି କରି ଦେଇଥିଲେ। କିଭଳି ପରିସ୍ଥିତିରେ ସେ ପୁଣି ସମାଜକୁ ଫେରିଲେ ଓ କିଲ୍ଲା ରୋଡଙ୍ଗ ଦଖଲ କରି ରହିଲେ ତାହାର ବର୍ଣ୍ଣନା ନାହିଁ। କିନ୍ତୁ ଏହା ମନେ କରାଯାଇପାରେ ଯେ କିଲ୍ଲା ରୋଡଙ୍ଗ ପୁନର୍ଦଖଲ ପରେ ମଧ୍ୟ ସେ ଜଣେ ପଦବୀବିହୀନ, ସାଥୀବିହୀନ ତଥା ଜଣେ ଦାବିଦାରବିହୀନ ବେସରକାରୀ ବ୍ୟକ୍ତି ଥିଲେ। ବାସ୍ତବ କଥା ହେଉଛି ୧୮୦୩ ମସିହାରେ କର୍ନେଲ ହାରକୋର୍ଟ ପୁରୀ ଦଖଲ ଅଭିଯାନ କଲାବେଳେ ବଶ୍ୟତାସ୍ୱୀକାର କରିବା ପାଇଁ ଯେତେଜଣ ବ୍ୟକ୍ତି ଇଚ୍ଛାପ୍ରକାଶ କରିଥିଲେ ସେମାନଙ୍କ ମଧ୍ୟରେ ଜଗବନ୍ଧୁ ଥିଲେ ଅନ୍ୟତମ। ସେ ମଧ୍ୟ ହାରକୋର୍ଟଙ୍କ ଲକ୍ଷ୍ୟ ହାସଲ ନିମନ୍ତେ ସବୁପ୍ରକାର ସହାୟତା ପ୍ରଦାନ କରିଥିଲେ।


କିଲ୍ଲା ରୋଡ଼ଙ୍ଗର ବୈଠକୀ ଘର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନରେ ଦେଖାଇ ନାଗରୀପଣ**
**ରାତିରେ ଶୋଉ ତୁ ଚାକୁଣ୍ଡା ବଣ ।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ଅବୈଧ ସମ୍ପର୍କରେ ଲିପ୍ତ ରହୁଥିବାର ଦେଖିବାକୁ ମିଳିଥାଏ। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ୍ ହେବ ନାହିଁ। ସ୍ୱାମୀକୁ ଉପେକ୍ଷା କରି ବା ଅନ୍ଧାରରେ ରଖି ଗୋପନରେ ପରପୁରୁଷ ପ୍ରତି ମନ ବଳାଉଥିବା ବିଟପୀ ନାରୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦଳ କାଢ଼ିଲା କିଏ**
**କଉ ଖାଇଲା କିଏ ?**

କଷ୍ଟ ସହିବା ଲୋକର ଫଳପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗକରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ସାହାସପୁର ମହାବିଦ୍ୟାଳୟ

## ଅଧ୍ୟାପକଙ୍କ ନାମରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ

ବାଲିଚନ୍ଦ୍ରପୁର,୩୦।୯(ସ୍ୱପ୍ର)

ଯାଜପୁର ଜିଲା ତଥା ବଡଚଣା ବ୍ଲକର ସାହାସପୁର ମହାବିଦ୍ୟାଳୟ ଅଧ୍ୟାପକଙ୍କ ନାମରେ ଛାତ୍ରୀଛାତ୍ର ସଂଗୀନ ଅଭିଯୋଗ କରିଛନ୍ତି। କେତେଜଣ ଅଧ୍ୟାପିକାଅଧ୍ୟାପକ ମହାବିଦ୍ୟାଳୟରେ ଶିକ୍ଷାଦାନ କରିବା ପରିବର୍ତ୍ତେ ନିଜ ସୁବିଧା ହାସଲ ପାଇଁ ଶହଶହ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନରେ ଯୋଗଦେବାକୁ ବାଧ୍ୟ କରୁଥିବା ନେଇ ଛାତ୍ରୀଛାତ୍ରମାନେ ଶନିବାର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ ବେହେରାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି କୌଣସି ଛାତ୍ରୀଛାତ୍ର ଟ୍ୟୁଶନ ନ ହୁଅନ୍ତି, ସେମାନଙ୍କ ପ୍ରାକ୍ଟିକାଲ ମାର୍କ କାଟି ଦିଆଯିବ ବୋଲି ଧମକ ଦିଆଯାଉଥିବା ମଧ୍ୟ ସେମାନେ ପ୍ରକାଶ କରିଛନ୍ତି। ଯଦି ଏହାର କୌଣସି ସ୍ଥାୟୀ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ ବେହେରାଙ୍କୁ ପଚାରିବାରେ, ଅଭିଯୋଗ ହୋଇଛି। ଖୁବ୍ ଶୀଘ୍ର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଛାତ୍ରମାନେ ଅଭିଯୋଗ କରୁଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ) ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦୦,୦୦ ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ ୦% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

## ସଂକ୍ଷେପରେ

### ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ତିର୍ତ୍ତୋଲରେ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୩୦।୯(ଡି.ଏନ.ଏ.): ବିଜେଡି ପକ୍ଷରୁ କୁଜଙ୍ଗଠାରେ ରବିବାର ଅନୁଷ୍ଠିତ ମହିଳା ସମାବେଶକୁ ଯୋଗଦେବାକୁ ଯାଉଥିବା ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ତିର୍ତ୍ତୋଲରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। କଟକ-ପାରାଦୀପ ରାସ୍ତାର ତିର୍ତ୍ତୋଲ ନିକଟ ସାରଳାରୋଡ ଛକଠାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସମର୍ଥକମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହ ରାଜ୍ୟ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ପ୍ରମିଳା ମଲ୍ଲିକ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ନେତାମାନେ ଆସିବା ପୂର୍ବରୁ ତିର୍ତ୍ତୋଲ ବିଜୁ ଜନତା ଦଳ ତରଫରୁ ବହୁ ମହିଳା ଓ କର୍ମୀ ଅପେକ୍ଷା କରି ରହିଥିଲେ। ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲା ପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବୀର ରାୟ, ଲିପାଲି ରାଉଳ, ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶ୍ୱିନୀ ଦାସ, ଗଙ୍ଗାଧର ବିଶ୍ୱାଳ, ସରପଞ୍ଚ ଚିତ୍ତରଞ୍ଜନ ରଥ, କୃଷ୍ଣ ଚନ୍ଦ୍ର ଦାସ, ଯୁବନେତା ତପନ ମହାନ୍ତି, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁବ୍ରତ ଦାଶ, ରମେଶ ଚନ୍ଦ୍ର କୁଅଁର, ଲକ୍ଷ୍ମୀପ୍ରିୟା ବେହେରା, ପ୍ରସନ୍ନ ଦାଶ, ସିର୍ଦ୍ଧାଥ ଶଙ୍କର ରାଉଳ, ବ୍ଲକ ବିଜେଡି ସମ୍ପାଦକ ଅମରଜ୍ୟୋତି ସାହୁ, ଦେବବ୍ରତ ମହାନ୍ତି, ପୂର୍ବତନ ସରପଞ୍ଚ ବୈରାଗୀ ବାରିକଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପରେ ଏକ ଶୋଭାଯାତ୍ରାରେ ବିଜେଡି କର୍ମୀମାନେ ନେତାମାନଙ୍କୁ କୁଜଙ୍ଗ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

### ଟ୍ରେନ୍ ଲାଇନରେ କଟି ଅଜଣା ଯୁବକଙ୍କ ମୃତ୍ୟୁ

ପାରାଦୀପ,୩୦।୯(ସ୍ୱ.ପ୍ର.): ପାରାଦୀପ-କଟକ ଟ୍ରେନ୍ ଲାଇନର ଗୋରେଖନାଥ ଷ୍ଟେଶନ ନିକଟରେ ରବିବାର ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। କୌଣସି କାରଣବଶତଃ ସେ ଟ୍ରେନ୍ ଲାଇନକୁ ଆସିଯିବାରୁ ଟ୍ରେନ୍ ଧକ୍କାରେ ତାଙ୍କ ମୁଣ୍ଡରୁ ଗଣ୍ଡି ଅଲଗା ହୋଇଯାଇଛି। ମୃତକଙ୍କ ବୟସ ପାଖାପାଖି ୪୫ ହେବ ବୋଲି ଅନୁମାନ କରାଯାଉଛି। କଟକ ଜିଆର୍‌ପି ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୫୭/୧୮ ରୁଜୁ ହୋଇଛି।

### ବିଦ୍ୟୁତ୍ ସମସ୍ୟା ସମାଧାନ ଦାବି

ବାଲିକୁଦା,୩୦।୯(ସ୍ୱ.ପ୍ର.): ବାରମ୍ବାର ବିଦ୍ୟୁତ୍ କାଟ ଓ ଲୋ ଭୋଲ୍‌ଟେଜ ଯୋଗୁ ବାଲିକୁଦା ସେସୁ ବିଦ୍ୟୁତ ଉପଖଣ୍ଡ ଅଧୀନରେ ଥିବା ଅଳାଭର, କୁଳିଆଗାଁ ଓ କଣିଆ ଗାଁର ୭୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଏବେ ଅତିଷ୍ଠ ହୋଇପଡିଲେଣି। ଏହି ଉପଭୋକ୍ତାମାନେ ଅଳାଭର ମଇଁଷି ଗୋଠରେ ଗୋଟିଏ ମାତ୍ର ୨୫ କେଭିଏ ଟ୍ରାନ୍‌ଫର୍ମର ଉପରେ ନିର୍ଭରଶୀଳ। ଫଳରେ ବର୍ଷକ ବାର ମାସ ଲୋ ଭୋଲ୍ଟେଜ ସମସ୍ୟା ଲାଗି ରହିଛି। ୨୫ କେଭିଏ ଟ୍ରାନ୍ସଫର୍ମରରୁ ମାତ୍ର ୨୫ରୁ କମ୍ ଗ୍ରାହକ ରହିବା କଥା। ମାତ୍ର ୭୦ ଗ୍ରାହକ ପରେ ପୁଣି ସେସୁ ପକ୍ଷରୁ ନୂତନ ଗ୍ରାହକଙ୍କୁ ସଂଯୋଗ ଦିଆଯାଉଛି। ଅଧିକ ଉପଭୋକ୍ତା ହେତୁ ସମସ୍ତ ଗ୍ରାହକ ଠିକ୍ ଭାବେ ସେବା ପାଇ ପାରୁନାହାନ୍ତି। ତୁରନ୍ତ ଉକ୍ତ ଟ୍ରାନ୍ସଫର୍ମରକୁ ବଦଳାଇ ୬୩ କେଭିଏ କରିବାକୁ ଗ୍ରାହକମାନେ ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟି ନଦେଲେ ଉପଭୋକ୍ତାମାନେ ସେସୁ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ବିଭୁତି ଭୁଷଣ ସ୍ୱାଇଁ, ଚୈତନ୍ୟ ଦାସ, ଋଷି ଦାସ, ଇନ୍ଦ୍ରମଣି ଦାସ, ବଟକୃଷ୍ଣ ଦାସ, ସୁକଦେବ ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବାଲିକୁଦା,୩୦।୯(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରିଲାଏନ୍ସ ଫାଉଣ୍ଡେସନ ଓ ନେହେରୁ ଯୁବକେନ୍ଦ୍ର ସହଯୋଗରେ ଅରିଲୋ ଅଙ୍କୁର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣି ବାରିକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ଯୁବ ନେତା ଅଲେଖ ସ୍ୱାଇଁ, ଜିଲ୍ଲା ସଂଯୋଜକ ପ୍ରଶାନ୍ତ ପଣ୍ଡା, ଗ୍ରାମ୍ୟ ଜଳ ଓ ପରିମଳ ବାଲିକୁଦା ବ୍ଲକ ସଚେତକ ରଞ୍ଜିତ କୁମାର ଦାସ, ସୌଭାଗ୍ୟ ପରିଡା, ପବିତ୍ର ମୋହନ ସୁବୁଦ୍ଧି ଯୋଗଦେଇ ଥିଲେ।

## ■ କୁଜଙ୍ଗରେ ବିଜେଡିର ମହିଳା ସମାବେଶ

# କୁଜଙ୍ଗ-ପାରାଦୀପ ବିକାଶରେ ବାଧକ ଦାମ




କୁଜଙ୍ଗରେ ଅନୁଷ୍ଠିତ ମହିଳା ସମାବେଶରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

କୁଜଙ୍ଗ,୩୦।୯(ସ୍ୱ.ପ୍ର.)

କୁଜଙ୍ଗ-ପାରାଦୀପ ଅଞ୍ଚଳରେ ଯେଭଳି ଭାବେ ଶିଳ୍ପ କାରଖାନାର ବିକାଶ ଘଟିଛି, ସ୍ଥାନୀୟ ଲୋକଙ୍କର ସେଭଳି ବିକାଶ ହୋଇପାରିନାହିଁ। ଏଠାକାର ଲୋକମାନେ ଶିଳ୍ପ ପାଇଁ ସର୍ବସ୍ୱ ହରାଇଥିଲେ ମଧ ପ୍ରତିଦାନରେ କିଛି ପାଇନାହାନ୍ତି, ବରଂ ସେମାନଙ୍କ ସମସ୍ୟା ଦିନକୁ ଦିନ ବଢିଚାଲିଛି। ଏଥିପାଇଁ ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ନେତା ହିଁ ଦାୟୀ। ରବିବାର କୁଜଙ୍ଗରେ ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ବିଶାଳ ମହିଳା ସମାବେଶରେ ଜଗତ୍‌ସିଂହପୁର ଜିଲା ବିଜେଡି ସହପର୍ଯ୍ୟବେକ୍ଷକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏଭଳି ଢଙ୍ଗରେ ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତଙ୍କୁ ସମାଲୋଚନା କରିଛନ୍ତି। ଦାମଙ୍କ ନାଁ ନ ନେଇ ସେ କହିଲେ ଯେ ଜଣେ ଜନପ୍ରତିନିଧି ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ ଓ ଅଞ୍ଚଳର ବିକାଶ ନିମନ୍ତେ ଯେଭଳି ଉଦ୍ୟମ କରିବା କଥା ତାହା ଏଠାରେ କରାଯାଇନାହିଁ। ପ୍ରକାଶ ଯେ, ବିଜେଡିରୁ ଦାମ ବହିଷ୍କାର ହେବା ପରେ ଏହା ଥିଲା କୁଜଙ୍ଗରେ ବିଜେଡିର ପ୍ରଥମ ମହିଳା ସମାବେଶ। ଏଥିରେ ପାରାଦୀପ, କୁଜଙ୍ଗ ଓ ରାହାମା ଅଞ୍ଚଳ ସମେତ ଧୋୟାଞ୍ଚଳରୁ ପ୍ରାୟ ୧୦ ହଜାର ମହିଳା ଯୋଗ ଦେଇଥିଲେ। ଏହାକୁ ପାରାଦୀପ ନିର୍ବାଚନମଣ୍ଡଳୀସ୍ତରୀୟ ସମାବେଶ କୁହାଯାଉଥିଲେ ମଧ ବାସ୍ତବରେ ଯେତେ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ, ଆଗରୁ କୌଣସି ସମାବେଶରେ ଏପରିକି ଦାମଙ୍କ ଦ୍ୱାରା ଆୟୋଜିତ କୌଣସି ସମାବେଶରେ ଏଭଳି ଲୋକ ହୋଇ ନ ଥିଲେ। ସମାବେଶରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ବାଲିକୁଦା ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ଏମ୍‌ପି ଡା. କୁଳମଣି ସାମଲ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରମିଳା ମଲ୍ଲିକ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଜଗତ୍‌ସିଂହପୁର ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, କୁଜଙ୍ଗର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନରେନ୍ଦ୍ର ପରିଡ଼ା, ସଞ୍ଜୟ ବେହେରା, ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ବ୍ୟକ୍ତି ନୁହେଁ, ବରଂ ଦଳ ଶ୍ରେଷ୍ଠ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା କରୁଛନ୍ତି। ତାଙ୍କ ନେତୃତ୍ୱରେ ରାଜ୍ୟର ଦ୍ରୁତ ବିକାଶ ହେଉଛି। ବିଶେଷକରି ମହିଳାମାନଙ୍କ ଉନ୍ନତିକୁ ଅଗ୍ରାଧିକାର ଦିଆଯାଉଛି। ତେଣୁ ଆଗାମୀ ଦିନରେ ନବୀନଙ୍କ ହାତମୁଠା ସୁଦୃଢ଼ କରିବାକୁ ଏହି ନେତାମାନେ ମଞ୍ଚରେ ଆହ୍ୱାନ ଦେଇଥିଲେ। ମାସ ଶେଷ ରବିବାର ବଜାର ବନ୍ଦ ଥିବାରୁ ଜନଗହଳି ସତ୍ତ୍ୱେ ସେଭଳି କୌଣସି ଅସ୍ୱାଭାବିକ ପରିସ୍ଥିତି ଏଠାରେ ସୃଷ୍ଟି ହୋଇ ନ ଥିଲା। ସଭାସ୍ଥଳରେ ମହିଳାମାନଙ୍କ ସଖ୍ୟା ବଢି ଚାଲିଥିବାବେଳେ ଥାନା ଛକ, ତହସିଲ ଛକ, ବ୍ଲକ ଓ ବଜାରର ବିଭିନ୍ନ ସ୍ଥାନରେ ଭିଡ଼ ଜମିଥିଲା। ପୂର୍ବାହ୍ନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜନ ସମୁଦ୍ରରେ ପରିଣତ ହୋଇଥିଲା କୁଜଙ୍ଗ ଅଞ୍ଚଳ। ଏହି ଅବସରରେ କୁଜଙ୍ଗ ଓ ପାରାଦୀପ ବିଜେଡି କର୍ମୀମାନେ ଭୁତମୁଣ୍ଡାଇଠାରେ ତୁରନ୍ତ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା, ପାରାଦୀପକୁ ପୋଲିସ ଜିଲା ମାନ୍ୟତା ଓ କୁଜଙ୍ଗକୁ ପୌରପରିଷଦ ଘୋଷଣା କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ। ମନ୍ତ୍ରୀଙ୍କ ସମେତ ଅନ୍ୟ ନେତୃତ୍ୱମାନେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିବା ସହ ଏହି ଦାବିକୁ ଯଥାର୍ଥ ବୋଲି ସ୍ୱୀକାର କରିବାରୁ ସମାବେଶ ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଥିଲା। ଅନ୍ୟପକ୍ଷରେ ଦଳରୁ ବହିଷ୍କାର ହେବା ପରେ ଦାମଙ୍କ ସମର୍ଥକମାନେ ଜଣଙ୍କ ପରେ ଜଣେ ତାଙ୍କ ଶିବିର ଛାଡି ଚାଲିଛନ୍ତି। ୨ ଦିନ ଧରି ତାଙ୍କର କେତେଜଣ ହାତଗଣତି ସମର୍ଥକ ଏହି ସମାବେଶ ଭଣ୍ଡୁର କରିବେ ବୋଲି ଯୋଜନା କରିଥିବାବେଳେ ତାହା ସଫଳ ହୋଇନାହିଁ। ସମାବେଶରେ କୁଜଙ୍ଗ ବ୍ଲକର ପୂର୍ବତନ ଅଧକ୍ଷ ଆଇନଜୀବୀ ଦିଲୀପ ମହାପାତ୍ର, ପାରାଦୀପର ପୂର୍ବତନ ପୌରାଧକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ ଓ ବହୁ ପୁରାତନ ଦଳୀୟ କର୍ମୀ ଏକାଠି ହୋଇଥିବାରୁ ଦାମଙ୍କୁ ଏହା ହତାଶ କରିଛି। ସଭା ପରେ ସ୍ଥାନୀୟ ବାଗେଇ ପଞ୍ଚାୟତରେ ଦାମଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀମାନେ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ଏନେଇ ଅଭିଯୋଗ ହୋଇଥିଲେ ମଧ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

■ ନବୀନଙ୍କ ହାତମୁଠା ମଜଭୁତ କରିବାକୁ ଆହ୍ୱାନ ଦେଲେ ନେତା

■ ଜନ ସମୁଦ୍ର ପାଲଟିଲା କୁଜଙ୍ଗ, ପୂର୍ବରୁ ହୋଇନି ଏଭଳି ସମାବେଶ

■ ବାଗେଇରେ ଦାମଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ

## ■ ଫୁସ୍‌କି ଗଲା ଦାମଙ୍କ ବାଣ

# କୁଜଙ୍ଗ ସମାବେଶରେ ଯୋଗଦେଲେ ସମର୍ଥକ

ପାରାଦୀପ,୩୦।୯(ସ୍ୱ.ପ୍ର.)

■ ସମାବେଶ ସମ୍ପର୍କରେ ତାଚ୍ଛଲ୍ୟ କରିଥିଲେ ଦାମ

■ ସମସ୍ତ କର୍ମୀ ଅସନ୍ତୁଷ୍ଟ ଥିଲେ

■ ଦାମ-ବିଷ୍ଣୁ କଳି ଯୋଗୁ ଜିଲାରେ ହୋଇନି ବିକାଶ

ପାରାଦୀପ ନିର୍ବାଚନମଣ୍ଡଳୀର ବରିଷ୍ଠ ବିଧାୟକ ତଥା ବିଜେଡିରୁ ବହିଷ୍କୃତ ନେତା ଦାମୋଦର ରାଉତଙ୍କ ବାଣ ଏବେ ଫୁସ୍‌କି ଯାଇଛି। କାରଣ ସବୁବେଳେ ସେ ଗଣମାଧ୍ୟମ ଆଗରେ କହିଥାନ୍ତି, ମୁଁ ହେଉଛି ଲୋକସେବକ, ମୋ ସହିତ ଲୋକ ଅଛନ୍ତି। କିନ୍ତୁ ଦଳରୁ ବହିଷ୍କୃତ ହେବାପରେ ସେ ଦେଉଥିବା ମନ୍ତବ୍ୟ ଓଲଟା ପ୍ରତିଫଳିତ ହେଉଛି। ଏବେ ନିର୍ବାଚନମଣ୍ଡଳୀର ଲୋକ ତାଙ୍କଠାରୁ ଦୂରେଇ ଯାଉଛନ୍ତି। ଯାହା ରବିବାର କୁଜଙ୍ଗର ମହିଳା ସମାବେଶରେ ଦେଖିବାକୁ ମିଳିଛି। ଦାମ ଦଳରୁ ବହିଷ୍କୃତ ହେବାର ୨ଦିନ ପରେ କୁଜଙ୍ଗ ଏବଂ ପାରାଦୀପ ଗସ୍ତ କରିଥିଲେ। ଏହି ସମୟରେ କୁଜଙ୍ଗରେ କିଛି ସମର୍ଥକ ତାଙ୍କୁ ଭେଟିଥିଲେ। କିନ୍ତୁ ପାରାଦୀପର କୌଣସି ଦଳୀୟ କର୍ମୀ, ଅନୁଗତ ଓ ସମର୍ଥକ ତାଙ୍କ ପାଖ ମାଡ଼ି ନ ଥିଲେ। ଗତ ୨୮ ତାରିଖ କଳିଙ୍ଗ ବାଲିଯାତ୍ରା ବୈଠକବେଳେ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଏହାସତ୍ତ୍ୱେ ଦାମବାବୁ କୁଜଙ୍ଗ ମହିଳା ବିଜେଡି ସମାବେଶ ସମ୍ପର୍କରେ ତାଚ୍ଛଲ୍ୟ କରିଥିଲେ। ବିଗତ ଦିନରେ ଦାମ ନିଜ କର୍ମୀଙ୍କୁ ଅପମାନିତ କରିବାଭଳି କଥା କହିବା, କୌଣସି କର୍ମୀଙ୍କ ସୁଖ-ଦୁଃଖରେ ସାମିଲ ନ ହେବା, ବୈଠକ ଓ ସଭାରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିରୋଧୀଦଳ, ତାଙ୍କ କଥାରେ ନ ଥିବା ସଂଗଠନକୁ ଗାଳି କରିବା ଆଦି ଘଟଣାରେ ପ୍ରାୟ ସମସ୍ତେ ଅସନ୍ତୁଷ୍ଟ ଥିଲେ। ସଂଯୋଗବଶତଃ ବିଜେଡି ତାଙ୍କୁ ବହିଷ୍କୃତ କରିବା ପରେ କର୍ମୀମାନେ ଏବେ ଆଶ୍ୱସ୍ଥ ହେବାସହ ଦଳ ସହ ରହିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏବେ ସେହି ଦାମବାବୁ ହାତଗଣତି କର୍ମୀଙ୍କ ସହ ଆଲୋଚନା ବେଳେ ଅପେକ୍ଷାକୃତ ନରମ ସ୍ୱରରେ କଥାବାର୍ତ୍ତା କରୁଛନ୍ତି। ଏଥିସହ ତାଙ୍କ ପିଠି ଥାପଡାଉଛନ୍ତି। ଦାମ ଦଳରୁ ବିଦାହେବା ଏବଂ ବରିଷ୍ଠ ନେତା ବିଷ୍ଣୁ ଦାସଙ୍କୁ ଦଳ କୋଣଠେସା କରିବା ପରେ ବିଜେଡିର ସବୁକର୍ମୀ ଆଶ୍ୱସ୍ତ ଅନୁଭବ କଲେଣି। ଜିଲାରେ ଦାମ-ବିଷ୍ଣୁଙ୍କ କଳିଯୋଗୁ ବହୁ ଉନ୍ନୟନ କାର୍ଯ୍ୟ ହୋଇ ପାରିନାହିଁ। ଯେଉଁ ଯୋଜନାରେ କାମ ଏହି ୨ ନେତାଙ୍କ ଅଞ୍ଚଳରେ ହେବାକୁ ଆସେ ସେତେବେଳେ ପ୍ରତିପକ୍ଷ ସରକାରୀ ଅଧିକାରୀଙ୍କ ଜରିଆରେ ବିରୋଧ କରନ୍ତି। ଗତବର୍ଷ ରାଜ୍ୟର ଅଧିକାଂଶ ବିଧାୟକ ନୂତନ ଜଳ ପ୍ରକଳ୍ପ ବାବଦରେ ପ୍ରାୟ ୨୦୦କୋଟି ଟଙ୍କାର କାମ ନିଜ ଅଞ୍ଚଳକୁ ନେଇଛନ୍ତି। ଜଗତ୍‌ସିଂହପୁର ଜିଲାର ଏହି ୨ ବରିଷ୍ଠ ନେତା ନିଜ ଭିତରେ କଳିରେ ବ୍ୟସ୍ତ ରହିବା ଯୋଗୁ ସେପରି ବଡ଼ ଯୋଜନା ଅଞ୍ଚଳକୁ ଆସି ପାରିନାହିଁ ବୋଲି ଜଣେ କର୍ମୀ ସମାବେଶରେ ଖୋଲାଖୋଲିଭାବେ ପ୍ରକାଶ କରିଥିଲେ। ଏମିତି ୪୪ ବର୍ଷର ନେତା ଦାମ ବାବୁ ୭ଥର ବିଧାୟକ ଓ ୫ଥର ମନ୍ତ୍ରୀ ହୋଇଥିଲେ ମଧ ତାଙ୍କ ନିର୍ବାଚନମଣ୍ଡଳୀରେ ସେଭଳି କୌଣସି ପ୍ରକଳ୍ପ କରିଥିବା ଦୃଷ୍ଟାନ୍ତ ନାହିଁ। ଶିଳ୍ପାଞ୍ଚଳରେ ଶ୍ରମିକ ସମସ୍ୟା ହେଲେ କିମ୍ବା ବେକାର ଦୂରୀକରଣ କ୍ଷେତ୍ରରେ ତାଙ୍କ ଉଦ୍ୟମ ଶୂନ ରହିଛି। କୁଜଙ୍ଗ ସମାବେଶରେ ସର୍ବାଧିକ ଲୋକ ଯୋଗଦେବା ଦାମଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମାବେଶରେ ଯେଉଁ ଲୋକମାନେ ଥିଲେ ସେଥିରେ ପାରାଦୀପ ପୌରାଞ୍ଚଳର ୨ରୁ ୩ ହଜାର ଲୋକ ଥିବାବେଳେ ତିର୍ତ୍ତୋଲ ଅଞ୍ଚଳରୁ ହଜାରରୁ ଅଧିକ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଯେଉଁସବୁ ଦାମ ବିରୋଧୀ ଓ ସ୍ୱାଧୀନ ଅବତୀର୍ଣ୍ଣ ଥିଲେ ସେମାନେ କୁଜଙ୍ଗ ସମାବେଶରେ ଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ଦାମ ବାବୁଙ୍କ ଟିକେଟ ବଣ୍ଟନ ଭୁଲ ନୀତି ଯୋଗୁ ଦଳରେ ଅସନ୍ତୁଷ୍ଟ କର୍ମୀଙ୍କ ସଂଖ୍ୟା ବଢ଼ିଥିଲା। ସେହି କାରଣ ପାଇଁ ୨ଟି ଜିଲା ପରିଷଦ ବିଜେଡି ହାତରୁ ଖସି ଭାଜପା ଖାତାକୁ ଚାଲିଯାଇଛି।



ତାରପୁର ବାଇପାଶଠାରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଜେଡିର ହତାଶା ପଦାରେ ପଡିଛି: ଭାଜପା

କୁଜଙ୍ଗ,୩୦।୯(ସ୍ୱ.ପ୍ର.)

କୁଜଙ୍ଗରେ ରବିବାର ମହିଳା ସମାବେଶ କରି ବିଜୁ ଜନତା ଦଳ ଏକ ପ୍ରକାର ଶକ୍ତି ପ୍ରଦର୍ଶନ କରିଥିବାବେଳେ ଏହାକୁ ନେଇ ବିରୋଧୀ ମୁହଁ ଖୋଲିଛନ୍ତି। ଏହି ସମ୍ପର୍କରେ ଭାଜପା ଯୁବମୋର୍ଚ୍ଚାର ଜିଲା ସଭାପତି ସମ୍ପଦ ସ୍ୱାଇଁ କହିଛନ୍ତି ଯେ ଖୋଦ୍ ଦଳର ମନ୍ତ୍ରୀ ପ୍ରତାପ ଜେନା ସମାବେଶରେ ସ୍ୱୀକାର କରିଛନ୍ତି ପାରାଦୀପରେ ସେପରି ଆଖିଦୃଶିଆ ଉନ୍ନତି ହୋଇନାହିଁ। ଯଦି ପାରାଦୀପକୁ ଓଡିଶାର ମୁଖଶାଳା କୁହାଯାଉଛି ଓ ଦଳର ତତ୍କାଳୀନ ନେତା ଡା. ଦାମୋଦର ରାଉତ ଏହି ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଛନ୍ତି, ତେବେ ୧୮ ବର୍ଷ ହେଲା ଏଠାରେ ବିକାଶ କାହିଁକି ହୋଇନି। ଏ ନେଇ ୧୮ ବର୍ଷ ହେଲା ବିଜେଡି ନେତାମାନେ କ'ଣ କରୁଥିଲେ। ଏହି ମର୍ମରେ ସ୍ୱାଇଁ କହିଛନ୍ତି ଗତ ନିର୍ବାଚନରେ ପରାଦୀପରେ ୨ଟି ଜିଲା ପରିଷଦ ସଭ୍ୟ ପଦ ହାସଲ କରିବା ସହ ଭାଜପାର ତା'ର ଭୋଟ ହାର ବଢାଇଛି। ଏହାକୁ ନେଇ ବିଜେଡିର ହତାଶା ଭାବ ବଢିଛି। ଫଳରେ ନିର୍ବାଚନ ପୂର୍ବରୁ ପାରାଦୀପରେ ନିର୍ବାଚନ ରଡ୍ଡୁ ସୃଷ୍ଟି କରି ଦଳ ତାର ଶାସନ କଳକୁ ବିନିଯୋଗକରି ବିଭିନ୍ନ ମହିଳା ସଂଗଠନକୁ ପ୍ରଲୋଭିତ କରି ଏହି ସଭାକୁ ଆଣିଥିଲା। ଏପରିକି ତିର୍ତ୍ତୋଲ, ଏରସମା ଓ କେନ୍ଦ୍ରାପଡା ଜିଲାରୁ ମଧ ଦଳ ତାର କଳବଳ ଖଟାଇ ଏହି ସମାବେଶ ପାଇଁ ଲୋକ ଯୋଗାଡ କରିଥିଲା। କେବଳ ବସ୍‌ଙ୍କୁ ଖୁସି କରିବା ଓ ଦଳର ପ୍ରକୃତ ଗୁମର ଖୋଲୁଥିବା କୁହାଳିଆ ନେତାଙ୍କୁ ରୋକ ଦେବା ଏହାର ମୂଳ ଉଦେଶ୍ୟ ବୋଲି ସେ କହିଛନ୍ତି।

# ରାଜ୍ୟ ସରକାରଙ୍କ ସଫଳତା ଲୋକଙ୍କୁ ଜଣାଅ

## ଜଗତ୍‌ସିଂହପୁର ମହିଳା ସମାବେଶରେ ନେତାଙ୍କ ଆହ୍ୱାନ

ଜଗତ୍‌ସିଂହପୁର ଅଫିସ, ୩୦।୯

ରବିବାର ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ କୁଜଙ୍ଗ ଓ ଜଗତ୍‌ସିଂହପୁରରେ ପୃଥକ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ଦଳ ପକ୍ଷରୁ ଗୋଟିଏ ଦିନରେ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ସମାବେଶ ହେବାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କୁଜଙ୍ଗ ସମାବେଶକୁ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସଙ୍କୁ ଡକାଯାଇ ନ ଥିବାରୁ ଏଭଳି ୨ଟି ସମାବେଶ ହୋଇଥିବା ସାଧାରଣରେ ଆଲୋଚନା ଚାଲିଛି। ତେବେ ଜଗତ୍‌ସିଂହପୁର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ତଥା ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ଏଥିରେ ନେତାମାନେ ଆହ୍ୱାନ ଦେଇଥିଲେ। କିନ୍ତୁ କୁଜଙ୍ଗ ସମାବେଶକୁ ଦାସଙ୍କୁ କାହିଁକି ଡକାଗଲା ନାହିଁ ସେ ଉପରେ କେହି ପଦଟିଏ ମଧ କହିଲେ ନାହିଁ।

ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ୍ ୧ ସଭ୍ୟା ମଞ୍ଜୁ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଦାସ ଯୋଗ ଦେଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟର ଯଥେଷ୍ଟ ବିଳମ୍ବରେ ପହଞ୍ଚିଥିଲେ। ଯେହେତୁ ମୁଖ୍ୟମନ୍ତ୍ରୀଙ୍କ ସହ ସେ ଏକ ବୈଠକରେ ଯୋଗ ଦେଇଥିଲେ ତେଣୁ ଆସିବାରେ ବିଳମ୍ବ ହେଉଥିବା କୁହାଯାଇଥିଲେ ସୁଦ୍ଧା ଦଳୀୟ ନେତା ଓ କର୍ମୀଙ୍କ ମନରେ ସେତେଟା ହରଶ ଦେଖିବାକୁ ମିଳି ନ ଥିଲା। ତେବେ ଧାର୍ଯ୍ୟ ସମୟ ଅନୁସାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ନେତ୍ରୀ ଓ ନେତାମାନେ ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ତୁତି ଗାନ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ମହିଳା ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ କିଛି କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ମହିଳାମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିଛି। ଏଥିସହ ମହିଳାଙ୍କୁ ସ୍ୱାସ୍ଥ୍ୟବୀମା, ଖାଦ୍ୟ ସୁରକ୍ଷା ଆଇନରେ ପରିସରଭୁକ୍ତ କରାଯାଉଛି। ତେଣୁ ସରକାରଙ୍କ ଏହି ସଫଳ ଯୋଜନାଗୁଡିକ ସମ୍ପର୍କରେ ବହୁ ସଂଖ୍ୟକ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟଅତିଥି ଦାସ କହିଥିଲେ, ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଗାଁ ଗାଁରେ ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ସମାବେଶରେ ଦଳ ରାଜ୍ୟ ସମ୍ପାଦିକା କନକପ୍ରଭା ଲେଙ୍କା, ବିଜେଡି ରାଜ୍ୟ ପରିଷଦ ସଭ୍ୟା ଏଲିନା ଦାସ, ବିଜୁ ମହିଳା ଜନତା ଦଳ ରାଜ୍ୟ ସମ୍ପାଦିକା ମନିତୀ ଦାସ, ଜିଲା ପରିଷଦ ସଭ୍ୟା ବିଳାସିନୀ ଦେବୀ, ବିଜୁ ମହିଳା ଜନତା ଦଳ ଜଗତ୍‌ସିଂହପୁର ବ୍ଲକ ସଭାପତି କିରଣବାଳା ସାସମଲ, ନାରୀ ନେତ୍ରୀ ଅଞ୍ଜନା ସାହୁ, ରାଜ୍ୟ ପର୍ଯ୍ୟବେକ୍ଷକ ସ୍ମିତା ମୁଳିଆ, ସୁରେଖା ମାଝୀ ଓ ପ୍ରକାଶ ଦାଶ, ପୂର୍ବତନ ଜିଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ଉପାଧକ୍ଷ ପ୍ରସନ୍ନ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ସଭାପତି ମନୋଜ ଭୋଇ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ, ଜିଲା ବିଜେଡି ଉପସଭାପତି ଦୀପ୍ତି ଦାସ, ଜିଲା ପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ।




ଜଗତ୍‌ସିଂହପୁରରେ ଅନୁଷ୍ଠିତ ମହିଳା ସମାବେଶରେ ଉପସ୍ଥିତ ଜିଲା ବିଜେଡି ସଭାପତି ବିଷ୍ଣୁଚରଣ ଦାସ ଓ ଅନ୍ୟ ଅତିଥି।



ସମାବେଶରେ ଉପସ୍ଥିତ ମହିଳା।

DSPL-177



ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ରକ୍ତଦାନ କ୍ଷେତ୍ରରେ ସହଯୋଗ କରୁଥିବା ଅନୁଷ୍ଠାନମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।

ରକ୍ତଦାନ ମହାପୁଣ୍ୟ । ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା ଅନେକ ଜୀବନ ବଂଚାଯାଇପାରୁଛି ।

ଆସନ୍ତୁ, ଆଜିର ଏହି ଦିବସରେ ଆମେ ସମସ୍ତେ ସଂକଳ୍ପ ନେବା, ସ୍ୱେଚ୍ଛାକୃତ ଭାବେ ନିୟମିତ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଂଚାଇବା ସହିତ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10080/13/0007/1819

DSPL-177



ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ ବାର୍ତ୍ତା

ଅକ୍ଟୋବର ପହିଲା, **'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ'** ଅବସରରେ ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ରକ୍ତ ସଂଗ୍ରହଣ ସଂପୃକ୍ତ ଅନୁଷ୍ଠାନମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରକ୍ତଦାନ ଏକ ପୁଣ୍ୟ କାର୍ଯ୍ୟ ଏବଂ ଏହାଦ୍ୱାରା ଜୀବନରକ୍ଷା ହୋଇଥାଏ । ରକ୍ତର କୌଣସି ବିକଳ୍ପ ନଥିବାରୁ ଏହା କେବଳ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ସଂଗୃହୀତ ହୋଇଥାଏ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ରକ୍ତରୁ ୭୦ ପ୍ରତିଶତ ରକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ସଂଗୃହୀତ ହୋଇଥାଏ । ୧୮ ବର୍ଷରୁ ୬୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ସୁସ୍ଥ ମଣିଷ ରକ୍ତଦାନ କରିପାରିବେ । ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନ ରକ୍ଷା କରିବା ଏକ ମହାନ କର୍ତ୍ତବ୍ୟ ।

ଆସନ୍ତୁ, ଆଜିର ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ରକ୍ତଦାନ ମାଧ୍ୟମରେ ବହୁମୂଲ୍ୟ ଜୀବନ ରକ୍ଷା ପରି ମହତ୍ କାର୍ଯ୍ୟରେ ଭାଗୀଦାର ହେବାକୁ ସମସ୍ତେ ସଂକଳ୍ପ ନେବା ।

(ପ୍ରତାପ ଜେନା)
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ
ସୂଚନା ଓ ଲୋକ ସଂପର୍କ, ଓଡ଼ିଶା

10080/13/0007/1819



“ଦାନ କରିସାରି ବାକି ଯେତକ ରହିଲା ସେତକ ଖାଇଲେ ଜାଣ ଅମୃତ ପାଇଲା।

- ବିନୋବା ଭାବେ

# ସମ୍ପ୍ରସାରଣ ହେଉଛି ଜିନ୍ଦଲ ଷ୍ଟେନଲେସ ଷ୍ଟିଲ

**ଯାଜପୁର ଅଫିସ,୩୦।୯**

- ଅସଂଶୋଧିତ କଳଙ୍କିବିହୀନ ଇସ୍ପାତ ବାର୍ଷିକ ୦.୮ରୁ ୨.୨ ମିଲିୟନ ଟନ
- ବାର୍ଷିକ ୦.୮ରୁ ୧.୬ ମିଲିୟନ ଟନ୍ ସିଆରଏମ ଉତ୍ପାଦନ ହେବ
- ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୭,୮୩୦ ଜଣ ପାଇବେ ନିଯୁକ୍ତି

କଳିଙ୍ଗନଗରରେ ଗତ ବର୍ଷକ ମଧ୍ୟରେ ୨୮ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଛଟେଇ ହୋଇ ସାରିଛନ୍ତି। ଲାଭରେ ହ୍ରାସ ଘଟୁଥିବାରୁ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ି ଚାଲିଥିବା ବେଳେ ଏହାର ସୁଦୂର ପ୍ରଭାବ ଷ୍ଟିଲ ସିଟି କଳିଙ୍ଗନଗରରେ ଅନୁଭୂତ ହୋଇସାରିଛି। ଏହିକ୍ରମରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ(ଜେଏସଏଲ)ର ଅସଂଶୋଧିତ କଳଙ୍କିବିହୀନ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୦.୮ ମିଲିୟନ ଟନରୁ ୨.୨ ମିଲିୟନ ଟନ ଓ କୋଲ୍ଡ ରୋଲିଂ ମିଲ (ସିଆରଏମ) ବାର୍ଷିକ ୦.୮ ମିଲିୟନ ଟନରୁ ୧.୬ ମିଲିୟନ ଟନ ସଂପ୍ରସାରଣ ପ୍ରସ୍ତାବ ରହିଛି। ଏଥିପାଇଁ ୧,୬୮୪କୋଟି ଟଙ୍କା ବିନିଯୋଗ ହେବ। ପରିବେଶୀୟ ମଞ୍ଜୁରୀପ୍ରାପ୍ତ ସମୟଠାରୁ ୩ବର୍ଷ ମଧ୍ୟରେ ପ୍ରକଳ୍ପ ସଂପ୍ରସାରଣ ସମ୍ପୂର୍ଣ୍ଣ ହେବ। ନିର୍ମାଣ ଅବଧିରେ ସର୍ବାଧିକ ଭାବେ ୧୬୦୦ ଶ୍ରମିକ ନିଯୁକ୍ତି ପାଇବେ। କାରଖାନାର ସଂପ୍ରସାରଣ ପରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ୭,୮୩୦ ଜଣ ନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି। ପୂର୍ବରୁ ଟାଟା ଷ୍ଟିଲ ବାର୍ଷିକ ୩ରୁ ୮ ମିଲିୟନ ଟନ ଉତ୍ପାଦନ ବୃଦ୍ଧି ପ୍ରସ୍ତାବ କଳିଙ୍ଗନଗର ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଶୁଭଙ୍କର ବୋଲି କୁହାଯାଉଛି। ହେଲେ ଜନଶୁଣାଣିରେ ଚିରାଚରିତ ସ୍ଥାନୀୟ ନିଯୁକ୍ତି ଓ ଅଧିକ ପ୍ରଦୂଷଣ ସମସ୍ୟା ପାଇଁ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ସମର୍ଥନ ମିଳିବା ନେଇ ସନ୍ଦେହ ଦେଖାଦେଇଛି।

ଜେଏସଏଲ ୩ଟି ପ୍ରକଳ୍ପରେ ବିଭାଜିତ ହୋଇଛି। ଏଥିରେ ଜିନ୍ଦଲ ୟୁନାଇଟେଡ ଷ୍ଟିଲ ଲିମିଟେଡ, ଜିନ୍ଦଲ କୋକ ଲିମିଟେଡ ଓ ଏହାର ସହକାରୀ ଉତ୍ପାଦନ ପ୍ରକଳ୍ପ ରହିଛି। ଜେଏସଏଲ ସଂପ୍ରସାରଣ ପରେ ସ୍ଲାବ ୨.୨ ମିଲିୟନ ଟନ ଓ କୋଲ୍ଡ ରୋଲ୍ଡ ଉତ୍ପାଦିତ ଦ୍ରବ୍ୟ ୧.୬ ମିଲିୟନ ଟନ ବାର୍ଷିକ ଉତ୍ପାଦନ ହେବ। ଜେଏସଏଲର ସମୁଦାୟ ଭୂମିର ଆୟତନ ହେଉଛି ୬୮୫.୫୨ ଏକର। ଏହି ଜମି ମଧ୍ୟରେ ସଂପ୍ରସାରଣ ପ୍ରସ୍ତାବ ରହିଛି। ଏଥିପାଇଁ ସ୍କ୍ରାପ, ଫେରୋକ୍ରୋମ, ଚୂନ, ଡୋନାମାଇଟ ପ୍ରତିବର୍ଷ ହାରାହାରି ୩.୨୩ ମେଟ୍ରିକ ଟନ ଆବଶ୍ୟକ ରହିଛି। ସ୍କ୍ରାପଗୁଡ଼ିକୁ ବିଦେଶରୁ ଆମଦାନୀ କରାଯିବ। ବାକି କଞ୍ଚାମାଲ ସ୍ୱଦେଶୀ। ଏହା ସହ ଘଣ୍ଟା ପ୍ରତି ୧୦୮୦ ଘନମିଟର ଜଳର ଆବଶ୍ୟକତା ରହିଛି। ଯାହାକି ଜଳ ସମ୍ପଦ ବିଭାଗ ଦ୍ୱାରା ଜେଏସଏଲକୁ ପୂର୍ବରୁ ମଞ୍ଜୁରୀ ପ୍ରଦାନ ହୋଇଥିବା ୧୨୫୦ ଘନମିଟର ମଧ୍ୟରୁ ସଂଗ୍ରହ ହେବ। ପ୍ରତି ଘଣ୍ଟାରେ ୨୩୮୯ ମିଲିୟନ କିଲୋୱାଟ ବିଦ୍ୟୁତ ଶକ୍ତି କୋଇଲା ଆଧାରିତ କେପ୍ଟିଭ (ସ୍ୱଚାଳିତ ବିଦ୍ୟୁତ ଉତ୍ପାଦକ ପ୍ରକଳ୍ପ) ପାୱାର ପ୍ରକଳ୍ପ ଓ ଗ୍ରୀଡରୁ ସଂଗ୍ରହ କରାଯିବ। ବିଭିନ୍ନ ଉତ୍ପାଦନ ପ୍ରକ୍ରିୟାରେ ପ୍ରଶ୍ୱଶନୀୟ ଧୂଳିକଣା, ବାଷ୍ପୀୟ ଜୈବ ଅଙ୍ଗାରକ, ନାଇଟ୍ରୋଜେନ, ସଲଫର ଅମ୍ଳିୟ ଏବଂ ଅଙ୍ଗାରକାମ୍ଳ ପରିବେଶରେ ଉତ୍ପନ୍ନ ହେବ। ଏଗୁଡିକ ଚିମିନି ଦ୍ୱାରା ଖୋଲା ଏବଂ ନିବୁଜ ସ୍ଥାନରୁ ନିର୍ଗତ ହେଉଥିବା ଧୂଳିକଣା ଦ୍ୱାରା ବାୟୁ ମଣ୍ଡଳକୁ ପ୍ରଦୂଷିତ କରିଥାଏ। ସେହିପରି ବିଭିନ୍ନ ପ୍ରକ୍ରିୟାରେ ଭାସମାନ ପଦାର୍ଥ, ତୈଳ ଓ ଗ୍ରୀସ ମିଶ୍ରିତ ବର୍ଜ୍ୟଜଳ ବାହାରିଥାଏ। ଏଥିଯୋଗୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରଣ ଏବଂ ପରିବେଶ ଉପରେ ପ୍ରଭାବ ପଡିବା ନିଶ୍ଚିତ। ନିର୍ମାଣ ଅବଧିରେ ଉତ୍ପନ ହେଉଥିବା ଧ୍ୱନି, କଠିନ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ବର୍ଜ୍ୟ, ଅଦରକାରୀ ବସ୍ତୁ, ବଳକା ହୋଇଥିବା ସିମେଣ୍ଟ, କଂକ୍ରିଟ, ପ୍ୟାକିଂ, ଘରୋଇ ବର୍ଜ୍ୟବସ୍ତୁ ପ୍ରଭାବ ପଡିବ। ପୂର୍ବରୁ କଳିଙ୍ଗନଗରର ପ୍ରାୟ ସମସ୍ତ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଅସନ୍ତୋଷ ଲାଗି ରହିଛି। ଅଭିଜ୍ଞତାକୁ ଆଳ କରି ବାହାର ରାଜ୍ୟର ଲୋକଙ୍କୁ ଅଧିକ ନିଯୁକ୍ତି ମିଳୁଛି। ତେଣୁ ଅଞ୍ଚଳବାସୀ ଆମର ଭିଟାମାଟିରେ ଆଉ କାରଖାନାର ଆବଶ୍ୟକତା ନାହିଁ ବୋଲି ସିଧାସଳଖ ମତପୋଷଣ କରୁଛନ୍ତି। ଏଭଳି ସ୍ଥିତିରେ ଏଏସ୍ଏଲର ସଂପ୍ରସାରଣ ପ୍ରସ୍ତାବ ପାଇଁ ହେବାକୁ ଥିବା ଜନଶୁଣାଣିକୁ ଧୂଳିଗଡ, ସାରଙ୍ଗପୁର, ଡୁବୁରୀ, ଧାପଙ୍କି, କଚେରୀ ଗାଁ, ବାଲୁଙ୍ଗାବନ୍ଧୀ ପ୍ରମୁଖ ଗ୍ରାମବାସୀଙ୍କ ପକ୍ଷରୁ ସମର୍ଥନ ମଳିବା ନେଇ ସନ୍ଦିହାନ ଦେଖା ଦେଇଛି। ଅନ୍ୟପକ୍ଷେ ଜେଏସଏଲ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ନିର୍ବାହୀ ସାରାଂଶରେ ଦର୍ଶାଯାଇଛି ଯେ, ଧୂଳିକଣା ହ୍ରାସ କରିବା ନିମନ୍ତେ ଜଳ ସିଞ୍ଚନର ବ୍ୟବସ୍ଥା କରାଯିବ। ବାୟୁ ରୋଧକ ପରଦା ବ୍ୟବହାର ହେବ। ବ୍ୟକ୍ତିଗତ ସୁରକ୍ଷା ଉପକରଣ କର୍ଣ୍ଣ ପୁଟୁଳି, କର୍ଣ୍ଣ ପଦା ଇତ୍ୟାଦିର ବ୍ୟବସ୍ଥା ରହିଛି। ପ୍ରକଳ୍ପ ମଧ୍ୟରେ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁର ପୃଥକୀକରଣ କରାଯିବ ଏବଂ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀଗୁଡ଼ିକ ବିକ୍ରି କରାଯିବ। କଠିନ ବର୍ଜ୍ୟବସ୍ତୁର ରକ୍ଷଣାବେକ୍ଷଣ ପାଇଁ ଏକ ବାହ୍ୟ ସଂସ୍ଥାକୁ ନିଯୁକ୍ତି ଦିଆଯିବ। ଏହାସହ ସ୍ଥାନୀୟ ନିଯୁକ୍ତି ସହ ଜନସାଧାରଣଙ୍କ ବ୍ୟବସାୟିକ ଏବଂ ଉଦ୍ୟୋଗିକ ପ୍ରଶିକ୍ଷଣ ଦ୍ୱାରା ସେମାନଙ୍କ ଦକ୍ଷତାର ବୃଦ୍ଧି କରାଯିବ। ବାୟୁ ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଏବଂ ଶୂନ୍ୟ ଜଳ ନିର୍ଗମନ ଉପରେ କଡାକଡି ଭାବେ ପଦକ୍ଷେପ ଗ୍ରହଣ କରାଯିବ। ସବୁଜ ବଳୟ ଏବଂ ପାରିପାର୍ଶ୍ୱିକ ସବୁଜିମାର ଉନ୍ନତିକରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

## ସଂକ୍ଷେପରେ

### ୨୦ ଫୁଟର ଅଜଗର ଉଦ୍ଧାର



**ସୁକିନ୍ଦା, ୩୦।୯(ଡି.ଏନ୍.ଏ.):** ସୁକିନ୍ଦା ଥାନା ଅନ୍ତର୍ଗତ ସାମନ୍ତରାୟପୁର ଗ୍ରାମ ନିକଟସ୍ଥ ସୁନାଝରି ପାହାଡ ପାଦଦେଶରୁ ଏକ ୨୦ ଫୁଟର ଅଜଗର ସାପ ଉଦ୍ଧାର କରାଯାଇଛି। ଅଜଗରଟି ଏକ ମାଙ୍କଡ଼କୁ ଗିଳୁଥିବାଦେଖି ଗ୍ରାମବାସୀ ସୁକିନ୍ଦା ଗ୍ରାମର ସ୍ନେକ ହେଲ୍ପଲାଇନର ସୌମ୍ୟଜିତ ବେହୁରାଙ୍କୁ ଖବର ଦେଇଥିଲେ। ଖବର ପାଇ ସୌମ୍ୟଜିତ୍ ସାପକୁ କାବୁ କରି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ଅଧିକାରୀଙ୍କ ସହାୟତାରେ ଅଜଗରକୁ ମହାଗିରି ଜଙ୍ଗଲରେ ଛଡାଯାଇଥିବା ଜଣାପଡିଛି। ପୂର୍ବରୁ ଏକ ଛେଳି ଛୁଆ ଗିଳି ଦେଇଥିବା ଏକ ଅଜଗରକୁ ଗ୍ରାମବାସୀ ଉଦ୍ଧାର କରିଥିଲେ।

### ଡମ୍ଫର ଓଲଟି ଡ୍ରାଇଭର ମୃତ

**ଧର୍ମଶାଳା, ୩୦।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥ ଝାଟିଆପଡା ନିକଟରେ ଏକ ଡମ୍ଫର ସହ ଅନ୍ୟ ଏକ ଡମ୍ଫର ଧକ୍କା ହେବା ଫଳରେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ସୁକିନ୍ଦା ଥାନା ଅନ୍ତର୍ଗତ ଚିତ୍ରିଟିକା ଗ୍ରାମର ରବୀନ୍ଦ୍ର ସାହୁ (୪୫)। ଜେନାପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିବା ସହ ଏକ ମାମଲା (୨୪୩/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ କରୁଛି। ଓଆର୦୯ପି- ୦୬୧୮ନଂ ବିଶିଷ୍ଟ ଡମ୍ଫର ଚଣ୍ଡିଖୋଲରୁ ଡୁବୁରୀ ଯାଉଥିଲା। ଏହି ସମୟରେ ବିପରୀତ ଦିଗରେ ଆସୁଥିବା ଓଆର ୧୫-କ୍ୟୁ-୭୫୭୪ ନମ୍ବର ବିଶିଷ୍ଟ ଡମ୍ଫର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଡମ୍ଫରଟି ଝାଟିଆପଡା ନିକଟସ୍ଥ ଏକ ପୋଲତଳକୁ ଓଲଟି ପଡିଥିଲା।

### ତହସିଲ ପକ୍ଷରୁ ଚଢ଼ାଉ : ୫ ଟ୍ରକ୍ ଜବତ

**ଧର୍ମଶାଳା, ୩୦।୯(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ପକ୍ଷରୁ ରବିବାର ରାହାଡପୁର କଳାପଥର ଖାଦାନ ଉପରେ ଚଡାଉ କରାଯାଇ ବେଆଇନ ଭାବେ ପରିବହନ କରୁଥିବା ୫ ଟ୍ରକ୍‌କୁ ଜବତ କରାଯାଇଛି। ଧର୍ମଶାଳା ତହସିଲ ଭାରପ୍ରାପ୍ତ ଅଧିକାରିଣୀ ଶୀତଲ ଅଗ୍ରୱାଲ ଜେନାପୁର ଥାନା ଅଧିକାରୀ ଶୁସାନ୍ତ ଦାଶ ସହକର୍ମୀଙ୍କ ସହ ରାହାଡପୁର ଖାଦାନରେ ଚଢାଉ କରିଥିଲେ। ଖବର ପାଇ ବେଆଇନଭାବେ ଖନନ କରୁଥିବା ପଥର ମାଫିଆମାନେ ପଳାଇ ଯାଇଥିବା ବେଳେ ପାହଡ଼ରୁ ପଥର ନେଇ ଆସୁଥବା ଟ୍ରକ୍‌ଗୁଡିକୁ ଜବତ କରାଯାଇ ଚଢେଇଧରା ଫାଣ୍ଡିରେ ଅଟକ ରଖାଯାଇଛି। ଜବତ ଗାଡିମାଲିକଙ୍କଠାରୁ ୩ ଲକ୍ଷ ଟଙ୍କା ଅଧିକ ଜୋରିମାନା ଆଦାୟ ହେବ ବୋଲି ତହସିଲଦାର ଅଗ୍ରୱାଲ ସୂଚନା ଦେଇଛନ୍ତି।

### ଖବରଦାତା ପିନ୍ଧିଲେ କଳାବ୍ୟାଜ୍

**ସୁକିନ୍ଦା, ୩୦।୯(ଡି.ଏନ୍.ଏ.):** ରାଜ୍ୟର ବିଭିନ୍ନ କୋଣଅନୁକୋଣରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ବଢି ଚାଲିଥିବା ଆକ୍ରମଣକୁ ବିରୋଧକରି ରବିବାର ସୁକିନ୍ଦା ପ୍ରେସ୍ କ୍ଲବ ପକ୍ଷରୁ କଳାବ୍ୟାଜ୍ ପରିଧାନ କରାଯାଇଛି। ସୁକିନ୍ଦା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ବୈଠକରେ ଖବରଦାତାଙ୍କ ଉପରେ ବଢ଼ି ଚାଲିଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଥିଲା। ସୁକିନ୍ଦା ପ୍ରେସ୍ କ୍ଲବ ସଭାପତି ବିଶ୍ୱଜିତ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସୋରେ କାର୍ଯ୍ୟରତ ଖବରଦାତା ପ୍ରମୋଦ ଦାସ, ବାଲିଆପାଳରେ କେତେକ ମାଫିଆଙ୍କ ଖଣ୍ଡା ଚୋଟରେ କୃଷ୍ଣଚନ୍ଦ୍ର ସାହୁ ଓ ପୁରୀରେ ଚିତ୍ତରଞ୍ଜନ ମହାନ୍ତି ଓ ନିରଞ୍ଜନ ପୋଲିସର ଲାଠି ମାଡ଼ରେ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ରାଜ୍ୟରେ ଖବରଦାତା ସମ୍ପୂର୍ଣ୍ଣଭାବେ ଅସୁରକ୍ଷିତ ଥିବା ସୂଚାଇ ଦେଉଛି ବୋଲି ସଭାପତି ନାୟକ କହିଥିଲେ। ଏହି ଘଟଣାକୁ ସୁକିନ୍ଦା ପ୍ରେସ୍ କ୍ଲବ ପକ୍ଷରୁ ନିନ୍ଦା କରାଯିବା ସହିତ ଖବରଦାତାଙ୍କ ସୁରକ୍ଷା ଆଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ଉପସଭାପତି ବିମଳେନ୍ଦୁ ବେହୁରା, ଅସିତ ମହାନ୍ତ, ଅରୁଣ ଚକ୍ରବର୍ତ୍ତୀ, ନିହାର ରଞ୍ଜନ ପାତ୍ର, ଲମ୍ବୋଦର ବେହେରା, କୈଳାଶ ନାୟକ, ମନୋଜ ନାୟକ, ସେଖ୍ ଜହୁର, ରୋହିତ ଖୁଣ୍ଟିଆ, ସୌମ୍ୟରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭିସାଷ୍ଟିଲ କାରଖାନାରେ ଶ୍ରମିକ ଗୁରୁତର

**କଳିଙ୍ଗନଗର, ୩୦।୯(ଡି.ଏନ୍.ଏ.)**

ଜଖପୁରା ଥାନା ଅନ୍ତର୍ଗତ ଭିସାଷ୍ଟିଲ କାରଖାନାରେ ରବିବାର ଦୁର୍ଘଟଣା ଜଣେ ଠିକାଶ୍ରମିକ ଗୁରୁତର ଆହତ ହୋଇଛି। ଆହତ ଠିକା ଶ୍ରମିକ ଜଣଙ୍କ ଯାଜପୁର ରୋଡ ଥାନା ଅନ୍ତର୍ଗତ ନେଳିବାଡ଼ି ଗ୍ରାମର ଜଗନ୍ନାଥ ଦଳେଇ (୩୨)। ଜଗନ୍ନାଥ ଭିସା କାରଖାନାର ଡ଼ିଆର୍‌ଆଇ ସାଇଡ୍‌ରେ ଏ ସିଫ୍ଟରେ କାମ କରୁଥିଲେ। କାରଖାନାର କନଭେୟର ବେଲ୍ଟ ବନ୍ଦ ଥିବାବେଳେ ଜଗନ୍ନାଥ ଉକ୍ତ ବେଲ୍ଟ ଲାଇନ ଉପରେ ବସିଥିଲେ। ଏହି ସମୟରେ ହଠାତ୍ ବେଲ୍ଟଲାଇନ୍‌ଟି ଚାଲୁ ହେବାରୁ ଜଗନ୍ନାଥ ବେଲ୍ଟଲାଇନରେ ଚାପିହୋଇ ତଳେ ପଡିଯାଇଥିଲେ। ଖବର ପାଇ କାରଖାନା କର୍ତ୍ତୃପକ୍ଷ ଅଚେତ ଅବସ୍ଥାରେ ଜଗନ୍ନାଥଙ୍କୁ ପ୍ରଥମେ ମେଡ଼ିକା ହସ୍ପିଟାଲକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଶ୍ୱିନୀ ହସପିଟାଲକୁ ପଠାଇ ଦିଆଯାଇଛି। ଏ.କେ. ପହି ଠିକାଦାର ଶ୍ରମିକମାନଙ୍କୁ ବିନା ସୁରକ୍ଷାରେ କାର୍ଯ୍ୟରେ ନିୟୋଜିତ କରୁଥିବାରୁ ଠିକା ସଂସ୍ଥା ପୂର୍ଣ୍ଣମାତ୍ରାରେ ଦାୟି ବୋଲି ଅଭିଯୋଗ କରିଛନ୍ତି। ଜଗନ୍ନାଥ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଜଗନ୍ନାଥଙ୍କୁ ଉପଯୁକ୍ତ ଚିକିତ୍ସା ଓ ଉଚିତ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

## ନକଲି ସିମେଣ୍ଟ କାରଖାନାରେ ଚଢ଼ାଉ ଘଟଣା

# ମାଲିକଙ୍କ ସମେତ ୩ କୋର୍ଟ ଚାଲାଣ

**ବିଞ୍ଝାରପୁର,୩୦।୯(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ପୋଖରୀ ଛକଠାରେ ଶନିବାର ପୋଲିସ ଏକ ନକଲି ସିମେଣ୍ଟ ଗୋଦାମ ଉପରେ ଚଡାଉ କରି ମାଲିକ ସମେତ ୨ କର୍ମଚାରୀଙ୍କୁ ଗିରଫ କରିଥିଲା। ସିମେଣ୍ଟ କାରଖାନା ମାଲିକ ରାଜୀବ ଲୋଚନ ସାହୁ, କର୍ମଚାରୀ ପରିକ୍ଷିତ ଯେନା ଓ ରଞ୍ଜନ ଗୁରୁଙ୍କୁ ପୋଲିସ ରବିବାର କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡି ଜେଲକୁ ପଠାଇ ଦିଆଯାଇଥିବା ଜଣାପଡିଛି। ବିଞ୍ଝାରପୁର ଥାନାରେ ଏ ନେଇ ଏକ ମାମଲା (ନଂ ୨୩୪/୧୮) ରୁଜୁ ହୋଇଛି।

ବିଞ୍ଝାରପୁର ପୋଲିସ ଶନିବାର ଏହି ନକଲି କାରଖାନା ଉପରେ ଚଢାଉ କରି ୭୮୬ ଶହରୁ ଊର୍ଦ୍ଧ୍ୱ ବସ୍ତା ସିମେଣ୍ଟ ଜବତ କରିଥିବା ବେଳେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଅଖା, ନମ୍‌ବ୍ରେଡ ସିମେଣ୍ଟ ଓ ଅନ୍ୟାନ୍ୟ ଜିନିଷ ଜବତ କରିଥିବା ଜଣାପଡିଛି। ତେବେ ଏହି ଘଟଣାରେ ଜଣେ ଠିକାଦାରଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ଜଣେ ଠିକାଦାର ପ୍ରଥମେ ଏହି ବ୍ୟବସାୟ ଆରମ୍ଭ କରିଥିବା ବେଳେ ରାଜୀବ ଲୋଚନ ସାହୁ ତାଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। କିଛିବର୍ଷ ହେଲା ରାଜୀବ ସମ୍ପୃକ୍ତ ଠିକାଦାରଙ୍କଠାରୁ ଅଲଗା ଭାବେ ଏହି ନକଲି ସିମେଣ୍ଟ କାରଖାନା ଚଳାଉଥିଲେ। ଅନ୍ୟପକ୍ଷରେ ଏହି ଥାନାର ପୂର୍ବତନ ଥାନାଧିକାରୀଙ୍କ ସୁରକ୍ଷାରେ ଏଭଳି ବେଆଇନ ସିମେଣ୍ଟ କାରଖାନା ଚାଲୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୂର୍ବରୁ ଜଣେ ଥାନାଧିକାରୀ ଏହି ନକଲି ସିମେଣ୍ଟ କାରଖାନାରୁ ମୋଟା ଅଙ୍କର ବଟି ନେଇ ସମ୍ପୃକ୍ତ ସିମେଣ୍ଟ ଗୋଦାମ ମାଲିକଙ୍କୁ ସୁରକ୍ଷା ଦେଇଆସୁଥିଲେ। ଏହି ଅଭିଯୋଗ ଉପରେ ଅଧିକ ତଦନ୍ତ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ରବିବାର ପୂର୍ବାହ୍ନରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ସାଇଣ୍ଟିଫିକ୍ ବିଶେଷଜ୍ଞ ବିଞ୍ଝାରପୁର ଥାନାରେ ପହଞ୍ଚି ଥାନାଧିକାରୀ ଦାସଙ୍କ ସହିତ ପୋଖରି ଛକଠାରେ ଥିବା ନକଲି ସିମେଣ୍ଟ କାରଖାନାରେ ପହଞ୍ଚି ନମୂନା ନେଇ ବିଜ୍ଞାନଗାରାକୁ ପରୀକ୍ଷା ପାଇଁ ପଠାଯାଇଥିବା ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ତେବେ ଏହି ଘଟଣାର ମାଷ୍ଟରମାଇଣ୍ଡ ତଲାସରେ ପୋଲିସ ଥିବା କହିଛି।



ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

**ମାଷ୍ଟରମାଇଣ୍ଡ ତଲାସରେ ପୋଲିସ**

## ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ମହିଳା ସମାବେଶ

# କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା

**ବିରଜାକ୍ଷେତ୍ର,୩୦।୯(ଡି.ଏନ୍.ଏ)**

ବିଜୁ ମହିଳା ଜନତା ଦଳ ଯାଜପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ବିଶାଳ ମହିଳା ସମାବେଶକୁ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କର ଜନହିତକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହିତ କରିବା ସହିତ ମହିଳାଙ୍କ ଶକ୍ତିକୁ ନେଇ ବିଜେଡ଼ି ନିର୍ବାଚନ ଲଢ଼ିବ ବୋଲି ଦାସ ପ୍ରକାଶ ଦେଇଥିଲେ। କେନ୍ଦ୍ର ସରକାର ବାହାସ୍ଫୋଟ କଥା କହୁଥିବା ପ୍ରକାଶ କର କଡ଼ା ସମାଲୋଚନା କରିଥିଲେ। ମହିଳା ରାଜ୍ୟ ଉପସଭାପତି ସଂଯୁକ୍ତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ରୀତା ତରାଇ ଯୋଗଦେଇ ନାରୀ ହେଉଛନ୍ତି ସମାଜ, ପରିବାର ଓ ଦେଶର ଅବିଚ୍ଛେଦ୍ୟ ଅଂଗ। ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ୫୦ଲକ୍ଷ ମହିଳାଙ୍କୁ ମିଶନ ଶକ୍ତି ଦ୍ୱାରା ଉପକୃତ କରିପାରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୩୦ଲକ୍ଷ ମା'ମାନେ ଉପକୃତ ହେଉଥିବା ପ୍ରକାଶ କରିଥିଲେ। ଆଗାମୀ ୨୦୧୯ ନିର୍ବାଚନରେ ଯାଜପୁରର ମହିଳାମାନେ ଶକ୍ତି ପ୍ରଦର୍ଶନ କରି ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜୟର ବାନା ଉଡ଼ାଇବେ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ନିର୍ବାଚନ ମଣ୍ଡଳୀ ସଭାପତି ପୂର୍ଣ୍ଣିମା ଖୁଂଟିଆ, ଯାଜପୁର ପୌରପାଳିକାର ସଭାପତି ମିତା ଧଳ, ୬ନଂ ଜିଲା ପରିଷଦ ସଦସ୍ୟା ରଂଜିତା ରାଉତ, ଜିଲା ବିଜୁ ମହିଳା ଜନତା ଦଳର ଉପସଭାପତି କନକପ୍ରଭା ଦାସ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ସୁଜାତା ସାହୁ, ଦଶରଥପୁର ବ୍ଲକ ସଭାପତି ସରସ୍ୱତୀ ମହାନ୍ତି, ଜିଲା ବିଜୁ ଜନତା ଦଳର ସମ୍ପାଦିକା ମହାଳୟା ପାତ୍ର, ଯାଜପୁର ବ୍ଲକର ମହିଳା ସଭାପତି ସୁମତୀ ମାଝି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ମହିଳା ସମାବେଶରେ ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩୮ଟି ପଞ୍ଚାୟତରୁ ସହସ୍ରାଧିକ ମହିଳା ଯୋଗ ଦେଇଥିଲେ।




ମହିଳା ସମାବେଶରେ ମଞ୍ଚାସୀନ ଅତିଥି।

# ବୃକ୍ଷ କଟାକୁ ବିରୋଧ କରି ଦାବିପତ୍ର

**ବିରଜାକ୍ଷେତ୍ର,୩୦।୯(ଡିଏନଏ)**

ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତର ଗଣେଶ୍ୱରପୁରଠାରେ ଅନାବାଦି ଜମି ଉପରେ ଏକର ଏକର ଜଙ୍ଗଲ ସୃଷ୍ଟି ହୋଇଛି। ବୈତରଣୀ ନଦୀର ଡାହାଣ ପାର୍ଶ୍ୱରେ ଏହି ଜଙ୍ଗଲ ଥିବା ବେଳେ ଆଜକୁ ଶହ ଶହ ବର୍ଷ ଧରି ଚଇନପୁର ପଞ୍ଚାୟତର ଅଧିବାସୀମାନେ ଏହି ଜଙ୍ଗଲକୁ ବ୍ୟବହାର କରିଥାନ୍ତି। ଏହି ଅନାବାଦି ଜମି ଉପରେ ସୃଷ୍ଟି ହୋଇଥିବା ଜଙ୍ଗଲ ଉକ୍ତ ଅଞ୍ଚଳର ପରିବେଶକୁ ସୁରକ୍ଷା ଦିଏ। ଏପରିକି ଗରିବ ଶ୍ରେଣୀର ଦିନ ମଜୁରିଆମାନେ ବୃକ୍ଷରୁ ଝଡ଼ି ପଡୁଥିବା ପତ୍ର ଓ ଶୁଖିଲା କାଠକୁ ନେଇ ଜାଳେଣି କାଠ ରୂପେ ବ୍ୟବହାର କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। କିନ୍ତୁ କିଛି ମାସ ହେବ ଉକ୍ତ ପଞ୍ଚାୟତର ଜଣେ ବ୍ୟକ୍ତି ଉକ୍ତ ଅନାବାଦୀ ଜଙ୍ଗଲରୁ ବିଭିନ୍ନ ମୂଲ୍ୟବାନ ଗଛ କାଟି ଚୋରାରେ ବେପାରୀକୁ ବିକ୍ରି କରୁଛନ୍ତି। ଯଦ୍ୱାରା ଜଙ୍ଗଲରୁ ଗଛ ସଫା ହେବାକୁ ବସିଲାଣି। ଏତଦ୍‌ବ୍ୟତୀତ ଏହି ଜଙ୍ଗଲରୁ ମାଟି ଚୋରା ଚାଲାଣ କରି ମାସିକ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଛନ୍ତି। ଅନାବାଦି ଜଙ୍ଗଲ ସଫା ହେଉଥିବାରୁ ଉକ୍ତ ଅଞ୍ଚଳର ପରିବେଶ ଉପରେ କୁପ୍ରଭାବ ପକାଇବା ଓ ଶହଶହ ବର୍ଷ ଧରି ଜଙ୍ଗଲକୁ ବ୍ୟବହାର କରିଆସୁଥିବା ଅଧିବାସୀଙ୍କ ଜୀବନଧାରା ପ୍ରଭାବିତ ହେଉଥିବାରୁ ବୃକ୍ଷ କଟାକୁ ବିରୋଧ କରି ଗଣେଶ୍ୱରପୁର ଗ୍ରାମର ଅମର କୁମାର ଦାସ, ରତ୍ନାକର ଜେନା, ସାଗର ଜେନା, ଚନ୍ଦନ ଜେନା, ସରୋଜ ଜେନା, ପ୍ରଦୀପ୍ତ ସାହୁ, ବିଜୟ ଜେନା, ସନ୍ତୋଷ ଜେନା, ବଳରାମ ଜେନା, ମାଧବ ଜେନା, ଶଶିକାନ୍ତ ଜେନା, ଅର୍ଜୁନୀ ଜେନା ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଶୁକ୍ରବାର ଯାଜପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗଛ କାଟୁଥିବା ବ୍ୟକ୍ତିଙ୍କ ବିରୋଧରେ ସେମାନେ ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ଓ ପୋଲିସ ଗଛ କାଟି ଜଙ୍ଗଲ ସଫା କରୁଥିବା ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ଆଗାମୀ ଦିନରେ ବୃକ୍ଷର ସୁରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଅପପୁଷ୍ଟିର ଶିକାର ମନୀଷା

# ଅର୍ଥ ବାଧକ, ଝଡାଫୁଙ୍କାକୁ ଭରସା

**ଡୁବୁରୀ, ୩୦।୯(ଡି.ଏନ୍.ଏ.)**

ନଗଡାରେ ଅପପୁଷ୍ଟିକୁ ରୋକିବାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି। ସୁକିନ୍ଦା ବ୍ଲକ ସଂସାଇଲୋ ପଞ୍ଚାୟତ ଅନ୍ତର୍ଗତ ସୋରିଷାପଦା ଗ୍ରାମର କହ୍ନେଇ ମହାକୁଡ଼ଙ୍କ ୫ ବର୍ଷର ଝିଅ ମନୀଷା ଅପପୁଷ୍ଟିରେ ଆକ୍ରାନ୍ତ ହୋଇ ବର୍ଷେ ହେବ ଦୟନୀୟ ଜୀବନ ବିତାଉଛନ୍ତି। ମନୀଷାଙ୍କ ପେଟ ବଢ଼ିବାରେ ଲାଗିଛି। ଦାରିଦ୍ର୍ୟ ଓ ଅଭାବନୀୟ ପରିସ୍ଥିତିରେ କାଳ କାଟୁ ଥିବା ପରିବାର ପକ୍ଷେ ମନୀଷାଙ୍କୁ ଚିକିତ୍ସା କରିବା ଆଦୌ ସମ୍ଭବ ନୁହେଁ। ଏଭଳି ସ୍ଥିତିରେ ପ୍ରଶାସନିକ ଅଧିକାରୀ କିମ୍ବା ରାଜନୈତିକ ବ୍ୟକ୍ତିବିଶେଷ ଏଥିପ୍ରତି ଦୃଷ୍ଟି ନ ପଡିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋରିଷାପଦା ଗ୍ରାମରେ କହ୍ନେଇ ମହାକୁଡ ସ୍ତ୍ରୀ, ୪ ଝିଅ ଓ ୨ ପୁଅଙ୍କୁ ନେଇ ଜୀବନ ବିତାଉଛନ୍ତି। ଦିନ ମଜୁରିଆ ହୋଇଥିବାରୁ ଏତେ ବଡ଼ ପରିବାର ପାଇଁ ଦିଓଳି ଦାନା ଯୋଗାଡ କରିବା କହ୍ନେଇ ପାଇଁ କଷ୍ଟକର ପାଲଟିଛି। ଏମିତି ଦିନ ଆସିଛି କାମ ନ ମିଳିବାରୁ ପରିବାରକୁ ଦିନେଦିନେ ଉପାସରେ ରାତି କାଟିବାକୁ ପଡିଛି। ଅପରପଟେ ୬ ପିଲାଙ୍କ ମଧ୍ୟରେ ସାନ ଝିଅ ମନୀଷା (୫ ବର୍ଷ) ଅପପୁଷ୍ଟିରେ ଆକ୍ରନ୍ତ ହୋଇଛନ୍ତି। ଏକ ବର୍ଷେ ହେବ ମନୀଷାଙ୍କର ଏପରି ଅବସ୍ଥା ସୃଷ୍ଟି ହୋଇଥିଲେ ମଧ୍ୟ ଅର୍ଥ ଅଭାବରୁ ପରିବାରଲୋକେ ଚିକିତ୍ସା କରାଇପାରି ନାହାଁନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଅର୍ଥ ଅଭାବରୁ ବାଧ ହୋଇ ମନୀଷାଙ୍କୁ ଝଡାଫୁଙ୍କା ଓ ଚେରମୂଳି ଦ୍ୱାରା ଚିକିତ୍ସା କରିବାକୁ ଅପଚେଷ୍ଟାର ସହାୟତା ନେଉଛନ୍ତି। ଦିନକୁ ଦିନ ମନୀଷାଙ୍କ ପେଟ ବଢ଼ିବାରେ ଲାଗିଥିବାରୁ କହ୍ନେଇ ଚିନ୍ତାରେ ପଡିଯାଇଛନ୍ତି। ପରିବାରର ଲୋକଙ୍କ ପେଟକୁ ଦାନା ଯୋଗାଡ କରିବା କଷ୍ଟକର ହୋଇପଡୁଛି ମନୀଷାର ଚିକିତ୍ସା କିପରି କରିବି ବୋଲି କହ୍ନେଇ କହିଛନ୍ତି। ଆଶୁ ଚିକିତ୍ସା କରା ନ ଗଲେ ଆଗାମୀ ଦିନରେ କୌଣସି ବଡ଼ ଧରଣର ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ସଂସାଇଲେ ପଞ୍ଚାୟତ ପକ୍ଷରୁ ସୁକିନ୍ଦା ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଏ ଦିଗରେ ସହାୟତା ପାଇଁ ନିବେଦନ କରାଯିବ ବୋଲି ସରପଞ୍ଚ ସବିତା ହାଇବ୍ରୁ କହିଛନ୍ତି।



## ଅବ୍ୟବସ୍ଥା ଘେରରେ ଚଣ୍ଡିଖୋଲ ଛକ

# ସୁଧୁରୁନି ଟ୍ରାଫିକ୍ ବ୍ୟବସ୍ଥା

**ଚଣ୍ଡିଖୋଲ, ୩୦।୯(ଡ଼ି.ଏନ୍.ଏ.)**

- ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷଙ୍କ ଚଣ୍ଡିଖୋଲ କ୍ଷେତ୍ର ପରିଦର୍ଶନ ପରେ ବି ଫଳ ଶୂନ
- ହେଉନି ୨୪ ଘଣ୍ଟିଆ ଟ୍ରାଫିକ ନିୟନ୍ତ୍ରଣ
- ବଢ଼ୁଛି ଦୁର୍ଘଟଣା ଆଶଙ୍କା

ଯାଜପୁର ଜିଲାର ମୁଖଶାଳାଭାବେ ପରିଚିତ ଚଣ୍ଡିଖୋଲ ଛକରେ ଟ୍ରାଫିକ୍ ସମସ୍ୟା ସୁଧରିବାର ନାମ ଧରୁନି। ଛକଟି ତିନିଗୋଟି ଜାତୀୟ ରାଜପଥର ମିଳନସ୍ଥଳ ହୋଇଥିଲେ ମଧ୍ୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନିକ ଅଧିକାରୀ ବାରମ୍ବାର କ୍ଷେତ୍ର ପରିଦର୍ଶନ ଓ ଆଲୋଚନା ପର୍ଯ୍ୟାଲୋଚନା ପରେ ବି ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ। ଫଳରେ ଦୁର୍ଘଟଣା ସାଙ୍ଗକୁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଗତ ମାସରେ ୨ଟି ପୃଥକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷ ମଧ୍ୟରେ ଛକ ଉପରେ ୧୭ଟି ଦୁର୍ଘଟଣା ହୋଇସାରିଲାଣି। ଏହାକୁ ନେଇ ଗତ ୧୦ ତାରିଖରେ ସ୍ଥାନୀୟ ଟ୍ରାଫିକ୍ ଥାନା ପରିସରରେ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ସ୍ଥାନୀୟ ବିଧାୟକ ଅମର ପ୍ରସାଦ ଶତପଥୀ, ଦର୍ପଣ ତହସିଲଦାର, ବଡ଼ଚଣା ଥାନା ଅଧିକାରୀ, ଟ୍ରାଫିକ୍ ଥାନା ଅଧିକାରୀଙ୍କ ସମେତ ଜିଲାର ବହୁ ପଦାଧିକାରୀ ଓ ସ୍ଥାନୀୟ ଗଣସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ବୈଠକରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯିବା ସହ ଦୁର୍ଘଟଣା ରୋକିବା ଦିଗରେ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସ୍ୱୟଂଚାଳିତ ଟ୍ରାଫିକ୍ ସିଗ୍‌ନାଲ, ଜାତୀୟ ରାଜପଥରେ ସୂଚନା ଫଳକ ଏବଂ ଗାଡ଼ିର ବେଗ ନିୟନ୍ତ୍ରଣ ପାଇଁ ୪୦୦ ମିଟର ଦୂରରୁ ରାସ୍ତା ଉପରେ ଧଳା ଗାର ଏବଂ ସ୍ପିଡ଼ ବ୍ରେକର ଲଗାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଯାଜପୁର ଏସ୍‌ପି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏ ନେଇ ଗତ ୧୫ ତାରିଖରେ ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷଙ୍କ ଏକ ଟିମ୍ ଚଣ୍ଡିଖୋଲ ଆସି କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ୮ ଦିନ ମଧ୍ୟରେ ପୋଲିସ ଓ ଟ୍ରାଫିକ୍ ଥାନା ତରଫରୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଅପରପଟେ ଏଠାରେ ରହିଥିବା ଟ୍ରାଫିକ୍ ଥାନା ପକ୍ଷରୁ ୨୪ ଘଣ୍ଟିଆ ଟ୍ରାଫିକ୍ ନିୟନ୍ତ୍ରଣ ମଧ୍ୟ କରାଯାଉନାହିଁ। ଏଭଳି ସ୍ଥିତିରେ ଦୁର୍ଘଟଣା ଆଶଙ୍କା ବଢ଼ିବାରେ ଲାଗିଥିବା ସ୍ଥାନୀୟ ବଜାରବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ଥାନା ଅଧିକାରୀଙ୍କୁ ପଚାରିବାରେ ପୋଲିସ ତରଫରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇନାହିଁ ବୋଲି କହିଥିଲେ। ସେହିପରି ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଶିଶୁ ମୋହନ ଏସ୍‌ଜେପିଏଲ୍ ଠିକାସଂସ୍ଥାକୁ ଏ ଦିଗରେ କାର୍ଯ୍ୟ କରିବାକୁ ଦିଆଯାଇଥିବା କହିଛନ୍ତି।



ଚଣ୍ଡିଖୋଲ ଟ୍ରାଫିକ୍ ଛକ।



ପର ଅନ୍ନ, ପର ବସ୍ତ୍ର, ପର ଶଯ୍ୟା, ପର ସ୍ତ୍ରୀ ସହ ଶୟନ ଓ ପର ଘରେ ନିବାସ ଇନ୍ଦ୍ର ସମାନ ତେଜସ୍ୱୀଙ୍କ ମହିମାକୁ ନଷ୍ଟ କରି ଦେଇଥାଏ।
- ଚାଣକ୍ୟ



# ନିର୍ବାଚନ ପାଇଁ ତତ୍ପରତା, ବିକଳ୍ପ ଚିନ୍ତାରେ ବିଦ୍ୟାର୍ଥୀ

**ରସୁଲପୁର,୩୦।୯(ଡିଏନଏ)**

ଯାଜପୁର ଜିଲାର ରସୁଲପୁର ବ୍ଲକସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟ (ମୁଗୁପାଳ କଲେଜ)ରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ନିର୍ବାଚନୀ ତାରିଖ ଘୋଷଣା ହେବା ପରେ କଲେଜ ଅଧ୍ୟକ୍ଷା ସୁସ୍ମିତା ମିଶ୍ର ପକ୍ଷରୁ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ନେଇ ଏକ ବୈଠକ ଡାକି ଆଲୋଚନା କରିଛନ୍ତି। ନିର୍ବାଚନ ପରିଚାଳନାକୁ ନେଇ ଏକ କମିଟି ଗଠନ କରାଯାଇଛି। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ହରିବଲ୍ଲଭ ଦାଶଙ୍କ ନେତୃତ୍ୱରେ ଏକ ୬ଜଣ ଅଧ୍ୟାପକଙ୍କୁ କମିଟିରେ ସ୍ଥାନ ଦିଆଯାଇଛି। ଚଳିତବର୍ଷ ଲିଙ୍ଗଡୋ କମିଶନଙ୍କ ନର୍ବାଚନୀ ଅନୁଶାସନ, ପରୀକ୍ଷାରେ ପେପର ବ୍ୟାକ୍, କଲେଜ ଉପସ୍ଥାନ, ବୟସସୀମା ଭଳି କେତେକ ନିୟମ ଆଶାୟୀ ପ୍ରାର୍ଥୀଙ୍କ ପାଇଁ କଣ୍ଟା ସାଜିଛି। ନିର୍ବାଚନରୁ ବଞ୍ଚିତ ହେବା ନିଶ୍ଚିତ ବୋଲି ଜାଣି କେତେକ ଛାତ୍ର ଚଳିତବର୍ଷ କଲେଜରେ ନିର୍ବାଚନକୁ ବାତିଲ କରିବା ଯୋଜନାରେ ଅଛନ୍ତି। ବିଗତବର୍ଷର ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ପ୍ରାର୍ଥୀ ସେମାନଙ୍କ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବାରୁ ଚଳିତ ବର୍ଷ ବିଦ୍ୟାର୍ଥୀମାନେ ବିକଳ୍ପ ଚିନ୍ତାରେ ଅଛନ୍ତି।
ସୋମବାର ନିର୍ବାଚନକୁ ନେଇ ବିଜ୍ଞାପନ ବୋର୍ଡରେ ନୋଟିସ ଜାରି କରାଯିବ।



୨ତାରିଖ ଗାନ୍ଧି ଜୟନ୍ତୀ ପାଇଁ କଲେଜ ଛୁଟି ଯୋଗୁ ୩ ତାରିଖ ନାମାଙ୍କନପତ୍ର ଦାଖଲ ହେବ। ନାମାଙ୍କନ ପତ୍ର ପାଇଁ ପ୍ରସ୍ତୁତି ୨ତାରିଖରେ କରାଯିବ। ଛୁଟି ସତ୍ତ୍ୱେ ବି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପିକା ଅଧ୍ୟାପକମାନେ କଲେଜକୁ ଆସି କାର୍ଯ୍ୟରେ ନିୟୋଜିତ ରହିବେ। ଅପରପକ୍ଷରେ ନିର୍ବାଚନକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବ ଭଳି ସେତେଟା ଉତ୍ସାହ ଦେଖିବାକୁ ମିଳୁନାହିଁ। ଗତବର୍ଷ ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ କଲେଜରେ ବିଜୟୀ ହୋଇଥିଲେ। ବିଜେଡି ସମର୍ଥିତ ପ୍ରାର୍ଥୀ ପରାଜୟ ବରଣ କରିଥିଲେ। କଂଗ୍ରେସ ନିର୍ବାଚନରେ ପ୍ରାର୍ଥୀ ଦେଇ ନ ଥିଲା। ନିର୍ବାଚନ ପରବର୍ତ୍ତୀ ସ୍ଥିତିରେ ଦୁଇ ଦଳର ଛାତ୍ର ନେତା ଓ ତାଙ୍କର ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ବିଜେଡି ପକ୍ଷରୁ କେତେଜଣ ଅଣଛାତ୍ର କଲେଜରେ ବାର୍ଷିକ ଉତ୍ସବ କରାଇ ନ ଦେବାକୁ ଅଧ୍ୟକ୍ଷାଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଏହାକୁ ଭାଜପା ସମର୍ଥିତ ଛାତ୍ରନେତାମାନେ ବିରୋଧ କରିଥିଲେ। କଲେଜରେ ଉତ୍ସବ କରିବା ପାଇଁ ଛାତ୍ର ସଂସଦ ସଭାପତି, ସମ୍ପାଦକ ଓ ସେମାନଙ୍କ ସମର୍ଥକମାନେ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅଧ୍ୟକ୍ଷା ମିଶ୍ର ଉତ୍ସବ କରାଇବା ପାଇଁ ଛାତ୍ର ନେତାନଙ୍କୁ ଲିଖିତ ଅନୁମତି ଦେଇଥିଲେ। ହେଲେ ପରବର୍ତ୍ତୀ ଅବସ୍ଥାରେ କଲେଜ ପରୀକ୍ଷା ଆଳରେ ଉତ୍ସବକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ନେଇ ବିଦ୍ୟାର୍ଥୀଙ୍କ ନିର୍ବାଚନୀକୁ ନେଇ ମନ ଉଣା ହୋଇଯାଇଛି। ଚଳିତଥର ଦଳୀୟ ସମର୍ଥନରେ ଆସୁଥିବା ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ଏକ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଭୋଟରମାନେ ଚିନ୍ତା କରୁଥିବା ସୂଚନା ମିଳୁଛି। ଯୁକ୍ତ ଦୁଇ ପାଇଁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଯିବା ପରେ କେବଳ ଯୁକ୍ତ ତିନିର କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ପିଲାଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ଏହି ୩ ବିଭାଗର ମୋଟ ୧୦୫୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଯୋଗ୍ୟ ବିଦ୍ୟାର୍ଥୀମାନେ ଭୋଟ ଦେବେ। ତେବେ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭୋଟଦାନର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି। ଏଥିପାଇଁ ଅନୁ୍ୟନ୍ୟ ୧୮ଟି ବୁଥ୍ ଗଠନ ହେବ। ପ୍ରତ୍ୟକ ବର୍ଷର ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ଭୋଟ ଗ୍ରହଣ କେନ୍ଦ୍ର କରାଯିବାକୁ କେଲଜ ପକ୍ଷରୁ ନିଷ୍ପତି ହୋଇଛି। କେତେଜଣ ଯୋଗ୍ୟ ଛାତ୍ରୀଛାତ୍ର ନିର୍ବାଚନ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ପିଲାଙ୍କ ମନପସନ୍ଦର ପ୍ରାର୍ଥୀ ମିଳିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଲେଜ କ୍ୟାମ୍ପସ୍ ମଧ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କୁଆଖିଆ ପୋଲିସର ସହାୟତା ନିଆଯାଇଛି। କଲେଜ ମଧ୍ୟକୁ ଅଣଛାତ୍ରଙ୍କ ଅନୁପ୍ରବେଶ ଉପରେ ଅଙ୍କୁଶ ଲଗାଇବା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ପକ୍ଷରୁ ମିଳିତ ଉଦ୍ୟମ ଜାରି ରହିଛି। ପୋଲିସ ପକ୍ଷରୁ ଘନଘନ ପାଟ୍ରୋଲିଂ ମଧ୍ୟ କରାଯାଉଛି। ଆଗାମୀ ୨/୩ଦିନ ମଧ୍ୟରେ ନିର୍ବାଚନରେ ପ୍ରାର୍ଥୀତ୍ୱକୁ ନେଇ ସ୍ଥିତି ସ୍ପଷ୍ଟ ହୋଇଯିବ। ଏଥର ଭୋଟରମାନେ କ'ଣ ନିଷ୍ପତି ନେବେ ତାହା ଅକ୍ଟୋବର ୧୧ ଅପରାହ୍ନ ୨ଟା ପରେ ଫଳାଫଳ ଘୋଷଣାରୁ ଜଣାପଡିବ। ଏ ନେଇ କଲେଜର ଅଧ୍ୟକ୍ଷା ମିଶ୍ରଙ୍କୁ ପଚାରିବାରୁ, ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ କଲେଜ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏଥିସହ ଲିଙ୍ଗଡୋ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ ଦିଗରେ କଲେଜ ପ୍ରଶାସନ ବିଶେଷ ଧ୍ୟାନ ଦେଉଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ନିର୍ବାଚନକୁ ନେଇ ପିଲାଙ୍କ ମଧ୍ୟରେ ସେତେଟା ଉତ୍ସାହ ପରିଲକ୍ଷିତ ହେଉନଥିଲେ ମଧ୍ୟ ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କର ପ୍ରସ୍ତୁତି ଚଳାଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

**ମୁଗୁପାଳ କଲେଜ**
- ପୂର୍ବ ଭଳି ଉତ୍ସାହିତ ନାହାନ୍ତି ଛାତ୍ରୀଛାତ୍ର
- ଦଳୀୟ ସମର୍ଥିତ ପ୍ରାର୍ଥୀ ଚୟନ ନ କରିବାକୁ ଯୋଜନା
- କଲେଜକୁ ଅଣଛାତ୍ରଙ୍କ ପ୍ରବେଶରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ଚଣ୍ଡିଖୋଲ,୩୦।୯(ଡିଏନଏ):** ବଡ଼ଚଣା ଥାନା ଅନ୍ତର୍ଗତ ବେଣାପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଧାପଲ୍ଲୀ ଗ୍ରାମର ନୃସିଂହ ଅଞ୍ଚଳ (୫୫) ଓ ଗୁରୁତର ସ୍ତ୍ରୀ ଜ୍ୟୋସ୍ନା (୫୦)। ସ୍ଥାନୀୟଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନୃସିଂହଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜ୍ୟୋସ୍ନାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଘଟଣାରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟା ସମୟରେ ସ୍ୱାମୀ, ସ୍ତ୍ରୀ ଲୁନା ଯୋଗେ ପାରାଦୀପରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ ବେଣାପୁର ଛକ ନିକଟରେ ପାରାଦୀପରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ଏକ ଟ୍ରକ(ଓଆର୍ ୦୫ ଏଜେ ୦୧୭୫) ପଛ ପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚଣ୍ଡିଖୋଲ ଫାଣ୍ଡି ପୋଲିସ ପହଞ୍ଚି ଟ୍ରକ ଜବତ କରିଛି।

### ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ଭାଜପାର ଅନଶନ

**ରତ୍ନଗିରି,୩୦।୯(ଡି.ଏନ୍.ଏ.):** ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ବରୀ ବ୍ଲକ୍ ଭାଜପା ତରଫରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଆମରଣ ଅନଶନ କରାଯାଇଛି । ସୂଚନାଯୋଗ୍ୟ, ସ୍ଥାୟୀ ବିଡିଓ ନିଯୁକ୍ତି ପାଇଁ ୬ ମାସ ପୂର୍ବେ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଆମରଣ ଅନଶନ କରାଯାଇଥିଲା । ଦୀର୍ଘ ତିନିଦିନ ଅନଶନ ପରେ ଯାଜପୁର ଜିଲା ଅତିରିକ୍ତ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ଘଟଣାସ୍ଥଳରେ ପହଞ୍ଚି ୧୫ ଦିନ ମଧ୍ୟରେ ସ୍ଥାୟୀ ବିଡିଓ ନିଯୁକ୍ତି କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ହେଲେ ଏ ପର୍ଯ୍ୟନ୍ତ ସ୍ଥାୟୀ ବିଡିଓ ନିଯୁକ୍ତି ହୋଇପାରିନାହାନ୍ତି। ବିଡିଓ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସୂଚନା ମିଳିଛି ।

### ଆମେ ଗଢ଼ିବା ସବୁଜ ଓଡ଼ିଶା କାର୍ଯ୍ୟକ୍ରମ

**ଛତିଆ,୩୦।୯(ଡି.ଏନ୍.ଏ):** ନେଳିଆ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ଆମେ ଗଢିବା ସବୁଜ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୁ ଯୁବ ବାହିନୀ ସଭାପତି ଦୀପ୍ତିରଞ୍ଜନ ରଥ ସଭାପତିତ୍ୱ କରିଥିଲେ। ସରପଞ୍ଚ ଓଷ୍ଠି ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମିତି ସଭ୍ୟା ସଂଯୁକ୍ତା ଦେହୁରୀ, ସାମାଜିକକର୍ମୀ ଧୀରେନ୍ଦ୍ର ନାଥ, ଧନେଶ୍ୱର ବେହେରା, ଅଶୋକ ତ୍ରିପାଠୀ, ଶିକ୍ଷୟିତ୍ରୀ ବିଜୟିନୀ ନନ୍ଦ, ଦୀପକ୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଶ୍ୱନାଥ ବେଜ୍, ଜନ୍ମେଜୟ ବସନ୍ତିଆ, ଚିନ୍ମୟ ବେହେରା, କାଳନ୍ଦୀ ଦାସ, ସୁବାସ ନାୟକ, ମନୋରଞ୍ଜନ ଜେନା, ଦିଲୀପ ସେଠୀ, ଆକାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନେଳିଆ ପଞ୍ଚାୟତରେ ଥିବା ବିଦ୍ୟାଳୟ ପରିସରରେ ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ । କପିଳ ରାଉତ ଧନ୍ୟବାଦ ଦେଇଥିଲେ ।

### ଇଞ୍ଜିନିୟର ଦମ୍ପତି ଦଧିଚୀ ସମ୍ମାନରେ ସମ୍ମାନିତ




**କାଳିଆପାଣି, ୩୦।୯(ଡି.ଏନ୍.ଏ.)**

ଓଡ଼ିଶା ଖଣି ନିଗମ ପରିଚାଳିତ କାଳିଆପାଣି ବଦ୍ୟୁତ୍ ବିଭାଗର ବରିଷ୍ଠ ପରିଚାଳକ ପ୍ରତାପ କିଶୋର ନାୟକ ଓ ସ୍ତ୍ରୀ ପ୍ରଣତୀ ପ୍ରୀତିନନ୍ଦା ନାୟକ ଅନ୍ୟର ଜୀବନ ବଞ୍ଚାଇବା ଦିଗରେ ନିଜର ଅଙ୍ଗଦାନ ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏ ନେଇ ଶନିବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଶରୀର ଓ ଅଙ୍ଗଦାନ ନିମନ୍ତେ ଆୟୋଜିତ ଏକ ସମାବେଶରେ ଉଭୟଙ୍କୁ ଦଧିଚୀ ସମ୍ମାନରେ ସମ୍ମାନିତ କରାଯାଇଛି। ସମାଜ ଲୋକସେବକ ମଣ୍ଡଳପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦଧିଚୀ ମହୋତ୍ସବରେ ବଡ଼ଚଣା ବିଧାୟକ ଅମରପ୍ରସାଦ ସତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ସଚୀବ ମଧୁସୁଦନ ପାଢ଼ି, କଟକ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ପ୍ରଶନ୍ନ ଦେବତା, ପିକେ ମହାପାତ୍ର, ଲୋକସେବକ ମଣ୍ଡଳ ଅଧ୍ୟକ୍ଷ ପ୍ରଭାଷ ରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦମ୍ପତିଙ୍କୁ ସମ୍ମାନିତ କରିଥିଲେ ।

## ମଣ୍ଡଳସ୍ତରୀୟ ମହିଳା ସମାବେଶ

**ଚଣ୍ଡିଖୋଲ,୩୦।୯(ଡି.ଏନ.ଏ)**

ବଡ଼ଚଣା ବିଜେଡି ପକ୍ଷରୁ ଶାନ୍ତିପୁର ଯଜ୍ଞ ପଡ଼ିଆଠାରେ ରବିବାର ମଣ୍ଡଳସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବ୍ଲକ୍ ବିଜେଡି ସଭାନେତ୍ରୀ ସରସ୍ୱତୀ ବେହେରା ଅଧ୍ୟକ୍ଷତା କରିଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ମହିଳାଙ୍କୁ ସାମାଜିକ, ଆର୍ôଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି ବୋଲି କହିଥିଲେ। ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ସ୍ୱସ୍ଥ୍ୟସେବା ପାଇଁ ୭ ଲକ୍ଷ ଟଙ୍କା ସହାୟତ ପ୍ରଦାନ, ୫୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତି ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ କରାଇବା, ୩୦ ଲକ୍ଷ ମହିଳାଙ୍କୁ ମମତା ଯୋଜନାରେ ସାମିଲ କରି ଶିଶୁ ଓ ମାତୃ ମୃତ୍ୟୁ ହାର କମ୍ କରିବା ଓ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସରଂକ୍ଷଣ କରିବା ଆଦି ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଯାଜପୁର ଏମ୍ପି ରୀତା ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯାଜପୁର ଜିଲା ବିଜେଡି ସଭାନେତ୍ରୀ ପୂଜାରୀଣୀ ବଳ, ଭାଗ୍ୟଧର ମଳିକ, ଅରବିନ୍ଦ ସାମଲ, ଗଣେଶ୍ୱର ବରାଳ, ଯତିନ୍ଦ୍ର ନାୟକ, ସଞ୍ଜୟ ସ୍ୱାଇଁ, ମିହିର ସ୍ୱାଇଁ, ନିରଞ୍ଜନ ସେନାପତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବଡ଼ଚଣା ବ୍ଲକ୍ ମିଶନଶକ୍ତି ୧ର ଅଧ୍ୟକ୍ଷା କବିନା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟା ସୁମତୀ ବାସ୍କେ ଓ ବିନୋଦିନୀ ସାହୁ, ମିଶନଶକ୍ତି ୨ ଅଧ୍ୟକ୍ଷା ପ୍ରମିଳା ଜେନା, ଜ୍ୟୋସ୍ନାମୟୀ ଲେଙ୍କା, ରତ୍ନମଞ୍ଜରୀ ନାୟକ, ସ୍ନେହଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିରୁପମା ମହାଲା ଧନ୍ୟବାଦ ଦେଇଥିଲେ।



ମହିଳା ସମାବେଶରେ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

## 'ସ୍ୱଚ୍ଛତା ହିଁ ସେବା' ରାଲି, ସଚେତନତା ସଭା

**ଯାଜପୁରରୋଡ,୩୦।୯(ନି.ପ୍ର.)**

ନେହେରୁ ଯୁବକେନ୍ଦ୍ର ସଙ୍ଗଠନ, ଯାଜପୁର ଓ ଖମଣ ଗ୍ରାମପଞ୍ଚାୟତସ୍ଥିତ ଠାକୁରପାଟଣା ଯୁବ ପରିଷଦ ଶଙ୍କିଲାଙ୍କ ମିଳିତ ଆନୁକୂଲ୍ୟରେ 'ସ୍ୱଚ୍ଛତା ହିଁ ସେବା' ରାଲି ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉମାକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଯୁବ ପରିଷଦ ତରଫରୁ ପ୍ରଥମେ ଗ୍ରାମର ଯୁବକଙ୍କୁ ନେଇ କ୍ଲବର ସାଧାରଣ ସମ୍ପାଦକ ଦେବାଶିଷ ସାହୁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଏକ ସଚେତନତା ରାଲି କରାଯାଇଥିଲା । ଏହି ସଚେତନତା ରାଲିରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସମାଜକୁ ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରିବା ସହ ସ୍ୱଚ୍ଛତା ହିଁ ସେବାର ମୂଳ ଉଦ୍ଦେଶ୍ୟ ବୋଲି ଲୋକଙ୍କୁ ଅବଗତ କରାଯାଇଥିଲା । ପରେ ଗ୍ରାମର ଯୁବପିଢ଼ିଙ୍କୁ ନେଇ ଗ୍ରାମସ୍ଥ ଠାକୁରପାଟଣା ୟୁ.ଜି. ୟୁପି ବିଦ୍ୟାଳୟରେ ଏକ ସଚେତନତା ସଭା କରାଯାଇଥିଲା । ଗ୍ରାମ ମୁଖ୍ୟ ତଥା ହିଙ୍ଗୁଳା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷାବିତ୍ ତଥା ଗ୍ରାମ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ରାସ୍ତାଘାଟ, ଡ୍ରେନ, ପୋଖରୀ ସଫା ଉପରେ ମତ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ରବୀନ୍ଦ୍ର କୁମାର ପୃଷ୍ଟି ଯୁବ ପରିଷଦର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମମତା ନାୟକ ଯୋଗଦେଇ ଆମେ ସ୍ୱଚ୍ଛ ରହିଲେ ସମାଜ ସ୍ୱଚ୍ଛ ରହିବ ବାର୍ତ୍ତା ପ୍ରଦାନ କରିଥିଲେ । ନୟନଦୀପ୍ତ ବେହେରା, ଗୋପାଳ ଚନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ସାହୁ, ବିଜୟ କୁମାର ସାହୁ, ରମେଶ ବେହେରା, ପରମେଶ୍ୱର ମଲ୍ଲିକ, ଅବିନାଶ ସାହୁ, ପ୍ରଦୀପ ବାରିକ, ଅକ୍ଷୟ ପୃଷ୍ଟି ସଞ୍ଜୟ କୁମାର ସାହୁ, ରମାକାନ୍ତ ସାହୁ, ମାୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ । ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାପାଳ ନଚେତ୍ ଏଡିଏମ୍‌ଙ୍କୁ ପ୍ରଶାସକ ଦାୟିତ୍ୱ ଦେବାକୁ ଦାବି

**ଯାଜପୁରରୋଡ,୩୦।୯(ନି.ପ୍ର.)**

ବ୍ୟାସନଗର ପୌର ପରିଷଦର ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଶନିବାର ଯାଜପୁର ଉପଜିଲାପାଳଙ୍କୁ ପ୍ରଶାସକ ଭାବେ ନିଯୁକ୍ତି ଦେଇଥିବା ପ୍ରେସ ବିଜ୍ଞପ୍ତି ଜରିଆରେ ପ୍ରକାଶ ପାଇଛି । ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ ପ୍ରଶାସକ ଭାବେ ରହିବାର ନିୟମ ରହିଛି । ଉପଜିଲାପାଳଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ବ୍ୟାସନଗରବାସୀଙ୍କୁ ସରକାରଙ୍କ ଉପହାସ ବୋଲି ବ୍ୟାସନଗର କଂଗ୍ରେସ କମିଟି ସଭାପତି ହୃଦାନନ୍ଦ ସାମଲ ଓ ଉପସଭାପତି ପଦ୍ମନାଭ ସ୍ୱାଇଁ କହିଛନ୍ତି । ତୁରନ୍ତ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ସରକାର ପ୍ରଶାସକ ଭାବେ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ କମିଟି ଦାବି କରିଛି।

### ଟ୍ରେନ୍‌ରୁ ପଡ଼ି ମହିଳା ଗୁରୁତର

**ଯାଜପୁରରୋଡ,୩୦।୯(ନି.ପ୍ର.)**

ଜଖପୁରା ରେଳ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ରବିବାର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ମୁଣ୍ଡମାଳ ଅଞ୍ଚଳ ଜଗନ୍ନାଥ ସାହିର ସାବିତ୍ରୀ ଦାସ(୫୫)। ସ୍ଥାନୀୟଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

## କର୍ତ୍ତବ୍ୟ ହିଁ ମୂଳ ଲକ୍ଷ୍ୟ

**୨୦୧୬ ଡିସେମ୍ବର ୩୦ରୁ ବରୀ-ରାମଚନ୍ଦ୍ରପୁର ଥାନାଧିକାରିଣୀ ଭାବେ ଦାୟିତ୍ୱ ଗ୍ରହଣ କଲେ ରୋଜାଲିନ ପଟେଲ। ନିର୍ଭୀକତା ଓ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ଆଇନଶୃଙ୍ଖଳା ରକ୍ଷା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରଛନ୍ତି। ତାଙ୍କୁ ଧରିତ୍ରୀ ପକ୍ଷରୁ ପଚରା ଯାଇଥିବା ୫ଟି ପ୍ରଶ୍ନ।**

**୫ଟି ପ୍ରଶ୍ନ**


ରୋଜାଲିନ ପଟେଲ

**☞ଆପଣ କାହିଁକି ପୋଲିସ ବିଭାଗରେ ଯୋଗ ଦେଲେ ?**
ଉ- ଅନ୍ୟ ଚାକିରି ପାଇଁ ଆବେଦନ କରୁଥିବାବେଳେ ମୋତେ ପୋଲିସ ଚାକିରି ମିଳିଲା । ସମାଜରେ ସଂସ୍କାର ଆଣିବା ପାଇଁ ଏହି ବିଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ପୋଲିସ ବିଭାଗରେ ଯୋଗ ଦେଲି।

**☞ ଆପଣ ପ୍ରତିଦିନ କ'ଣ କରନ୍ତି ?**
ଉ- ପ୍ରତିଦିନ ସକାଳ ୬ଟାରୁ ଉଠି ନିତ୍ୟକର୍ମ ସାରିବା ପରେ ମା' ଦୁର୍ଗାଙ୍କୁ ପୂଜା କରେ । ପରେ ସେହି ଦିନର କାର୍ଯ୍ୟକ୍ରମ ବିଷୟରେ ଚିନ୍ତା କରେ ।

**☞ଆପଣଙ୍କୁ କ'ଣ ଖାଇବାକୁ ଭଲ ଲାଗେ ?**
ଉ- ବ୍ୟସ୍ତତା ମଧ୍ୟରେ ଖାଇବା ଉପରେ ନିର୍ଦ୍ଦିଷ୍ଟ ରୁଚି। ବିଶେଷକରି ଫଳମୂଳ ଖାଇବାକୁ ଭଲ ଲାଗେ ।

**☞ରାଜନେତାଙ୍କ ଚାପର ଶିକାର ହୋଇଛନ୍ତି କି?**
ଉ- କୌଣସି ରାଜନୈତିକ ଚାପ ମୋ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଏ ନାହିଁ । କାରଣ କର୍ତ୍ତବ୍ୟ କରିବା ମୋର ମୂଳ ଲକ୍ଷ୍ୟ ।

**☞ଆପଣଙ୍କ ଆଦର୍ଶ କିଏ ଓ ଅବସର ସମୟରେ କ'ଣ କରନ୍ତି?**
ଉ- ବାପା ଓ ମା' ମୋର ଆଦର୍ଶ। ଅବସର ସମୟରେ ପୁରୁଣା ହିନ୍ଦୀ ଗୀତ ଶୁଣିବାକୁ ଭଲ ଲାଗେ ।

**ରିପୋର୍ଟ: ମହେନ୍ଦ୍ର ସ୍ୱାଇଁ, ରତ୍ନଗିରି**

■ ବିଜେଡିର ମହିଳା ସମାବେଶ

## ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି

**ବରୀ,୩୦।୯(ସ୍ୱ.ପ୍ର.)**

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଅଧୀନ ଇଛାପୁର ଗ୍ରାମର ଖେଳ ପଡିଆରେ ରବିବାର ଅପରାହ୍ନରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ବ୍ଲକ ମହିଳା ସଭାନେତ୍ରୀ କିରଣବାଳା ରାଉତ ସଭାପତିତ୍ୱ କରିଥିଲେ। ଯାଜପୁର ଏମ୍ପି ରିତା ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି କହିଥିଲେ। ଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ପୁରୁଷଙ୍କ ସମକକ୍ଷ ହୋଇପାରିଛନ୍ତି। ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ମହିଳାମାନେ ପୁନର୍ବାର ବରୀ ବିଧାୟକ ଦେବାଶିଷ ନାୟକଙ୍କୁ ଗାଦିରେ ବସାଇବା ସହ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାରେ ସହାୟକ ହେବେ ବୋଲି କହିଛନ୍ତି। ବରୀ ବିଧାୟକ ଦେବାଶିଷ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଜରିଆରେ ପ୍ରତ୍ୟେକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଛି ବୋଲି କହିଥିଲେ। ସ୍ଥାୟୀ କାର୍ଯ୍ୟାଳୟ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମୋ ଗାଁ ମୋ ବିକାଶ ଯୋଜନାରେ ବରୀ ବ୍ଲକକୁ ୧୨ କୋଟି ଟଙ୍କା ଆସିଛି। ବରୀର ବିକାଶ ପାଇଁ ସବୁବେଳେ ସଜାଗ ରହିଛନ୍ତି ବୋଲି ବିଧାୟକ ନାୟକ କହିଥିଲେ । ମହିଳା ସଙ୍ଗଠନର ଜିଲା ସଭାପତି ଜ୍ୟୋସ୍ନାରାଣି ନାଥଶର୍ମା, ସଭାନେତ୍ରୀ ଭାରତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ୫ ଶହରୁ ଉର୍ଦ୍ଧ୍ୱ ମହିଳା ସମାବେଶରେ ସାମିଲ ଥିଲେ।

## ବଜାର ଗୃହ ବଣ୍ଟନରେ ଚଞ୍ଚକତା ଅଭିଯୋଗ

**ଦଶରଥପୁର,୩୦।୯(ଡିଏନ୍ଏ)**

ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରର ଥାଲକୁଡି ମୌଜାରେ ସରକାରଙ୍କ ପକ୍ଷରୁ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବିଜୁ ଗ୍ରାମୀଣ ବଜାର ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡ଼ିଛି । ପ୍ରଶାସନର ଅପାରଗତା ପାଇଁ ଏହା ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ ସେବାରେ ଲାଗିପାରିନାହିଁ । ୨୦୦୪ ଜାନୁୟାରୀ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥାଲକୁଡି ପଞ୍ଚାୟତ ଥାଲକୁଡିଠାରେ ବିଜୁ ଗ୍ରାମୀଣ ବଜାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୧୦ ବର୍ଷ ତଳେ ନିର୍ମାଣ ସରିଥିଲେ ମଧ୍ୟ ରାଜନୈତିକ ଆକ୍ରୋଶ କାରଣରୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟକ୍ଷମ କରାଇ ଦିଆଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ଶୁଣିବାକୁ ମିଳିଛି। ତେବେ ଦୀର୍ଘବର୍ଷ ହେବ ଏହି ବଜାରକୁ କାର୍ଯ୍ୟକ୍ଷମ କରାଇବା ଲାଗି ଇଚ୍ଛା ପ୍ରକାଶ କରୁ ନ ଥିବା ଜଣେ ପ୍ରଭାବଶାଳୀ ନେତ୍ରୀ ହଠାତ୍ ବଜାରର ଗୃହଗୁଡିକୁ ବଣ୍ଟନ କରିବା ସହ କାର୍ଯ୍ୟକ୍ଷମ କରାଇବା ପାଇଁ ମନ ବଳାଇଥିବା ଚର୍ଚ୍ଚା ହେଉଛି । ତେବେ ବିଜୁ ଗ୍ରାମୀଣ ବଜାରର ଗତ ବଣ୍ଟନରେ ଚଞ୍ଚକତା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବଜାରରେ ଥିବା ୪୦ ବଖରା ଦୋକାନ ଘରକୁ ଗାଇଡ୍‌ଲାଇନ୍ ଅନୁଯାୟୀ ବଣ୍ଟା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଥାଲକୁଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଭାଜପା ମଣ୍ଡଳ ସଭାପତି ଶଶଧର ବେହୁରିଆ କିଛିଦିନ ପୂର୍ବେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସରୋଜ ବିଶ୍ୱାଳ, ଜିଲାପରିଷଦ ସଭ୍ୟା ମାମିନା ମଲ୍ଲିକ୍, ମମତା କୁଅଁର ପ୍ରମୁଖ ସାମିଲ ଥିଲେ ।

ସୂଚନାଯୋଗ୍ୟ, ଭିନ୍ନକ୍ଷମ, ଦଳିତ ଏବଂ ବେକାର ଯୁବତୀଯୁବକଙ୍କୁ ବ୍ୟବସାୟକରି ଆତ୍ମନିର୍ଭରଶୀଳ କରାଇବା ପାଇଁସରକାର ଏହିବଜାର ନିର୍ମାଣ କରିଛନ୍ତି । ମାତ୍ର ଏଠାରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଚଞ୍ଚକତା କରି ଗୃହ ବଣ୍ଟା ସରିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଛି । ଏଥିସହ ଗୃହ ବଣ୍ଟନ ବାବଦକୁ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି । ଗୋଟିଏ ବଖରା ଦୋକାନ ଗୃହ ପାଇଁ ହିତାଧିକାରୀଙ୍କଠାରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଅଗ୍ରୀମ ନିଆଯାଇଥିବା ଜଣାଯାଇଛି । ବ୍ଲକ ପ୍ରଶାସନ କିମ୍ବା ଥାଲକୁଡି ପଞ୍ଚାୟତ ପକ୍ଷରୁ ବଜାର କାର୍ଯ୍ୟକ୍ଷମ ସମ୍ପର୍କରେ ପ୍ରଚାରପ୍ରସାର କରାଯିବା ପରେ ଗୃହ ବଣ୍ଟନ ଲାଗି ଆବେଦନକାରୀମାନେ ବ୍ଲକରେ ଆବେଦନ କରିବା କଥା । ଦୋକାନ ଗୃହ ପାଇବା ପାଇଁ ୩୫ ପଞ୍ଚାୟତର ଜନସାଧାରଣ ଆବେଦନ କରିବାକୁ ନିୟମ ଥିବାବେଳେ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଲେ ଲଟେରି କରାଯାଇ ଗୃହ ପ୍ରଦାନ କରାଯିବା କଥା । ପ୍ରକାଶ ଯେ, ଥାଲକୁଡ଼ିର ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହୁରିଆ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ପଞ୍ଚାୟତରେ ସାଧାରଣ ସଭା କରି ଗ୍ରାମୀଣ ବଜାରକୁ କାର୍ଯ୍ୟକ୍ଷମ କରାଇବା ଲାଗି ଉଦ୍ୟମ କରିଥିବାବେଳେ ଏପରି ଭାବେ ଗୃହ ବଣ୍ଟନ କରାଯାଇପାରିବ ନାହିଁ ବୋଲି ବିଡିଓ ନାରାୟଣ ଚନ୍ଦ୍ର ନାୟକ କହିଥିବା ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଥାଲକୁଡି ପଞ୍ଚାୟତର ଜନପ୍ରତିନିଧିଙ୍କୁ ନେଇ ଗଠିତ କମିଟିରେ ଆଲୋଚନା ପରେ ଗୃହ ବଣ୍ଟନ କାର୍ଯ୍ୟ ସରିଛି। କିଏ କ'ଣ ବ୍ୟବସାୟ କରିବେ, ସେ ନେଇ ଘର ନେଇଥିବା ଲୋକଙ୍କୁ ନୋଟିସ୍ କରାଯାଇଛି। ଉତ୍ତର ଆସିବାପରେ ବଜାର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି ।




**ବିଜୁ ଗ୍ରାମୀଣ ବଜାର**
- ବିଜୁ ଗ୍ରାମୀଣ ବଜାର ପାଇଁ ପ୍ରାୟ ୫୦ ଲକ୍ଷ ବ୍ୟୟବରାଦ
- ଜନସାଧାରଣଙ୍କ ସେବାରେ ଲାଗିପାରିନାହିଁ ବଜାର ଗୃହ
- ଗାଇଡ୍‌ଲାଇନ୍ ନ ମାନିଲେ ରାଜରାସ୍ତାକୁ ଓହ୍ଲାଇବ ଭାଜପା

## ସଂକ୍ଷେପରେ

### ଗହୀରମଥାରୁ ୧ ଟ୍ରଲର ଜବତ:୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୩୦।୯(ଡି.ଏନ୍.ଏ.)-କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳର ଏକକୂଳା ନିକଟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ରବିବାର ବନବିଭାଗ ପାଟ୍ରୋଲିଂ ଟିମ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବେଆଇନ ଭାବେ ମାଛ ଧରିବା ଅଭିଯୋଗରେ ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧ ଟ୍ରଲର, ୨୦ କୁଇଣ୍ଟାଲ ମାଛ, ୧ ଜିପିଏସ୍ ଓ ୧ ଫିସ ଫାଇଣ୍ଡର ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଅଞ୍ଚଳର ସୁରେନ୍ଦ୍ର ମହାନ୍ତି, ଧରମା ସିଂ, ବୈଦ୍ୟନାଥ ସାମନ୍ତ, ନରେନ୍ଦ୍ର ସାହୁ, ଯୁଗଳ ବର୍ମନ, ଦାବୁଲ ସିଂ ଓ କେନ୍ଦୁଝର ଅଞ୍ଚଳର ଶାନ୍ତନୁ କୁମାର ନାୟକ। ଏସିଏଫ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ଫରେଷ୍ଟର ବିଭୂତି ତରାଇ ଓ ବନବିଭାଗ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

### ସଡ଼କ ଦୁର୍ଘଟଣା, ୨ ଆହତ

ଆଳି,୩୦।୯(ଡି.ଏନ.ଏ.)-ରବିବାର ସନ୍ଧ୍ୟାରେ କଟକ-ଚାନ୍ଦବାଲି ରାସ୍ତାର ବାଳକାଟି ନିକଟରେ ସଡ଼କ ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ଡାମରପୁର ଗ୍ରାମର ରମାକାନ୍ତ ସାହୁ (୨୮) ରାଜକନିକା ପଟୁ ବାଇକ୍ (ନଂ.ଓଡି ୨୯ସି ୭୭୮୧) ଯୋଗେ ଆସୁଥିଲେ। ସେହି ସମୟରେ ବାଳକାଟି ଛକ ନିକଟରେ ବାଳକାଟି ଗ୍ରାମର ଧୀରେନ ସେଠୀ (୩୯) ଛିଡ଼ା ହୋଇଥିଲେ। ରମାକାନ୍ତ ଭାରସାମ୍ୟ ହରାଇ ଧୀରେନଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟେ କିଛି ଦୂରକୁ ଛିଟିକି ପଡ଼ିଥିଲେ। ଧୀରେନଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଆଳି ମେଡିକାଲରେ ଭର୍ତ୍ତିକରିଥିବା ବେଳେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରମାକାନ୍ତଙ୍କୁ ନେଇ ଆଳି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାକୁ ଉଭୟଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

କେନ୍ଦ୍ରାପଡା ଅଫିସ,୩୦।୯- ରାଜ୍ୟର ବିଭିନ୍ନ ସ୍ଥାନରେ ଖବରଦାତାଙ୍କ ଉପରେ ଆକ୍ରମଣ ହୋଇଛି। ଏହା ଖବରଦାତାଙ୍କ ସାମାଜିକ ସୁରକ୍ଷା ପ୍ରତି ବିପଦ ଦର୍ଶାଇ କେନ୍ଦ୍ରାପଡା ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଘ ସଭାପତି ଅକ୍ଷୟ ବିଶ୍ୱାଳ ଓ ସମ୍ପାଦକ ଚିତ୍ତରଞ୍ଜନ ସାହୁ ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ ଦାବି ସହ ରାଜ୍ୟର ଏହି ଅଭାବନୀୟ ଘଟଣାକୁ ତୁରନ୍ତ ରୋକାଯାଉ ବୋଲି ଏକ ପ୍ରେସ୍ ବିବୃତିରେ ରବିବାର ଦର୍ଶାଇଛନ୍ତି।

### କୁଷ୍ଠରୋଗ ଚିହ୍ନଟ ଅଭିଯାନ

ରାଜନଗର,୩୦।୯(ଡି.ଏନ୍.ଏ.)- ଗତ ୨୭ ତାରିଖରୁ ରାଜନଗର ବ୍ଲକରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଅକ୍ଟୋବର ୬ ପର୍ଯ୍ୟନ୍ତ ଚାଲିବ। ଏନେଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଣବ କୁମାର ଶୁକ୍ଲାଙ୍କ ନେତୃତ୍ୱରେ ରବିବାର ଏକ ଟିମ୍ କଣ୍ଡିରା ପଞ୍ଚାୟତରେ କୁଷ୍ଠରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଛନ୍ତି। କୁଷ୍ଠରୋଗ ନେଇ ସନ୍ଦେହ ହେଲେ ଡାକ୍ତରଖାନା ସହ ପରାମର୍ଶ କରିବା ପାଇଁ ଟିମ୍ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିଲାଗି ସମ୍ପୂର୍ଣ୍ଣ ମାଗଣାରେ ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଛି। କଣ୍ଡିରା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଦିପ୍ତିମୟୀ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୋଡାଲ ଅଫିସର, ସୁପରଭାଇଜର ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ଶୋକସଭା

ଡେରାବିଶ,୩୦।୯(ସ୍ୱ.ପ୍ର.)-ଡେରାବିଶ ବ୍ଲକ ବାଲିଆସ୍ଥିତ କୃଷ୍ଣଚେତନା ପରିଷଦ ଆନୁକୂଲ୍ୟରେ ଭାଗବତପୁର ପଞ୍ଚାୟତ ସିମଳଦା ଗ୍ରାମର ସାମାଜିକ କର୍ମୀ ସୁଲେଖ ଚନ୍ଦ୍ର ସ୍ୱାଇଁଙ୍କର ଶୋକସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଇଂ. କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଗୀତା ଓ ଭାଗବତ ପାଠ କରାଯିବା ପରେ ସ୍ୱର୍ଗତ ସ୍ୱାଇଁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଅପର୍ଣ୍ଣା ମିଶ୍ର, ହୃଦାନନ୍ଦ ଲେଙ୍କା, ଶରତ କୁମାର ସ୍ୱାଇଁ, ଅଲେଖ ସ୍ୱାଇଁ, ଦୁର୍ଲଭ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ନିଖିଳ କେତନ ବରାଳ, ଜଗଦୀଶ ସାହୁ, ପ୍ରଦୀପ ବରାଳ, ବିକ୍ରମ ମୁଦୁଲି, ରବିନ୍ଦ୍ର ମୋହନ ମିଶ୍ର, ଅଶୋକ ରାଉତ, ମାନସ ଦାସ ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ।

# ୨୦ ଦିନରେ ପହଁଞ୍ଚିଲା ଅନଶନ

**କେନ୍ଦ୍ରାପଡ଼ା ଅଫିସ, ୩୦।୯**

## ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

- କ୍ରାଇମବ୍ରାଞ୍ଚ ତଦନ୍ତ ଉପରୁ ଆସ୍ଥା ତୁଟୁଛି
- ମହଙ୍ଗା ପଡ଼ିବ ରାଜନୈତିକ ନେତୃବୃନ୍ଦଙ୍କ ନୀରବତା
- ଅଭିଯୁକ୍ତ ଗିରଫ ନ ହେବା ଯାଏ ଅବ୍ୟାହତ ରହିବ ଅନଶନ
- ନିଲମ୍ବିତ ଆଇଆଇସିଙ୍କୁ ତଦନ୍ତ ପରିସରକୁ ନ ଆଣିବା ନେଇ ପ୍ରଶ୍ନବାଚୀ

ମହାକାଳପଡ଼ା ଥାନା ହାଜତରୁ ଫେରାର ଯୁବକ ମାର୍ଶାଘାଇ ଥାନା ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ ମୂଷାଙ୍କ ମୃତ୍ୟୁ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଏହି ଆଳରେ ଜିଲା ଓ ପୋଲିସ ପ୍ରଶାସନ ନୀରବ ବସିଥିବା ବେଳେ ଅଭିଯୁକ୍ତ ଆଇଆଇସି ଶ୍ୟାମଘନ ବେହେରାଙ୍କ ଗିରଫ ଦାବିରେ ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନରେ ବସିଛନ୍ତି ମୂଷାଙ୍କ ପରିବାରଲୋକେ। ଅନଶନ ଇତିମଧ୍ୟରେ ୨୦ ଦିନରେ ପହଁଞ୍ଚିଥିଲେ ବି କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ପାଖକୁ ଯାଇନାହାନ୍ତି। ମୂଷା ପରିବାରକୁ ବହୁ ସାମାଜିକ ସଂଗଠନ ସହଯୋଗ ପ୍ରଦାନ କରିବା ସହ ଘଟଣାର ପ୍ରକୃତ ରହସ୍ୟ ଲୋକଲୋଚନକୁ ଆଣିବା, ଅଭିଯୁକ୍ତ ଥାନାଧିକାରୀଙ୍କୁ ଗିରଫ କରିବା, ଏଥିସହ ୨୦ରୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅପରପକ୍ଷରେ କନଷ୍ଟେବଳ ବୁଲୁ ନାୟକଙ୍କ ବୟାନ, ମୃତଦେହରେ ଲାଗିଥିବା ପୋଲିସ ଦଉଡ଼ି, ଜିଲା ଓ ପୋଲିସ ପ୍ରଶାସନର ପ୍ରାଥମିକ ତଦନ୍ତରୁ ମୂଷାଙ୍କୁ ହାଜତରେ ଅକଥନୀୟ ନିର୍ଯାତନା ଦିଆଯାଇଥିବା ସ୍ପଷ୍ଟ ପ୍ରମାଣ ମିଳିଛି। ଯଥେଷ୍ଟ ପ୍ରମାଣ ଥିଲେ ସୁଦ୍ଧା କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଆଇଆଇସି ବେହେରାଙ୍କୁ ଗିରଫ କରିବା ତ ଦୂରର କଥା, ଅଦ୍ୟାବଧି ତଦନ୍ତ ପରିସରକୁ ବି ଆଣିନାହିଁ। ଜିଲାର ରାଜନୈତିକ ନେତୃବୃନ୍ଦ ଏହାକୁ ନିଜସ୍ୱ ଭାବେ ସ୍ୱୀକାର କରୁଥିବା ବେଳେ ଏନେଇ ଦଳୀୟ ସ୍ୱର ଉଠୁ ନଥିବା ଦେଖାଯାଉଛି। ଏନେଇ ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି ଯେ, ମୂଷାଙ୍କ ହାଜତ ମୃତ୍ୟୁ ଘଟଣାରେ ଦଳୀୟ ନେତାଙ୍କ ନୀରବତା ସବୁ ରାଜନୈତିକ ଦଳକୁ ମହଙ୍ଗା ପଡିବ। ଅଭିଯୁକ୍ତ ଆଇଆଇସି ବେହେରା ଗିରଫ ନହେବା ପର୍ଯ୍ୟନ୍ତ ମୂଷାଙ୍କ ପରିବାର ସଦସ୍ୟ ଧାରଣାରେ ବସିରହିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ନିଲମ୍ବିତ ଆଇଆଇସିଙ୍କୁ ଗିରଫ କରା ନଗଲେ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ନେତାଙ୍କୁ ଭୋଟରଙ୍କ ପ୍ରଶ୍ନ ଅପଦସ୍ଥ କରିବ। ସେହିପରି ସାମାଜିକ କର୍ମୀ ମନୋଜ ନାୟକ କହିଛନ୍ତି, ଏହି ଘଟଣାରେ କ୍ରାଇମବ୍ରାଞ୍ଚ କେଉଁ ପ୍ରକାର ପ୍ରମାଣକୁ ଖୋଜୁଛନ୍ତି, ତାହା ସମସ୍ତଙ୍କୁ ଅଗୋଚର। ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ କନଷ୍ଟେବଳ ବୁଲୁ ନାୟକଙ୍କ ବୟାନ ହିଁ ଯଥେଷ୍ଟ। ଯଦି ବୁଲୁଙ୍କ ବୟାନ ଭୁଲ, ତେବେ ତାଙ୍କ ଦ୍ୱାରା ଥାନାରେ ଦିଆଯାଇଥିବା ଏତାଲାରେ ମୂଷା ଖସି ପଳାଇଥିବା ଉଲ୍ଲେଖ ଥିଲେ ସୁଦ୍ଧା ଅଦ୍ୟାବଧି ତାଙ୍କୁ ନିଲମ୍ବିତ କରା ନଯିବା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୂଷାଙ୍କୁ ନିର୍ଯାତନା ଦିଆଯାଇ ମାରି ଦିଆଯାଇଥିବା ନେଇ ହୋଇଥିବା ଅଭିଯୋଗର ପ୍ରାଥମିକ ତଦନ୍ତ ପରେ ତତ୍କାଳୀନ ଆଇଆଇସି ବେହେରାଙ୍କ ନାମରେ ହତ୍ୟା ମାମଲା ରୁଜୁ କରାଯାଇ ନିଲମ୍ବିତ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ ତଦନ୍ତ ପରିସରଭୁକ୍ତ କରା ନଯିବାରୁ ସାଧାରଣ ଲୋକେ କ୍ରାଇମବ୍ରାଞ୍ଚ ଉପରୁ ଆସ୍ଥା ତୁଟାଇ ସାରିଲେଣି ବୋଲି ସାମାଜିକ କର୍ମୀ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ମହାକାଳପଡ଼ା ଥାନା ଚଢ଼େଇଗୁଆଁ ଗ୍ରାମର ଶାନ୍ତିଲତା ସାମଲଙ୍କ ଘରୁ ହୋଇଥିବା ଚୋରି ଘଟଣାରେ ପୋଲିସ ମୂଷାଙ୍କୁ ଗତ ଅଗଷ୍ଟ ୨୫ ତାରିଖରେ ଉଠାଇ ନେଇଥିଲା। ସେହିଦିନ ରାତିରେ ମୂଷା ଫେରାର ହୋଇଯାଇଥିବା ପୋଲିସ କହୁଥିବା ବେଳେ ପରଦିନ ସକାଳେ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରୁ ମୂଷାଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଥିଲା। ତେବେ ମୂଷାଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ତାଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏ ନେଇ ୯୧/୧୮ ନଂ.ରେ ଏକ ମାମଲା ରୁଜୁ ହୋଇଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରାଯାଇ ଆଇଆଇସି ବେହେରାଙ୍କୁ ନିଲମ୍ବିତ କରାଯାଇଥିଲା।

## ଖରସ୍ରୋତା ସାଂସ୍କୃତିକ ପରିଷଦର ପ୍ରତିଭା ଚୟନ କାର୍ଯ୍ୟକ୍ରମ



ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥିମାନେ।

**ରାଜକନିକା, ୩୦।୯(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଖରସ୍ରୋତା ସାଂସ୍କୃତିକ ପରିଷଦର ଆଗାମୀ ସମାବର୍ତ୍ତନ ଉତ୍ସବ ଉପଲକ୍ଷେ ରବିବାର କଣ୍ଡିଆହାଟ ସିଦ୍ଧେଶ୍ୱର ନୋଡାଲ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ,ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଅଭିଷେକ ମଲ୍ଲିକ, ସଙ୍ଗୀତରେ ସତ୍ୟମ ମଲ୍ଲିକ, ଯୋଗରେ ଶ୍ରାବଣୀ ମଲ୍ଲିକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅନ୍ୟାନ୍ୟ ପ୍ରତିଯୋଗିତାରେ ପ୍ରିୟଦର୍ଶିନୀ ମଲ୍ଲିକ, ସ୍ମୃତିରେଖା ରାଉତ, କୀର୍ତ୍ତି କୁମାର ବେହେରା, ପ୍ରଜ୍ଞାପାରମିତା ଯେନା, ମଧୁସ୍ମିତା ବଳ, ଦିବ୍ୟଜ୍ୟୋତି ଦାସ, ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଗୁନମ୍ ପ୍ରିୟଦର୍ଶିନୀ ଦାଶ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ କୃତିତ୍ୱ ହାସଲ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସମ୍ପାଦକ କେଶବ ଚରଣ ନାୟକ, ସିଦ୍ଧେଶ୍ୱର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସେଠୀ, ଭରତ ଚନ୍ଦ୍ର ସମାଜସେବା ଟ୍ରଷ୍ଟର ପ୍ରାକ୍ତନ ସଭାପତି ଶିବରାମ ଦାସ ପ୍ରମୁଖ ଯୋଗଦେଇଲେ । କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ଦାସ ଫଳାଫଳ ଘୋଷଣା କରିବା ସହ ଡିସେମ୍ବର ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରିଥିଲେ ।

## କୁମ୍ଭୀର ଆକ୍ରମଣରେ ଆଉ ଜଣେ ମହିଳା ଗୁରୁତର



ଗୁରୁତର କଳ୍ପନା ଗିରିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

**ମହାକାଳପଡା,୩୦।୯(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳରେ କୁମ୍ଭୀର ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ବରକୋଳିଖୋଲା ଗ୍ରାମର ମନି ଧାଉଡିଆ ଶନିବାର କୁମ୍ଭୀର ଆକ୍ରମଣରେ ଗୁରୁତର ହୋଇଥିଲେ। ରବିବାର ବତିଘର ପଞ୍ଚାୟତ ଅନ୍ତର୍ଗତ ବତିଘର ଗ୍ରାମର କଳ୍ପନା ଗିରି(୩୫) କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। କଳ୍ପନାଙ୍କ କହିବାନୁସାରେ ଟୁବିଖୋଲା ନଦୀପାଖ ବୁଦାରୁ ସେ ଘାସ କାଟିବାକୁ ଯାଇଥିଲେ। ସେତେବେଳେ ସେଠାରେ ଲୁଚି ରହିଥିବା ଏକ କୁମ୍ଭୀର ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବତିଘର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ସତ୍ତ୍ୱେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବଜ୍ରପାତରେ ୧ ମୃତ, ୨ ଗୁରୁତର

**ରାଜନଗର,୩୦।୯(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ଓ ଆଳି ବ୍ଲକର ୨ଟି ସ୍ଥାନରେ ବଜ୍ରପାତ ହେବା ଯୋଗୁ ରବିବାର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର କୃଷ୍ଣପ୍ରିୟାପୁର ଗାଁର ବାବୁରାମ ମଣ୍ଡଳଙ୍କ ଝିଅ ଫୁଲରାଣୀ(୧୩)। ସୂଚନାଯୋଗ୍ୟ, କୃଷ୍ଣପ୍ରିୟାପୁର ଗାଁରେ ଦିନ ଦ୍ୱିପ୍ରହରରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଫୁଲରାଣୀ ଖାଇସାରି ବାସନ ଧୋଇବାକୁ ଘର ବାହାରକୁ ଆସିଥିଲେ। ସେତେବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ଘରର ପିଣ୍ଡା ଉପରେ ବସିଥିବା ତାଙ୍କ ଜେଜେମା ଗୀତାରାଣୀ ମଣ୍ଡଳ (୬୫) ମଧ୍ୟ ବ୍ରଜପାତ ଯୋଗୁ ଗୁରୁତର ହୋଇଥିଲେ। ଗୀତାରାଣୀଙ୍କୁ ପରିବାର ଲୋକେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ଆଳି ବ୍ଲକସ୍ଥିତ ଏକମାଣିଆ ଗାଁର ଯଦୁନାଥ ସ୍ୱାଇଁଙ୍କ ଘର ନିକଟରେ ବଜ୍ରପାତ ହୋଇଥିଲା। ଏହି ସମୟରେ ଘରର ଖଟ ଉପରେ ଶୋଇଥିବା ଯଦୁନାଥଙ୍କ ଝିଅ ଅଞ୍ଜୁଲତା (୨୦) ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

## ମା'ଭାଲୁକୁଣୀଙ୍କ ଶେଷପାଳି ପୂଜା



ଗୋପାଳଜୀଉ ପାଟଣାରେ ସାରୁପତ୍ର ଓ ନାଡ଼ରେ ତିଆଣି ଭାଲୁକୁଣି।



ଗୋବିନ୍ଦପୁର ଗାଁ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଡେରାବିଶ, ୩୦।୯ (ସ୍ୱ.ପ୍ର.)**

### ଡେରାବିଶ ଚଳଚଞ୍ଚଳ

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ସାଧବ ପୁଅଙ୍କ ଦରିଆପାରି ଯାତ୍ରାର ସ୍ମୃତି ବହନ କରୁଥିବା ଭାଲୁକୁଣୀ ଓଷା ଡେରାବିଶରେ ଗଣପର୍ବରେ ପରିଣତ ହୋଇଛି। ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ କରିବା ପାଇଁ କାହିଁ କେଉଁ କାଳରୁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏହି ଓଷା ଧୁମ୍‌ଧାମ୍‌ରେ ପାଳିତ ହୋଇଆସୁଛି। ପୌରାଣିକ ମତ ଅନୁଯାୟୀ ସାତ ଭାଇଙ୍କ ଶୁଭ ମନାସି ଅଲିଅଳି ଭଉଣୀ ତଅପୋଇ ଗହ୍ମା ପୂର୍ଣ୍ଣିମାଠାରୁ ଇନ୍ଦ୍ରପୂର୍ଣ୍ଣିମା ପର୍ଯ୍ୟନ୍ତ ୫ଟି ରବିବାର ମା'ମଙ୍ଗଳାଙ୍କ ପୂଜା କରିଥିଲେ। ଫଳରେ ଗ୍ରାମର ସମସ୍ତ ପରିବାରର ମହିଳା ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ମଣ୍ଡପରେ ମା'ଭାଲୁକୁଣୀଙ୍କ ପୂଜାର୍ଚ୍ଚନା କରିଥାନ୍ତି। ୪ପାଳି ପୂଜା ଶେଷ ହୋଇଥିବା ବେଳେ ରବିବାର ଥିଲା ଭାଲୁକୁଣୀ ଓଷାର ୫ମ ବା ଶେଷ ପାଳି। ଏହି ଉପଲକ୍ଷେ ଗୋଲରାହାଟ ପଞ୍ଚାୟତର ରଥପଡ଼ିଆ ତିଲକପୁର, ଦୁମୁକା, ଚାଟରାଚକଡ଼ା ପଞ୍ଚାୟତର ଗୋବିନ୍ଦପୁର, ଚାଟରା ସମେତ ବାଲିଆ, କାଉପଡ଼ା, ଲକ୍ଷ୍ମୀନାରାୟଣପୁର, ମୁକୁନ୍ଦପୁର ପଞ୍ଚାୟତ, ଦାନପୁର ପଞ୍ଚାୟତ, ଯଅଁରାବାରିମୂଳ ପଞ୍ଚାୟତରେ ୩ଦିନ ହେବ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ଗାଁ ମଣ୍ଡପକୁ ଭିନ୍ନ ଭିନ୍ନ ଆଲୋକମାଳାରେ ସଜାଯାଇଛି। ମା'ଙ୍କ ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ଗାଁ ପରିବେଶକୁ ଚଳଚଞ୍ଚଳ କରିଛି। ବ୍ଲକ ଅଧୀନ ଗୋପାଳଜୀଉ ପାଟଣା ଗ୍ରାମରେ ପ୍ରତିବର୍ଷ ଭଳି ମା'ଭାଲୁକୁଣୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ସାରୁପତ୍ର ଓ ନାଡ଼ରେ ତିଆରି ଚୂଳମାଳ ଭାଲୁକୁଣୀ ଠକୁରାଣୀ ଭାବେ ମଣ୍ଡପରେ ପୂଜା ପାଉଛନ୍ତି।

## ■ କେନ୍ଦ୍ରାପଡା ମ୍ୟୁନିସିପାଲିଟି
## କାଗଜପତ୍ରରେ ଘୋଷଣା ହେବ ବାହ୍ୟ ମଳତ୍ୟାଗ ମୁକ୍ତ ସହର

**କେନ୍ଦ୍ରାପଡ଼ା ଅଫିସ, ୩୦।୯**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପୂର୍ବରୁ ଅର୍ଥାତ ୧ ତାରିଖ ସୋମବାର କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ସମ୍ପୂର୍ଣ୍ଣ ବାହ୍ୟ ମଳମୂତ୍ର ତ୍ୟାଗ ମୁକ୍ତ ସହର ଭାବେ ଘୋଷଣା ହେବ। ଏହି ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସୁଯୋଗରେ ବହୁ ଲୋକ ପାଇଖାନା ତିଆରି ନକରି ବି ଅନୁଦାନ ହଡ଼ପ କରିବାକୁ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ଗୋଟିଏ ପାଇଖାନା ସମ୍ମୁଖରେ ୧୦ରୁ ୨୦ ଜଣ ହିତାଧିକାରୀଙ୍କୁ ଛିଡା କରାଇ ପୌରାଞ୍ଚଳ କର୍ମଚାରୀ ଫଟୋ ନେଉଥିବା ଘଟଣା ରବିବାର ଦେଖିବାକୁ ମିଳିଛି। ସହରର ବଡହାଟ ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ପୌର କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ସାମାଜିକକର୍ମୀ ମୀର ଅବୁ ଓବେଦା ଏ ସମ୍ପର୍କରେ କହିଛନ୍ତି ଯେ, ବାହ୍ୟ ମଳମୂତ୍ର ମୁକ୍ତ ଯୋଜନା ଏହି ସହରରେ କାର୍ଯ୍ୟକାରୀ ହେବା କଷ୍ଟ। ୨୦୧୨ରେ ନିର୍ମଳ ଭାରତ ଯୋଜନାରେ ଆସିଥିବା ଅନୁଦାନକୁ ଠିକାସଂସ୍ଥା ଓ ପୌର ପ୍ରଶାସନ ହଡ଼ପ କରିଥିବା ବେଳେ ଚଳିତ ଅନୁଦାନ ଅନୁରୂପ ଭାବେ ହଡ଼ପ ହେବା ବ୍ୟବସ୍ଥା ହୋଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି ଯେ, ଏହି ଅଭିଯୋଗର ତଦନ୍ତ ହେବ। ଜିଓ ଟ୍ୟାଗିଂରେ କୌଣସି ଭୁଲ୍ ଥିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସହିତ ହିତାଧିକାରୀଙ୍କ ଅନୁଦାନ ଟଙ୍କା ଫେରସ୍ତ ଅଣାଯିବ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା



**କେନ୍ଦ୍ରାପଡା ଅଫିସ,୩୦।୯**

ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନ ଓ ଗୌର ଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ଶ୍ରୀ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରେସ୍ କ୍ଲବ ପରିସରରେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସଭାପତି ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ଡା. ସର୍ବେଶ୍ୱର ସେଣ, ବିପିନ ବିହାରୀ ବାରିକ, କରୁଣାକର ଦାସ, ମନୋଜ କୁମାର ଦାସ ସ୍ୱର୍ଗତ ପ୍ରଧାନ ଓ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।

## ହଜରତ ମନସୁର ଶାହା ବାବାଙ୍କ ଉର୍ସ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୩୦।୯**

କେନ୍ଦ୍ରାପଡ଼ା ସିଭିଲ କୋର୍ଟ ପରିସରରେ ଥିବା ହଜରତ ସୟଦ ମନସୁର ଶାହା ବାବାଙ୍କ ଦୁଇ ଦିନିଆ ଉର୍ସ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଚାଦର ଶୋଭାଯାତ୍ରା ଖାକ ସାରେ ହିନ୍ଦର ଜିଲା ମୁଖ୍ୟ ପରିଚାଳକ ସୁଫିୟାନ ଖାନ୍‌ଙ୍କ ନେତୃତ୍ୱରେ ସହର ପରିକ୍ରମା କରି ମାଝାର ପୀଠରେ ଅପରାହ୍ନରେ ପହଞ୍ଚିଥିଲା। ଉର୍ସ ଉତ୍ସବ ଉପଲକ୍ଷେ ମାଝାର ପୀଠ ନିକଟରେ ସାୟରୀ ଓ ଧର୍ମୀୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହମ୍ମଦ କମାଲୁଦ୍ଦିନ ଖାନ୍ ସାହାବଙ୍କ ଦ୍ୱାରା ପରିଚାଳିତ ସାୟରୀ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ମମତାଜ ରଜା, ବିହାରର ଅଜମତ ରଜା, ଓଡ଼ିଶାର ସୋଲେମାନ ରଜା, ଧାମନଗରର ସମଉଇଲ ଅକ୍ତର, କଲିକତାର ଅସଦ ଇକବାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରବଚନରେ ନୂଆଦିଲ୍ଲୀର ମୌଲାନା ସୟଦ ମୋକିମୁର ରହେମାନ କାଦ୍ରି ସାହାବ, ଉତ୍ତରପ୍ରଦେଶର ମୁଫ୍‌ତି ନିଜାମୁଦ୍ଦିନ ରୀଜ୍‌ବି ସାହାବ, ଯାଜପୁରର ଅଜଗର ରଜାଉଲ କାଦ୍ରୀ ଯୋଗ ଦେଇଥିଲେ। ଏଥିରେ ପ୍ରାୟ ୧୫ହଜାର ମୁସ୍‌ଲିମ ଧର୍ମାବଲମ୍ବୀ ଯୋଗ ଦେଇଥିଲେ। ଏହାକୁ ମନସୁର ବାବା କମିଟିର ସେକ ବରକତଉଲ୍ଲା, ସେକ୍ ଗୟାସୁଦ୍ଦିନ, ସେକ୍ ଇଜାଜଉଦ୍ଦିନ, ସେକ୍ ସାବିର ଅଲ୍ଲୀ, ସେକ୍ ସଲାଉଦ୍ଦିନ, ସେକ୍ ମହେମୁଦ, ସୋଲେମାନ ଖାନ୍, ସେକ ମୁସ୍ତାକ, ଶିବ ବାବୁ, ସେକ ଆବାଦି ହାଇ ବାବୁ ପ୍ରମୁଖ ପରିଚାଳନା କରିଥିଲେ।

## ୨ରେ ପୁନର୍ବାସର ପ୍ରୟତ୍ନ କର୍ମଶାଳା

**କେନ୍ଦ୍ରାପଡ଼ା ଅଫିସ, ୩୦।୯**

ମସ୍ତିଷ୍କ ପକ୍ଷାଘାତ ଓ ଅଟିଜିମ ଆକ୍ରାନ୍ତ ଶିଶୁଙ୍କ ପାଇଁ ଆସନ୍ତା ଅକ୍ଟୋବର ୨ ତାରିଖରେ ଏକ ପ୍ରୟତ୍ନ କର୍ମଶାଳା ଆୟୋଜିତ ହେବ। ସହରର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଉକ୍ତ ରୋଗରେ ଆକ୍ରାନ୍ତ ଶିଶୁଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଅବଗତ କରାଯିବା ସହ ମାଗଣା ଥେରାପି ଚିକିତ୍ସା କରାଯିବ। ଏଥିରେ ଡା. ଆନନ୍ଦଗୋପାଳ ମହାନ୍ତି ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ଯୋଗ ଦେବେ ବୋଲି ପୁନର୍ବାସର ସମ୍ପାଦିକା ବନସ୍ମିତା ନାୟକ ସୂଚନା ଦେଇଛନ୍ତି। ଆକ୍ରାନ୍ତ ଶିଶୁଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଥେରାପି ସମ୍ପର୍କରେ ଏହି କର୍ମଶାଳାରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯିବ।

## ■ ଇଣ୍ଡୋନେସିଆରେ ସୁନାମି ତାଣ୍ଡବ
## ଭୟ, ଆଶଙ୍କାରେ ଉପକୂଳବାସୀ

**ମହାକାଳପଡା,୩୦।୯(ଡି.ଏନ୍.ଏ.)**

ଇଣ୍ଡୋନେସିଆରେ ସୁନାମି ଓ ଭୂକମ୍ପରେ ପ୍ରାୟ ୪୦୦ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ବେଳାଭୂମି ନିକଟରେ ଥିବା ବହୁ ଅଟ୍ଟାଳିକା ସବୁ ଧୋଇ ହୋଇଯାଇଛି। ପ୍ରକୃତିର ଏହି କରାଳ ରୂପ ଦେଖି ବଙ୍ଗୋପସାଗର ଉପକୂଳସ୍ଥିତ ମହାକାଳପଡା ବ୍ଲକର ଲୋକଙ୍କ ନିଦ ହଜିଯାଇଛି। ଏହି ବ୍ଲକର ୧୮ଟି ଗ୍ରାମକୁ ସୁନାମି ପ୍ରଭାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ମାତ୍ର ସୁନାମି ସମ୍ପର୍କିତ ସୂଚନା ଦେବା ପାଇଁ ତିଆରି ହୋଇଥିବା ଟାୱାର ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ କୌଣସି ସମୟରେ ସୁନାମି ଆସିବା ଆଶଙ୍କା କରି ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ବ୍ଲକର ତନ୍ତିଆପାଳ, ରଟପଙ୍କ, ନରସିଂହପୁର, ଭୋପାଳ, ଶାସନ, ସୁନିତି, ପାଞ୍ଚଗାଛିଆ, ଜମ୍ବୁ, କଣ୍ଡରପାଟିଆ, ଭାଟେଣୀ, ରାମନଗର, ପିତାପାଟ, ଖରିନାସୀ, ହରିଆବାଙ୍କ, ବତୀଘର, ବଡଟୁବି, ଦକ୍ଷିଣ ବରକୋଳିଖୋଲା ଓ ନିପାଣିଆ ଆଦି ଗ୍ରାମ ବଙ୍ଗୋପସାଗରର ତଟଦେଶରେ ରହିଛି। ଏସବୁ ଅଞ୍ଚଳକୁ ସରକାରଙ୍କ ପକ୍ଷରୁ ସୁନାମି ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଗଭୀର ସମୁଦ୍ରରେ ଭୂକମ୍ପ ସୃଷ୍ଟି ହେଲେ ସୁନାମର ଉଚ୍ଚ ଜୁଆର ଏସବୁ ଅଞ୍ଚରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ଲକର ୧୦ଟି ସ୍ଥାନରେ ସୁନାମି ଆଲର୍ଟ ଟାୱାର ନିର୍ମାଣ କରାଯାଇଛି। ଏସବୁ ଟାୱାର ନିର୍ମାଣ କାର୍ଯ୍ୟ ୬ମାସ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ଟାୱାର କାର୍ଯ୍ୟକ୍ଷମ ହେଲେ ସୁନାମ ଆସିବାର ୪୫ ମିନିଟ ପୂର୍ବରୁ ସତର୍କ ସୂଚନା ମିଳିପାରିବ। ଏନେଇ ତୁରନ୍ତ ଏସବୁ ଟାୱାରକୁ କାର୍ଯ୍ୟକ୍ଷମ କରିବା ଲାଗି ସାଧାରଣରେ ଦାବି ହୋଇଛି। ଏପରି କରା ନ ଗଲେ ଇଣ୍ଡୋନେସିଆ ଭଳି ଏଠାରେ ମଧ୍ୟ ସୁନାମି ତାଣ୍ଡବଲୀଳା ରଚିବାର ଆଶଙ୍କାକୁ ଏଡାଇଦେଇ ହେବ ନାହିଁ ବୋଲି ସୁନିତି ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ର କହିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର କହିଛନ୍ତି, ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ନିର୍ଦ୍ଦେଶ ମିଳିବା ପରେ ଏସବୁ ଟାୱାରକୁ କାର୍ଯ୍ୟକ୍ଷମ କରିବା ଲାଗି ପଦକ୍ଷେପ ନିଆଯିବ।



ସୁନାମି ଆଲର୍ଟ ଟାୱାର।

## ୧୯୯୭ ବ୍ୟାଚ୍ ବନ୍ଧୁମିଳନ

**ଡେରାବିଶ, ୩୦।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ଦୋହଳୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ୧୯୯୭ ମସିହା ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତ ଅଧୀନ ବିଲ୍ୱମାଳ ମଠ ପରିସରରେ ନିର୍ମଳ ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ମାନସ କୁମାର ଜେନା, ରତିକାନ୍ତ ପଣ୍ଡା, ଆମ୍ରନ୍ ମହାପାତ୍ର, କୈଳାସ ଦାସ, ଅକ୍ଷୟ କୁମାର ସାହୁ, ଦିପ୍ତିକାନ୍ତ ସାହୁ, ସନ୍ଦୀପ ପୃଷ୍ଟି, ସଂଗ୍ରାମ ମଲ୍ଲ, ପ୍ରଦୀପ୍ତ ବେହେରା ଓ ଗୁରୁଚରଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ



### ଖୁଦୁରୁକୁଣୀ ଭସାଣି

**ବାଲିଆ, ୩୦।୯:** ବିରିଡି ବ୍ଲକ ୨୨ ମୌଜା ଗେଲପୁର ଗ୍ରାମରେ ମା ଖୁଦୁରୁକୁଣୀଙ୍କ ଭସାଣି ଏକ ପାରମ୍ପାରିକ ଓ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇଛି। ଏହି ଭସାଣ ଉତ୍ସବ ସଂପୂର୍ଣ୍ଣ ନିରାଡମ୍ବରପୂର୍ଣ୍ଣ ଥିଲା। ପାରମ୍ପାରିକ ଢଙ୍ଗରେ ପୂର୍ବ ପ୍ରଚଳିତ ଢୋଲ, ଘଂଟଘଂଟା, ହୁଳହୁଳିର ତାଳେ ତାଳେ ଏବଂ ବିଶେଷ କରି ଦିବାଲୋକରେ ଗେଲପୁର ଗ୍ରାମର ଝିଅମାନେ ଖୁଦୁରୁକୁଣୀଙ୍କୁ ନେଇ ବିସର୍ଜନ କରିଥିଲେ। ଏଥିରେ ଗେଲପୁର ଖୁଦୁରୁକୁଣୀ ପୂଜା କମିଟିର ସଭ୍ୟା ନିହାରିକା ବସ୍ତିଆ, ତେଜି ଦାସ, ସ୍ୱାଗତିକା ସ୍ୱାଇଁ, ସ୍ୱର୍ଣ୍ଣଲତା ସ୍ୱାଇଁ, ମୋନାଲିସା ସାହୁ, ସୁନୀତା ରାଉତ୍‌ରାୟ, ସୋନି, ମାମା, ଲକି, ଫନି, ହନି, ମୁସ୍କାନ ପ୍ରମୁଖ ସାମିଲ ହୋଇଥିଲେ।

### ଜନନୀ ସୁରକ୍ଷା ଗାଡ଼ି ଦୁର୍ଘଟଣାଗ୍ରସ୍ତ



**ନାଉଗାଁ,୩୦।୯(ସ୍ୱ.ପ୍ର.):** ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ସୁରକ୍ଷା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ଗାଡି ଚାଳକ ରଞ୍ଜନ ସାହୁଙ୍କ କହିବା ମୁତାବକ ଏହି ଗାଡିରେ ସେ ଜଣେ ମହିଳାଙ୍କୁ ନେଇ ବାଲିକୁଦା ବ୍ଲକ ଅପଣ୍ଡରା ଗ୍ରାମକୁ ଯାଉଥିଲେ। ଉକ୍ତ ଗ୍ରାମରୁ ଫେରିବା ସମୟରେ ମୁଣ୍ଡାଲୋ-ଜାମୁଗାଁ ରାସ୍ତାର ମୁଣ୍ଡାଲୋ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକକୁ ସାଇଡ ଦେବା ସମୟରେ ବ୍ରେକ ନ ଥିବାରୁ ଗଛରେ ପିଟି ହୋଇଯାଇଥିଲା। ଉକ୍ତ ଗାଡିରେ ଦୀର୍ଘ ଦିନ ହେବ ବ୍ରେକ ନାହିଁ। ଗାଡି ଲଗାଇଥିବା ସଂସ୍ଥାକୁ ବାରମ୍ବାର ଏହା ସଜାଡିବା ପାଇଁ କହିବାରୁ ସେ ଶୁଣୁ ନାହାନ୍ତି। ଫଳରେ ଦୁର୍ଘଟଣା ଘଟୁଥିବା ଚାଳକ ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଉକ୍ତ ଗାଡି ସାହାଯ୍ୟରେ ପ୍ରସୂତି ମା' ଓ ନବଜାତ ଶିଶୁଙ୍କୁ ନେବେ କେତେ ସୁରକ୍ଷିତ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଗାଡିର ଫିଟ୍‌ନେସ୍ ନ ଥାଇ କିପରି ତାହା ସେବା ଯୋଗାଉଛି। ଯଦି ଗାଡିରେ କେହି ମହିଳା କିମ୍ବା ନବଜାତ ଶିଶୁ ରହିଥାନ୍ତେ, ତେବେ ସେମାନେ ନିଶ୍ଚିନ୍ତ ଭାବେ ଦୁର୍ଘଟଣାର ଶିକାର ହୋଇଥାନ୍ତେ। ଏ ସଂକ୍ରାନ୍ତରେ ଗାଡି ଲଗାଇଥିବା ସଂସ୍ଥା ସହିତ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ବିଦ୍ୟୁତ୍ ଆଘାତରେ କର୍ମଚାରୀ ଆହତ

**ବାଲିକୁଦା, ୩୦।୯(ସ୍ୱ.ପ୍ର.):** ବିଦ୍ୟୁତ୍ ବିଭାଗର ଖାମ ଖିଆଲି ନୀତି ଯୋଗୁଁ ରବିବାର ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ସେ ହେଲେ ନାରାୟଣ ନାୟକ। ସେ ବୋରିକିନା ବିଦ୍ୟୁତ୍ ସେକ୍ସନର ହେଲପର ଭାବେ କାମ କରନ୍ତି। ଏବି ସୁଇଜ୍ ଠିକ ଭାବେ କାମ କରୁନଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ତାଙ୍କୁ ବାଲିକୁଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହିତ ସମସ୍ତ ଚିକିତ୍ସା ଖର୍ଚ୍ଚ ଉଭୟ ସେସୁ ଓ ଏନ୍‌ଜେନ୍ ବହନ କରିବାକୁ ସାଧାରଣରେ ଦାବି ହୋଇଛି।

### ପ୍ରଦୀପ ମହାରଥୀଙ୍କ କୁଶପୁତ୍ତଳିକା ଦାହ

**ଲଳିତଗିରି,୩୦।୯(ସ୍ୱ.ପ୍ର.):** କୃଷି ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାଙ୍କ ବିରୋଧରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ରବିବାର ମାହାଙ୍ଗା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏରକଣା ବଜାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି।

# ତଳୁ ଉପର ଯାଏ କନ୍ଦଳ

**ଜଗତ୍‌ସିଂହପୁର ଅଫିସ, ୩୦।୯**

**ଜିଲା ବିଜେଡି ରାଜନୀତି**
- ପର୍ଯ୍ୟବେକ୍ଷକଙ୍କଠାରୁ ସହ ପର୍ଯ୍ୟବେକ୍ଷକ ଆଗରେ
- ଜିଲା ସଭାପତି ଗୌଣ, କାର୍ଯ୍ୟକାରୀ ସଭାପତିଙ୍କୁ ପ୍ରାଧାନ୍ୟ
- ଦାମ ବିଦା ହେଲା ପରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର

ଜଗତ୍‌ସିଂହପୁର ଜିଲା ବିଜେଡିରେ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ବଢିବାରେ ଲାଗିଥିଲେ ସୁଦ୍ଧା ଏହା ନିୟନ୍ତ୍ରଣ ପାଇଁ ସେଭଳି ଉଦ୍ୟମ ହେଉଥିବା ମନେ ହେଉନି। କାରଣ ତଳୁ ଉପର ଯାଏ ପ୍ରତ୍ୟେକ କ୍ଷମତା ପାଇଁ ଲାଳାୟିତ। ଏନେଇ ଲଢେଇ ଚାଲିଛି। ବିଶେଷକରି ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ଦଳରୁ ବିଦା କରାଗଲା ପରେ ଏହି ବିବାଦ ବଢି ଚାଲିଛି। ଯେଉଁମାନଙ୍କୁ ବିବାଦ ପ୍ରଶମନ ପାଇଁ ଦାୟିତ୍ୱ ଦିଆଯାଇଛି, ସେମାନେ ମଧ୍ୟ ଏଥିରେ ଛନ୍ଦି ହୋଇଯାଉଛନ୍ତି। ବିଗତ କିଛି ମାସ ହେବ ଏଭଳି ପରିସ୍ଥିତି ଲାଗି ରହିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉନି।

ରବିବାର କୁଜଙ୍ଗ ମହିଳା ସମାବେଶରେ ଏଭଳି ଅନେକ ଘଟଣା ନଜରକୁ ଆସିଛି। ସମାବେଶରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଜେନା, ଜିଲା କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ନେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବିଜୁ ମହିଳା ଜନତା ଦଳ ଜିଲା ସଭାପତି ତଥା ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ତାଙ୍କ ନିର୍ବାଚନ ମଣ୍ଡଳୀର ୩ଟି ସ୍ଥାନରେ ନେତା ଓ କର୍ମୀଙ୍କୁ ଏକାଠି କରିଥିଲେ। ପ୍ରଥମେ ରଘୁନାଥପୁରରେ ପ୍ରତ୍ୟେକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିନ୍ତୁ ଏହି ବ୍ଲକର ତାରପୁର ବାଇପାସ୍ ନିକଟରେ ରାଜଶ୍ରୀଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ପୃଥକ ଭାବେ ଛିଡା ହୋଇଥିଲେ। ଏପରି କି ହାତାହାତି ହୋଇଥିଲେ। ସପକ୍ଷ ଗୋଷ୍ଠୀ ପ୍ରତ୍ୟେକଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ବିପକ୍ଷ ଗୋଷ୍ଠୀ କିନ୍ତୁ ତାହା କରି ନ ଥିଲେ। ସେମାନେ କେବଳ ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ଜେନାଙ୍କୁ ଶୋଭାଯାତ୍ରାରେ ନେଇ ସମ୍ବର୍ଦ୍ଧିତ କରିଥିଲେ। ହେଲେ ସେହି ସ୍ଥାନରେ ଜିଲା ପର୍ଯ୍ୟବେକ୍ଷକ, ଜିଲା କାର୍ଯ୍ୟକାରୀ ସଭାପତି ଓ ବିଧାୟିକା ଉପସ୍ଥିତ ଥିଲେ ସୁଦ୍ଧା ସେମାନଙ୍କୁ ଗୌଣ କରାଯାଇଥିଲା। ଏଥିରୁ ସ୍ପଷ୍ଟ ଯେ ଜେନା ପ୍ରତ୍ୟେକଙ୍କ ଦ୍ୱାରା ଆଦୃତ। ଯେହେତୁ ବିଧାୟିକାଙ୍କ ବିରୋଧୀ ଗୋଷ୍ଠୀ, ତେଣୁ ତାଙ୍କୁ ଗୌଣ କରିବା ବଡ଼ କଥା ନୁହେଁ। ମାତ୍ର ଜିଲା ପର୍ଯ୍ୟବେକ୍ଷକ ଓ ଜିଲା କାର୍ଯ୍ୟକାରୀ ସଭାପତିଙ୍କୁ କାହିଁକି ଅନୁରୂପ ସମ୍ମାନ ଦିଆଗଲା ନାହିଁ ତାହା ମଧ୍ୟ ଆଲୋଚନାର ପ୍ରସଙ୍ଗ। ଏ ସମ୍ପର୍କରେ କେତେଜଣ ରାଜନୈତିକ ବିଶେଷଜ୍ଞଙ୍କ କହିବା କଥା ହେଲା କିଛି ମାସ ହେବ ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ସାମଲଙ୍କ ସହ ଦଳ ଜିଲା ସଭାପତି ଦାସଙ୍କ ସମ୍ପର୍କ ଭଲ ନାହିଁ। ସେହିପରି ନୂଆକରି ଦଳ ଜିଲା କାର୍ଯ୍ୟକାରୀ ସଭାପତି ମୁଦୁଲିଙ୍କ ସହ ମଧ୍ୟ ଦାସଙ୍କ ସମ୍ପର୍କ ଏତେଟା ଭଲ ନାହିଁ। ବିଭିନ୍ନ କାରଣରୁ ସେମାନଙ୍କ ମଧ୍ୟରେ ବିବାଦ ରହିଛି। ଯେହେତୁ ରାଜଶ୍ରୀ ଓ ବିଷ୍ଣୁଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ତେଣୁ ଗୋଷ୍ଠୀ ବିବାଦ ବଢିଯାଇଛି। ରାଜଶ୍ରୀ ବିରୋଧୀ ଗୋଷ୍ଠୀ ହେଉଛନ୍ତି ଦାସଙ୍କ ସପକ୍ଷବାଦୀ। ତେଣୁ ସେମାନେ ଦଳ ଜିଲା ପର୍ଯ୍ୟବେକ୍ଷକ ଓ ଜିଲା କାର୍ଯ୍ୟକାରୀ ସଭାପତିଙ୍କୁ ଗ୍ରହଣ କରିପାରୁନାହାନ୍ତି। ନୂଆକରି ଦଳ ଜିଲା ଦାୟିତ୍ୱ ନେଇଥିବା ସହ ପର୍ଯ୍ୟବେକ୍ଷକ ମନ୍ତ୍ରୀ ଜେନା କିନ୍ତୁ ଉଭୟ ଗୋଷ୍ଠୀ ସହ ସମ୍ପର୍କରେ ଅଛନ୍ତି। ଜେନା ଯେବେ ଉଭୟଙ୍କ ଦ୍ୱାରା ଆଦୃତ, ତେବେ ବିବାଦ ସମାଧାନ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ରବିବାର ଯାହା ଦେଖାଗଲା ତାହା ଆଉ କିଛି ଇସାରା ଦେଉଛି। ସେ ରାଜଶ୍ରୀ ବିରୋଧୀଙ୍କ ଶୋଭାଯାତ୍ରାରେ ଚାଲିକରି ଯାଇଥିବା ବେଳେ ଅନ୍ୟମାନେ ଗାଡିରେ ବସିଥିଲେ। ସେମାନେ କାହିଁକି ଏହି ଶୋଭାଯାତ୍ରାରେ ଗଲେନି ତାହା ମଧ୍ୟ ଆଲୋଚନାର ବିଷୟ। ଏଥିରୁ ସ୍ପଷ୍ଟ ଯେ ଜେନା ତାଙ୍କ ପତିଆରା ଜାହିର କରିବାରେ ସଫଳ ହୋଇଛନ୍ତି। ରଘୁନାଥପୁର ବ୍ଲକ ଅଞ୍ଚଳରେ ଜେନାଙ୍କ ସଙ୍ଗଠନ ଥିବାରୁ ତାଙ୍କୁ ଏନେଇ କେତେକାଂଶରେ ସହଯୋଗ ମିଳୁଛି। କୁଜଙ୍ଗ ସମାବେଶରେ ମଧ୍ୟ ଜେନାଙ୍କ ଗୁରୁତ୍ୱ ଥିବା ବାରି ହୋଇଥିଲା। ଏହି ସମାବେଶକୁ ଦଳ ଜିଲା ସଭାପତି ବିଷ୍ଣୁ ଚରଣ ଦାସଙ୍କୁ ଡକାଯାଇ ନ ଥିଲା। ଅଥଚ ଜିଲା କାର୍ଯ୍ୟକାରୀ ସଭାପତି ମୁଦୁଲିଙ୍କୁ ନିମନ୍ତ୍ରଣ ହୋଇଥିଲା। ଦାସଙ୍କୁ ଡକାଯାଇଥିଲେ ହୁଏତ ଗୋଟିଏ ଦିନରେ ଆଉ ଏକ ସମାବେଶକୁ ଏଡାଇ ଦିଆଯାଇ ପାରିଥାନ୍ତା। ଏସବୁ ଚିତ୍ର ଦେଖିଲେ ଜଣାଯାଏ ସଙ୍ଗଠନକୁ ଠିକ ବାଟରେ ନିଆଯିବା ପାଇଁ ଏଯାଏ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।

## ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗ

**ଏରସମା,୩୦।୯(ସ୍ୱ.ପ୍ର.)**

ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ଏପରି କି ଦୀର୍ଘ ୬ ମାସ ଧରି ତାଙ୍କୁ ଘରୁ ନିଜ ସହ ନେଇଯାଇଥିବା ପ୍ରେମିକ ଜଣଙ୍କ ଶେଷରେ ଛାଡି ଦେଇଛନ୍ତି। ଅନ୍ୟ କୌଣସି ଉପାୟ ନ ପାଇ ନାବାଳିକା ଜଣଙ୍କ ଘରକୁ ଫେରିଥିବାବେଳେ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ୯ମ ଶ୍ରେଣୀରେ ପଢୁଥିଲେ। କଲିକତା ରାମନଗର ଥାନା ଅନ୍ତର୍ଗତ ମେଦିନାପୁର (ଖିଦିରିପୁର) ଗ୍ରାମର ଚକ୍ରଧର ମାଇତି ଏହି ଅଞ୍ଚଳରେ ରହି କାମ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗତ ମାର୍ଚ୍ଚ ୯ ତାରିଖରେ ଉଭୟ କଲିକତା ପଳାଇଥିଲେ। ୬ ମାସ ସେଠାରେ ଭଲରେ କଟିଥିଲା। ପରେ ଚକ୍ରଧର ନାବାଳିକାଙ୍କୁ ମାରଧର କରିଥିଲେ। ତତେ ପୋଷିବା ପାଇଁ କଷ୍ଟ ହେଉଛି, ଚାଲ କିଛିଦିନ ଗାଁରେ ବୁଲି ଆସିବା କହି ଗତ ଶନିବାର ନାବାଳିକାଙ୍କୁ ସେ ଏରସମା ନେଇ ଆସିଥିଲେ ଓ ଏଠାରେ କୌଶଳରେ ଛାଡି ଦେଇ ପଳାଇଥିଲେ। ରବିବାର ଏରସମା ଥାନାରେ ଏନେଇ ଅଭିଯୋଗ ହେବା ପରେ କେସ ନଂ ୧୩୪/୧୮ରେ ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି।

## ୨ ହାତୀ ଶାବକଙ୍କ ଗଳିତ ମୃତଦେହ ଠାବ

**ଆଠଗଡ଼,୩୦।୯(ସ୍ୱ.ପ୍ର.)**

ଆଠଗଡ଼ ବନାଞ୍ଚଳ ଅଧୀନ ଜେନାପୁର ପାହାଡ଼ ନିକଟସ୍ଥ କିଆକୋଇ ନାଳରୁ ରବିବାର ୨ହାତୀ ଶାବକଙ୍କ ଗଳିତ ମୃତଦେହ ଠାବ କରାଯାଇଛି। ୫-୬ଦିନ ତଳେ ହାତୀପଲ ଖଳଖଳା ଜଙ୍ଗଲରୁ ଜେନାପୁର ପାହାଡ଼ ନିକଟରେ ବିଚରଣ କରୁଥିଲେ। ତେବେ କିଆକୋଇ ନାଳ ପାର ହୋଇ ଯାଉଥିବା ବେଳେ ଶାବକ ଦ୍ୱୟ ନାଳରେ ଥିବା ପ୍ରାୟ ୧୦ଫୁଟ ଗଭୀର ପାଣିରେ ପଶି ଯାଇଥିଲେ। ନାଳରେ ଦଳ ରହିଥିଲା। ଶାବକ ଦ୍ୱୟ ପହଁରି ପାରି ହେବା ପାଇଁ ଚେଷ୍ଟା କରିଥିଲା ବେଳେ ଦଳରେ ଗୁଡାଇ ହୋଇ ଶେଷରେ ବୁଡି ଯାଇଥିଲେ। ତେବେ ହାତୀ ଶାବକ ଦ୍ୱୟ ବୁଡିଯାଇ ପ୍ରାଣ ହରାଇଥିଲେ ମଧ୍ୟ ନାଳରେ ଥିବା ଅନାବନା ଗଛ ଯୋଗୁ ତାହା ଜଣାପଡୁ ନ ଥିଲା। ସକାଳେ ଜଣେ ଗୋପାଳକ ଗାଈ ଚରାଉଥିବା ବେଳେ ନାଳରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ଗ୍ରାମବାସୀଙ୍କୁ ଜଣାଇଥିଲେ। ଫଳରେ ଗ୍ରାମବାସୀ ପହଞ୍ଚି ନାଳରୁ ଅନାବନା ଗଛ ହଟାଇବା ପରେ ୨ ହାତୀ ଶାବକଙ୍କ ମୃତଦେହ ଦେଖା ଯାଇଥିଲା।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ

**ତିର୍ତ୍ତୋଲ, ୩୦।୯ (ଡି.ଏନ.ଏ.)**

- ୩ ବର୍ଷ ହେଲା ଚାଲିଛି ନିର୍ମାଣ
- ବାହାରେ ବସି ପଢୁଛନ୍ତି ପିଲା

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଉରାଢ ଗ୍ରାମରେ ଅଙ୍ଗନୱାଡି କେନ୍ଦ ଗୃହ ନିର୍ମାଣ ଅଧାନ୍ତରିଆ ଅବସ୍ଥାରେ ପଡିରହିଛି। ଦୀର୍ଘ ୩ ବର୍ଷ ହେବ ଏହି ଗୃହର ନିର୍ମାଣ ଚାଲିଥିବାବେଳେ କେବଳ ଛାତ ପଡିବା ପରେ କାମ ବନ୍ଦ ହୋଇ ରହିଛି। ଏବେ ଘର ଭିତରେ ଅନାବନା ଗଛ ଉଠିବା ସହ ଘର ଭୂତକୋଠୀରେ ପରିଣତ ହୋଇଛି। ଏହି ଅଙ୍ଗନୱାଡି ଘରଟି କାର୍ଯ୍ୟକ୍ଷମ ହେବା ବିଳମ୍ବ ହେବାରୁ ପିଲାମାନେ ବାହାରେ ପଡିବାକୁ ବାଧ୍ୟ ହେଉଛନ୍ତି। ଛୋଟ ପିଲାଙ୍କ ପାଇଁ ପାଠ ପଡିବାର ସୁବିଧା ନ ଥିବାରୁ ଏହି ଗ୍ରାମର ଅଙ୍ଗନୱାଡି ଶିଶୁମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଶିଶୁମାନେ ବହୁ ସମୟରେ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ଏଠାରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡି କର୍ମୀ ନିକଟସ୍ଥ ଏକ ମନ୍ଦିର ବାରଣ୍ଡାରେ ପିଲାମାନଙ୍କୁ ପାଠ ପଢାଉଛନ୍ତି। ଅନେକ ସମୟରେ ଏଠାରେ ପିଲାମାନେ ପାଠ ପଢିବାରେ ଅସୁବିଧାର ସମ୍ମୁଖିନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୃହ କାର୍ଯ୍ୟ ଶେଷ କରିବା ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ଶେଷ କରିବା ପାଇଁ ଅଭୟ କାନୁନ୍‌ଗୋ, ୱାର୍ଡ ସଭ୍ୟ ରମାକାନ୍ତ ଦାସ, ନୀଳମଣି ଦାସ, ପ୍ରଭାତ ମହାନ୍ତି, ପ୍ରବୋଧ କାନୁନ୍‌ଗୋଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।



ତାମିଲନାଡୁର ମଛଲିପଟନମ୍‌ଠାରେ ଚାଲିଥିବା ୬୪ତମ ଜାତୀୟ ଭଲିବଲ ଟୁର୍ନାମେଣ୍ଟରେ ରନର୍ସ ଅପ୍ ହୋଇଥିବା ଓଡ଼ିଶା ଦଳର ଖେଳାଳି।

# ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚର ବୈଠକ




ବୈଠକରେ ଉପସ୍ଥିତ ଓଡ଼ିଶା ଦଳିତ ଶୋଷଣ ମଞ୍ଚର କର୍ମକର୍ତ୍ତା ଓ ଅତିଥିମାନେ।

**ବିରିଡି(ଡି.ଏନ.ଏ)/ ବାଲିଆ,୩୦।୯**

ଓଡ଼ିଶା ଦଳିତ ମୁକ୍ତିମଞ୍ଚର ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଏକ ବୈଠକ ବିରିଡ଼ି ହାଟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦଳିତ ଶୋଷଣ ମୁକ୍ତିମଞ୍ଚର ଜିଲା ଆବାହକ ଯୁଧିଷ୍ଠିର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଦଳିତ ଶୋଷଣ ମୁକ୍ତିମଞ୍ଚର ରାଜ୍ୟ ଆବାହକ ରାମଚନ୍ଦ୍ର ନାୟକ, ମଞ୍ଚର ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ଭୋଇ, ଓଡ଼ିଶା କୃଷକ ସଭାର ଉପସଭାପତି ଜଗନ୍ନାଥ ମିଶ୍ର, ସିଆଇଟିୟୁର ରାଜ୍ୟ ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ଶ୍ରମିକ ନେତା ନଟବର ପଲେଇ, ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ମାଣିଆ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟରେ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରିବା ସହିତ ଦଳିତମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରିବା, ସମାଜରୁ କୁସଂସ୍କାର ଦୂର କରି ଏକ ସୁସ୍ଥ ସମାଜ ପ୍ରତିଷ୍ଠା କରିବା ହେଉଛି ଦଳିତ ଶୋଷଣ ମୁକ୍ତି ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଥିଲେ। ବର୍ତ୍ତମାନ ଭାଜପା ସରକାର ଜାତିଆଣ ଭାବ ସୃଷ୍ଟି କରି ଦେଶରେ ଯେଉଁ ଅରାଜକତା ସୃଷ୍ଟି କରିଛି। ଏବେଠାରୁ ଗାଁ, ଗହଳିରେ ଦଳିତ ଯୁବତୀଯୁବକ, ମହିଳା, ଛାତ୍ରୀମାନେ ଏକାଠି ହେବାକୁ ପଡ଼ିବ। ପୁଞ୍ଜିବାଦର ବିନାଶ କରି ଦେଶରେ ଦଳିତ ଓ ଶୋଷଣ ମୁକ୍ତ ସୁସ୍ଥ ସମାଜ ଗଠନ କରିବାକୁ ମଞ୍ଚରେ ଉପସ୍ଥିତ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ଶେଷରେ ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ଏକ ୧୪ ଜଣିଆ ସାଂଗଠନିକ କମିଟି ଗଠନ କରାଯାଇଥିଲା। ସେଥିରେ ପୂର୍ଣ୍ଣଚନ୍ଦ୍ର ଦାସ ଚାଷୀଖଣ୍ଡ, ପ୍ରମୋଦ ଭୋଇ ବାରଡ଼ିଆ, ବଂଶୀଧର ଦାସ ରହମ୍ବା, ଆକାଶ ମଲ୍ଲିକ ନହରବାରୀ, ସୁର ଭୋଇ ପୁରଣ, ସୁବାସ ଭୋଇ ଅଲ୍ଲୀପଡ଼ା, ଗଜେନ୍ଦ୍ର ବେହେରା ବୀରବରପାଟଣା, ଗୋପୀନାଥ ଭୋଇ ରମ୍ଭାଦେଇପୁର, କ୍ଷୀର ଭୋଇ ଶଙ୍ଖାରୀସାହି, ଅଲେଖ ଦାସ ଓ ବିଷ୍ଣୁ ଦାସ କୁଳକଇଜଙ୍ଗା, ଅଶୋକ ଦାସ ମହାତୋଳ, ମହନି ଭୋଇ ଚାନ୍ଦପୁର, ନରେନ୍ଦ୍ର ଦାସ ଜଗତସିଂହପୁର କମିଟି ସଭ୍ୟ ଭାବେ ମନୋନୀତ ହୋଇଥିଲେ।

# ଗୌରହରି ସଂକୀର୍ତ୍ତନ ମହାମଣ୍ଡଳୀ ବୈଠକ

**ବାଲିକୁଦା,୩୦।୯(ସ୍ୱ.ପ୍ର)**

ନାମଯଜ୍ଞ ସଂସ୍କାର ସମିତି ସଂକୀର୍ତ୍ତନ ମହାମଣ୍ଡଳର କାଳିଓ ପଞ୍ଚାୟତ ଶାଖାର ମାସିକ ବୈଠକ ବାବା ବୃକ୍ଷରାଜଙ୍କ ପବିତ୍ର ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ବାବା ବୃକ୍ଷରାଜ ସଂକୀର୍ତ୍ତନ ମଣ୍ଡଳି, ଜାମ୍ବବତୀ ସଂକୀର୍ତ୍ତନ ମଣ୍ଡଳି, ମହାବୀର ସଂକୀର୍ତ୍ତନ ମଣ୍ଡଳୀ, ମା'କାଳିକେଇ ସଂକୀର୍ତ୍ତନ ମଣ୍ଡଳି, ବିରସଂହ ଗାଦୀ ସଂକୀର୍ତ୍ତନ ମଣ୍ଡଳି 'କ' ଓ'ଖ', ମା ବିମଳାଇ ସଂକୀର୍ତ୍ତନ ମଣ୍ଡଳି, ହନୁମାନ ସଂକୀର୍ତ୍ତନ ମଣ୍ଡଳି ମାଞ୍ଚ ଲିଙ୍ଗୁଳାଇ ସଂକୀର୍ତ୍ତନ ମଣ୍ଡଳି ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଶଣ କରିଥିଲେ। ଏହି ଅବସରରେ ବାବାଜି ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାମଣ୍ଡଳର ସଭାପତି ମାଧବାନନ୍ଦ ଜେନା, ସମ୍ପାଦକ ବସନ୍ତ କୁମାର ନାୟକ, ସହ ସମ୍ପାଦକ ପବିତ୍ର ମୋହନ ସାଉ, କୋଷାଧକ୍ଷ ଆର୍ତ୍ତବନ୍ଧୁ ଦାସ, କାଳିଓ ପଞ୍ଚାୟତ ଶାଖା ମଣ୍ଡଳ ସମ୍ପାଦକ ଅକ୍ଷୟ କୁମାର ବିଶ୍ୱାଳ, ସଦସ୍ୟ ରଞ୍ଜନ ସ୍ୱାଇଁ, ବିପିନ ସେନାପତି, ରଘୁନାଥ ସାହୁ, ଧର୍ମାନନ୍ଦ ସାହୁ, ମମାଧବ ନନ୍ଦ ବିଶ୍ୱାଳ, ପ୍ରମୋଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅକ୍ଷୟ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ଖୋଖୋରେ ସ୍ୱର୍ଣ୍ଣ ବିଜେତାଙ୍କୁ ସମ୍ବର୍ଦ୍ଧନା

**ରାହାମା, ୩୦।୯(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଗୋପିଆକୁଦ ଗ୍ରାମର ସସ୍ମିତା ନାଥ ଶର୍ମା ଲଣ୍ଡନର ବର୍ଲିନ୍‌ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଖୋଖୋ ପ୍ରତିଯୋଗିତାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ପରିସରରେ ସରପଞ୍ଚ ଦୀପ୍ତିମୟୀ ରାୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସହଦେବ ଗୁରୁ, ବିକ୍ରମ ରାଉତ, ୱାର୍ଡସଭ୍ୟ ପ୍ରଶାନ୍ତ ରାଉତ, ପ୍ରଫୁଲ୍ଲ ସେଠୀ, ପତିତପାବନ ବାରିକ, ସୁକାନ୍ତ କୁମାର ବାରିକ, ରୋଜାଲିନ୍ ସାହୁ, ବିଜୟ କୁମାର ବେହେରା, ଦେବେନ୍ଦ୍ର ଆଚାର୍ଯ୍ୟା, ପ୍ରଫୁଲ ମଲ୍ଲିକ, ଅଜୟ ମହାନ୍ତି, ତାପସ ସେଠୀ, ସୁରେନ୍ଦ୍ର ବେହେରା, ନିବେଦିତା ସେଠୀ, ଗିତାଞ୍ଜଳି ପଟ୍ଟନାୟକ, ଅମୁଲ୍ୟ ଦାସ, ବେଙ୍ଗଲତା ବେହେରା, ନୃସିଂହ ଚରଣ ଦାସ, ସୁରେନ୍ଦ୍ର ସ୍ୱାଇଁ, ମନମୋହନ କାନୁନ୍‌ଗୋ, ପ୍ରଫୁଲ୍ଲ ଦାସ, ସନ୍ତୋଷ ନାଥ ପ୍ରମୁଖ ଉପସ୍ଥିତ ରହି ସସ୍ମିତାଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ସସ୍ମିତାଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବୃଦ୍ଧି ପାଉଛି ସାର କଳାବଜାର, ଶୋଷିତ ହେଉଛନ୍ତି ଚାଷୀ

**ନାଉଗାଁ,୩୦।୯(ସ୍ୱ.ପ୍ର)**

ନାଉଗାଁ ବ୍ଲକରେ ୭୫ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। ବିଶେଷତଃ ଚାଷ କାର୍ଯ୍ୟ ପାଇଁ ସରକାର ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇଦେଉଛନ୍ତି। ଏପରିକି ଚାଷୀକୁ ସବସିଡ ଦରରେ ସାର, ଔଷଧ, କୀଟନାଶକ ଆଦି ଯୋଗାଇବା ସହିତ ଧାନ ସୁଲଭ ମୂଲ୍ୟରେ ବିକ୍ରି କରିବା ପାଇଁ ମଣ୍ଡିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ବ୍ଲକରେ ଥିବା କୃଷି ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟ ବିଷୟରେ ସଠିକ ପରାମର୍ଶ କିମ୍ବା ଉପଦେଶ ଆଦି ପାଇ ପାରୁ ନଥିବା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଓ କୀଟ ନାଶକ ଔଷଧ ଯୋଗଇଦେବା ପାଇଁ ଡେରିକି, ତିରୁଣା, ଗଜରାଜପୁର, ନାଉଗାଁ, ଅଲଣା, ଶିଖର ସମବାୟ ସମିତି ରହିଥିବା ବେଳେ ଗଙ୍ଗଦାହଟ, କଣ୍ଟୁଣିଆ, ନାଉଗାଁ ମୁଣ୍ଡାଳ ଆଦି ବଜାରରେ ବିଭିନ୍ନ ସାର ଦୋକାନିକୁ ସବସିଡ ଦାମରେ ସାର ଓ ଔଷଧ ବିକ୍ରି କରିବାକୁ ପଞ୍ଜୀକରଣ କରାଯାଇଛି। ସରକାରଙ୍କ ନିୟମାନୁସାରେ ଦୋକାନୀ ଦୋକାନ ସମ୍ମୁଖରେ ସାର ଓ କୀଟ ନାଶକ ଔଷଧ ବିକ୍ରି କରିବା ପାଇଁ ସୂଚନା ଫଳକ ଲଗାଇବା କଥା। କିନ୍ତୁ କୌଣସି ଦୋକାନ ସମ୍ମୁଖରେ ସୁଚନା ଫଳକ ଲଗାଯାଇ ନାହିଁ। ଏତଦ ବ୍ୟତୀତ କୃଷି ବିଭାଗ ତରଫରୁ ମିଳିଥିବା ପିଏସଓ ମେସିନ ର ବ୍ୟବହାର କରାଯାଉନାହିଁ। ସରକାରୀ ସ୍ତରରେ ୟୁରିଆର ମୂଲ୍ୟ ୨୬୭ ଟଙ୍କା ଥିବା ବେଳେ ଖୁଚୁରା କେଜି ପ୍ରତି ୧୦ ଟଙ୍କା ଦରରେ ବିକ୍ରି ଚାଲିଛି। ଗ୍ରୋମର ୧୩୦୦ ଟଙ୍କା ପ୍ୟାକେଟ ଥିବା ବେଳେ କେଜି ପ୍ରତି ୨୮ ଟଙ୍କା, ପଟାସ ପ୍ୟାକେଟ ୭ ଶହ ଟଙ୍କା ଥିବା ବେଳେ କେଜି ପ୍ରତି ୧୮ ଟଙ୍କାରେ ବିକ୍ରି ଚାଲିଛି। କୃଷି ବିଭାଗ ତରଫରୁ ଦୋକାନୀମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନଥିବାରୁ ଚାଷରମାନେ ଏକ ପ୍ରକାର ଶୋଷଣ ରେ ଶିକାର ହେଉଛନ୍ତି। ଏହି ବିଷୟକୁ ନେଇ ବାରମ୍ବାର ନବ ନିର୍ମାଣ ଓ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଜିଲା ପ୍ରଶାନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ବିଷୟରେ ନାଉଗାଁ କୃଷି ବିଭାଗ ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ ତଦନ୍ତ କରାଯିବ ବୋଲି କହିଥିଲେ।

## ଭାଜପାର ସଫେଇ କାର୍ଯ୍ୟକ୍ରମ

**ତିର୍ତ୍ତୋଲ,୩୦।୯(ଡି.ଏନ.ଏ.)**

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୨ତମ ଜୟନ୍ତୀ ଉପଲକ୍ଷେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ତରଫରୁ ଜଗନ୍ନାଥପୁର ମଣ୍ଡଳ ଓ ମା ଶାରଳା ମଣ୍ଡଳରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଗନ୍ନାଥପୁର ପଞ୍ଚାୟତର ପଞ୍ଚମୁଖୀ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ବକ୍ତାମାନେ ସ୍ୱର୍ଗତ ଉପାଧ୍ୟାୟଙ୍କ ଦେଶ ପ୍ରତି ଥିବା ଅବଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ମନ୍ଦିର ପରିସର ଓ ଆଖାପାଖ ଅଞ୍ଚଳରୁ ଆବର୍ଜନା ସଫା କରାଯାଇଥିଲା। ଏଥିରେ ଭାଜପା ନେତା ହରିହର ବେହେରା, ଜିଲା ସାଧାରଣ ସମ୍ପାଦକ ବିଜୟ ଦାଶ, କୋଷାଧକ୍ଷ ସୁଧୀର ପଣ୍ଡା, ରମାକାନ୍ତ ଭୋଇ, ଜଗନ୍ନାଥପୁର ମଣ୍ଡଳ ସଭାପତି ପ୍ରମୋଦ ବାରିକ, ବାବାଜୀ ଚରଣ ମଲ୍ଲିକ, ରାମଚନ୍ଦ୍ର ପାତ୍ର, ଗୌରହରି ସ୍ୱାଇଁ, ସୁବାସ ପଟ୍ଟନାୟକ, ଜ୍ୟୋତି କାନୁନ୍‌ଗୋ, ଶେଖ ରଜିଆ ରସୁଲ, ପ୍ରଭାତ ରଞ୍ଜନ ବାରିକ, ଭରତ ନାୟକ, ପ୍ରସନ୍ନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ସମ୍ବିଧାନ ପ୍ରଣେତା ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଡକର ମାତ୍ର ୧୦ ବର୍ଷ ପାଇଁ ସଂରକ୍ଷଣ ଲାଗୁ କରାଇବା ସପକ୍ଷରେ ଥିଲେ। କିନ୍ତୁ ଦେଶରେ ପ୍ରତି ୧୦ ବର୍ଷରେ ଏହାକୁ ପୁଣି ୧୦ କିମ୍ବା ୨୦ ବର୍ଷ ପାଇଁ ବୃଦ୍ଧି କରାଯାଉଛି। କେବଳ ସଂରକ୍ଷଣରୁ ଦେଶର ଉଦ୍ଧାର ହେବନାହିଁ।
-ସୁମିତ୍ରା ମହାଜନ, ଲୋକ ସଭା ବାଚସ୍ପତି



## ସଂକ୍ଷେପରେ

### ଶୋପିଆନ୍ ଥାନାରେ ଆତଙ୍କବାଦୀ ଆକ୍ରମଣ ପୋଲିସ କର୍ମୀ ଶହୀଦ

**ଶ୍ରୀନଗର,୩୦।୯(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍‌ସ୍ଥିତ ଏକ ଥାନାକୁ ରବିବାର ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ପୋଲିସ କର୍ମୀ ଶହୀଦ ହୋଇଛନ୍ତି। ଶହୀଦ କନ୍‌ଷ୍ଟେବଲ ହେଲେ ସାକିବ୍ ମୀର। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ସାକିବ୍ ଗୁରୁତର ହୋଇଥିଲେ। ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ କୁପ୍‌ୱାଡା ଜିଲା ଟଙ୍ଗଧର ସେକ୍ଟରରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଶନିବାର ବିଳମ୍ବିତ ରାତିରେ ପାକିସ୍ତାନୀ ସେନାର ଗୁଳିବର୍ଷା ବେଳେ ଆତଙ୍କବାଦୀମାନେ ନିୟନ୍ତ୍ରଣରେଖା ଅତିକ୍ରମ କରି ଅନୁପ୍ରବେଶ ଉଦ୍ୟମ କରୁଥିଲେ। ଯବାନଙ୍କ ଜବାବି କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀମାନେ ଭୟଭୀତ ହୋଇ ଫେରାର ହୋଇଯାଇଥିଲେ।

### ଗୋ ବିଭାଗ ଘୋଷଣା କଲେ ଶିବରାଜ

**ଭୋପାଳ,୩୦।୯(ପି.ଟି.):** ସ୍ୱତନ୍ତ୍ର ଗୋ ବିଭାଗ ଘୋଷଣା କଲେ ମଧ୍ୟପ୍ରଦେଶ



ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ୍। ରାଜ୍ୟରେ ଗାଈଙ୍କ ସୁରକ୍ଷା ଲାଗି ତାଙ୍କ ସରକାର ଏକ ଗୋ ବିଭାଗ ଗଠନ କରିବାକୁ ଯାଉଛି ବୋଲି ରବିବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟରେ ଥିବା ଗୋ ସୁରକ୍ଷା ବୋର୍ଡକୁ ବିଭାଗରେ ପରିବର୍ତ୍ତନ କରାଯିବ। ଏହା କରିବା ପଛରେ ତାଙ୍କ ଉଦ୍ଦେଶ୍ୟ ହେଉଛି ଏକ ସ୍ୱତନ୍ତ୍ର ବିଭାଗ ଗୋମାତାଙ୍କ ଯେଉଳି ଦେଖରେଖ କରିପାରିବ ବୋର୍ଡ ପକ୍ଷରେ ତାହା ସମ୍ଭବ ନୁହେଁ ବୋଲି ଶିବରାଜ କହିଛନ୍ତି। ତେବେ ରାଜ୍ୟରେ ଚଳିତବର୍ଷ ବିଧାନ ସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହା ତାଙ୍କର ଭୋଟବ୍ୟାଙ୍କ ରାଜନୀତି ବୋଲି ବିରୋଧୀ ପ୍ରକାଶ କରିଛନ୍ତି।

## ଭାରତ ମୁହଁରେ କଳା ବୋଳିବାକୁ ଅପଚେଷ୍ଟା

# ଜାତିସଂଘରେ ପାକିସ୍ତାନ ହଟହଟା

**ଜାତିସଂଘ,୩୦।୯(ପି.ଟି.)**

ଜାତିସଂଘରେ ପାକିସ୍ତାନର ଆତଙ୍କବାଦୀ ଚେହେରା ଓ ମିଛ ଉପରୁ ପରଦା ହଟିବା ପରେ ଇସ୍‌ଲାମାବାଦ ନୂଆଦିଲ୍ଲୀକୁ ଘେରିବାକୁ ଉଦ୍ୟମ କରିଛି। ପଡ଼ୋଶୀ ଚିରାଚରିତ ଢଙ୍ଗରେ କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ଏବଂ ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବ ଭଳି କେତୋଟି ପ୍ରସଙ୍ଗ ଉଠାଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ଫାସିବାଦୀ ଆତଙ୍କବାଦୀ ସଙ୍ଗଠନ ଭାବେ ଅଭିହିତ କରିବାକୁ ପଛାଇନାହିଁ ପାକିସ୍ତାନ। ଏପରିକି ପେଶାୱର ସ୍କୁଲ ଆକ୍ରମଣ ପଛରେ ମଧ୍ୟ ଭାରତର ହାତ ଥିବା ଅଭିଯୋଗ ଆଣିଛି ଏହି ଦେଶ। ଜାତିସଂଘରେ ରବିବାର ଏଭଳି ନିରର୍ଥକ ଅଭିଯୋଗର କଡ଼ା ଜବାବ ଦେଇଛି ଭାରତ। ଫଳରେ ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନର ମିଛ ପୁଣିଥରେ ଧରାପଡ଼ିଯାଇଛି।

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୭୩ତମ ଅଧିବେଶନରେ ଶନିବାର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଭାରତରୁ ପ୍ରତିନିଧିତ୍ୱ କରି ପାକିସ୍ତାନର ଅସଲ ମୁଖା ଖୋଲିଦେଇଥିଲେ। ପାକିସ୍ତାନ କିଭଳି ଭାବେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଇ ସତକୁ ଲୁଚାଇବା ପାଇଁ ବିଭ୍ରାନ୍ତିକର ତଥ୍ୟର ଆଶ୍ରୟ ନେଉଛି ସୁଷମା ତାହା ବିସ୍ତୃତ ଭାବେ ବିଶ୍ୱନେତାଙ୍କୁ ଅବଗତ କରାଇଥିଲେ। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଏଥିରେ ବିବ୍ରତ ହୋଇ ନୂଆଦିଲ୍ଲୀ ବିରୋଧରେ ନାନା ଭିତ୍ତିହୀନ ଅଭିଯୋଗ ଆଣିଥିଲେ। ସେହିପରି ୨୦୧୪ ପେଶାୱର ସ୍କୁଲରେ ଆକ୍ରମଣ କରିଥିବା ଆତଙ୍କବାଦୀମାନଙ୍କୁ ଭାରତର ସହଯୋଗ ମିଳିଥିଲା ବୋଲି ସେ ଆରୋପ ଲଗାଇଥିଲେ। ୟୁଏନ୍‌ଜିଏରେ ରବିବାର ପାକିସ୍ତାନର ପ୍ରତିନିଧି ସାଦ୍ ୱାରାଇଚ୍ ଭାରତରେ ସଂଖ୍ୟାଲଘୁମାନେ ଅସୁରକ୍ଷିତ ଥିବା ଅଭିଯୋଗ ଆଣି ଆର୍‌ଏସ୍‌ଏସ୍ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛନ୍ତି।



ଶାହ ମେହମୁଦ୍ କୁରେଶୀ



ଇନାମ ଗମ୍ଭୀର

ଭାରତ ନିଜ ଜବାବ ଦେବାର ଅଧିକାର ପ୍ରୟୋଗ କରି ଏହାର ଉତ୍ତର ରଖିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଇନାମ ଗମ୍ଭୀର ପାକିସ୍ତାନର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କୁରେଶୀ ଓ ୱାରାଇଚ୍‌ଙ୍କ ଅଭିଯୋଗ ଭିତ୍ତିହୀନ। ୪ ବର୍ଷ ତଳେ ଘଟିଥିବା ପେଶାୱର ସ୍କୁଲ ଗଣହତ୍ୟାର ଦୁଃଖ ଓ ଯନ୍ତ୍ରଣାକୁ ଭାରତୀୟମାନେ ମଧ୍ୟ ଅନୁଭବ କରିଥିଲେ। ପାର୍ଲାମେଣ୍ଟର ଉଭୟ ସଦନରେ ଏହି ଆକ୍ରମଣକୁ ନିନ୍ଦା କରାଯାଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନେତୃତ୍ୱାଧୀନ ନୂଆ ସରକାର ଏକଥା ମନେପକାଇବା ଦରକାର। ଇସ୍‌ଲାମାବାଦ ଯେଉଁ 'ନ୍ୟୁ ପାକିସ୍ତାନ'ର କଥା କହୁଛି, ତାହାର ନେତୃବୃନ୍ଦ ଜାଣିବା ଜରୁରୀ ଯେ, ସେହି ଦେଶରେ ଜାତିସଂଘ ଦ୍ୱାରା ଘୋଷିତ ୧୩୨ ଆତଙ୍କବାଦୀ ରହିଛନ୍ତି। ସେଠାରେ ହାଫିଜ୍ ସୟିଦ୍ ମୁକୁଳା ବୁଲୁଛନ୍ତି ଓ ନିର୍ବାଚନରେ ମଧ୍ୟ ଭାଗନେଉଛନ୍ତି। ଏକଥାକୁ କ'ଣ ପାକିସ୍ତାନ ଅସ୍ୱୀକାର କରିପାରିବ ବୋଲି ଗମ୍ଭୀର ପ୍ରଶ୍ନ କରିଛନ୍ତି।

## 'ମନ୍ କୀ ବାତ୍'ରେ ପାକିସ୍ତାନକୁ ଟାର୍ଗେଟ୍

# ଜବାବ ଦେବା ସେନାକୁ ଜଣା

**ନୂଆଦିଲ୍ଲୀ,୩୦।୯(ଆଇଏଏନ୍‌ଏସ୍)**




ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଟାର୍ଗେଟ୍ କରିଛନ୍ତି। ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଦ୍ୱିତୀୟ ବର୍ଷପୂର୍ତ୍ତିକୁ ମନେପକାଇ ମୋଦି କହିଛନ୍ତି, ଭାରତର ଶାନ୍ତି ଓ ପ୍ରଗତିକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଥିବା ଶତ୍ରୁଙ୍କ ପ୍ରତି ଦେଶର ସେନା ଜବାବ ଦେବା ଜାଣିଛି। ଭାରତ କେବେ କାହାର ଭୂଖଣ୍ଡ ଉପରେ ନଜର ପକାଇ ନ ଥାଏ ଏବଂ ଏହା ହେଉଛି ଶାନ୍ତି ପ୍ରତିଷ୍ଠା ନେଇ ଦେଶର ନିଜସ୍ୱ ପ୍ରତିବଦ୍ଧତା। ଭାରତ ଶାନ୍ତି ଉପରେ ବିଶ୍ୱାସ କରେ। ଏହାକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ଏଥିଲାଗି ଆତ୍ମସମ୍ମାନର ଜଳାଞ୍ଜଳି ଦିଆଯିବ ନାହିଁ। କୌଣସି ସ୍ଥିତିରେ ଦେଶ ନିଜର ସମ୍ମାନ ଏବଂ ସାର୍ବଭୌମତ୍ୱ ଉପରେ ସାଲିସ କରିବ ନାହିଁ। ଆତଙ୍କବାଦର କପଡ଼ା ପିନ୍ଧି ଛାୟାଯୁଦ୍ଧ କରୁଥିବା ଲୋକଙ୍କୁ ସର୍ଜିକାଲ୍ ଷ୍ଟ୍ରାଇକ୍ ଏକ ଦୃଢ଼ ଜବାବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦି ଦେଶର ଶାନ୍ତି ସେନା ଏବଂ ବାୟୁସେନାର ଭୂୟସୀ ପ୍ରଶଂସା କରିଛନ୍ତି। ଦେଶବିଦେଶରେ ଶାନ୍ତି ସେନା ଶାନ୍ତିବାର୍ତ୍ତା ଦେଉଥିବାବେଳେ ବାୟୁସେନା ଉଭୟ ସଂଘର୍ଷ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିଜର ପରାକ୍ରମ ପ୍ରଦର୍ଶନ କରିଥାଏ ବୋଲି ମୋଦି କହିଛନ୍ତି। ସ୍ୱଚ୍ଛ ଭାରତ ମିଶନ ବିଶ୍ୱବ୍ୟାପୀ ସଫଳ ହୋଇଛି ବୋଲି ମୋଦି ଖୁସି ବ୍ୟକ୍ତ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ମନ୍ତ୍ର ପ୍ରଚାର କରିବା ସହ ସ୍ୱତନ୍ତ୍ର ଅବସରରେ ଖଦି ଏବଂ ହସ୍ତତନ୍ତ ଉତ୍ପାଦ କିଣିବା ଲାଗି ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅକ୍ଟୋବର ୩୧ରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ପାଳିତ ହେଉଥିବା 'ଏକତା ଦୌଡ଼'ରେ ସାମିଲ ହେବା ଲାଗି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ମଧ୍ୟ ସେ ମନେପକାଇଥିଲେ। ୪୮ତମ 'ମନ୍ କୀ ବାତ୍'ରେ ମୋଦି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ଗୁରୁତ୍ୱାରୋପ କରିବା ସହ ଏହାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଏହା ତାଙ୍କ ସରକାରଙ୍କ 'ସବ୍ କା ସାଥ୍ ସବ୍‌କା ବିକାଶ' ଆଦର୍ଶର ମୂଳମନ୍ତ୍ର। ନିର୍ଯାତିତ, ପୀଡ଼ିତ ଏବଂ ଅନଗ୍ରସର ଲୋକଙ୍କ ପାଇଁ ଶାନ୍ତି ଏବଂ ସ୍ୱାଧୀନତା ପାଇଁ ମାନବାଧିକାର ଏବଂ ନ୍ୟାୟ ଦେବା ଗୁରୁତ୍ୱପୂର୍ଣ୍ଣ। ଏନ୍‌ଏଚ୍‌ଆର୍‌ସି କେବଳ ମାନବାଧିକାରକୁ ସୁରକ୍ଷିତ କରୁନାହିଁ, ଦୀର୍ଘବର୍ଷ ଧରି ଏହା ମଣିଷର ମର୍ଯ୍ୟାଦା ପାଇଁ ସମ୍ମାନକୁ ପ୍ରୋତ୍ସାହନ ଦେଇ ଆସୁଛି।

# 'ନେତାଜୀଙ୍କୁ ହତ୍ୟା କରାଇଥିଲେ ଷ୍ଟାଲିନ୍'

**ଅଗରତାଲା,୩୦।୯(ଆଇଏଏନ୍‌ଏସ୍)**

## ତଦନ୍ତ ଦାବି କଲେ ସ୍ୱାମୀ



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା। ସେ ସୋଭିଏଟ୍ ହାଜତରେ ଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା ବୋଲି ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀ। ଏଥିସହ ଏକ କମିଶନ ଗଠନ କରି ନେତାଜୀଙ୍କ ସନ୍ଦେହଜନକ ମୃତ୍ୟୁ ତଦନ୍ତ କରାଯାଉ ବୋଲି ଭାଜପା ନେତା ସ୍ୱାମୀ ଦାବି କରିଛନ୍ତି।

ତ୍ରିପୁରାର ରାଜଧାନୀ ଅଗରତାଲାରେ ଗଣମାଧ୍ୟମକୁ ସ୍ୱାମୀ କହିଛନ୍ତି, ୧୯୪୫ରେ ଏକ ବିମାନ ଦୁର୍ଘଟଣାରେ ନେତାଜୀଙ୍କ ମୃତ୍ୟୁ ହୋଇଥିଲା ବୋଲି ଅନେକେ ବିଶ୍ୱାସ କରନ୍ତି। କିନ୍ତୁ, ପ୍ରକୃତ କଥା ଅଲଗା। ନେତାଜୀ ମାଞ୍ଚୁରିଆନ୍ ସୀମା ଦେଇ ସୋଭିଏଟ୍ ୟୁନିୟନ୍‌କୁ ପ୍ରବେଶ କରିଥିଲେ। ସୋଭିଏଟ୍‌ର ତତ୍କାଳୀନ ଶାସକ ଯୋସେଫ୍ ଷ୍ଟାଲିନ୍ ନେତାଜୀଙ୍କ ସହ ବିଶ୍ୱାସଘାତ କରି ତାଙ୍କୁ ସାଇବେରିଆନ୍ ଜେଲକୁ ପଠାଇଦେଇଥିଲେ। ସେଠାରେ ନେତାଜୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଷ୍ଟାଲିନ୍ ସେତେବେଳେ ନେତାଜୀଙ୍କ ମୃତ୍ୟୁ ସମ୍ପର୍କରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଜଣାଇଥିଲେ। ଏସମ୍ପର୍କିତ ଖବର ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ଖୁବ୍‌ଶୀଘ୍ର ସବୁକିଛି ସମସ୍ତେ ଜାଣିପାରିବେ ବୋଲି ସ୍ୱାମୀ କହିଛନ୍ତି।

# ମେଜରଙ୍କ ନାଁରେ ବଳାତ୍କାର ଅଭିଯୋଗ

**ନୂଆଦିଲ୍ଲୀ,୩୦।୯(ପି.ଟି.)**

ଦିଲ୍ଲୀରେ ସେନା ମେଜରଙ୍କ ବିରୋଧରେ ଚାକରାଣୀକୁ ବଳାତ୍କାର ଅଭିଯୋଗ ହୋଇଛି। ଦକ୍ଷିଣ ଦିଲ୍ଲୀ ଅଞ୍ଚଳରେ ରହୁଥିବା ସେନା ଅଧିକାରୀ ଜଣକ ଜୁଲାଇ ୧୨ରେ ତାଙ୍କୁ ବଳାତ୍କାର କରିଥିବା ଦର୍ଶାଇଛନ୍ତି। ବଳାତ୍କାର ଘଟଣା ଜାଣିବା ପରେ ମହିଳାଙ୍କ ସ୍ୱାମୀ ଆତ୍ମହତ୍ୟା କରିଥିବା ମଧ୍ୟ ଜାଣିବାକୁ ମିଳିଛି। ସେପ୍ଟେମ୍ବର ୨୫ରେ ପୀଡ଼ିତା ଦିଲ୍ଲୀ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ସେନା ଅଧିକାରୀଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ବଳାତ୍କାର ପରେ ମଧ୍ୟ ମହିଳା ଜଣକ ଅଭିଯୁକ୍ତଙ୍କ ଘରେ କାମ କରୁଥିଲେ ବୋଲି ରବିବାର ପୋଲିସ କହିଛି।

## ଫୁର୍‌ସତ

# କ୍ୟାନ୍‌ସର ଏଡ଼ାଇବ ଉତ୍ତମ ଖାଦ୍ୟ

**ମେକ୍ସିକୋ ସିଟି :** ଉତ୍ତମ ଖାଦ୍ୟାଭ୍ୟାସ ଦ୍ୱାରା କ୍ୟାନ୍‌ସର ଏଡାଇ ଦିଆଯାଇପାରିବ। ସବୁଜ ଚା, ଡାଳିମ୍ବ ଏବଂ ବ୍ରୋକୋଲି ଖାଇବା ଦ୍ୱାରା କ୍ୟାନ୍‌ସରକୁ ଦୂରେଇ ଦିଆଯାଇପାରିବ ବୋଲି ପୁଷ୍ଟିବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି। ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ କ୍ୟାନସରକୁ ଏଡାଇଦିଏ। ମେକ୍ସିକୋ ଜେନେରାଲ ହସ୍ପିଟାଲ୍‌ର କ୍ଲିନିକାଲ୍ ନ୍ୟୁଟ୍ରିଶନ୍ ମୁଖ୍ୟ ଭାନିଶା ଫୁଚ୍ କହନ୍ତି, ପଲିଫେନଲ୍ ଭରପୂର ଥିବା ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରି ଗୁଣ ରହିଛି। ଏହାଦ୍ୱାରା ସ୍ନାୟୁ ଅବକ୍ଷୟ ମନ୍ଥର ହେବା ସହିତ ବୟସ ବୃଦ୍ଧିକୁ ରୋକାଯାଇପାରିବ ବୋଲି ବିଜ୍ଞାନସମ୍ମତ ପ୍ରମାଣିତ ହୋଇଛି। ଏହା ମଧ୍ୟ କ୍ୟାନ୍‌ସର ନିରୋଧୀ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ପଲିଫେନଲ୍ ଦୁର୍ବଳ ଥିବା ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍‌ସର ଆଶଙ୍କା ବୃଦ୍ଧି ପାଇଥାଏ। ଗ୍ରୀନ୍ ଟି ଅଭ୍ୟାସ ଦ୍ୱାରା ସ୍ତନକର୍କଟ ଏବଂ ଡାଳିମ୍ବ ଖାଇବା ଦ୍ୱାରା ପ୍ରୋଷ୍ଟେଟ୍ କ୍ୟାନ୍‌ସର ଆଶଙ୍କା ଦୂର କରାଯାଇପାରିବ। ବ୍ରୋକୋଲିରେ ଆଇସୋଥିଓସିଆନେଟ୍ ଏବଂ ସଲଫୋରାଫେନ୍ ପ୍ରଚୁର ପରିମାଣରେ ଥିବାରୁ ଏହା କ୍ୟାନ୍‌ସର କୋଷିକାକୁ ବଢ଼ାଇ ଦିଏନାହିଁ। ଏପରିକି କେତେକ ଫଳ ଓ ପନିପରିବାର ଚୋପାରେ ପ୍ରଚୁର ପଲିଫେନଲ୍ ଉପାଦାନ ଥିଲେ ହେଁ ଏଥିରୁ ଚୋପା ଛଡାଇ ଖାଦ୍ୟ ରୂପେ ବ୍ୟବହାର କରାଯାଏ। କେବଳ ୨୦୧୫ରେ କ୍ୟାନ୍‌ସର ଯୋଗୁ ବିଶ୍ୱରେ ୮.୮ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥିଲା।



# ଗାନ୍ଧିଜୀଙ୍କ 'ହୃତ୍‌ସ୍ପନ୍ଦନ' ଶୁଣିହେବ

**ନୂଆଦିଲ୍ଲୀ:** ଦିଲ୍ଲୀର ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍‌ରେ କୃତ୍ରିମ ଭାବରେ ସୃଷ୍ଟି କରାଯାଇଥିବା ମହାତ୍ମା ଗାନ୍ଧୀଙ୍କ ହୃତ୍‌ସ୍ପନ୍ଦନ ଜନସାଧାରଣ ଶୁଣିବାର ସୁଯୋଗ ପାଇବେ। ଜାତିର ପିତାଙ୍କ ୧୫୦ତମ ଜନ୍ମବାର୍ଷିକୀ ସ୍ମାରକୀ ସ୍ୱରୂପ ସୋମବାରଠାରୁ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ନେଇ କେତେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅହିଂସା ଓ ବିଶ୍ୱଶାନ୍ତି ଉପରେ ଏକ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ କରାଯିବ। ଏଥି ସହିତ 'ଡିଜିଟାଲ୍ ମଲ୍ଟିମେଡିଆ କିଟ୍' ଉନ୍ମୋଚନ କରାଯିବ। ଏଥିରେ ଗାନ୍ଧିଜୀଙ୍କର ବିଭିନ୍ନ ସମୟର ଅଡିଓ ଭିଡିଓ ଫୁଟେଜ୍ ରହିଥିବା ଏହାର ନିର୍ଦ୍ଦେଶକ ଏ. ଆନ୍ନାମାଲାଇ ପ୍ରକାଶ କରିଛନ୍ତି। ବିଭିନ୍ନ ପରିସ୍ଥିତିରେ ଗାନ୍ଧିଜୀଙ୍କର ଇଲେକ୍‌ଟ୍ରୋକାର୍ଡିଓଗ୍ରାଫି (ଇସିଜି) ସଂଗ୍ରହ କରାଯାଇ ଡିଜିଟାଲ୍ ମାଧ୍ୟମରେ ତାଙ୍କର ହୃତ୍‌ସ୍ପନ୍ଦନକୁ ପୁନଃ ସୃଷ୍ଟି କରାଯାଇ ପାରିଛି। ଜନସାଧାରଣଙ୍କ ନିମନ୍ତେ ଏହା ଖୁବ୍ ଚିତ୍ତାକର୍ଷକ ହୋଇପାରିବ। ଆଉ ଏକ ସ୍ୱତନ୍ତ୍ର ସଂକଳନ ଡିଜିଟାଲ୍ ମଲ୍ଟିମେଡିଆ କିଟ୍ ସୋମବାର ରିଲିଜ୍ ହେବ। ଜନସାଧାରଣ ଏହାକୁ କ୍ରୟ କରିବା ନିମନ୍ତେ ଉପଲବ୍ଧ ହୋଇପାରିବ। ଉକ୍ତ କିଟ୍‌ରେ ରହିଛି ଏକ ପେନ୍ ଡ୍ରାଇଭ୍। ଏଥିରେ ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି। ଗାନ୍ଧିଜୀଙ୍କ ଉପରେ ୧୦ଟି ପୁସ୍ତକ, ଏ.କେ. ଚେଟିଆରଙ୍କ ଦ୍ୱାରା ଏକ ପ୍ରାମାଣିକ ଚଳଚ୍ଚିତ୍ର, ୧୦୦ଟି ସଂଗୃହୀତ ଫଟୋ, ଗାନ୍ଧିଜୀଙ୍କ କଣ୍ଠସ୍ୱର, ତାଙ୍କ ଆଶ୍ରମ ଗସ୍ତ ଏବଂ ପ୍ରିୟ ଭଜନ ଏଥିରେ ରହିଥିବା ଆନ୍ନାମାଲାଇ ପ୍ରକାଶ କରିଛନ୍ତି। ଏହି ବିରଳ ସଂକଳନ ସମ୍ବଳିତ କିଟ୍ ଦ୍ୱାରା ଯୁବପିଢ଼ି ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି।




## ଇତିହାସର ଆଇନାରେ

### ଅକ୍ଟୋବର ୧ର ପ୍ରମୁଖ ଘଟଣା

୧୯୭୧ ଅକ୍ଟୋବର ୧ରେ ଆମେରିକାର ଫ୍ଲୋରିଡାସ୍ଥିତ ଅର୍ଲାଣ୍ଡୋରେ ୱାଲ୍ଟ ଡିଜନୀ ୱାର୍ଲ୍ଡ ଖୋଲିଥିଲା। ୱାଲ୍ଟ ଡିଜନୀ ୱାର୍ଲ୍ଡ ରିସୋର୍ଟକୁ ଡିଜନୀ ୱାର୍ଲ୍ଡ ନାମରେ ମଧ୍ୟ ସମସ୍ତେ ଜାଣନ୍ତି। ଏହା ବେ ଏବଂ ବୁଏନା ହ୍ରଦ କୂଳରେ ଥିବା ଏକ ମନୋରଞ୍ଜନ ସ୍ଥାନ। ଏହାମଧ୍ୟରେ ୱାଟର ପାର୍କ, ଥିମ ପାର୍କ, ଗଲ୍ଫ ପଡିଆ ଏବଂ ଆଉଟ୍ ଡୋର ଶପିଂ ସେଣ୍ଟର ରହିଛି।

୨୦୦୧ ଅକ୍ଟୋବର ୧ରେ ଜମ୍ମୁ ଓ କଶ୍ମୀର ବିଧାନସଭା ଉପରେ ୩ ଜଣ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣ କରିଥିଲେ। ବିସ୍ଫୋରକ ଭର୍ତ୍ତି ଏକ କାରରେ ଆତଙ୍କବାଦୀମାନେ ବିଧାନସଭାର ମୁଖ୍ୟ ଫାଟକ ବାଟ୍ ଦେଇ ପଶିଥିଲେ। ଏହାପରେ ସେମାନେ କାରଟିକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ଏଥିରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୪.୯ |
| ଚାନ୍ଦବାଲି | ୩୪.୮ | ୨୫.୬ |
| କଟକ | ୩୪.୬ | ୨୫.୦ |
| ପାରାଦ୍ୱୀପ | ୩୪.୧ | ୨୭.୪ |
| ଭୁବନେଶ୍ୱର | ୩୪.୮ | ୨୫.୧ |
| ଗୋପାଳପୁର | ୩୫.୪ | ୨୫.୫ |
| ପୁରୀ | ୩୪.୫ | ୨୮.୦ |
| ଅନୁଗୋଳ | ୩୫.୧ | ୨୩.୦ |
| ବାରିପଦା | ୩୪.୬ | ୨୫.୫ |
| ଝାରସୁଗୁଡ଼ା | ୩୫.୬ | ୨୪.୦ |
| କେନ୍ଦୁଝର | ୩୨.୬ | ୨୨.୮ |
| ସମ୍ବଲପୁର | ୩୬.୦ | ୨୪.୬ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୬.୧ | ୨୫.୩ |
| ତାଳଚେର | ୩୬.୩ | ୨୪.୫ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୫.୫ | ୨୫.୨ |
| କୋରାପୁଟ | ୨୯.୬ | ୧୯.୮ |
| ଫୁଲବାଣୀ | --- | ୨୦.୫ |
| ଟିଟିଲାଗଡ଼ | ୩୫.୦ | ୨୩.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୫.୮ | ୨୪.୦ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଆଶାବାଦୀ ତାପସୀ

**ମୁମ୍ବାଇ:** 'ମନ୍‌ମର୍ଜିୟାଁ' ସଫଳତା ଲାଭ କରିବା ପରେ ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ବେଶ୍ ଖୁସି ଜଣାପଡୁଛନ୍ତି। ତାଙ୍କ କହିବା କଥା ହେଉଛି ୨୦୧୮ ତାଙ୍କ ପାଇଁ ବେଶ୍ ଶୁଭଙ୍କର। ବଢ଼ିବା ପାଇଁ ଆଗକୁ ପଥ ପରିଷ୍କାର ଦେଖାଯାଉଥିବା ସେ ପ୍ରକାଶ କରିଛନ୍ତି। ତାପସୀ ରବିବାର ଟୁଇଟ୍ କରି ଜଣାଇଛନ୍ତି, ଆପଣମାନେ ମୋ ମୁହଁର ଖୁସି ଦେଖିପାରିବେ। କାରଣ ଚଳିତବର୍ଷ ୨୦୧୮ ମୋ ପାଇଁ ଶୁଭଦାୟକ। ଯେଉଁମାନେ ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ପ୍ରତ୍ୟେକଙ୍କ ନିକଟରେ ମୁଁ କୃତଜ୍ଞ। 'ନୀତିଶାସ୍ତ୍ର', 'ସୁର୍‌ମା', 'ମୁଲ୍‌କ', 'ନୀଭେଭାରୁ' ଏବଂ 'ମନମର୍ଜିୟାଁ' ଭଳି ଫିଲ୍ମରେ ଅଭିନୟ କରି ସେ ଦର୍ଶକଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ତାପସୀଙ୍କ ହାତରେ ବର୍ତ୍ତମାନ ଦୁଇଟି ଫିଲ୍ମ 'ତଡ୍‌କା' ଏବଂ 'ବଦ୍‌ଲା' ରହିଛି। ଆଗାମୀ ଫିଲ୍ମ 'ତଡ୍‌କା'ର ନିର୍ଦ୍ଦେଶନା ଦେଇଛନ୍ତି ପ୍ରକାଶ ରାଜ୍। ଉକ୍ତ ଫିଲ୍ମ ୨୦୧୧ରେ ମାଲୟାଲମ ଭାଷାରେ ନିର୍ମିତ 'ସଲ୍ଟ ଏନ୍ ପିପ୍ପର'ର ରିମେକ୍। ସେ ମଧ୍ୟ ମେଗାଷ୍ଟାର ଅମିତାଭ୍ ବଚ୍ଚନଙ୍କ ସହିତ 'ବଦ୍‌ଲା'ରେ ଦେଖାଦେବେ।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ୪ ବର୍ଷରେ ୪୦ କୋଟି ଲୋକଙ୍କୁ ଶୌଚାଳୟ ଯୋଗାଇ ଦିଆଯାଇଛି। ଏସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମାହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ସ୍ୱଚ୍ଛତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ୫ ବର୍ଷରେ ଭାରତ ପୂର୍ଣ୍ଣ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରିବ ବୋଲି ରାଷ୍ଟ୍ରପତି ଆଶା ପ୍ରକାଶ କରିଛନ୍ତି। ୨୦୧୪ରେ ଭାରତରେ ସ୍ୱଚ୍ଛତା ପ୍ରତିଶତ ୩୯ ଥିବାବେଳେ ୨୦୧୮ ସେପ୍ଟେମ୍ବର ୨୯ ସୁଦ୍ଧା ଏହା ୯୫ ପ୍ରତିଶତରେ ପହଞ୍ଚିଛି ବୋଲି ସେ ପ୍ରକାଶ କରିଛନ୍ତି।



# ଅକ୍ଟୋବର ୨ରୁ ଡାକ୍ତରଙ୍କ ଶାନ୍ତିପୂର୍ଣ୍ଣ ଧାରଣା

■ ପ୍ରଭାବିତ ହେବନି ରୋଗୀସେବା
■ ୧୫ଦିନ ଧରି ଚାଲିବ ଧାରଣା

ଭୁବନେଶ୍ୱର, ୩୦।୯ (ବ୍ୟୁରୋ)

୮ ଦଫା ଦାବିନେଇ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ (ଓମ୍‌ସା) ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସଦର ଚିକିତ୍ସାଳୟଗୁଡିକରେ ଶାନ୍ତିପୂର୍ଣ୍ଣ ଧାରଣା ଦେବ। ଏହି ଧାରଣା ୧୫ଦିନ ଧରି ଚାଲିବ। ଆସୋସିଏଶନ ରୋଗୀସେବାକୁ ବ୍ୟାହତ ନ କରି ପ୍ରତିଦିନ ମଧ୍ୟାହ୍ନ ସାଢେ ୧୨ ଟାରୁ ସାଢେ ୧ଟା ପର୍ଯ୍ୟନ୍ତ ଏକଘଣ୍ଟା ବ୍ୟାପି ଡାକ୍ତରମାନେ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ରବିବାର ଓମ୍‌ସା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନର ସଭାପତି ଡା. ନିରାକାର ଭଞ୍ଜ କହିଛନ୍ତି।

ଆସୋସିଏଶନର ସାଧାରଣ ପରିଷଦ ବୈଠକ ଭୁବନେଶ୍ୱରସ୍ଥିତ ଆଇଏମ୍‌ଏ ଭବନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ଭଞ୍ଜଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ ଯୋଗଦେଇ କହିଲେ, ଡାକ୍ତରମାନେ ଆନ୍ତରିକତାର ସହ କର୍ତ୍ତବ୍ୟ କଲେ ଡାକ୍ତର ଏବଂ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଦେଖା ଦେଉଥିବା ସମସ୍ୟାର ଅଧିକାଂଶ ସମସ୍ୟା ଆପେ ସମାଧାନ ହୋଇଯିବ। କିନ୍ତୁ ସରକାର ସେମାନଙ୍କ ପାଇଁ ସେଠାରେ ଉପଯୁକ୍ତ ରହିବାର ପରିବେଶ ସୃଷ୍ଟି କରିବା ଦରକାର ବୋଲି ନିର୍ଦ୍ଦେଶକ ପଟ୍ଟନାୟକ କହିଛନ୍ତି। ଏନେଇ ସଭାପତି ଭଞ୍ଜ କୁହନ୍ତି, ଓଡ଼ିଶା ମେଡିକାଲ ଆଣ୍ଡ୍ ହେଲଥ୍ ସର୍ଭିସ କ୍ୟାଡର ରୁଲ୍ ଡାକ୍ତରଙ୍କ ପାଇଁ ରାଜ୍ୟ ସରକାର ପ୍ରଚଳନ କରି କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ କରିବାକୁ ଓମସା ଦାବି କରୁଛି। ଏଥିସହିତ ଡାକ୍ତରଖାନାରେ ଡାକ୍ତରମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରତି ଜିଲାମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟ ପୋଲିସ୍ ଗନମ୍ୟାନ ରଖିବାର ବ୍ୟବସ୍ଥା କରାଯାଉ। ଫଳରେ ଡାକ୍ତରମାନେ ହସ୍ପିଟାଲରେ ନିର୍ଭୟରେ କାର୍ଯ୍ୟ କରିପାରିବେ। ଡାକ୍ତର ପଦବୀ ପୂରଣକୁ ନେଇ ରାଜ୍ୟ ସରକାର ଠିକା ଏବଂ ଅସ୍ଥାୟୀ ଡାକ୍ତର ନିଯୁକ୍ତି କରିଛନ୍ତି। ସେମାନଙ୍କୁ ତାଙ୍କ ନିଯୁକ୍ତିଠାରୁ ୬ବର୍ଷ କାର୍ଯ୍ୟ କଳାପରେ ତାଙ୍କ ପଦବୀରେ ଚାକିରି ସ୍ଥାୟୀ କରାଯାଉ। ସରକାର ଓମ୍‌ସା ସହିତ ଆଲୋଚନା ନ କରି ୨୦୧୮ରେ କ୍ୟାବିନେଟରେ ଏକ ନିୟମ ପ୍ରଣୟଣ କରିଛନ୍ତି। ଏହାକୁ ଓମ୍‌ସା ବିରୋଧ କରୁଛି। ଏହା ଉପରେ ସରକାର ଓମ୍‌ସା ସହିତ ଆଲୋଚନା କରି ତ୍ରୁଟିଗୁଡିକୁ ପରିବର୍ତ୍ତନ କରି କାର୍ଯ୍ୟକାରୀ କରନ୍ତୁ ବୋଲି ସଭାପତି କହିଛନ୍ତି। ସେହିପରି ଡାକ୍ତରମାନଙ୍କ ଅବସର ବୟସ ୬୨ବର୍ଷରୁ ଅଧିକ ନ କରିବା, ଡାକ୍ତରଙ୍କ କାର୍ଯ୍ୟ ସମୟ ନିର୍ଘଣ୍ଟ, ଜବ୍‌ଚାର୍ଟ ପ୍ରଚଳନ ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଡାକ୍ତରମାନଙ୍କୁ ଛୁଟିଦିନ ଉପଭୋଗର ସୁବିଧା ଦେବା, ପାରଦର୍ଶୀ ବଦଳି ନୀତି ପ୍ରଚଳନ କରିବା, ଠିକାରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କୁ ଓପିଏସ୍‌ସି ପରୀକ୍ଷାରେ ଅଭିଜ୍ଞତା ପାଇଁ ମାର୍କ ପ୍ରଦାନ କରିବାକୁ ବ୍ୟବସ୍ଥା କରିବାକୁ ଓମ୍‌ସା ଦାବି କରୁଛି ବୋଲି ସଭାପତି କହିଛନ୍ତି।

## ଗାନ୍ଧୀ ଜୟନ୍ତୀରେ ଅନଶନରେ ବସିବେ ଶିକ୍ଷକ

ଭୁବନେଶ୍ୱର, ୩୦।୯(ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଚାଲିଥିବା ଗଣଧାରଣା ୪୬ ଦିନରେ ପହଞ୍ଚିଛି କିନ୍ତୁ ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ୬୦ହଜାର ଶିକ୍ଷକ ଅଧ୍ୟାପକ ହକ୍ ପାଇଁ ଗାନ୍ଧୀଜୟନ୍ତୀରେ ୧୨ ଘଣ୍ଟିଆ ଅନଶନ କରିବେ। ରାଜ୍ୟର ୩୦ ଜିଲାର ସଦର ମହକୁମାରେ ରାଜ୍ୟ ସରକାରଙ୍କ ଶାସନ ବିରୋଧରେ ଶିକ୍ଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନଶନ ନିଷ୍ପତ୍ତି ନେଇଛନ୍ତି। ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ସୂଚନା ଦେଇଛନ୍ତି ମହାତ୍ମା ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରି ଅହୋରାତ୍ର ଗଣଧାରଣାରେ ବସିଥିବା ଶିକ୍ଷକ ଆବଶ୍ୟକ ହେଲେ ଚାକିରିର ଅବଶିଷ୍ଟ ସମୟ କାରାବରଣ କରିବେ ବୋଲି ମିଳିତ ମଞ୍ଚର ଷ୍ଟିୟରିଂ କମିଟି ସଦସ୍ୟ ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।

## ମଧୁସୂଦନପାଲିରେ ପୁଣି ବିସ୍ଫୋରଣ
## ଗ୍ୟାସ୍ ସିଲିଣ୍ଡର ଫାଟି ୨ ଆହତ

ରାଉରକେଲା ଅଫିସ,୩୦।୯: ଶନିବାର ବିଳମ୍ବିତ ରାତିରେ ମଧୁସୂଦନପାଲି ଅଞ୍ଚଳରେ ପୁଣି ବିସ୍ଫୋରଣ ଘଟିଛି। ବବଲୁ ଦାସଙ୍କ ଘରେ ଭଡ଼ା ରହୁଥିବା ଅଶୋକ ବେରା (୪୬) ରୋଷେଇ କରୁଥିବାବେଳେ ହଠାତ୍ ଗ୍ୟାସ୍ ସିଲିଣ୍ଡର ଫାଟିଯାଇଥିଲା। ଏଥିରେ ଅଶୋକ ଓ ତାଙ୍କ ପଡ଼ୋଶୀ ତରୁଣକାନ୍ତି (୫୦) ଆହତ ହୋଇଛନ୍ତି। ଅଶୋକଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରାଯାଇଛି। ତରୁଣ ସାମାନ୍ୟ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ବବଲୁଙ୍କ ଘର ଛାତ ଉଡ଼ିଯାଇଛି। ସୂଚନା ଅନୁସାରେ, ଅଶୋକ ଡେଲି ମାର୍କେଟରେ ପରିବା ବ୍ୟବସାୟ କରନ୍ତି। ସନ୍ଧ୍ୟାରେ ଘରକୁ ଫେରନ୍ତି। ଶନିବାର ସେ ବ୍ୟବସାୟ ସାରି ଘରକୁ ଫେରିବା ପରେ ଗ୍ୟାସ୍ ଚୁଲା ଲଗାଇ ରୋଷେଇ କରୁଥିଲେ। ଏହି ସମୟରେ ସିଲିଣ୍ଡରଟି ଫାଟି ଯାଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ତରୁଣ ତାଙ୍କ ଘରକୁ ପଶି ଆସିବାରୁ ସେ ମଧ୍ୟ ଆହତ ହୋଇଥିଲେ। ଘଟଣାସ୍ଥଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ସୂଚନାଯୋଗ୍ୟ, ଗତ ବିଶ୍ୱକର୍ମା ପୂଜା ମଧ୍ୟାହ୍ନରେ ମଧୁସୂଦନପାଲି ଅଞ୍ଚଳର ଜବାହରଲାଲ ଶ୍ରୀବାସ୍ତବଙ୍କ ଘରେ ବାରୁଦ ବିସ୍ଫୋରଣ ଘଟିବାରୁ ତାଙ୍କ ଦୁଇ ବୋହୂଙ୍କ ମୃତ୍ୟୁ ହୋଇଥିଲା। ଏହି ବିସ୍ଫୋରଣରେ ୫୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଥିଲା।


ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଆହତ ଅଶୋକ ବେରା ଆରଜିଏଚ୍‌ରେ ଚିକିତ୍ସାଧୀନ।

## ଅଭିନେତାଙ୍କ କାର କାଚ ଭାଙ୍ଗି ଲୁଟ୍

ଭୁବନେଶ୍ୱର, ୩୦।୯ (ବ୍ୟୁରୋ): ଲିଙ୍ଗରାଜ ଥାନା ଅଧୀନ ବିବେକାନନ୍ଦ ମାର୍ଗ ଏସ୍‌ବିଆଇ ଆଗରୁ ରବିବାର ଅପରାହ୍ନରେ ଧାରାବାହିକ ଅଭିନେତା ଦେବରାଜ ଆଚାର୍ଯ୍ୟଙ୍କ କାର କାଚ ଭାଙ୍ଗି ଲୁଟ୍ ହୋଇଛି। ଦୁଇ ଜଣ ଯୁବକ ଜଣକ ଗାଡିର ବାମ୍ କାଚକୁ ଏକ ପଥର ସାହାଯ୍ୟରେ ଭାଙ୍ଗି ଗାଡି ଭିତରୁ ୧୩ ହଜାର ଟଙ୍କା, ଏକ ମୋବାଇଲ୍ ଫୋନ୍ ଓ ଏକାଧିକ ଏଟିଏମକାର୍ଡ ନେଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଦେଖିଦେବାରୁ ସେମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଲୋକମାନେ ଜଣେ ଲୁଟେରାଙ୍କ ରଥ ରୋଡ୍ ନିକଟରେ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଦେବରାଜ ଏ ନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଧରାପଡିଥିବା ଲୁଟେରାଙ୍କୁ ପଚରାଉଚରା କରୁଛି। ଫେରାର ଥିବା ଅନ୍ୟ ଜଣେ ଲୁଟେରାଙ୍କ ନିକଟରେ ଟଙ୍କା ଓ ମୋବାଇଲ ଫୋନ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

**ଖସିଯିବାବେଳେ ଜଣେ ଲୁଟେରାଙ୍କୁ କାବୁ କଲେ ଲୋକେ**

ସୂଚନା ଅନୁଯାୟୀ, ବିବେକାନନ୍ଦ ମାର୍ଗରେ ଦେବରାଜଙ୍କର ଏକ ଷ୍ଟୁଡିଓ ରହିଛି। ସେ ପ୍ରତିଦିନ ଭଳି ରବିବାର ଷ୍ଟୁଡିଓ ସାମ୍ନାରେ ତାଙ୍କ କାର(ଓଡି-୧୭ବି-୪୧୦୦) ରଖି ଷ୍ଟୁଡିଓ ଭିତରେ ଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ରେ ୨ ଯୁବକ ଉକ୍ତ କାର ନିକଟକୁ ଆସିଥିଲେ। ସେମାନେ କିଛି ସମୟ ପାଇଁ କାର ନିକଟରେ ବୁଲିବା ସହ ହଠାତ୍ ଜଣେ ଲୁଟେରା ସେଠାରେ ଥିବା ଏକ ପଥର ସାହାଯ୍ୟରେ କାର କାଚ ଭାଙ୍ଗି ଦେଇଥିଲେ। କାର ଭିତରୁ ସେ ଏକ ମୋବାଇଲ, ୧୩ ହଜାର ଟଙ୍କା ଓ ଏକାଧିକ ଏଟିଏମ କାର୍ଡ ନେଇ ଚମ୍ପଟ ମାରିଥିଲା। କାଚ ଭଙ୍ଗାଯିବାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଉକ୍ତ ଦୁଇ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଲୋକେ ଗୋଡାଇବା ଦେଖି ଦୁଇ ଲୁଟେରା ରଥ ରୋଡ୍ ଅଭିମୁଖେ ଦୌଡ଼ିଥିଲେ। ସେଠାରେ ଲୋକେ ଜଣେ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ପୂର୍ବରୁ ଉକ୍ତ ମାର୍ଗରେ ଏକାଧିକ ଲୁଟ୍ ହୋଇଥିବାବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।


ଲୁଟେରା ଭାଙ୍ଗିଦେଇଥିବା କାର୍।

## ଆଜି ରାଜଭବନ ଆଗରେ ବିଜେଡିର ବିକ୍ଷୋଭ ପ୍ରତିବାଦ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

**ତୈଳଦର ବୃଦ୍ଧି ପ୍ରସଙ୍ଗ**
■ ରାଜ୍ୟର ଦାୟିତ୍ୱ ଅଛି ନା ନାହିଁ ସେମାନେ କୁହନ୍ତୁ: ଧର୍ମେନ୍ଦ୍ର

ତୈଳଦର ବୃଦ୍ଧି ନେଇ ବିଜେଡି ବାରମ୍ବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଚାଲିଛି। ସାଢେ ୪ବର୍ଷରେ ୧୪ଥରରୁ ଅଧିକ ତୈଳଦର ବୃଦ୍ଧି କରାଯାଇଛି। ଅଶୋଧିତ ତୈଳଦର ହ୍ରାସ ପାଉଥିବାବେଳେ ସରକାର ତୈଳଦର ବୃଦ୍ଧି କରିଚାଲିଛନ୍ତି। ଅନ୍ୟପଟେ ତୈଳ ଦର କ୍ଷେତ୍ରରେ ୨୦୧୩-୧୪ରେ ଜାତୀୟ ରାଜସ୍ୱ ୮୮,୬୦୦କୋଟି ଟଙ୍କା ଥିବାବେଳେ ଏହା ୨୮୫% ବୃଦ୍ଧି ପାଇ ୨,୫୩, ୨୫୪କୋଟିରେ ପହଞ୍ଚିଥିବା ବିଜେଡି ଅଭିଯୋଗ କରିଛି। ବାରମ୍ବାର ତୈଳଦର ବୃଦ୍ଧି ପ୍ରତିବାଦରେ ବିଜୁ ଛାତ୍ର, ଯୁବ ଓ ମହିଳା ସଙ୍ଗଠନ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟାରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବ। ଏ ସୂଚନା ପାଇବା ପରେ ଭାଜପା ପକ୍ଷରୁ ପାଲଟା ସମାଲୋଚନା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହାର ଜବାବ୍ ରଖିବା ସହ ପୂର୍ବରୁ ପେଟ୍ରୋଲ, ଡିଜେଲ ଉପରୁ ରାଜ୍ୟ କେତେ ଟିକସ ଆଦାୟ କରୁଥିଲା ଏବେ କେତେ କରୁଛି ତା'ର ହିସାବ ପ୍ରଥମେ ଦେଉ ବୋଲି କହିଛନ୍ତି।

ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବିଜେଡି ନୈତିକ ଦେବାଳିଆ ଦଳ। ବିଜେଡି ପାଖରେ ଯଦି ନୈତିକତା ଅଛି ତେବେ ବରିଷ୍ଠ ନାଗରିକ ତଥା ପ୍ରଶାସକ ଅର୍ଦ୍ଧେନ୍ଦୁ ଷଡଙ୍ଗୀ ଉଠାଇଥିବା ପ୍ରଶ୍ନର ଉତ୍ତର ରଖନ୍ତୁ। ତେଲ ଦାମ୍ ସମ୍ପର୍କରେ ରାଜ୍ୟର ଦାୟିତ୍ୱ ଅଛି ନା ନାହିଁ ସେମାନେ କୁହନ୍ତୁ। ୨୦୧୪ରେ ପେଟ୍ରୋଲିୟମ ପ୍ରଡକ୍ଟ ଉପରୁ ୩ହଜାର କୋଟି ଟଙ୍କା ରାଜସ୍ୱ ପାଉଥିଲେ ଏବେ ତାହା ବୃଦ୍ଧି ପାଇ ୭ହଜାର କୋଟିରେ ପହଞ୍ଚିଛି। ତୈଳଦର ବୃଦ୍ଧି ଗରିବଙ୍କୁ ବହୁ କଷ୍ଟ ଦେଉଛି, ମୁଁ ଏପରି ବ୍ୟକ୍ତି ନୁହେଁ ଦାୟିତ୍ୱ ମୁଣ୍ଡରୁ ହଟାଇ କୁମ୍ଭୀର କାନ୍ଦଣା କାନ୍ଦିବି। କେନ୍ଦ୍ର ସରକାର ଏ ଦିଗରେ ଚେଷ୍ଟା କରୁଛନ୍ତି। ତେଲ ଦାମ୍ ଆନ୍ତଃରାଜ୍ୟ ବଜାରରେ କମିବା ସହ ଡଲାର ତୁଳନାରେ ଭାରତୀୟ ମୁଦ୍ରା ବ୍ୟବସ୍ଥିତ କିପରି ହେବ ଏନେଇ କେନ୍ଦ୍ର ସରକାର ଚେଷ୍ଟା କରୁଛନ୍ତି। ଗତ ଦିନରେ କେନ୍ଦ୍ର ସରକାର ଯେତେବେଳେ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରିଥିଲେ ରାଜ୍ୟର ଅର୍ଥମନ୍ତ୍ରୀ ବିତଣ୍ଡା ଯୁକ୍ତି କରିଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଆଗାମୀ ସରକାର କରିବ ଭାଜପା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ଓଡିଶାରେ ୧୮ବର୍ଷର ଶାସନ କରିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏବେବି ସବୁଠୁ ଅଧିକ ରହିଛି। ସେ ଆଜି ମଧ୍ୟ ରାଜ୍ୟର ସର୍ବାଧିକ ଗ୍ରହଣୀୟ ନେତା ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ପ୍ରଥମ ପସନ୍ଦ। ଜାତୀୟସ୍ତରର ପତ୍ରିକା ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା ପଲିଟିକାଲ ଷ୍ଟକ୍ ଏକ୍ସଚେଞ୍ଜ(ପିଏସ୍‌ଇ) ସର୍ବେକ୍ଷଣରୁ ଏହା ସାମ୍ନାକୁ ଆସିଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦେଶର ସବୁଠାରୁ ଲୋକପ୍ରିୟ ନେତାଭାବେ ଆଗରେ ରହିଛନ୍ତି। ଇଣ୍ଡିଆ ଟୁଡେର ଏହି ସର୍ଭେକୁ କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗ୍ରହଣ କରି ନାହାନ୍ତି। ଆଜି ଯାହା ଓଡିଶାରେ ରାଜନୈତିକ ଚିତ୍ର ଅଛି ଆଗାମୀ ଦିନରେ ତାହା ବଦଳିଯିବ ବୋଲି ସେ କହିଛନ୍ତି। ଆଗାମୀ ନିର୍ବାଚନରେ ଓଡିଶାରେ ଭାଜପା ସରକାର କରିବା ନିଶ୍ଚିତ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିଜେଡି ଓ କଂଗ୍ରେସ କିନ୍ତୁ ଭାଜପାକୁ ସମାଲୋଚନା କରିଛନ୍ତି।

**ଦରବୃଦ୍ଧି ଭାଜପା ପାଇଁ କାଳ ହେବ: ଅମର**

ବିଜେଡି ମୁଖପାତ୍ର ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ୨୦୧୪ ସାଧାରଣ ନିର୍ବାଚନରେ ଯେତେବେଳେ ସାରା ଦେଶରେ ଲୋକମାନେ ଭାଜପାକୁ ସମର୍ଥନ କଲେ ସେତେବେଳେ ଓଡିଶାରେ କିନ୍ତୁ କୌଣସି ପ୍ରଭାବ ପଡି ନ ଥିଲା। ୨୦୦୪ରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଯେତେବେଳେ ସାରା ଦେଶରେ ଲୋକେ ଉପା ସରକାରକୁ ଭୋଟ ଦେଲେ ଓଡିଶା ଲୋକମାନେ ବିଜେଡିକୁ ସମର୍ଥନ ଜଣାଇଥିଲେ। ଆଗାମୀ ନିର୍ବାଚନରେ ରାଜ୍ୟବାସୀ ଗୋଟିଏ ଦଳକୁ ଭୋଟ ଦେବେ ଏହା ନିଶ୍ଚିତ। ଆଗକୁ ବିଜେଡି ଅଧିକ ସୁଦୃଢ ହେବ। କାରଣ ରାଜ୍ୟ ସରକାରଙ୍କ ଯୋଜନା ଅଧିକ ମାତ୍ରାରେ ଲୋକଙ୍କ ପାଖରେ ପହଁଚି ପାରିଛି। ଦରବୃଦ୍ଧି ବିରୋଧରେ ଲୋକମାନଙ୍କ ରୋଶର ଶୀକାର ହେବ ଭାଜପା। ବିଜେଡି ରାଜ୍ୟରେ ଆଗାମୀ ସରକାର କରିବ ବୋଲି ଶତପଥୀ କହିଛନ୍ତି।

## କଲମ ଛାଡ଼ ଆନ୍ଦୋଳନରୁ ଓହରିଲା ନ' ତାଲା କର୍ମଚାରୀ ସଂଘ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀ,ମୁଖ୍ୟ ଶାସନ ସଚିବଙ୍କୁ ସଂଘର ଧନ୍ୟବାଦ**

ଦୀର୍ଘ ୪୫ ଦିନ ଧରି ଜାରି ରହିଥିବା ବିଭାଗୀୟ ମୁଖ୍ୟ ଦପ୍ତର ସେକ୍ସନ ଅଫିସର ଓ ଅମଲା ସଂଘର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ହସ୍ତକ୍ଷେପ ଓ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ବନ୍ଦ ନେଇ ସଂଘ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ କରାଯାଇ ଗଣମାଧ୍ୟମକୁ ଅବଗତ କରାଯାଇଛି।

୨୦୦୮ ମସିହା ପର୍ଯ୍ୟନ୍ତ ଆନ୍ଦୋଳନରତ କର୍ମଚାରୀ ଓ ସଚିବାଳୟ କର୍ମଚାରୀଙ୍କ ମୂଳ ପଦବୀ ଓ ଦରମା ସମାନ ଥିଲା। ହେଲେ ଇ-ପ୍ରଶାସନର ଦୁହାଇ ଦିଆଯାଇ ସଚିବାଳୟ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ କରାଯିବା ସହ ଦରମା,ପଦମର୍ଯ୍ୟାଦାକୁ ଉନ୍ନତି କରାଯାଇଥିଲା। ହେଲେ ନ' ତାଲା କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରାଯାଇଥିଲା। ଏତଦ୍ ବ୍ୟତୀତ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ଅମଲା ସଂଘ ରାଜ୍ୟ ପ୍ରଶାସନ ନିକଟରେ ରଖିଥିଲା। ଆନ୍ଦୋଳନ ଜୋର ଧରିବା ସହ ରାଜ୍ୟ ରାଜନୀତି ମଧ୍ୟ ଜୋର ଧରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ କର୍ମଚାରୀଙ୍କ ଆନ୍ଦୋଳନକୁ ନେଇ ସ୍ୱର ଉତ୍ତୋଳନ କରିଥିଲେ। ଅମଲାଙ୍କ କଲମ ଛାଡ଼ ଆନ୍ଦୋଳନ କାରଣରୁ ଅନେକ ସରକାରୀ କାମ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହା ପରେ ମନ୍ତ୍ରୀପରିଷଦର ବରିଷ୍ଠ ସଦସ୍ୟ ଏବଂ ଅନ୍ୟ ପ୍ରମୁଖ ସଚିବଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ହେଲେ ସେଥିରୁ କୌଣସି ସୁଫଳ ବାହାରି ନ ଥିଲା। ଶେଷରେ ସଂଘର କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦାବିଗୁଡିକର ଯଥାର୍ଥତା ବିଚାର କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯେଉଁ କାରଣରୁ ଆନ୍ଦୋଳନ ପ୍ରତ୍ୟାହୃତ କରିବା ନେଇ ସଂଘ ନିଷ୍ପତ୍ତି ନେଇଥିବା ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ପାତ୍ର କହିଛନ୍ତି। ସେହିପରି ସୋମବାର ତଥା ଅକ୍ଟୋବର ୧ରୁ ସମସ୍ତ କର୍ମକର୍ତ୍ତା କାର୍ଯ୍ୟରେ ଯୋଗ ଦେବେ ବୋଲି ସେକ୍ସନ ଅଫିସର ସଂଘର ସମ୍ପାଦକ(ସଙ୍ଗଠନ) ଶିଶିର କୁମାର ମିଶ୍ର କହିଛନ୍ତି।


**MAHILA VIKAS SAMABAYA NIGAM**
(Govt. of Odisha Undertaking)
A-1 Block, Ground Floor, Toshali Bhawan, Satya Nagar, Bhubaneswar- 751007
Ph. No. 2573023, Tele Fax- 2573024, Email: mvsn_bbsr@yahoo.com
Ref. 1781 / MVSN Dt. 27.09.18

**QUOTATION CALL NOTICE**

**No. CAD-893:-** Sealed Quotations are invited from reputed Travel Agency / Tour Operators having valid GST No. for providing one no. of Swift Dzire (Diesel) having sitting capacity not more than 5 including driver. The details of terms & condition including General information may be referred from the website- www.wcdodisha.gov.in from 01.10.2018 to 02.11.2018. The quotation completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block and Ground Floor, Satya Nagar, Bhubaneswar- 751007 on or before Dt.02.11.2018 by 4.00PM through Register Post / Speed Post only. A sum of Rs. 5,000/- (Rupees Five Thousand) only shall be deposited by intending bidders in shape of Account Payee Bank Draft drawn in favour of the MD, MVSN and submitted along with the quotation as security deposit. The authority reserves the right to modify / cancel the quotation at any point of time.

*Sd./- MANAGING DIRECTOR*
*MAHILA VIKAS SAMABAYA NIGAM*
33003/11/0009/1819



**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. EST- 43/2018-19/ 20034 Dt. 28.09.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding From | To |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Renovation and Interior Furnishing Work of Utkalika Show Room at Market Building, Bhubaneswar. | CGM (Civil), IDCO, IDCO Tower, Janpath, Bhubaneswar | Bid ID. No. Civil - EST - E - 43/ 2018-19 | 03(Three) Calendar Months | Rs.52,15,195.00 | 18.00 Hours of 04.10.2018 | 17.00 Hours of 20.10.2018 |

Further details can be seen from the e-procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil), I/C
IDCO, Bhubaneswar



No. 43-L

**ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ**

ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି ତିଆରି ଏବଂ ବ୍ୟବହାର କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନୀତ ଓ ପୁରସ୍କୃତ କରାଯିବ ।

ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର, ୩ଟି ଦ୍ୱିତୀୟ ପୁରସ୍କାର, ୫ଟି ତୃତୀୟ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ପୁରସ୍କୃତ କରାଯିବ ।

| | | |
|---|---|---|
| ପ୍ରଥମ ପୁରସ୍କାର ରାଶି | : | ୨ ଲକ୍ଷ ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | : | ୧ ଲକ୍ଷ ୫୦ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | : | ୧ ଲକ୍ଷ ଟଙ୍କା |
| ଜିଲ୍ଲା ସ୍ତରୀୟ ପୁରସ୍କାର ରାଶି | : | ୧୫ ହଜାର ଟଙ୍କା |

ଅଭିନବ କୃଷି ଯନ୍ତ୍ରପାତି ଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.ori.nic.in** ରେ ଉପଲବ୍ଧ । ଆଗ୍ରହୀ ଚାଷୀ ଭାଇ ଓ ଭଉଣୀମାନେ ଆବେଦନ ପତ୍ର ଚଳିତ ବର୍ଷ ୩୧ ଅକ୍ଟୋବର ସୁଦ୍ଧା ନିଜ ବ୍ଲକ୍ ଅନ୍ତର୍ଗତ "ବ୍ଲକ୍ ସ୍ତରୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର" (FIAC)ର ଡ୍ରପ୍ ବକ୍ସରେ ଦାଖଲ କରିପାରିବେ ।

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ । ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ନିର୍ଦ୍ଦେଶକ
01034/11/0026/1819
**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



**OFFICE OF THE MUNICIPAL COUNCIL, SUNABEDA**
Letter No. 9550 Date: 24.09.18

**QUOTATION CALL NOTICE**

Sealed quotations are invited from intending Company Authorised Dealers to supply and fitting of Outdoor GYM equipments at Municipality Park near HAL Guest house, Sunabeda.

The sealed quotation should reach before the undersigned on or before 03.10.2018 by 1.00PM and will be opened on the same day at 4.00PM in presence of the Quotationers or their authorised agents in the office of Municipal Council, Sunabeda. The quotation reached after due date will not be entertained.

i. The quotationers should quote their rates including all taxes and delivery at Municipality Office, Sunabeda. The quotationers should submit Registration Certificate / Sales Tax / Income Tax Clearance certificate with Sale Tax No. GST No. PAN Card etc. along with the Quotation.
ii. The Bill will be paid after certification of Technical persons of the Municipality.
iii. The civil work be required by the Technical persons of the Municipality.

| Sl. No. | Specific Items | Qty. | Rate |
|---|---|---|---|
| 1 | Air Walker | 1 | |
| 2 | Leg press | 1 | |
| 3 | Body Twister | 1 | |
| 4 | Air Skier | 1 | |
| 5 | Body Roctator | 1 | |
| 6 | Chest Press & Puller | 1 | |
| 7 | Sit up board | 1 | |
| 8 | Bench with Fixed Dumbbells | 1 | |
| 9 | Bench with Fixed Weightier | 1 | |
| 10 | Pole with Fixed Dumbbells | 1 | |
| 11 | Double bar | 1 | |
| 12 | Pommel Horse | 1 | |
| 13 | Leg Lift | 1 | |
| 14 | Horizontal Ladder | 1 | |
| 15 | Cross Rider | 1 | |
| 16 | Sky Walker | 1 | |
| 17 | Back & Waist Massage | 1 | |
| 18 | Horse Rider | 1 | |
| 19 | Rower | 1 | |
| 20 | Tai Chi Spinner | 1 | |
| 21 | Cycle | 1 | |
| 22 | Shoulder Puller | 1 | |
| 23 | Treadmill | 1 | |
| 24 | Exerciser Bar | 1 | |
| 25 | Integrated Fitness | 1 | |
| 26 | Strength & Stretch Bar | 1 | |

**NB:-** The GYM equipment's should be under keen supervision of Technical persons of Sunabeda Municipality.

The undersigned reserves the rights to accept or cancel any all the quotations without assigning any reason thereof.

*Sd./- Executive Officer, Sunabeda Municipality*

## ସ୍ୱାସ୍ଥ୍ୟ ସୂଚନା



- ସକାଳୁ ବିଛଣାରୁ ଉଠିବା ପରେ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ଶରୀର ଭିତରେ ରକ୍ତ ସଞ୍ଚାଳନ ଏବଂ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।
- ଓଜନକୁ ନିୟନ୍ତ୍ରିତ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ପ୍ରତିଦିନ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ମେଦବୃଦ୍ଧି ହୋଇ ନ ଥାଏ।
- କେତେକେ ଦାନ୍ତ ଘଷିବା କାମକୁ ଶୀଘ୍ର ସାରି ଦିଅନ୍ତି। ଦାନ୍ତ ଘଷିବା ପାଇଁ ଅତି କମ୍‌ରେ ଦୁଇ ମିନିଟ୍ ସମୟ ଦିଅନ୍ତୁ। ବ୍ରଶକୁ ସଠିକ ଭାବରେ ଧରି ଦାନ୍ତ ଘଷନ୍ତୁ, ଯାହାଦ୍ୱାରା ଦାନ୍ତ ସନ୍ଧିରେ ରହିଥିବା ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ ବାହାରି ଯାଇଥାଏ।
- ଖାଲି ପେଟରେ ଆଦୌ ବ୍ୟାୟାମ କରନ୍ତୁ ନାହିଁ। ଏହାପୂର୍ବରୁ କିଛି ହାଲକା ଖାଦ୍ୟ ଖାଆନ୍ତୁ।

## ରେଷ୍ଟଲେସ୍ ଲେଗ୍ ସିନ୍‌ଡ୍ରୋମ



କେତେକେ ସୋଫା କିମ୍ବା ଚେୟାର ଉପରେ ବସିଥିବା ବେଳେ ଗୋଡ଼ ହଲାଇ ଥାଆନ୍ତି। ସମୟକ୍ରମେ ଏହା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଥାଏ। କେବଳ ସେତିକି ନୁହେଁ, ଏଭଳି ଅଭ୍ୟାସ ପାଇଁ ସେମାନେ କେତେକ ଶାରୀରିକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ରାତିରେ ଶୋଇବା ସମୟରେ ସେମାନେ ଗୋଡ଼ ହଲାଇବା ଦ୍ୱାରା ନିଦ ଭାଙ୍ଗିଯାଏ ଏବଂ ପରବର୍ତ୍ତୀ ସମୟରେ ଭଲ ନିଦ ହୋଇ ନ ଥାଏ। ଏପରି କି ନିଦ୍ରାହୀନତା ପରି ଗୁରୁତର ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥାଆନ୍ତି। ଏହାକୁ ରେଷ୍ଟଲେସ୍ ଲେଗ୍ ସିନ୍‌ଡ୍ରୋମ କୁହାଯାଏ। ବାରମ୍ବାର ଗୋଡ କୁଣ୍ଡାଇ ହେବା, ଗୋଡ଼ର କୌଣସି ସ୍ଥାନରେ ପୋକ କାମୁଡିବା ପରି ଅନୁଭବ ହେବାକୁ ଏହାର ଲକ୍ଷଣ ଭାବରେ ନିଆଯାଇଥାଏ। ଯଦିଓ ଏହି ରୋଗ ପଛରେ କି କାରଣ ଲୁଚି ରହିଛି ତାହା ଜଣାପଡିନାହିଁ ତଥାପି ଏହାକୁ ଏକ ବଂଶଗତ ରୋଗ ଭାବରେ ଗ୍ରହଣ କରାଯାଇଛି। ଏହି ରୋଗ ହେଲେ ସଂପୃକ୍ତ ବ୍ୟକ୍ତି ଦୀର୍ଘଦିନ ଧରି ଠିକ୍ ଭାବରେ ଶୋଇ ପାରି ନ ଥାନ୍ତି। ତାଙ୍କର ସ୍ୱଭାବ ଚିଡ଼ିଚିଡ଼ା ହୋଇଥାଏ, ମୁଣ୍ଡ ବିନ୍ଧିଥାଏ। ଏଥିରୁ ରକ୍ଷା ପାଇବା ପାଇଁ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। ଭିଟାମିନ୍ 'ବି', ଆଇରନ ଏବଂ ମ୍ୟାଗ୍‌ନେସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ କିଛି ସମୟ ଚାଲନ୍ତୁ। ସାଇକେଲିଂ କଲେ ସେଥିରୁ ଆହୁରି ସୁଫଳ ମିଳିଥାଏ। ପ୍ରତିଦିନ ଅତିକମ୍‌ରେ ଆଠଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ। ପ୍ରତିଦିନ ପାଦ ମସାଜ କରନ୍ତୁ।

## ଟୁ-ଇନ୍-ୱାନ୍ ରୋବୋ

ଗୋଟିଏ ରୋବୋ, ହେଲେ ସେଥିରୁ ଜଣେ ଦୁଇଟି ଉପକାର ପାଇପାରିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା ଏହି ଟୁ-ଇନ୍-ୱାନ୍ ରୋବୋ ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇପାରିବ। ଜାପାନର ବୈଜ୍ଞାନିକମାନେ ଏଭଳି ଏକ ରୋବା ପ୍ରସ୍ତୁତ କରିଛନ୍ତି। ଜଣେ ବୟସ୍କ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ପ୍ରତି ଏହା ନଜର ରଖିବ। ତା'ସହ କେତେବେଳେ ମେଡିସିନ ଖାଇବାକୁ ପଡିବ ସେ ସମ୍ପର୍କରେ ମଧ୍ୟ ସୂଚନା ଦେବ। ସାଧାରଣତଃ ବୟସର ଅପରାହ୍ନରେ ପହଞ୍ଚିଗଲେ କେତେକ ନିଜକୁ ଏକୁଟିଆ ଭାବିଥାଆନ୍ତି। ଏ ସମୟରେ ଉକ୍ତ ରୋବୋ ତାଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଖୁସିର ମାହୋଲ ଭିତରେ ରଖିବ। ବିଶେଷଭାବରେ ସେହି ବ୍ୟକ୍ତି ରୋବୋର ମ୍ୟୁଜିକ ସୁଇଚ ଅନ କରି ନିଜ ମନ ପସନ୍ଦର ଗୀତ ଶୁଣିପାରିବେ। ପରୀକ୍ଷାମୂଳକ ଭାବରେ ଏହି ରୋବୋଠାରୁ ସଫଳତା ମିଳିବା ପରେ ଆଉ କେଉଁ କ୍ଷେତ୍ରରେ ଏହାକୁ ଉପଯୋଗ କରାଯାଇପାରିବ ସେ ନେଇ ବୈଜ୍ଞାନିକମାନେ ଯୋଜନା ପ୍ରସ୍ତୁତ କରୁଛନ୍ତି।



# ମହାକାଶ ପର୍ଯ୍ୟଟନ



ଇଂ ମାୟାଧର ସ୍ୱାଇଁ





ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାକାଶ ଯୁଗ ଆରମ୍ଭ ହେଲା। ଆରମ୍ଭରୁ ମହାକାଶକୁ କେବଳ ସୋଭିଏତ୍ ୟୁନିୟନ ଓ ଯୁକ୍ତରାଷ୍ଟ୍ର ଆମେରିକା ମହାକାଶ ଯାନ ଓ କୃତ୍ରିମ ଉପଗ୍ରହ ପଠାଉଥିଲେ। ଦୁଇ ଦେଶ ମଧ୍ୟରେ ଏକ ପ୍ରକାର ମହାକାଶ ପ୍ରତିଯୋଗିତା ଚାଲିଥିଲା। କେତୋଟି କ୍ଷେତ୍ରରେ ସୋଭିଏତ୍ ୟୁନିୟନ ପ୍ରଥମ ସ୍ଥାନ ନେଇଥିବା ବେଳେ ଅନ୍ୟ କେତେକ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ଏହି ଗୌରବ ନେଇଛି। ୧୯୬୯ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପରେ ଏହି ପ୍ରତିଯୋଗିତାରେ ଶିଥିଳତା ଆସିଥିଲା।

ଏପର୍ଯ୍ୟନ୍ତ ତିନୋଟି ଦେଶ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ନିଜର ମହାକାଶଚାରୀଙ୍କୁ ମହାକାଶକୁ ପଠାଇଛନ୍ତି। ମହାକାଶଚାରୀମାନେ ପୃଥିବୀ କକ୍ଷରେ ପରିକ୍ରମଣ କରି ବିଭିନ୍ନ ପରୀକ୍ଷା କରିଥାଆନ୍ତି। ପୁନଶ୍ଚ ପୃଥିବୀକକ୍ଷରେ ଅବସ୍ଥାପିତ 'ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର'ରେ ବୈଜ୍ଞାନିକମାନେ ଅବିରତ ରହି ପରୀକ୍ଷା କରୁଛନ୍ତି। ଏହି ମହାକାଶଚାରୀମାନେ ସରକାରୀ ଖର୍ଚ୍ଚରେ ଏବଂ ସରକାରଙ୍କ ଦ୍ୱାରା ଯାଇଥାନ୍ତି। କିନ୍ତୁ କେତେଜଣ ବେସରକାରୀ ବ୍ୟକ୍ତି ମଧ୍ୟ ଅର୍ଥ ବିନିମୟରେ ମହାକାଶ ପରିଭ୍ରମଣରେ ଯାଇଛନ୍ତି। ସେମାନଙ୍କୁ ମହାକାଶ ପର୍ଯ୍ୟଟକ କୁହାଯାଏ। ମୁଖ୍ୟତଃ ମନୋରଞ୍ଜନ ପାଇଁ ନିଜ ହାତରୁ ଅର୍ଥ ଦେଇ ସେମାନେ ଏହି ସୁବିଧା ନେଇଥାଆନ୍ତି।

୧୯୮୪ ମସିହାରେ ଆମେରିକାର ଚାର୍ଲସ୍ ୱାକର ମହାକାଶକୁ ଯିବାରେ ଥିଲେ ପ୍ରଥମ ବେସରକାରୀ ମହାକାଶଚାରୀ। ସେ 'ନାସା'ର ଏକ ଯାନରେ ପୃଥିବୀ ଉପର ମହାକାଶକୁ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲେ। ସୋଭିଏତ୍ ରୁଷର ବିଭାଜନ ପରେ ରୁଷିଆରେ ଆର୍ଥିକ ସଙ୍କଟ ଦେଖାଦେଲା ଏବଂ ମହାକାଶ କାର୍ଯ୍ୟକ୍ରମ ପାଇଁ ଅର୍ଥାଭାବ ଦେଖାଦେଲା। ଏଣୁ ଏହା ଅର୍ଥ ବିନିମୟରେ ବେସରକାରୀ ଲୋକଙ୍କୁ ମହାକାଶ ପର୍ଯ୍ୟଟନରେ ନେଇଥିଲା। ଟୋକିଓ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍‌ର ଖବରଦାତା ତୋୟୋହିରୋ ଆକାୟାମି ୧୯୯୦ରେ ରୁଷିଆ ସୋୟୁଜ ଯାନରେ ମିର ମହାକାଶ କେନ୍ଦ୍ରକୁ ଯାଇଥିଲେ। ସେ ପୃଥିବୀ କକ୍ଷକୁ ପ୍ରତିଦିନ ବିବରଣୀ ପ୍ରସାରଣ କରିଥିଲେ। ସେ ମହାକାଶରେ ଏକ ସପ୍ତାହ ଥିଲେ। ଏଥିପାଇଁ କର୍ପୋରେଶନ୍ ୨୮ ନିୟୁତ ଡଲାର ଦେଇଥିଲା। ଏଣୁ ଆକାୟାମୀଙ୍କୁ ପର୍ଯ୍ୟଟକ କୁହା ନ ଯାଇ ବ୍ୟବସାୟୀ ଯାତ୍ରୀ ଭାବେ ବିଚାର କରାଯାଇଥାଏ।

ପୃଥିବୀ କକ୍ଷକୁ ଯିବାର ପ୍ରଥମ ବେସରକାରୀ ମହାକାଶଚାରୀ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ଡେନିସ୍ ଟିଟୋ। ତାଙ୍କୁ ପ୍ରଥମ ମହାକାଶ ପର୍ଯ୍ୟଟକର ମାନ୍ୟତା ଦିଆଯାଇଛି। ସେ ୨୦୦୧ରେ ରୁଷିଆର ସୋୟୁଜ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିଲେ ଏବଂ ସେଠାରେ ଆଠ ଦିନ ରହିଥିଲେ। ଏଥିପାଇଁ ତାଙ୍କୁ ୨୦ ନିୟୁତ ଡଲାର ଦେବା ପାଇଁ ପଡିଥିଲା। ଅର୍ଥାତ୍ ଦିନକୁ ଭଡା ହେଉଛି ଅଢେଇ ନିୟୁତ ଡଲାର!

> ପୃଥିବୀ କକ୍ଷକୁ ଯିବାରେ ପ୍ରଥମ ବେସରକାରୀ ମହାକାଶଚାରୀ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ଡେନିସ୍ ଟିଟୋ। ତାଙ୍କୁ ପ୍ରଥମ ମହାକାଶ ପର୍ଯ୍ୟଟକର ମାନ୍ୟତା ଦିଆଯାଇଛି। ସେ ୨୦୦୧ ମସିହାରେ ରୁଷିଆର ସୋୟୁଜ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିଲେ ଏବଂ ସେଠାରେ ଆଠ ଦିନ ରହିଥିଲେ। ଏଥିପାଇଁ ତାଙ୍କୁ ୨୦ ନିୟୁତ ଡଲାର ଦେବା ପାଇଁ ପଡିଥିଲା। ଅର୍ଥାତ୍ ଦିନକୁ ଭଡା ହେଉଛି ଅଢ଼େଇ ନିୟୁତ ଡଲାର!

ଯୁକ୍ତରାଷ୍ଟ୍ର ଆମେରିକାର ଭର୍ଜିନିଆସ୍ଥିତ ସ୍ପେସ୍ ଆଡ଼ଭେଞ୍ଚରସ୍ କମ୍ପାନୀ ଏହି ଯାତ୍ରାର ବ୍ୟବସ୍ଥା କରିଥିଲା। ଏହାପରେ ଏହି କମ୍ପାନୀ ଆଉ ଛଅ ଜଣ ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପଠାଇଥିଲା। ଏପର୍ଯ୍ୟନ୍ତ ମହାକାଶକୁ ସାତ ଜଣ ପର୍ଯ୍ୟଟକ ଯାଇଛନ୍ତି। ଶେଷ ପର୍ଯ୍ୟଟକ କାନାଡ଼ାର ଗାଏ ଲାଲିବେରି ୨୦୦୯ ମସିହାରେ ଯାଇଥିଲେ ଏବଂ ଏଥିପାଇଁ ସେ ୪୦ ନିୟୁତ ଡଲାର ଦେଇଥିଲେ। ଇରାନର ଅନୌଶେହ ଆନସାରି ହେଉଛନ୍ତି ଏକମାତ୍ର ମହିଳା ମହାକାଶ ପର୍ଯ୍ୟଟକ। ସେ ୨୦୦୬ ମସିହାରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଆଠ ଦିନ ରହିଥିଲେ।

ବେସରକାରୀ ମହାକାଶ ଯାନର ପ୍ରଚଳନ ହେବା ପରେ ମହାକାଶ ପର୍ଯ୍ୟଟନର ଖର୍ଚ୍ଚ କମିଯିବାର ଆଶା କରାଯାଉଛି। ଦୁଇ ଲକ୍ଷ ଡଲାର ଦେଇ ଜଣେ ପର୍ଯ୍ୟଟକ ମହାକାଶକୁ ଯାଇପାରିବ ବୋଲି ଭର୍ଜିନ୍ ଗାଲାକ୍‌ଟିକ୍ କମ୍ପାନୀ ଘୋଷଣା କରିଛି। ବେସରକାରୀ କମ୍ପାନୀ 'ସ୍ପେସ୍ ଏକସ' ନିଜର ରକେଟ୍ ଫାଲକନ ଓ ମହାକାଶ ଯାନ ଡ୍ରାଗନ୍ ନିର୍ମାଣ କରୁଛି। ଏଥିରେ ଏକ ସଙ୍ଗେ ସାତଜଣ ମହାକାଶ ପର୍ଯ୍ୟଟକଙ୍କୁ ମହାକାଶ କେନ୍ଦ୍ରକୁ ପଠାଇ ପାରିବା ପାଇଁ ଡିଜାଇନ୍ ହୋଇଛି। ବୋଇଂ କମ୍ପାନୀ ମଧ୍ୟ ମହାକାଶକୁ ପର୍ଯ୍ୟଟକ ପଠାଇବା ପାଇଁ ଯୋଜନା କରିଛି। ସ୍ପେସ୍ ଆଡ୍‌ଭେଞ୍ଚର କମ୍ପାନୀ ଚନ୍ଦ୍ରକକ୍ଷକୁ ପର୍ଯ୍ୟଟକଙ୍କୁ ପଠାଇବା ପାଇଁ ଘୋଷଣା କରିଛି। ଏଥିପାଇଁ ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ୧୦୦ ନିୟୁତ ଡଲାର ଦେବାକୁ ପଡ଼ିବ। ସ୍ପେସ୍ ଏକ୍‌ସ କମ୍ପାନୀ ନିକଟରେ ଅନ୍ୟ ଏକ ଚାଞ୍ଚଲ୍ୟକର ଖବର ଘୋଷଣା କରିଛି। ଏହି କମ୍ପାନୀ ଦ୍ୱାରା ନିର୍ମିତ 'ବିଗ୍ ଫାଲକନ ରକେଟ୍' ଜରିଆରେ ଜଣେ ପର୍ଯ୍ୟଟକଙ୍କୁ ଏହା ଚନ୍ଦ୍ରପାଖକୁ ପଠାଇବା ପାଇଁ ଏହାର ମୁଖ୍ୟ ଏଲନ୍ ମସ୍କ ସେପ୍ଟେମ୍ବର ୧୮ ତାରିଖରେ ପ୍ରକାଶ କରିଛନ୍ତି। ପ୍ରଥମ ଚନ୍ଦ୍ର ପର୍ଯ୍ୟଟକଙ୍କ ନାମ ମଧ୍ୟ ସେ ଘୋଷଣା କରିଛନ୍ତି। ସେ ହେଉଛନ୍ତି ଜାପାନର କୋଟିପତି ୟୁସାକୁ ମିଜାୱା। ତାଙ୍କର ଚନ୍ଦ୍ର ଯାତ୍ରା ୨୦୨୩ ମସିହାରେ ହେବ ବୋଲି ଯୋଜନା କରାଯାଇଛି। ୟୁସାକୁ ହେଉଛନ୍ତି ଜଣେ ଫ୍ୟାଶନ ଡିଜାଇନ୍‌ର। ସେ ନିଜ ସାଥିରେ ପୃଥିବୀର ଆଠ ଜଣ ଶ୍ରେଷ୍ଠ କଳାକାରଙ୍କୁ ନେଇ ଯିବା ପାଇଁ ପ୍ରକାଶ କରିଛନ୍ତି। ସେମାନେ ଚନ୍ଦ୍ରପୃଷ୍ଠରେ ଅବତରଣ ନ କରି ଏହା ଚାରିପଟେ ଘୂରି ପୃଥିବୀକୁ ଫେରି ଆସିବେ।

*– ପ୍ଲଟ ନଂ–୭୦, ଲକ୍ଷ୍ମୀ ବିହାର, ଫେଜ୍–୧, ଭୁବନେଶ୍ୱର*
*ମୋ : ୯୪୩୮୬୯୩୭୨୪*

## ଜଳାତଙ୍କ : କେତୋଟି ଜାଣିବା କଥା

ଜଳାତଙ୍କ ରୋଗ ଏକ ମାରାତ୍ମକ ଭୂତାଣୁ ଜନିତ ରୋଗ ଏବଂ ରାବ୍‌ଡ୍ରୋ ପରିବାର ଓ ଲାଇସା ଭୂତାଣୁ ଯୋଗୁ ଏହି ରୋଗ ହୋଇଥାଏ। ଉଭୟ ପ୍ରାଣୀ ଓ ମନୁଷ୍ୟ ଏହି ରୋଗରେ ପୀଡ଼ିତ ହେଲେ ବ୍ୟାପକ ଜୀବନହାନି ଘଟିଥାଏ।

ସମଗ୍ର ବିଶ୍ୱରେ କୁକୁର ହେଉଛି ମୁଖ୍ୟ ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ । ବିଭିନ୍ନ ବନ୍ୟପ୍ରାଣୀ ଯଥା – ନେଉଳ, କୋକିଶିଆଳି, ବିଲୁଆ (ଶୃଗାଳ), ବାଦୁଡ଼ି ଆଦି ଜଳାତଙ୍କ ଭୂତାଣୁର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଦିଓ ବିରାଡ଼ି ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ ତଥାପି ଏମାନେ ଏହି ରୋଗରେ ସଂକ୍ରମିତ ହୁଅନ୍ତି ଏବଂ ରୋଗ ବ୍ୟାପିବାରେ ସହାୟକ ହୁଅନ୍ତି । ନେଉଳ ଜଳାତଙ୍କ ଭୂତାଣୁର ବହନକାରୀ ହୋଇଥିବାରୁ ଏହା ମନୁଷ୍ୟକୁ କାମୁଡ଼ିଲେ ଅନେକଦିନ, ମାସ ବା ବର୍ଷ ବର୍ଷ ପରେ ମଧ୍ୟ ଜଳାତଙ୍କ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ । ମନୁଷ୍ୟଠାରେ ଥରେ ଜଳାତଙ୍କର ଲକ୍ଷଣ ପ୍ରକାଶ ପାଇଲେ, ମୃତ୍ୟୁ ଅନିବାର୍ଯ୍ୟ।

**ମନୁଷ୍ୟଠାରେ ଏହି ରୋଗର ଲକ୍ଷଣ:** ମାନସିକ ଅସ୍ଥିରତା, ଅଳସୁଆମି, ମୁଣ୍ଡବିନ୍ଧା, ଦୁର୍ବଳ ଲାଗିବା। କୁକୁର କାମୁଡ଼ିବା ସ୍ଥାନ କୁଣ୍ଡେଇ ହୁଏ । ମସ୍ତିଷ୍କ ସଂକ୍ରମଣ ଘଟିଲେ ସ୍ୱଭାବଗତ ନିଦ୍ରାହୀନତା, ଉତ୍କଣ୍ଠା, କୁକୁର ପରି ବୋବାଇବା, ଚେତା ହରାଇବା, ଆଂଶିକ ପକ୍ଷାଘାତ, ଅସ୍ଥିରତା, ନ ଥିବା ବସ୍ତୁକୁ ଦେଖିବା ବା ଶୁଣିବା। ପାଣିକୁ ଦେଖିଲେ ଡରିବା, ଚମକିବା, ପାଟିରୁ ଫେଣ ପରି ଲାଳ ଗଦ୍‌ଗଦ୍ ବାହାରିବା, ଗିଳିବାରେ କଷ୍ଟ ଅନୁଭବ କରିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ । ଏହି ଲକ୍ଷଣ ପ୍ରକାଶ ପାଇବାର ୧ ରୁ ୨ ସପ୍ତାହ ମଧ୍ୟରେ ପ୍ରାଣୀ ନିଶ୍ଚିତ ଭାବେ ମୃତ୍ୟୁବରଣ କରନ୍ତି।

ଚିକିତ୍ସା : ଜଳାନ୍ତକ ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଥରେ ଉକ୍ତ ଲକ୍ଷଣ ପ୍ରକାଶ ପାଇଲେ, ଏହି ରୋଗର ଚିକିତ୍ସା କରିବା ପାଇଁ ସେଭଳି କୌଣସି ପ୍ରକାର ଔଷଧ ଏପର୍ଯ୍ୟନ୍ତ ବାହାରି ନାହିଁ।



**ପ୍ରତିଷେଧକ ବ୍ୟବସ୍ଥା :** ସୁସ୍ଥ କୁକୁରଙ୍କୁ ପ୍ରଥମେ ୩ ମାସ, ତା' ପରେ ୬ ମାସରେ ବୁଷ୍ଟର ଟିକା ଏବଂ ତା'ପରେ ବର୍ଷକୁ ଥରେ ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ। ସେହିପରି ମନୁଷ୍ୟଙ୍କୁ କୁକୁର କାମୁଡ଼ିଲେ ୦, ୩, ୭, ୧୪, ୨୮, ୯୦ ଦିନରେ ଅନୁମୋଦନ ଅନୁଯାୟୀ କୁକୁର କାମୁଡ଼ା ଟିକା ଦେବା ଦରକାର । ଯଦି ଜଳାତଙ୍କ ରୋଗ ହେବା ପୂର୍ବରୁ ଏହି ରୋଗର ପ୍ରତିଷେଧକ ଟିକା ବା ପ୍ରିଏସ୍‌ପୋଜର ଟିକା ନିଆଯାଇଥାଏ, ତେବେ ଆମେ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଟିକା ନେବାପରେ ଯଦି କୁକୁର କାମୁଡ଼େ, ତେବେ ପୁଣି ଦୁଇଟି ମାତ୍ରାର ପୋଷ୍ଟ ଏକ୍ସପୋଜର ଟିକା ନେବାକୁ ପଡ଼ିବ । ଯଦି ଟିକା ଦିଆଯାଇ ନ ଥିବା କୁକୁର କାମୁଡ଼େ, ତେବେ ଆମକୁ ଟିକା ନେବାକୁ ହେବ । ଯଦି ଜଣଙ୍କୁ ଆଗରୁ କୁକୁର ବା ନେଉଳ କାମୁଡ଼ି ଥାଏ ଏବଂ ଆଦୌ ଟିକା ନେଇ ନଥାନ୍ତି, ତେବେ ମଧ୍ୟ ଜଳାତଙ୍କ ରୋଗ ହେବାର ଯଥେଷ୍ଟ ଆଶଙ୍କା ଥାଏ । କାରଣ ଜଳାତଙ୍କର ଭୂତାଣୁ ଶରୀରରେ ପ୍ରବେଶ କରିବା ଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ କେତେ ଦିନ, ମାସ ବା ବର୍ଷବର୍ଷ ସମୟ ଲାଗିଥାଏ ।

**–ଡା. ବୀର କିଶୋର ପରିଡ଼ା**
ମୋ – ୯୪୩୭୬୦୭୩୧୨

## ଟେକ୍ନୋ ଡିଟକ୍ସ ଥେରାପି




ଏବେ ସୋସିଆଲ ମିଡିଆର ଚାହିଦା କାହିଁରେ କେତେ। ତା' ସହ ଅନେକ ଆବଶ୍ୟକତା ଥାଉ ବା ନ ଥାଉ ମୋବାଇଲ ସହ ସମୟ କଟାଉଛନ୍ତି। ମୋବାଇଲ ମାନିଆ କବଳିତ ଯୁବପିଢ଼ି ନିଜକୁ ଏଥିରୁ କିଛି ସମୟ କ୍ଷାନ୍ତ କଲେ ତାହାର ସୁପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀ ଉପରେ ପଡିଥାଏ। ଏଭଳି ଅଭ୍ୟାସକୁ 'ଟେକ୍ନୋ ଆଡିକ୍ସନ' ନାମରେ ନାମିତ କରାଯାଇଛି। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର କାର୍ଯ୍ୟଧାରା ମଧ୍ୟ ପ୍ରଭାବିତ ହୋଇଥାଏ। ତେବେ ଏପରି ଏକ ଥେରାପି ରହିଛି ଯାହାକୁ ଅବଲମ୍ବନ କଲେ ଏଭଳି ଅଭ୍ୟାସଠାରୁ ଜଣେ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବ। ତାହା ହେଲା 'ଟେକ୍ନୋ ଡିଟକ୍ସ ଥେରାପି'। ଯେହେତୁ ଆପଣ କର୍ମଜୀବୀ ତେଣୁ ମୋବାଇଲକୁ ମ୍ୟାସେଜ, ମେଲ୍ ଆସିବା ସ୍ୱାଭାବିକ। ଅନେକ ସମୟରେ ଆପଣଙ୍କୁ ଇଣ୍ଟରନେଟ୍‌ର ସହାୟତା ନେବାକୁ ପଡିଥାଏ। ହେଲେ ଅଯଥା କାମ ନ ଥାଇ ଏଥିରେ ନିଜକୁ ନିୟୋଜିତ ନ ରଖିବା ଭଲ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରୁଛନ୍ତି ତେବେ ନିଜ ମୋବାଇଲକୁ କିଛି ସମୟ ସୁଇଚ୍ ଅଫ କରିଦିଅନ୍ତୁ। ଏହାଦ୍ୱାରା ଆପଣ କିଛି ସମୟ ଥଣ୍ଡା ମିଜାସରେ କାମ କରିପାରିବେ। ହେଲେ ଯଦି ସେପରି ଗୁରୁତ୍ୱପୂର୍ଣ୍ଣ ମାସେଜ କିମ୍ବା ମେଲ୍ ଆସିବାର ଅଛି ତେବେ ସେ ନେଇ ଅପେକ୍ଷା କରନ୍ତୁ। କେତେକ ଖାଇବା ସମୟରେ ବାରମ୍ବାର ମୋବାଇଲ ସହ ଜଡିତ ରହିଥାଆନ୍ତି। ଏହାଦ୍ୱାରା ଖାଇବା ପ୍ରତି ଏକାଗ୍ରତା ଭଙ୍ଗ ହୋଇଥାଏ। ତେଣୁ ଅନ୍ତତଃ ଖାଇବା ବେଳେ ମୋବାଇଲଠାରୁ ନିଜକୁ କିଛି ସମୟ ପାଇଁ ଦୂରେଇ ରଖନ୍ତୁ। ମୋବାଇଲ ବ୍ୟବହାର ଅଯଥାରେ ବାରମ୍ବାର କଲେ ତାହାର ପ୍ରଭାବ ବୁଦ୍ଧିମତା ଉପରେ ପଡିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି।

## ଅଳ୍ପରେ...

**କଣ୍ଟାକ୍ଟ ଲେନ୍ସ ଇନଫେକଶନ ଯୋଗୁ ହରାଇପାରନ୍ତି ଦୃଷ୍ଟିଶକ୍ତି :** କଣ୍ଟାକ୍ଟ ଲେନ୍ସ ପିନ୍ଧିବା ଆଜିକାଲି ଏକ ସଉକ ହୋଇଗଲାଣି। ଯଦି ଏହାକୁ ବ୍ୟବହାର କରୁଛନ୍ତି ତେବେ ଗୋଟିଏ ଜିନିଷ ପ୍ରତି ସତର୍କ ରହନ୍ତୁ। କଣ୍ଟାକ୍ଟ ଲେନ୍ସରେ ଇନ୍‌ଫେକଶନ ହେଲେ ତାହା ଆପଣଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରେ ବୋଲି ସତର୍କ କରାଇ ଦେଇଛନ୍ତି ଆମେରିକୀୟ ବିଶେଷଜ୍ଞମାନେ। ତେଣୁ ଏଥିପ୍ରତି ସତର୍କ ରହିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।





**ମେଦବୃଦ୍ଧି ହୋଇପାରେ ଲିଭର ସମସ୍ୟାର କାରଣ :** କୌଣସି ଶାରୀରିକ ସମସ୍ୟା ଦେଖାଦେବା ମାତ୍ରେ ଆମେ ତାହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ। କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ ଏବଂ ସେଥିରୁ ଆରୋଗ୍ୟ ଲାଭ କରିବା ପାଇଁ ଆମକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡେ। ତନ୍ମଧ୍ୟରୁ ଅନ୍ୟତମ ହେଲା ଲିଭର ସମସ୍ୟା। ଯଦି ଆପଣଙ୍କ ଓଜନ ସନ୍ତୁଳିତ ନାହିଁ ତେବେ ଏପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। କାରଣ ମେଦବୃଦ୍ଧି ହେଲେ ତାହାର ପ୍ରଭାବ ଲିଭର ଉପରେ ମଧ୍ୟ ପଡିଥାଏ। ତେଣୁ ନିଜ ଓଜନକୁ ଯେତେ ସମ୍ଭବ ସନ୍ତୁଳିତ ରଖନ୍ତୁ।

**କୋକାଜାତୀୟ ଖାଦ୍ୟ ଭିଟାମିନ୍ 'ଡି' ଅଭାବ ପୂରଣ କରିବ :** ଆମ ଶରୀର ପାଇଁ ଭିଟାମିନ୍ 'ଡି'ର ଆବଶ୍ୟକତା କେତେ ରହିଛି ତାହା ପ୍ରାୟ ଅନେକେ ଜାଣନ୍ତି। ତେଣୁ ଆମକୁ ନିୟମିତ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଇବାକୁ ପଡିଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ କୋକାଜାତୀୟ ଖାଦ୍ୟ, ଯଥା–କୋକା ବିନ୍ସ, କୋକା ପାଉଡର, ଡାର୍କ ଚକୋଲେଟ୍, କୋକା ବଟର ଆଦିରେ ଏହି ଭିଟାମିନ୍ ଭରି ରହିଛି। ଏହାକୁ ଖାଇଲେ ମଧ୍ୟ ଶରୀରରେ ଭିଟାମିନ୍ 'ଡି' ଜନିତ ଅଭାବ ଦୂର ହୋଇପାରିବ।



## ସଂକ୍ଷେପରେ

### ୫୯ ଟଙ୍କା ବଢ଼ିଲା ଅଣସବ୍‌ସିଡି ସିଲିଣ୍ଡର



**ନୂଆଦିଲ୍ଲୀ,୩୦-୯:** ରବିବାର ଦିଲ୍ଲୀରେ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୨.୮୯ଟଙ୍କା ବୃଦ୍ଧି ପାଇଥିବାବେଳେ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦାମ ୫୯ ଟଙ୍କା ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀରେ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ ୫୦୨.୪ଟଙ୍କା ହୋଇଛି। ଜିଏସ୍‌ଟି ଯୋଗୁ ଦର ବଢ଼ିଲା ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ରବିବାର ବିବୃତି ଜାରି କରି କୁହାଯାଇଛି। ଦର ବୃଦ୍ଧି ଯୋଗୁ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅକ୍ଟୋବରରେ ୩୭୬.୬୦ ଟଙ୍କା ସବ୍‌ସିଡି ପଠାଯିବ। ସେପ୍ଟେମ୍ବରରେ ଏହା ୩୨୦.୪୯ ଟଙ୍କା ଥିଲା। କେନ୍ଦ୍ର ସରକାର ଏଲ୍‌ପିଜି ଉପରେ ନିୟନ୍ତ୍ରଣକୁ ପ୍ରତ୍ୟାହାର କରିବା ପରେ ମାସର ଶେଷ ଦିନରେ ଏଲ୍‌ପିଜି ସିଲିଣ୍ଡର ଦର ସଂଶୋଧନ କରାଯାଏ।

### ଏବେ ଟିଭି, ଫ୍ରିଜ ଦାମ ବଢ଼ିବନି

**ନୂଆଦିଲ୍ଲୀ,୩୦-୯:** ପାର୍ବଣ ଋତୁରେ ଟିଭି, ଫ୍ରିଜ, ୱାଶିଂ ମେଶିନ ଦାମ ବଢ଼ିବ ନାହିଁ। ସୀମା ଶୁଳ୍କ ବଢ଼ିଥିଲେ ମଧ ଗ୍ରାହକଙ୍କ ଉପରେ ଏହାର ବୋଝ ନ ପକାଇବା ଲାଗି କଞ୍ଜ୍ୟୁମର ଡୁରେବଲ୍ସ ନିର୍ମାତାମାନେ ନିଷ୍ପତ୍ତି ନେଇଛନ୍ତି। ଚଳିତ ପାର୍ବଣ ଋତୁରେ ଘରୋଇ ସାମଗ୍ରୀର ବିକ୍ରି ୧୦ ପ୍ରତିଶତ ହାରରେ ବଢ଼ିବ ବୋଲି ନିର୍ମାତାମାନେ ଆଶାକରୁଛନ୍ତି। ଏହି କାରଣରୁ ସୀମା ଶୁଳ୍କ ବୋଝ ଏବେ ଗ୍ରାହକଙ୍କ ଉପରେ ନ ପକାଇବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ସେମାନେ ଏହି ବୋଝ ନିଜେ ମୁଣ୍ଡାଇବେ। ଓନମରୁ ଆରମ୍ଭ ହୋଇ ଦୀପାବଳି ପର୍ଯ୍ୟନ୍ତ ପାର୍ବଣ ଋତୁ ଚାଲେ। କଞ୍ଜ୍ୟୁମର ଡୁରେବଲ୍ସ କମ୍ପାନୀମାନେ ସେମାନଙ୍କ ବାର୍ଷିକ ବିକ୍ରିର ୨୫% କେବଳ ଏହି ପାର୍ବଣ ଋତୁରେ ହାସଲ କରିଥାନ୍ତି। କେନ୍ଦ୍ର ସରକାର ଏସି, ଫ୍ରିଜ, ୱାଶିଂ ମେଶିନ,ଟିଭି ଆମଦାନୀ ଉପରେ ସୀମା ଶୁଳ୍କକୁ ୧୦ରୁ ୨୦ପ୍ରତିଶତକୁ ବୃଦ୍ଧି କରିଛନ୍ତି।

### ଆଜିଠୁ କଲ୍ ଡ୍ରପ୍ ହେଲେ ଲାଗିବ ଜରିମାନା

**ନୂଆଦିଲ୍ଲୀ,୩୦-୯:** କଲ୍ ଡ୍ରପ୍ ସମସ୍ୟାକୁ ଦୂର କରିବା ଉଦ୍ଦେଶ୍ୟରେ ଟେଲିକମ ନିୟାମକ ଟ୍ରାଇ ପକ୍ଷରୁ ଏକ ନୂଆ ନିୟମ ଲାଗୁ କରାଯାଇଛି। ଏହା ଅକ୍ଟୋବର ପହିଲା ଅର୍ଥାତ ସୋମବାରରୁ ଲାଗୁ ହୋଇଯିବ। ଏହି ନୂଆ ନିୟମ ଅନୁଯାୟୀ କଲ୍ ଡ୍ରପ ସମସ୍ୟା ଉପୁଜିଲେ ସମ୍ପୃକ୍ତ ମୋବାଇଲ କମ୍ପାନୀଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ। ଦୈନିକ ମୋବାଇଲ ଟାୱାର ସହ ଜଡିତ ନେଟୱର୍କ ସର୍ଭିସକୁ ମିଳାଯିବ। ଏଥିରେ ନିର୍ଦ୍ଧାରିତ ମାନଦଣ୍ଡ ଠାରୁ କମ୍ ସର୍ଭିସ ଦିଆଯାଉଥିବାର ଦେଖାଗଲେ ଜରିମାନା ଆଦାୟ କରାଯିବ। ମାସରେ ୨% କଲ୍ ଡ୍ରପ୍‌କୁ ଟେକ୍ନିକାଲ ତ୍ରୁଟି ବୋଲି ବିଚାର କରାଯିବ।

### ମାଲ୍ୟାଙ୍କ ଫୋର୍ସ ଇଣ୍ଡିଆ ବିକ୍ରି
#### ୪ କୋଟି ପାଉଣ୍ଡ ହରାଇଲେ ୧୩ ଭାରତୀୟ ବ୍ୟାଙ୍କ

**ଲଣ୍ଡନ,୩୦-୯:** ମଦ ବ୍ୟବସାୟୀ ବିଜୟ୍ ମାଲ୍ୟାଙ୍କ ଫୋର୍ସ ଇଣ୍ଡିଆକୁ କିଣିବା ଲାଗି ହୋଇଥିବା ନିଲାମ ବେଳେ ୧୩ ଭାରତୀୟ ବ୍ୟାଙ୍କକୁ ନେଇ ଗଠିତ କନସୋର୍ଟିୟମ ପ୍ରାୟ ୪କୋଟି ପାଉଣ୍ଡ କ୍ଷତି ସହିଛନ୍ତି ବୋଲି ଜଣେ ନିଲାମଧାରୀ ଅଭିଯୋଗ କରିଛନ୍ତି। ରୁଷ୍‌ର ସାର ନିର୍ମାତା ଗ୍ରୁପ ଉରାଲକାଲି ପକ୍ଷରୁ କୁହାଯାଇଛି ଯେ, ଫୋର୍ସ ଇଣ୍ଡିଆକୁ କିଣିବା ଲାଗି ଏହା ସର୍ବାଧିକ ମୂଲ୍ୟର ନିଲାମ ଆହ୍ୱାନ କରିଥିଲା। ତେବେ ପ୍ରଶାସନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ସେମାନଙ୍କ ବିଡ୍‌କୁ ଗ୍ରହଣ କରାଯାଇଥିଲେ ଫୋର୍ସ ଇଣ୍ଡିଆର ଶେୟାରଧାରକ ମାଲ୍ୟାଙ୍କ ଅରେଞ୍ଜ ଇଣ୍ଡିଆ ହୋଲ୍ଡିଂସ ସାର୍ଲକୁ ଅଧିକ ଅର୍ଥ ମିଳିଥାନ୍ତା। ବ୍ରିଟେନ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନେତୃତ୍ୱରେ ଗଠିତ କନସୋର୍ଟିୟମ ମାଲ୍ୟାଙ୍କ ଅରେଞ୍ଜ ଇଣ୍ଡିଆକୁ କବ୍ଜା କରିଛି। ଏହି ୪କୋଟି ପାଉଣ୍ଡ କନସୋର୍ଟିୟମ ପାଇଥାନ୍ତା। ତେବେ ଅନୈତିକ ବିକ୍ରି ଯୋଗୁ ଭାରତୀୟ ବ୍ୟାଙ୍କସମୂହ ଉକ୍ତ ଅର୍ଥ ହରାଇଛନ୍ତି। ଏହି ଅନୈତିକ ବିକ୍ରିକୁ ବିରୋଧ କରି ଉରାଲକାଲି ପ୍ରଶାସକ ଏଫଆରପି ଆଡ଼ଭାଇଜରି ବିରୋଧରେ ହାଇକୋର୍ଟରେ ମାମଲା ଦାଏର କରିଛି।

> ଭାରତ ବିରୋଧରେ ଆମେରିକା ଟାରିଫ ବୃଦ୍ଧି କରିବାକୁ ଯୋଜନା କରୁଛି। କିନ୍ତୁ ଭାରତ ଏହା ଚାହୁଁନାହିଁ। ଏହି କାରଣରୁ ଆମେରିକା ସହ ଏକ ବାଣିଜ୍ୟ ଚୁକ୍ତି ହେଉ ବୋଲି ଭାରତ ଚାହୁଁଛି।
> – ଡୋନାଲ୍ଡ ଟ୍ରମ୍ପ, ରାଷ୍ଟ୍ରପତି, ଆମେରିକା



> ଟଙ୍କାରେ ଧୀରେ ଧୀରେ ସ୍ଥିରତା ଆସୁଛି। କେନ୍ଦ୍ର ସରକାର ବିଗତ ଦିନରେ ନେଇଥିବା ପଦକ୍ଷେପ ଯୋଗୁ ବଜାରରେ ଭରଷା ଫେରୁଛି।
> – ସୁଭାଷ ଚନ୍ଦ୍ର ଗର୍ଗ, ସଚିବ, ଅର୍ଥନୈତିକ ବ୍ୟାପାର



#### ଅଶୋଧିତ ତେଲ ୧୦୦ ଡଲାର/ବ୍ୟାରେଲ

# ବଡ଼ ଆହ୍ୱାନର ସମ୍ମୁଖୀନ ହେବ ଅର୍ଥନୀତି

**ନୂଆଦିଲ୍ଲୀ,୩୦-୯**

ଦୀର୍ଘ ୪ ବର୍ଷ ପରେ ଆନ୍ତର୍ଜାତିକ ବଜାରରେ ପୁଣି ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବାକୁ ଯାଉଛି। ଏଥିଯୋଗୁ ହାତଗଣତି କେଇଟା ଦେଶ ଲାଭବାନ ହେବେ। କିନ୍ତୁ ଭାରତର ଆର୍ଥିକ ବିକାଶ ଧିମା ପଡିଯିବ। ଏଥିଯୋଗୁ ଦେଶର ଅର୍ଥନୀତିକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁଲେ ଭାରତର ଅର୍ଥନୀତି ପ୍ରତି କି ବିପଦ ରହିଛି ବୁଝିବାକୁ ହେବ।

### ନୀତି ନିର୍ଦ୍ଧାରଣରେ ସୃଷ୍ଟି ହେବ ଦ୍ୱନ୍ଦ୍ୱ

ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ଡଲାର ଛୁଇଁଲେ କେନ୍ଦ୍ର ସରକାରଙ୍କ ନିକଟରେ ଏହାର ମୁକାବିଲା ଲାଗି ବିଶେଷ ବିକଳ୍ପ ନାହିଁ। ଏଥିଯୋଗୁ ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣରେ ୩୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇବ। ତେଲ ଦର ହ୍ରାସ ଲାଗି କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସେସ୍ କମାଇବାକୁ ନିର୍ଦ୍ଦେଶ ଦେଇପାରନ୍ତି। ତେବେ ଏମାନଙ୍କ ଆର୍ଥିକ ଅବସ୍ଥା ଯାହା, ସେସ୍ କମାଇବାକୁ କେହି ରାଜି ହେବେନି। ତୃତୀୟ ବିକଳ୍ପ ଭାବେ ସରକାର ତେଲ ଦର କମାଇବେ ନାହିଁ।

### ବାଣିଜ୍ୟ ନିଅଣ୍ଟ ଲଗାମଛଡ଼ା ହୋଇଯିବ

ଅଶୋଧିତ ତେଲ ଦର ବୃଦ୍ଧି କାରଣରୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୨୦୧୭-୧୮ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଦୁଇଗୁଣ ହୋଇସାରିଲାଣି। ଅଶୋଧିତ ତେଲ ଦର ୧୦୦ ଡଲାର ଛୁଇଁଲେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୬୦୦ କୋଟି ଡଲାର ଟପିଯିବ। ଏହାର ଅର୍ଥ ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୨୦୦୦୦ କୋଟି ଡଲାର ଛୁଇଁବ। ଅନ୍ୟପକ୍ଷରେ ଦେଶର ଆମଦାନୀ ବିଲ୍ ମଧ ଇତିମଧ୍ୟରେ ୫୦୦୦୦ କୋଟି ଡଲାର ଟପିସାରିଲାଣି। ଆମ ହାତରେ ଏବେ ୧୧ ମାସ ଆମଦାନୀ ପାଇଁ ଅର୍ଥ ରହିଛି। ଅଶୋଧିତ ତେଲ ୧୦୦ ଡଲାର ଛୁଇଁଲେ ଆମଦାନୀ ସମୟ ହ୍ରାସ ପାଇବ।

### ସିଏଡି ବୃଦ୍ଧି ଯୋଗୁ ରେଟିଂ ହ୍ରାସ ବିପଦ

ଅଶୋଧିତ ତେଲ ଦର ବୃଦ୍ଧି କାରଣରୁ ଦେଶର ଚଳନ୍ତି ଜମା ନିଅଣ୍ଟ (ସିଏଡି) ପରିମାଣ ୨%ରୁ ଅଧିକ ହୋଇସାରିଲାଣି। ଏହା ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨.୮% ଛୁଇଁବ ବୋଲି ମନେକରାଯାଉଛି, ଯାହାର ପ୍ରତିଫଳନ ଭାରତର ରେଟିଂ ଉପରେ ପଡିବା ସମ୍ଭାବନା ରହିଛି।

### ମୁଦ୍ରାସ୍ଫୀତି ବଢ଼ିବ

କେନ୍ଦ୍ର ସରକାର ମୁଦ୍ରାସ୍ଫୀତି ହାର ୪% ଭିତରେ ରଖିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ତେଲ ଦର ବୃଦ୍ଧି ଯୋଗୁ ଏହା ସମ୍ଭବ ହେବ ନାହିଁ ବୋଲି ମନେ କରାଯାଉଛି। ରିଜର୍ଭ ବ୍ୟାଙ୍କ ତାଙ୍କର ଶେଷ ମୁଦ୍ରାନୀତିରେ ବର୍ଦ୍ଧିତ ତେଲ ଦରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିଯୋଗୁ ମୁଦ୍ରାସ୍ଫୀତି ବଢ଼ିବ ବୋଲି ଆର୍‌ବିଆଇ କହିଛନ୍ତି। ଫଳସ୍ୱରୂପ ଦୁଇଥର ରେପୋ ରେଟ ବଢ଼ାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ତୃତୀୟଥର ପାଇଁ ଏହାକୁ ବଢ଼ାଇବାକୁ ବାଧ ହେବେ। ଏହାଦ୍ୱାରା ଦେଶର ମୁଦ୍ରାସ୍ଫୀତି ବଢ଼ିବ। ଫଳସ୍ୱରୂପ ଉତ୍ପାଦନ କମିବ ଓ ଅର୍ଥନୀତି ଧିମେଇ ଯିବ। ଦେଶରେ ନିଯୁକ୍ତି ସୁଯୋଗ କମୁଥିବା ବେଳେ ଏହା ଆହୁରି ଚିନ୍ତାଜନକ ସ୍ଥିତିରେ ପହଞ୍ଚିଯିବ।

## ପେଟ୍ରୋଲ ଶତକ ଛୁଇଁଲେ ପମ୍ପ୍ ହୋଇଯିବ ଠପ୍

**ନୂଆଦିଲ୍ଲୀ,୩୦-୯**

ପେଟ୍ରୋଲିୟମ ଉଦ୍ୟୋଗକୁ ବହୁଚର୍ଚ୍ଚିତ ୱାଇ୨କେ ବଗ୍ ଭଳି ଟେକ୍ନୋଲୋଜି ଆହ୍ୱାନର ସାମ୍ନା କରିବାକୁ ପଡିବ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ଦର ୧୦୦ ଡଲାର ପ୍ରତି ବ୍ୟାରେଲ ଛୁଇଁବାକୁ ଯାଉଛି। ଏଥିଯୋଗୁ ପେଟ୍ରୋଲ ଦର ମୁମ୍ବାଇରେ ୯୧ ଟଙ୍କା ହେଲାଣି। ଏହି ଦର ୧୦୦ ଛୁଇଁବାକୁ ଯାଉଥିବା ବେଳେ ଏବେ ପେଟ୍ରୋଲିୟମ ଉଦ୍ୟୋଗକୁ ନୂଆ ବିପଦର ସମ୍ମୁଖୀନ ହେବାକୁ ପଡିବ। ପେଟ୍ରୋଲ ଦର ୧୦୦ ଛୁଇଁବା ମାତ୍ରେ ପେଟ୍ରୋଲ ପମ୍ପରେ ଲାଗିଥିବା ଡିସପେନ୍ସିଂ ୟୁନିଟ(ମିଟର, ଯାହା ଦାମ ଓ ତେଲର ପରିମାଣ ଦର୍ଶାଏ) ଅଚଳ ହୋଇଯିବ। ଏବେ ପେଟ୍ରୋଲ ପମ୍ପରେ ଯେଉଁ ଫୁଏଲ ଡିସପେନ୍ସିଂ ୟୁନିଟ୍ ଲଗାଯାଇଛି, ସେଥିରେ ଟଙ୍କାର ଦୁଇ ଅଙ୍କ ଓ ପଇସାକୁ ଦଶମିକ ଅର୍ଥରେ ଦର୍ଶାଯାଇଛି। ବର୍ତ୍ତମାନର ୟୁନିଟ ସର୍ବାଧିକ ୯୯.୯୯ ଟଙ୍କା ଦର୍ଶାଇପାରିବ। ଏଭଳି ସ୍ଥିତିରେ ଯଦି ପେଟ୍ରୋଲ ଦାମ ୧୦୦ ଟଙ୍କା ସ୍ତର ଛୁଇଁବ, ତେବେ ଡିସପେନ୍ସିଂ ୟୁନିଟ ୦୦.୦୦ ଟଙ୍କା ଦର୍ଶାଇବ। ଅଲ୍ ଇଣ୍ଡିଆ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ ଅଧ୍ୟକ୍ଷ ଏମ.ପ୍ରଭାକର ରେଡ୍ଡୀ କହିଛନ୍ତି ଯେ, ଡିସପେନ୍ସିଂ ୟୁନିଟ ତିଆରି କଲା ବେଳେ ପେଟ୍ରୋଲ ଦାମ ୧୦୦ ଟଙ୍କା ଛୁଇଁବ କେହି ଭାବି ନ ଥିଲେ। ଏବେ ଶେଷ ମୁହୂର୍ତ୍ତରେ ଲୋକେ ଚେତୁଛନ୍ତି। ଏହାର ପ୍ରଭାବ ଡିଲର ଓ ଉପଭୋକ୍ତା ସହିବେ। କାରଣ ସିଷ୍ଟମକୁ ନବୀକରଣ କରିବାରେ ସମୟ ଲାଗିବ। ରିଟେଲ ଇଣ୍ଡଷ୍ଟ୍ରି ସ୍ଥାଣୁ ପାଲଟିବ।



## ସାମ୍‌ସଙ୍ଗ ପକ୍ଷରୁ ଏକ୍ସକ୍ଲୁସିଭ୍ ଷ୍ଟୋର



**ଭୁବନେଶ୍ୱର,୩୦-୯**

ସ୍ମାର୍ଟଫୋନ ନିର୍ମାତା କମ୍ପାନୀ ସାମ୍‌ସଙ୍ଗ ପକ୍ଷରୁ ଭୁବନେଶ୍ୱରର ଶହୀଦ ନଗରଠାରେ ନୂଆ ଏକ୍ସକ୍ଲୁସିଭ୍ ଷ୍ଟୋର 'ସାମ୍‌ସଙ୍ଗ ସ୍ମାର୍ଟ କାଫେ' ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ଫର୍ଚ୍ୟୁନେଟ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଉନ୍ମୋଚନ କରାଯାଇଛି। ଏହାକୁ କମ୍ପାନୀର ଏସ୍‌ପିଡି ପପୁ ହଂସ, ଜୋନାଲ ସେଲସ୍ ମ୍ୟାନେଜର ଆଶୁତୋଷ ଶର୍ମା, ଏରିଆ ବିଜନେସ ମ୍ୟାନେଜର (ସେଲ୍‌ସ) ହରପ୍ରସାଦ ରଥ, ଏବିଏମ୍ ସର୍ଭିସ ସମ୍ବିତ ମିଶ୍ର, ଫ୍ରାଞ୍ଚାଇଜି ପାର୍ଟନର ଦୁର୍ଗାପ୍ରଶାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଏହା ୫,୦୦୦ ବର୍ଗଫୁଟ ସ୍ଥାନରେ ଖୋଲିଛି। ଏଠାରେ କମ୍ପାନୀର ସ୍ମାର୍ଟଫୋନ, ଟ୍ୟାବ୍, ଆସେସୋରିଜ୍ ଉପଲବ୍ଧ ହେବ। ପାର୍ବଣକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ 'ପୂଜାରେ ମଜା' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ଅଧିକୃତ ଷ୍ଟୋରଗୁଡିକରୁ କମ୍ପାନୀର ଫୋନ୍ କ୍ରୟ ଉପରେ ଲକି ଡ୍ର'ରେ ଭାଗନେବାକୁ ସୁଯୋଗ ମିଳିବ। ଭାଗ୍ୟଶାଳୀ ବିଜେତାଙ୍କ ଲାଗି କାର୍, ବୁଲେଟ୍, ସାମ୍‌ସଙ୍ଗ ନୋଟ୍ ୯ ଭଳି ଫୋନ୍ ମିଳିବ। ଏହି ଅଫର ସେପ୍ଟେମ୍ବର ୨୭ରେ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୧୦ ଯାଏ ଚାଲିବ। ସେହିଭଳି ଏକ୍ସଚେଞ୍ଜ ଅଫର ସୁବିଧା ରହିଛି।

## କର୍ମିକ ଆଣିଲା ନୂଆ ଗିଫ୍ଟ ବକ୍ସ

**ଭୁବନେଶ୍ୱର,୩୦-୯**

ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ଲାଇଫଷ୍ଟାଇଲ ୱେଲନେସ୍ ବ୍ରାଣ୍ଡ କର୍ମିକ ପକ୍ଷରୁ ପାର୍ବଣ ଉପଲକ୍ଷେ ବିସ୍ତୃତ ରେଞ୍ଜର ନୂଆ ଗିଫ୍ଟ ବକ୍ସ ବଜାରକୁ ଆସିଛି। ଏହା ମଧ୍ୟରେ ଡ୍ରାଏ ଫ୍ରୁଟସ, ନଟସ୍ ଭଳି ଅନ୍ୟ କେତେକ ସାମଗ୍ରୀ ରହିଛି। ଡ୍ରାଏ ଫ୍ରୁଟ୍ କ୍ଷେତ୍ରରେ କର୍ମିକ ଏକ ପ୍ରମୁଖ ବ୍ରାଣ୍ଡ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ଡ୍ରାଏ ନଟ୍‌ସ, ଫ୍ଲେଭର୍ଡ ନଟ୍‌ସ, ଡ୍ରାଏଡ୍ ବେରୀ, ସିଡ୍ ମିକ୍ସେସ ବଜାରକୁ ଆଣୁଛି। କମ୍ପାନୀ ଆଣିଥିବା ପ୍ୟାକ୍ ଗୁଡିକ ମଧ୍ୟରେ ରିଚ୍ ମମ୍ରା ଆଲମଣ୍ଡ, କାଲିଫର୍ନିଆ ଆଲମଣ୍ଡ, ପିସ୍ତାଚିଓ, ୱାଲନଟ ଭଳି ଅନ୍ୟ ପ୍ରମୁଖ ପ୍ରଡକ୍ଟ ରହିଛି। ପ୍ରଡକ୍ଟଗୁଡିକ ବିଗ୍‌ବଜାର, ବିଗ୍‌ବଜାର ଜେନ୍ ନେକ୍ସଟ, ହାଇପରସିଟି, ଫୁଡ ହଲ, ନୀଲଗିରିସ୍, ହେରିଟେଜ୍ ଫ୍ରେସ୍, ଇଜି ଡେ ଷ୍ଟୋରଗୁଡିକରେ ଉପଲବ୍ଧ। ପ୍ରିୟଜନଙ୍କୁ ଉପହାର ଦେବାରେ ଏହା ସହାୟକ ହେବ ବୋଲି ଫ୍ୟୁଚର ଗ୍ରୁପର ଫୁଡ ବାଣିଜ୍ୟ ସିଇଓ ସଦାଶିବ ନାୟକ କହିଛନ୍ତି।







ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନସ୍ଥ ପ୍ରାକୃତିକ ସମ୍ପଦର ପରିଚାଳନା ନିମନ୍ତେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)କୁ ପରିବେଶ ଶ୍ରେଣୀରେ ୫ମ ସିଏସ୍‌ଆର୍ ଇମ୍ପାକ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଗତ ୨୪ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଇଣ୍ଡିଆ ସିଏସ୍‌ଆର୍ ସମିଟ୍ ୨୦୧୮ ଅବସରରେ କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଅନନ୍ତ କୁମାର ହେଗଡେ ଜେଏସ୍‌ପିଏଲ୍ ସିଏସ୍‌ଆର୍ ଗ୍ରୁପ ମୁଖ୍ୟ ପ୍ରଶାନ୍ତ କୁମାର ହୋତାଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

## ଅଶୋକ କୁମାର ପ୍ରଧାନ ୟୁବିଆଇ ଏମ୍‌ଡି, ସିଇଓ

**ଭୁବନେଶ୍ୱର,୩୦-୯**



ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ସିଇଓ ଭାବେ ଅଶୋକ କୁମାର ପ୍ରଧାନ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ପ୍ରଥମ ଓଡିଆ ଭାବେ ବ୍ୟାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ ଅବସ୍ଥାପିତ ହୋଇଛନ୍ତି। ୟୁବିଆଇ ପୂର୍ବ ଭାରତର ଏକ ପ୍ରମୁଖ ବ୍ୟାଙ୍କ ହୋଇଥିବା ବେଳେ ଗତବର୍ଷ ଫେବୃୟାରୀରେ ପ୍ରଧାନ ଏହାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଦାୟିତ୍ୱ ପୂର୍ବରୁ ପ୍ରଧାନ ଷ୍ଟେଟ୍ ବ୍ୟାଙ୍କ ଅଫ୍ ମହୀଶୂରର ଜେନେରାଲ ମ୍ୟାନେଜର ପଦରେ ଅବସ୍ଥାପିତ ଥିଲେ। ୧୯୮୫ରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ବିକାନେର ଏବଂ ଜୟପୁରରୁ ପ୍ରୋବେସନାରୀ ଅଧିକାରୀ ଭାବେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। କେନ୍ଦ୍ରାପଡ଼ାର ପାଟକୁରାରେ ସେ ଜନ୍ମ ଗ୍ରହଣ କରିଥିବା ବେଳେ ରେଭେନ୍‌ଶା କଲେଜରୁ ଶିକ୍ଷା ଗ୍ରହଣ କରିଛନ୍ତି। ବ୍ୟାଙ୍କର କାରବାର ଉନ୍ନତୀକରଣ, ପୁଞ୍ଜି ଯୋଜନା, ବିକାଶ ଏବଂ ଆୟ ବୃଦ୍ଧି ନେଇ ଆଞ୍ଚଳିକ ପ୍ରବନ୍ଧକମାନଙ୍କୁ ସେ ଆହ୍ୱାନ କରିଛନ୍ତି।

## ଟୁଇଟ୍ ଲାଗି ୪କୋଟି ଡଲାର ଡିଲ୍

### ଏଲନ ମସ୍କ ଅଧ୍ୟକ୍ଷ ପଦରୁ ହଟିବେ, ସିଇଓ ରହିବେ

**ୱାଶିଂଟନ,୩୦-୯**

ଏକ ବିବାଦୀୟ ଟୁଇଟ୍‌କୁ କେନ୍ଦ୍ର କରି ଟେସଲା କାର୍ ନିର୍ମାତା ତଥା ଏହାର ସିଇଓ ଏଲନ ମସ୍କ ଓ ଆମେରିକା ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସଇସି) ମଧ୍ୟରେ ଏକ ଡିଲ୍ ହୋଇଛି। ଏହି ଡିଲ୍ ଅନୁଯାୟୀ ମସ୍କ ୩ ବର୍ଷ ପାଇଁ କମ୍ପାନୀର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବେ। ତେବେ ସେ ସିଇଓ ପଦରେ ରହିପାରିବେ। ଏଥିପାଇଁ ତାଙ୍କୁ ମୋଟ୍ ୪ କୋଟି ଡଲାର (ପ୍ରାୟ ୨୯୦ କୋଟି ଟଙ୍କା) ଦେବାକୁ ପଡିବ। ଏହି ବିବାଦୀୟ ଟୁଇଟ୍‌କୁ ନେଇ ଏସଇସି ପକ୍ଷରୁ ମସ୍କଙ୍କ ବିରୋଧରେ ମାମଲା ଦାଏର କରାଯାଇଥିଲା। ଏକ କମ୍ପାନୀ ଅଧିଗ୍ରହଣ ଲାଗି ମସ୍କ ବିବାଦୀୟ ଟୁଇଟ୍ ଜରିଆରେ ନିବେଶକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରିଛନ୍ତି ବୋଲି ଏସଇସି ଅଭିଯୋଗ ଆଣିଥିଲେ। କମ୍ପାନୀକୁ ପ୍ରାଇଭେଟ କରିବା ଏବଂ ଏଥିପାଇଁ ପାଣ୍ଠି ଯୋଗାଡ କରିବା ଉଦ୍ଦେଶ୍ୟରେ ସେ ଏକ ଟୁଇଟ୍ କରିଥିଲେ। ଏହି ଟୁଇଟ୍ ପରେ କମ୍ପାନୀର ଶେୟାର ମୂଲ୍ୟ ଅଚାନକ ବଢ଼ିଯାଇଥିଲା। ଏସଇସି ଏହାର ଯାଞ୍ଚ କରିଥିଲେ ଏବଂ ମସ୍କ ନିବେଶକଙ୍କୁ ମିଛ କହିଥିଲେ ବୋଲି ଜାଣିବାକୁ ପାଇଥିଲେ। ଅଧ୍ୟକ୍ଷ ପଦରୁ ମସ୍କ ହଟିଯିବା ପରେ ଟେସଲାକୁ ୩ ବର୍ଷ ପାଇଁ ଜଣେ ସ୍ୱତନ୍ତ୍ର ଅଧ୍ୟକ୍ଷ ଖୋଜିବାକୁ ହେବ।

DSPL-176

NATIONAL HEALTH MISSION
NPHCE
ଓଡ଼ିଶା ଶାସନ

# ଆନ୍ତର୍ଜାତିକ ବୟସ୍କ ଦିବସ
## ୧ ଅକ୍ଟୋବର ୨୦୧୮



ବୟସ୍କ(୬୦ ବର୍ଷ ବୟସରୁ ଅଧିକ)ମାନଙ୍କ କ୍ଷେତ୍ରରେ ବୟସାଧିକ୍ୟ ଜନିତ ସମସ୍ୟା ଯଥା :- ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମଧୁମେହ, ଶ୍ୱାସରୋଗ, ଦୃଷ୍ଟିହୀନତା, ଶ୍ରବଣ ସମସ୍ୟା, ମାନସିକ ଅସୁସ୍ଥତା ଓ କର୍କଟ ରୋଗ ଆଦି ଦେଖାଯାଇଥାଏ । ଏ ସବୁ ସମସ୍ୟାର ପ୍ରତିକାର ତଥା ଜନ ସଚେତନତା ସୃଷ୍ଟିପାଇଁ ପ୍ରତିବର୍ଷ ୧ ଅକ୍ଟୋବର ଦିନ ଆନ୍ତର୍ଜାତିକ ବୟସ୍କ ଦିବସ ପାଳନ କରାଯାଉଅଛି ।

**ମନେ ରଖନ୍ତୁ :-**

- ଉପଯୁକ୍ତ ସମ୍ମାନର ସହିତ ଜୀବନ ଧାରଣ ପ୍ରତ୍ୟେକ ବୟସ୍କଙ୍କ ମୌଳିକ ଅଧିକାର ।
- ସମାଜପ୍ରତି ବୟସ୍କ ମାନଙ୍କ ଅବଦାନ ଅତୁଳନୀୟ, ପରିବାର, ଗୋଷ୍ଠୀ ତଥା ସାମାଜିକ ସ୍ତରରେ ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଓ ଚଳଣି ପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରାଇ ବୟସାଧିକ୍ୟ ଜନିତ ଅନେକ ଜଟିଳ ସମସ୍ୟାକୁ ପ୍ରତିରୋଧ କରାଯାଇପାରିବ ।

10003/13/0082/1819

ବୟସ୍କମାନଙ୍କ ଚିକିତ୍ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଜେରିଆଟ୍ରିକ୍ ୱାର୍ଡ ଖୋଲାଯିବାର ବ୍ୟବସ୍ଥା କରାଯାଇଛି ।

ଆସନ୍ତୁ ବୟସ୍କମାନଙ୍କ ସ୍ୱାସ୍ଥ୍ୟପ୍ରତି ଆମେ ବିଶେଷ ଯତ୍ନବାନ୍ ହୋଇ ସୁସ୍ଥ ସମାଜ ଗଠନରେ ସାମିଲ ହେବା

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର



“ ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବାରୁ ଭାରତ ପ୍ରକୃତରେ ୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ଟାଇଟଲ ଫେଭରାଇଟ୍ ।

-କିମ୍ ଜଙ୍ଗ୍ ସୁ, ଦକ୍ଷିଣ କୋରିଆ ମୁଖ୍ୟ କୋଚ୍



“ ଚଳିତ ବର୍ଷ ର‌୍ୟାଙ୍କିଙ୍ଗରେ ୩ ନମ୍ବର ସ୍ଥାନ ହାସଲ କରିପାରିଥିବାରୁ ଏହା ମୋ କ୍ୟାରିୟରର ଶ୍ରେଷ୍ଠ ସିଜନ ବୋଲି ମନେ କରୁଛି ।

-ଜୁଆନ ମାର୍ଟିନ ଡେଲ ପୋଟ୍ରୋ, ଆର୍ଜେଣ୍ଟିନା ଟେନିସ୍ ଖେଳାଳି

## ସଂକ୍ଷେପରେ

### ରାଜ୍ୟ କାୟାକିଂ, କାନୋଇଂ: ସୁନ୍ଦରଗଡ଼ ଚାମ୍ପିୟନ

**କଟକ ଅଫିସ,୩୦।୯:** ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଚାଲିଥିବା ୧୪ତମ ରାଜ୍ୟ କାୟାକିଂ ଓ କାନୋଇଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ଦଳଗତ ଭାବେ ଚାମ୍ପିୟନ ହୋଇଥିବା ବେଳେ କେନ୍ଦୁଝର ଜିଲା ଦଳ ରନର୍ସଅପ ହୋଇଛି। ଏହି ପ୍ରତିଯୋଗିତାରେ ପୁରୁଷ, ମହିଳା, ବାଳିକା ଓ ବାଳକ ବର୍ଗରୁ ୭୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କାୟାକିଂ, କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ, ସଭାପତି ମୋହନ ମାଝି, ଖବରଦାତା କମଳାକାନ୍ତ ନାୟକ, ରାଜ୍ୟ ସଂଘ ଉପସଭାପତି ବସନ୍ତ ଦାନି, ନୃସିଂହ ନାରାୟଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ୟୁଏଇକୁ ୨୨୭ ରନ୍‌ରେ ହରାଇଲା ଭାରତ

**ସଭର (ବାଂଲାଦେଶ), ୩୦।୯(ପି.ଟି.):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଭାରତ ୨୨୭ ରନର ବୃହତ ବ୍ୟବଧାନରେ ୟୁଏଇକୁ ପରାସ୍ତ କରିଛି। ଅଞ୍ଜୁ ରାୱତ ଓ ଦେବଦତ୍ତ ପାଡିକଲଙ୍କ ଶତକ ସାଙ୍ଗକୁ ସିଦ୍ଧାର୍ଥ ଦେଶାଇଙ୍କ ୬ ଉଇକେଟ୍ ଦଖଲ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ପ୍ରତିଯୋଗିତାରେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଏହା ୨ୟ ବିଜୟ ଥିଲା। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଶନିବାର ନେପାଳକୁ ୧୭୨ ରନରେ ମାତ୍ ଦେଇଥିଲା। ଦୁଇଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ଭାରତ ୮ ପଏଣ୍ଟ ହାସଲ କରି ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଛି। ଭାରତ ମଙ୍ଗଳବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ଭେଟିବ।

ରବିବାର ଖେଳାଯାଇଥିବା ଏହି ଏକପାଖିଆ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଦୁଇ ଓପନର୍ ଅଞ୍ଜୁ (୧୦୨) ଓ ଦେବଦତ୍ତ (୧୨୧)ଙ୍କ ଶତକ ବଳରେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୩୫୪ ରନ କରିଥିଲା। ଓପନିଂ ଯୋଡ଼ିରେ ଦୁହେଁ ୨୦୫ ରନ ଯୋଗ କରିଥିଲେ। ଅଧିନାୟକ ପୱନ ଶାହ (୪୫) ଓ ସମୀର ଚୌଧୁରୀ (୪୨) ଉପଯୋଗୀ ଇନିଂସ ଖେଳିଥିଲେ। ଜବାବରେ ୟୁଏଇ ନିୟମିତ ଅନ୍ତରରେ ଉଇକେଟ୍ ହରାଇ ମାତ୍ର ୧୨୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଅଲୀ ମିର୍ଜା ସର୍ବାଧିକ ୪୧ ରନ କରିଥିଲେ। ବାମହାତୀ ସ୍ପିନର ସିଦ୍ଧାର୍ଥ ଦେଶାଇ ୨୪ ରନରେ ୬ଟି ଉଇକେଟ୍ ନେଇ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ରାଜେଶ ମହାନ୍ତି ଏହି ମ୍ୟାଚ୍‌ରେ ଦଳକୁ ପ୍ରଥମ ଉଇକେଟ୍ ସଫଳତା ଦେଇଥିଲେ। ଭାରତୀୟ ବୋଲିଂ ଆରମ୍ଭ କରିଥିବା ଡାହାଣହାତୀ ଦ୍ରୁତ ବୋଲର ରାଜେଶ ୪ର୍ଥ ବଲରେ ୟୁଏଇର ରୋନାକ ପାନୋଲୀଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ଏହାପରେ ରାଜେଶ ଇକୋନୋମିକ ବୋଲିଂ କରିଥିଲେ ମଧ୍ୟ ଆଉ କୌଣସି ଉଇକେଟ୍ ପାଇ ନ ଥିଲେ। ମୋଟ୍ ୬ ଓଭର ବୋଲିଂ କରି ସେ ୨୮ ରନ ବ୍ୟୟ କରିଥିଲେ। ପୂର୍ବରୁ ନେପାଳ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ରାଜେଶ ଉଇକେଟ୍‌ଶୂନ୍ୟ ରହିଥିଲେ।

### ୱାର୍ମଅପ୍ ମ୍ୟାଚ ଡ୍ର

**ଭଦୋଦରା, ୩୦।୯ (ପି.ଟି.):** ବୋର୍ଡ ସଭାପତି ଏକାଦଶ ଏବଂ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚ ଡ୍ର' ଭାବେ ଶେଷ ହୋଇଛି। ରବିବାର ଶେଷ ହୋଇଥିବା ଏହି ଦୁଇ ଦିନିଆ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ସଭାପତି ଏକାଦଶ ୬ ଉଇକେଟରେ ୩୬୦ରନ କରି ଏହାର ଇନିଂସ ଘୋଷଣା କରିଥିଲା। ଜବାବରେ ସୁନୀଲ ଆମ୍ବ୍ରିସଙ୍କ ଅପରାଜିତ ଶତକ ସହାୟତାରେ ୱେଷ୍ଟଇଣ୍ଡିଜ ୭ ଉଇକେଟ ବିନିମୟରେ ୩୭୬ରନ କରିଥିଲା। ଆମ୍ବ୍ରିସ ବିପକ୍ଷ ଦଳର ବୋଲରଙ୍କୁ ପ୍ରହାର କରି ମାତ୍ର ୯୮ ବଲ୍‌ରେ ୧୭ ଚୌକା ଓ ୫ଛକା ସହ ୧୧୪ ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜର ଆରମ୍ଭ ଖୁବ୍ ଭଲ ଥିଲା। କ୍ରେଗ୍ ବ୍ରାଥୱେଟ୍ (୫୨) ଓ କିରନ ପାୱେଲ (୪୪) ଓପନିଂ ଯୋଡ଼ିରେ ୧୦୫ ରନ ଯୋଗ କରିଥିଲେ। ତେବେ ଉଭୟେ ଅନ୍ୟ ଖେଳାଳିଙ୍କୁ ବ୍ୟାଟିଂ ସୁଯୋଗ ଦେବାକୁ ଯାଇ ରିଟାୟର୍ଡ ନେଇ ଯାଇଥିଲେ। ଆମ୍ବ୍ରିସ ବ୍ୟାଟିଂ କରିବା ଲାଗି ଆସିବା ପୂର୍ବରୁ ଶାଇ ହୋପ୍ ୩୬ ଏବଂ ଉଇକେଟକିପର ଶେନ୍ ଡାଓରିଚ୍ ୬୫ ରନ କରିଥିଲେ। ବୋର୍ଡ ସଭାପତି ଏକାଦଶର ସଫଳ ଯୁବ ବୋଲର ଆଭେଶ ଖାଁ ୬୦ ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ବାମହାତୀ ସ୍ପିନର ସୌରଭ କୁମାର (୨/୧୨୬) ଦୁଇଟି ଉଇକେଟ ନେଇଥିଲେ। ଫାଷ୍ଟ ବୋଲର ବସିଲ ଥାମ୍ପି ତାଙ୍କ ଦୁଇ ଓଭର ବୋଲିଂରେ ୧୭ ରନ ଦେବାରୁ ତାଙ୍କୁ ଅଧିକ ବୋଲିଂ ଦିଆଯାଇ ନ ଥିଲା।

# ରାଜ୍ୟ ମହିଳା ହକି: ଖୋର୍ଦ୍ଧା ଚାମ୍ପିୟନ୍

ଢେଙ୍କାନାଳ ଅଫିସ, ୩୦।୯

ଢେଙ୍କାନାଳ ଜିଲା ହକି ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ୩ଦିନ ଧରି ଚାଲିଥିବା ରାଜ୍ୟ ମହିଳା ହକି ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଉରକେଲାକୁ ୨-୧ ଗୋଲ୍‌ରେ ହରାଇ ଖୋର୍ଦ୍ଧା ଚାମ୍ପିୟନ ହୋଇଛି।

ପ୍ରଥମାର୍ଦ୍ଧର ୨୭ତମ ମିନିଟ୍‌ରେ ଖୋର୍ଦ୍ଧାର ୧୭ନଂ. ଖେଳାଳି ମାରିଆନା କୁଜୁର ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ୩୧ ମିନିଟ୍‌ରେ ରାଉରକେଲାର ୯ନଂ. ଖେଳାଳି ମନୀଷା ଓରାମ୍ ଏହାକୁ ପରିଶୋଧ କରି ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ପ୍ରଥମାର୍ଦ୍ଧ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟ୍‌ରେ ଖୋର୍ଦ୍ଧାର ୧୩ନଂ. ଖେଳାଳି ଭାରତୀ ଏକ୍କା ଆଉ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିରଞ୍ଜନ ଗୌଡ଼ ରେଫରି ରହିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଖ୍ୟାତନାମା ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ସର୍ବଭାରତୀୟ ମ୍ୟାଙ୍ଗୋ କପ୍ ଆୟୋଜକ ଜିତେନ୍ଦ୍ର ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ। ଜିଲା ହକି ସଂଘର ସଭାପତି ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ସମ୍ପାଦକ ପ୍ରଣବ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୯ ଜିଲାର ମହିଳା ହକି ଦଳ ଭାଗ ନେଇଥିଲେ।



ଚାମ୍ପିୟନ ଖୋର୍ଦ୍ଧା ଦଳର ଖେଳାଳିମାନେ ଅତିଥି ଦିଲୀପ ତିର୍କୀଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

### ହକି ନୂଆ ଦିଶା ପାଇଛି: ଦିଲୀପ

ରାଜ୍ୟ ସରକାରଙ୍କ ଉଦ୍ୟମରେ ହକି ନୂଆ ଦିଶା ପାଇଛି। ଏବେ ଓଡ଼ିଶା ସରକାର ଜାତୀୟ ହକି ଦଳର ପ୍ରାୟୋଜକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ରାଜ୍ୟରେ ହକି ଭିନ୍ନସ୍ତରକୁ ଛୁଇଁପାରିଛି। ଏଥିଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କହିଛନ୍ତି ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ। ଢେଙ୍କାନାଳରେ ଅନୁଷ୍ଠିତ ମହିଳା ହକି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣମାଧ୍ୟମକୁ ସେ ଏହି ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଲେ, ହକି ପାଇଁ ଓଡ଼ିଶାରେ ଯେତିକି ଅଷ୍ଟ୍ରୋଟର୍ଫ ପଡ଼ିଆ ଏବଂ ସୁଯୋଗ ରହିଛି ତାହା ଅନ୍ୟ ରାଜ୍ୟରେ ନାହିଁ। ପ୍ରସ୍ତାବ ଆସିଲେ ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ମଧ୍ୟ ଅଷ୍ଟ୍ରୋଟର୍ଫ ପଡ଼ିଆ ତିଆରି କରିବାକୁ ପଦକ୍ଷେପ ନିଆଯିବ। ଏକଦା ହକି ଖେଳ ପାଇଁ ଢେଙ୍କାନାଳ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲା। ଏଠାକାର ଖେଳାଳିଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାକୁ ଠିକ୍ ଭାବେ ଉପଯୋଗ କଲେ ସ୍ଥାନୀୟ ହକି କ୍ରୀଡ଼ାବିତ୍ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିବେ ବୋଲି ଦିଲୀପ କହିଛନ୍ତି।

ହକି ବିଶ୍ୱକପ୍ ସମ୍ପର୍କରେ ସୂଚନା ଦେଇ ସେ କହିଲେ, ଫାଇନାଲ ପର୍ଯ୍ୟାୟ ଖେଳାଳି ଚୟନରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରାଙ୍କୁ ସୁଯୋଗ ମିଳିବ ବୋଲି ଆଶା ରହିଛି। ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍ ଖେଳର ସିଧା ପ୍ରସାରଣ ଦେଖିବାରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିଲାଗି ଉଦ୍ୟମ ଆରମ୍ଭ ହୋଇଛି। ଏଥି ଲାଗି ବିଭିନ୍ନ ଜିଲାରେ ଏଲ୍‌ଇଡି ସ୍କ୍ରିନ୍ ଲଗାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହାକୁ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଢେଙ୍କାନାଳ ମିନି ଷ୍ଟାଡିୟମରେ ବିଶ୍ୱକପ୍ ହକି ଦେଖିବାକୁ ଏଲ୍‌ଇଡି ସ୍କ୍ରିନ୍ ବ୍ୟବସ୍ଥା କରାଯିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି କହିଛନ୍ତି।

## ଟପ୍ସରେ ସାମିଲ ହେବ ମହିଳା ହକି ଦଳ

ନୂଆଦିଲ୍ଲୀ, ୩୦।୯ (ପି.ଟି.)

ଖୁବ୍ ଶୀଘ୍ର ଭାରତୀୟ ମହିଳା ହକି ଦଳକୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ କରାଯିବ। ରିଭ୍ୟୁ କମିଟି ଏ ସଂକ୍ରାନ୍ତରେ ଆସନ୍ତାମାସ ଏକ କୋର ଗ୍ରୁପ୍ ଚିହ୍ନଟ କରିବ। କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରାପ୍ତ ଏହି ସ୍କିମ୍‌ରେ ମହିଳା ହକି ଦଳ ସାମିଲ ହେବା କ୍ରୀଡ଼ା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ଅଗ୍ରଗତି ହେବ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୂର୍ବରୁ ଭାରତୀୟ ପୁରୁଷ ହକି ଦଳର ସବୁ ୧୮ ଜଣ ସଦସ୍ୟଙ୍କୁ ଟପ୍ସରେ ସାମିଲ କରାଯାଇଛି। ତେଣୁ ଖୁବଶୀଘ୍ର ମହିଳା ଦଳକୁ ମଧ୍ୟ ଏଥିରେ ସାମିଲ କରାଯିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ଗତ ୧୮ତମ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିଲା। ଅବଶ୍ୟ ଆନୁଆଲ କ୍ୟାଲେଣ୍ଡର ଫର ଟ୍ରେନିଂ ଓ କମ୍ପିଟିଶନ (ଏସିଟିସି) ପ୍ରୋଗ୍ରାମ୍‌ରୁ ଭାରତୀୟ ମହିଳା ହକି ଦଳ ଅନୁଦାନ ପାଉଛି। ଟପ୍ସ ଜରିଆରେ ମାସକୁ ୫୦ ହଜାର ଟଙ୍କା ଅନୁଦାନ ମିଳିଥାଏ। ତେଣୁ ମହିଳା ହକି ଦଳ ଏଥିରେ ସାମିଲ ହେଲେ ନିଶ୍ଚିତ ଭାବେ ଭାରତୀୟ ହକି ଉନ୍ନତି କରିବ। ପୂର୍ବରୁ ମହିଳା ଦଳକୁ ଟପ୍ସରେ ସାମିଲ କରିବା ପାଇଁ ହକି ଇଣ୍ଡିଆ ବାରମ୍ବାର ଅନୁରୋଧ କରିଆସୁଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି। ହକି ଇଣ୍ଡିଆ ଏ ନେଇ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ପଠାଇଥିଲା। ଏବେ ଏ ପ୍ରସ୍ତାବକୁ ନେଇ ଆମେ ଆଲୋଚନା ଜାରି ରଖିଛୁ। ଖୁବ୍‌ଶୀଘ୍ର ମହିଳା ଦଳକୁ ଟପ୍ସ ତାଲିକାରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଇଛି।

ହକି ଇଣ୍ଡିଆ ତରଫରୁ ଏ ସଂକ୍ରାନ୍ତରେ ହୋଇଥିବା ଅଗ୍ରଗତିକୁ ସ୍ୱାଗତ କରାଯାଇଛି। କିଛି ନ ହେବା ଅପେକ୍ଷା ଡେରିରେ ହେବା ଭଲ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଟପ୍ସ କମିଟି ମଧ୍ୟ କୋର ଗ୍ରୁପ୍ ପ୍ରସ୍ତୁତି ନେଇ କାର୍ଯ୍ୟ କରୁଛି। ଟପ୍ସରେ ସାମିଲ ହେବା ସଂକ୍ରାନ୍ତରେ ସବୁ ଜାତୀୟ ଫେଡେରେଶନଙ୍କୁ ପରାମର୍ଶ ଦେବାକୁ ଆମେ କହିଛୁ। ଟପ୍ସ ଟିମ୍ ମଧ୍ୟ ସବୁ ଆଥଲେଟମାନଙ୍କ ତଥ୍ୟ ଓ ପରିସଂଖ୍ୟାନ ନେଇ ଯାଞ୍ଚ କରୁଛି। ଅକ୍ଟୋବର ୩୦ ବେଳକୁ ଏ ନେଇ କାର୍ଯ୍ୟସମ୍ପନ୍ନ ହେବ ବୋଲି ସାଇର ଅଧିକାରୀ ଜଣକ କହିଛନ୍ତି।



ରବିବାର ରଷିଆନ ଗ୍ରାଁପ୍ରି ଫର୍ମୁଲା ୱାନ ମୋଟର ରେସିଂ ଟାଇଟଲ ଜିତିବା ପରେ ଟ୍ରଫି ସହ ଲୁଇସ୍ ହାମିଲଟନ୍ ।


**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING)**
PANTHANIVAS (OLD BLOCK): LEWIS ROAD: BHUBANESWAR-14
E-mail : otdc@panthanivas.com, Tel. -(0674)- 2432477, Fax:- (0674)-2431053
Letter No.- 6371 Date: 29.09.2018

**NOTICE INVITATION FOR BIDS (NIFB)**
**e-Procurement Notice No. BP -III/ 17/2018-19 dt.29.09.2018.**

1. Nature of Work : Civil Work & Electrical Work.
2. Total Nos. of Works : 05 (Five) Nos.
3. Tender cost of the works : From Rs. 5.95 to Rs. 9.80 lakhs.
4. Bid security : 1% of quoted amount as EMD.
5. Category of Agency : "H.T" / "M.V" & "H.T" / "D" & "C".
6. Period of Complition : 2 (Two) Months to 3 (Three) Months.
7. Other details as follow :-

No. CAD-894

| Procurement Officer | Bid Identification No. | Availability / Submission of Bid. | | Date & Time & Place of opening of Tender |
|---|---|---|---|---|
| Executive Engineer B.P. Divn. No.- III O.T.D.C. Ltd. | BP -III/ 17/2018-19 dt.29.09.2018. | From:- 01.10.2018. | To:- 17.00 Hours of 10.10.2018. | 11.30 Hours of 11.10.2018. in the office of the Executive Engineer B.P. Divn. No.- III O.T.D.C. Ltd. |

Sd./- Executive Engineer,
37002/11/0050/1819 Building Project Division No. III, O.T.D.C. Ltd, Bhubaneshwar.



**GOVERNMENT OF ODISHA** No.814-O
**OFFICE OF THE EXECUTIVE ENGINEER, RURAL WORKS DIVISION-II, KENDRAPARA**
**1st Corrigendum to bid identification No E-procurement**
**R.W.D.-II/KPD-04/2018-19 dt.27.09.2018**

1. The period of sale and availability of tender on line bidding for 1 no of works invited vide above tender call notice is modified to the following extent.

| E Procurement Officer | Bid Identification No. | Availability of Tender online for bidding | | Date & Time of opening of tender | | |
|---|---|---|---|---|---|---|
| | | From | To | Last date and time of seeking tender clarification | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Kendrapara | R.W.DII/ KPD-04/18-19 | 05.10.2018 From 11:00 A.M. | 23.10.2018 up to 5.00 P.M | 22.10.2018 up to 5:00 PM | 25.10.2018 at 11.00 A.M. | 30.10.2018 At 11:00 A.M |

2. The estimated cost & required EMD for the works has been modified as detailed below:-

| Sl. No. | Name of the Work | Approx. Estimated Cost (Rs in Lakhs) | EMD Required (Rs.) |
|---|---|---|---|
| 1. | Construction of 6 Nos E Type Quarter (Tahasildar Office) staff Quarter at Rajkanika Block in the District of Kendrapara for the year 2018-19 Under State Plan | 51.86 | 51,900/- |

All other term and conditions remain unaltered.
1. All other details can be seen in the bidding documents which is available in the website **www.tendersodisha.gov.in**.
2. Authority reserves the right to reject any or all the tenders without assigning any reason thereof.
25098/11/0009/1819 **Executive Engineer, Rural Works Division-II, Kendrapara**



No. 285-C

ବ୍ରହ୍ମପୁର ମହାନଗର ନିଗମ

**BERHAMPUR MUNICIPAL CORPORATION**
**BERHAMPUR**
**Letter No. 15144** **Date : 27.09.2018**

**Interview for engagement of Veterinary Surgeon**

Berhampur Municipal Corporation, intends to engage one veterinary surgeon on contractual basis for sterilization and immunization of stray dogs under Animal Birth Control Program.

| Name of the Post | Salary | No. of Post | Qualification & Age |
|---|---|---|---|
| Veterinary Surgeon | As per prevailing rules of govt. of Odisha | 01(One) | Should have worked as Veterinary Surgeon in Odisha State or Central Govt. office satisfactorily and have minimum experience of 15 years in service. Age not more than 65 years. |

The engagement will be purely on contractual basis for one year which may be extended subject to periodical review of performance. Interested eligible candidates may apply in plain paper along with their updated CV, Xerox copy of educational qualification and experience certificate along with copy of pension payment should reach the office of the undersigned on before Dt. 15.10.2018. The candidate should furnish their correspondence address and contact phone number in their application for further communication. The date of interview will be intimated to the prospective candidates later.

The authority reserves the right to reject any or all candidates without assigning any reason thereof.

**Sd./- Commissioner**
**Berhampur Municipal Corporation**
13035/11/0123/1819 **Date : 27.09.2018**



**Government of Odisha**
**Office of the Executive Engineer**
**Mayurbhanj Minor Irrigation Division, Baripada**
Tel. No. (06792)260788, e-mail ID : mi.mayurbhanj@yahoo.co.in

**'e' Procurement Notice**
No. 4295 Dated : 27.09.2018
**Identification No. - E.E.M.I.D.Bpd.No.-05/MID, MBJ/2018-19**
No. 552-A: The Executive Engineer, Mayurbhanj M.I. Division, Baripada on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of Works | : | Civil Construction works as mentioned in the website |
| 2. | Total No. of Works | : | 7 Nos. |
| 3. | Estimated Cost | : | 14.26 Lakh to 41.14 Lakh (Detail list of work Annexed) |
| 4. | Class of Contractor | : | As Mentioned against work |
| 5. | Period of Completion | : | As Mentioned against work. |
| 6. | Date & time of Availability of Bid Document in the Portal | : | 03.10.2018 at 10.00 AM to 11.10.2018 upto 5.00 P.M. |
| 7. | Last date / Time for receipt of Bids in the Portal | : | 11.10.2018 upto 5.00 P.M. |
| 8. | Date / Time of Opening of Bid | : | 12.10.2018 at 10.00 A.M. |
| 9. | Name and Address of the Officer Inviting the Bid | : | Executive Engineer, Mayurbhanj, M.I. Division, Baripada |
| 10. | Mode of Payment of Bid Cost & Bid Security | : | Online |
| 11. | Further details can be seen from the 'e' Procurement Portal "https://tendersorissa.gov.in" | | |

**Sd./- Executive Engineer**
32041/11/0003/1819 **Mayurbhanj M.I. Division, Baripada**



**ODISHA POLICE, OISF, HEADQUARTERS**
**PLOT NO. 139 (P) KESHARI NAGAR, UNIT-V, BHUBANESWAR**

**ବିଜ୍ଞାପନ**

**ସ୍ଥାୟୀ ଠିକଣା**
କନଷ୍ଟେବଳ ନମ୍ବର - ୧୧୭୩ ସସ୍ମିତା ଦାଶ
ପିତା - ଶ୍ରୀ କରୁଣାକର ଦାଶ
ଗ୍ରାମ - ପଲଦା, ପୋ.- ନେମାଳ
ଥାନା - ନେମାଳ, ଜିଲ୍ଲା- କଟକ

No.234-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଏମ୍.ସି. କ୍ୟାମ୍ପ କାଳିଆପାଣି ମାଇନସ୍, ଯାଜପୁରରୁ ତା୨୭।୦୬।୨୦୧୮ରିଖ ଅପରାହ୍ନ ଠାରୁ ୦୧।୦୭।୨୦୧୮ ଅପରାହ୍ନ ପର୍ଯ୍ୟନ୍ତ ୪ ଦିନ ଛୁଟିରେ ଯାଇଥିଲେ। ଆପଣଙ୍କର ତା୦୨।୦୭।୨୦୧୮ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗନଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭(ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଏମ୍.ସି କ୍ୟାମ୍ପ କାଳିଆପାଣି ମାଇନସ୍, ଯାଜପୁରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୋଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି,
12029/11/0047/1819 ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା



**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE**
**BRAHMAPUR-760 004, GANJAM, ORISSA**
**No. 6342/MCB-2019/Welfare/Dated,**
**Berhampur the 28th September, 2019**

**TENDER CALL NOTICE FOR JOURNALS**

No.463-E: Sealed Tenders are invited from the Registered firms for "Subscription of journals" (Indian & Foreign) (Medical) for the financial year 2019 in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions and list of Journals can be obtained from the office of the undersigned on payment of Rs.2000/-cash (non-refundable) at the Accounts Section. The details are also available in the website mkcgmch.org. Those who will download the tender documents from Website should enclose a DD for Rs.2000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.

The undersigned reserves the right to cancel of the Tender in full or parts at any time without assigning any reason thereof.

**Sd./- Dean & Principal,**
10013/11/0011/1819 **MKCG Medical College, Berhampur**

“ କୋଚ୍ ରୋଲାଣ୍ଟ ଓଲ୍ଟମାନ୍ସ ଦଳ ପରିତ୍ୟାଗ କରିଥିବାରୁ ଆସନ୍ତା ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳଠାରୁ ଅଧିକ ଆଶା କରିବା ବୃଥା।

**– ୱାସିମ ଅହମ୍ମଦ, ପୂର୍ବତନ ଅଧିନାୟକ**



“ ଉନ୍ନତ ଦଳ ସହ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଥିବାରୁ ଆମେ ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା।

**–ଗୁରପ୍ରୀତ ସିଂ ସାନ୍ଧୁ, ଗୋଲ୍‌କିପର**



## ସଂକ୍ଷେପରେ

### ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲ୍ସ
### ଦୀପିକାଙ୍କୁ ବ୍ରୋଞ୍ଜ



**ସାମସନ (ତୁର୍କୀ), ୩୦।୯(ପି.ଟି.):** ତାରକା ଭାରତୀୟ ମହିଳା ତୀରନ୍ଦାଜ ଦୀପିକା କୁମାରୀ ଏଠାରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ଲେ-ଅଫ୍‌ରେ ଦୀପିକା ଲିସା ଉନରୁହଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ପାଞ୍ଚଟି ସେଟ୍ ପରେ ଉଭୟ ଖେଳାଳି ୫-୫ ସ୍କୋରରେ ଟାଇ ରହିଥିଲେ। ଏହାପରେ ଶୁଟ୍-ଅଫ୍‌ର ସହାୟତା ନିଆଯାଇଥିଲା। ଉଭୟ ଦୀପିକା ଓ ଲିସା ୯ଥର ଲେଖାଏ ତୀର ମାରିଥିଲେ, ଯେଉଁଥିରେ ଲିସାଙ୍କ ଅପେକ୍ଷା ଦୀପିକାଙ୍କ ତୀର ଟାର୍ଗେଟ୍‌ର ଅତିନିକଟରେ ଭେଦ କରିଥିବାରୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଦୀପିକା ପଞ୍ଚମଥର ଲାଗି ବିଶ୍ୱକପ୍ ଫାଇନାଲ୍ସରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ଏହି ଅଭିଜ୍ଞ ଭାରତୀୟ ମହିଳା ତୀରନ୍ଦାଜଙ୍କ ନାମରେ ୪ଟି ରୌପ୍ୟ ପଦକ ରହିଛି। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଦୀପିକା ଖାଲି ହାତରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ।

### ମହିଳା ହକି କ୍ୟାମ୍ପରେ ଓଡ଼ିଶାର ୭

**ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି):** ଆଗାମୀ ଦିନରେ ହେବାକୁଥିବା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ସୋମବାରଠାରୁ ଆରମ୍ଭ ହେବ ଭାରତୀୟ ମହିଳା କୋର୍ ଗ୍ରୁପ ଖେଳାଳିଙ୍କ କୋଚିଂ କ୍ୟାମ୍ପ। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କ୍ୟାମ୍ପରେ ୪୮ କୋର୍ ଗ୍ରୁପ ଖେଳାଳିଙ୍କ ସହ ୧୨ କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେବେ। କୋର ଗ୍ରୁପରେ ଓଡ଼ିଶାର ମୋଟ ୭ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ, ଲିଲିମା ମିଞ୍ଜ, ନମିତା ଟପ୍ପୋ, ଅନୁପା ବାର୍ଲା ଓ ବିରାଜିନୀ ଏକ୍କା।

### ଇନ୍ଦୋର ଦିନିକିଆ ସ୍ଥାନାନ୍ତର ସମ୍ଭାବନା

**ନୂଆଦିଲ୍ଲୀ, ୩୦।୯ (ପି.ଟି.):** ଆସନ୍ତା ଅକ୍ଟୋବର ୨୪ ତାରିଖରେ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ସ୍ଥାନାନ୍ତର ହେବା ସମ୍ଭାବନା ସୃଷ୍ଟି ହୋଇଛି। କମ୍ପ୍ଲିମେଣ୍ଟାରୀ ପାସ୍ ବା ଫ୍ରି ଟିକେଟ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ମଧ୍ୟରେ ବିବାଦ ତଥା ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇର ନୂଆ ସମ୍ବିଧାନ ଅନୁସାରେ ଷ୍ଟାଡିୟମର ମୋଟ ୯୦ ପ୍ରତିଶତ ଟିକେଟ ସର୍ବସାଧାରଣ ପାଇଁ ବିକ୍ରି ହେବା ନିହାତି ଜରୁରୀ। ଫଳରେ ରାଜ୍ୟ ଆସୋସିଏଶନ ପାଇଁ ମାତ୍ର ୧୦ ପ୍ରତିଶତ ଟିକେଟ ବାକି ରହିବା ନିଶ୍ଚିତ। ଏ ଦୃଷ୍ଟିକୋଣରୁ ଦେଖିଲେ ଇନ୍ଦୋରର ହୋଲକର ଷ୍ଟାଡିୟମରେ ୨୭, ୦୦୦ ଦର୍ଶକ ବସିବାର ସୁବିଧା ରହିଛି। ଫଳରେ କମ୍ପ୍ଲିମେଣ୍ଟାରୀ ଟିକେଟ ହିସାବରେ ମାତ୍ର ୨୭୦୦ ଟିକେଟ ବାକି ରହିବ। ପୁଣି ଏଥିମଧ୍ୟରୁ ବିସିସିଆଇ ତା'ର ପ୍ରାୟୋଜକଙ୍କ ପାଇଁ ମଧ୍ୟ ଫ୍ରି ପାସ ଦାବି କରିଛି। ଏପରିସ୍ଥଳେ ଦ୍ୱିତୀୟ ଦିନିକିଆ ମ୍ୟାଚ ଆୟୋଜନ କରିବା ଅସମ୍ଭବ ହୋଇପଡିବ ବୋଲି ଏମ୍‌ପିସିଏ ତରଫରୁ କୁହାଯାଇଛି। ଯଦି ବିସିସିଆଇ ତାର ଦାବିରୁ ନ ଓହରେ ତେବେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ ବୋଲି ଏମ୍‌ପିସିଏ କହିଛି। ବିସିସିଆଇର ଦାବିକୁ ଆମେ ଗ୍ରହଣ କରିପାରିବୁ ନାହିଁ। ପ୍ୟାଭିଲିୟନରେ ଆମର ମାତ୍ର ୭୦୦୦ ସିଟ ରହିଛି। ତେଣୁ ୧୦ ପ୍ରତିଶତ ହିସାବରେ ବିଚାର କଲେ ମାତ୍ର ୭୦୦ ସିଟ ବାକି ରହିବ। ଆମେ ଏଥିରୁ ୫ ପ୍ରତିଶତ ଟିକେଟ ଦେଇଦେଲେ ଆମ ପାଖରେ ଆଉ ମାତ୍ର ୩୫୦ଟି ଟିକେଟ ବାକି ରହିବ ବୋଲି ଏମ୍‌ପିସିଏ ତରଫରୁ କୁହାଯାଇଛି। ତେଣୁ ଏଭଳି ପରିସ୍ଥିତିରେ ମ୍ୟାଚ ଆୟୋଜନ କରିବା ଆଦୌ ସମ୍ଭବ ନୁହେଁ ବୋଲି ଏମପିସିଏ ତରଫରୁ କୁହାଯାଇଛି। ଇନ୍ଦୋରରୁ ଏହି ମ୍ୟାଚ୍ ସ୍ଥାନାନ୍ତର କରିବାକୁ ଆମେ ଚାହୁଁନାହୁଁ। ଯଦି ଏହି ସମସ୍ୟା ଜାରି ରହେ, ତେବେ ଆମକୁ ବିକଳ୍ପ ଭେନ୍ୟୁ ସମ୍ପର୍କରେ ନିଷ୍ପତ୍ତି ନେବାକୁ ହେବ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଲିଲିମା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)



ଲିଲିମା ମିଞ୍ଜ

ମହିଳା ହକି ତାରକା ଲିଲିମା ମିଞ୍ଜ ସମ୍ମାନଜନକ ଏକଲବ୍ୟ ପୁରସ୍କାର-୨୦୧୮ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଇମ୍ପାର ସୋସିଆଲ ୱିଙ୍ଗ୍ 'ଇମ୍ପାକ୍ଟ' ଦ୍ୱାରା ପ୍ରଦତ୍ତ ଏହି ପୁରସ୍କାର ବାବଦରେ ଲିଲିମାଙ୍କୁ ୫ ଲକ୍ଷ ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯିବ। ଏହା ବ୍ୟତୀତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅନ୍ୟ ଦୁଇ ମହିଳା ଉଦୀୟମାନ କ୍ରୀଡ଼ାବିତ୍ ଭାରୋତ୍ତୋଳିକା ଝିଲି ଦଲବେହେରା ଓ ବ୍ୟାଡ୍‌ମିଣ୍ଟନ ପ୍ରତିଭା ଋତୁପର୍ଣ୍ଣା ପଣ୍ଡାଙ୍କୁ ସମ୍ମାନିତ କରାଯିବ। ଏ ଦୁହିଁଙ୍କୁ ମାନପତ୍ର ଓ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ। ୨୦୧୧ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟରେ ଖେଳି ସିନିୟର ସ୍ତରରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଲିଲିମା ଏପର୍ଯ୍ୟନ୍ତ ୧୨୩ଟି ମ୍ୟାଚରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ୨୦୧୮ ମାର୍ଚ୍ଚରେ କୋରିଆ ବିପକ୍ଷରେ ସେ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହି ବର୍ଷ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ବିଶ୍ୱକପରେ ମଧ୍ୟ ଖେଳିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳିବାର ଅଭିଜ୍ଞତା ରଖିଥିବା ଲିଲିମା ୨୦୧୭ରେ ଜାପାନରେ ଅନୁଷ୍ଠିତ ଏସିଆ କପ୍ ମହିଳା ହକିରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ପୂର୍ବରୁ ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ, ପ୍ରବୋଧ ତିର୍କୀ, ଇଗ୍ନେସ ତିର୍କୀ, ଦିପସାନ ତିର୍କୀ, ଚେସ୍ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, କ୍ରିକେଟ ତାରକା ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ, ଭାରୋତ୍ତୋଳକ କେ.ରବିକୁମାର, ସ୍ପ୍ରିଣ୍ଟର ଦୂତୀ ଚାନ୍ଦ, ଶ୍ରୀବଣୀ ନନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ ପ୍ରମୁଖ ପାଇଥିବା ଏକଲବ୍ୟ ପୁରସ୍କାର କ୍ଲବରେ ଏବେ ଲିଲିମା ସାମିଲ ହେବାକୁ ଯାଉଛନ୍ତି।

# ଡାକ୍ତରଖାନା ପ୍ରତିଷ୍ଠା ଦୂତୀଙ୍କ ଇଚ୍ଛା

ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)



ଦୂତୀ ଚାନ୍ଦ

ପଡ଼ିଆ ଭିତରେ ପ୍ରଭାବୀ ପ୍ରଦର୍ଶନ କରି ନିଜ ରାଜ୍ୟ ଓ ଦେଶକୁ ଗର୍ବିତ କରିଥିବା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ପଡ଼ିଆ ବାହାରେ ମଧ୍ୟ କିଛି ଲୋକହିତକର କାର୍ଯ୍ୟ କରିବା ପାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି। ନିଜ ଗ୍ରାମ ଯାଜପୁର ଜିଲା ଚକ ଗୋପାଳପୁରରେ ସେ ଏକ ଡାକ୍ତରଖାନା ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। "ମୋ ନିଜ ଗାଁ ଚକ ଗୋପାଳପୁରରେ ଏକ ଡାକ୍ତରଖାନା ପ୍ରତିଷ୍ଠା ମୋର ଇଚ୍ଛା ରହିଛି। ନିକଟରେ ଡାକ୍ତରଖାନା ନ ଥିବାରୁ ଲୋକମାନଙ୍କୁ ୭ କିଲୋମିଟରରୁ ଊର୍ଦ୍ଧ୍ୱ ମଧୁବନ କିମ୍ବା ଧର୍ମଶାଳା ଡାକ୍ତରଖାନାକୁ ଯିବାକୁ ପଡୁଛି। ମୋ ଗାଁ ଜାତୀୟ ରାଜପଥର ନିକଟତର। ସେଠାରେ ପ୍ରତ୍ୟେକ ଦିନ ପ୍ରାୟ କିଛିନା କିଛି ଦୁର୍ଘଟଣା ଘଟୁଛି। ମାତ୍ର ତୁରନ୍ତ ଚିକିତ୍ସା ପାଇଁ କିଛି ବ୍ୟବସ୍ଥା ନାହିଁ। ମୁଁ ନିଜେ ଏହାକୁ ଅଙ୍ଗେ ନିଭେଇଛି। ଜାତୀୟ ରାଜପଥରେ ମୋ ସମ୍ପର୍କୀୟ ଭାଇ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ମାତ୍ର ଡାକ୍ତରଖାନା ନେବାବେଳେ ବାଟରେ ପ୍ରାଣତ୍ୟାଗ କଲେ। ସେ ଦୁଃଖ ମୋ ମନରୁ ଏବେ ମଧ୍ୟ ଲିଭି ନାହିଁ। ତେଣୁ ଏଠାରେ ଡାକ୍ତରଖାନା ହୋଇପାରିଲେ ପ୍ରଥମଖଣ୍ଡି, ବାରବାଟୀ, କରଜଙ୍ଗା, ଦାମୋଦରପୁର, ରାଜେନ୍ଦ୍ରପୁର, କୁଆଖିଆ, ରସୁଲପୁର, ଖଣ୍ଡିତର ଆଦି ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକମାନେ ଉପକୃତ ହୋଇ ପାରିବେ। ଏ ସମ୍ପର୍କରେ ମୁଁ କିଟ୍ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛି। ସେମାନେ ଗୃହ ନିର୍ମାଣ ପାଇଁ ସହାୟତା ଦେବାକୁ ପ୍ରସ୍ତୁତ ଅଛନ୍ତି। ମୁଁ ମଧ୍ୟ କିଛି ଅର୍ଥ ସେ ବାବଦରେ ଖର୍ଚ୍ଚ କରିବି। ମାତ୍ର ଡାକ୍ତରଖାନା ପାଇଁ ଜମିର ଆବଶ୍ୟକ ରହିଛି। ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଏବଂ ଡାକ୍ତର ଯୋଗାଇ ଦିଆଗଲେ ମୋର ସ୍ୱପ୍ନ ସାକାର ହୋଇପାରନ୍ତା" ବୋଲି ସମ୍ପ୍ରତି ହାଇଦ୍ରାବାଦସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଟ୍ରେନିଂ ନେଉଥିବା ଦୂତୀ ପ୍ରକାଶ କରିଛନ୍ତି। ରିଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରି ରାଜ୍ୟକୁ ଗର୍ବିତ କରିଥିବା ଏହି ଓଡ଼ିଆ ଧାବିକା ଏବେ ମହିଳା ୧୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରିଣୀ। ସରକାର ତାଙ୍କ ଭାବାବେଗକୁ ବୁଝିବା ସହ ଆବଶ୍ୟକ ଜମି ଓ ଡାକ୍ତର ଯୋଗାଇଦେବେ ବୋଲି ଆଶା ରଖିଛନ୍ତି ଏସିଆନ ଗେମ୍ସ ଡବଲ ସିଲଭର ମେଡାଲିଷ୍ଟ ଦୂତୀ।

■ ସର୍ବଭାରତୀୟ ୧୮ ବର୍ଷରୁ କମ୍ ଟେନିସ୍

# ଅମୀକ, ଆଶିଷଙ୍କୁ ଟାଇଟଲ




ପୁରସ୍କାର ସହ ଆଶିଷ କୁମାର ପରିଡ଼ା ଓ ଅମୀକ କିରଣ ବାଥ ।

ଭୁବନେଶ୍ୱର, ୩୦।୯(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ୧୮ ବର୍ଷରୁ କମ୍ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗରେ ଅମୀକ କିରଣ ବାଥ୍ ଓ ବାଳକରେ ଟପ୍ ସିଡ୍ ଆଶିଷ କୁମାର ପରିଡ଼ା ଟାଇଟଲ ବିଜୟୀ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ଅମୀକ ତାମିଲନାଡୁର ଲାବଣ୍ୟା ଶ୍ରୀକ୍ରିଷ୍ଣନଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ସେହିପରି ବାଳକ ଫାଇନାଲରେ ଆଶିଷ ଅନ୍ୟତମ ଓଡ଼ିଶା ଖେଳାଳି ରାହୁଲ ବେହେରାଙ୍କୁ ୬-୨, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୧୫ ଓ ୧୦ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତାମିଲନାଡୁ, କର୍ଣ୍ଣାଟକ ଓ ଆୟୋଜକ ଓଡ଼ିଶା ଆଦି ୫ ରାଜ୍ୟରୁ ୨୪ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଯତୀନ ବୈଶ୍ୟ, ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଛ' ବର୍ଷ ପରେ ଓଡ଼ିଶାରେ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୩୦।୯(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାଷ୍ଟେଟ୍‌ବ୍ୟାଡ୍‌ମିଣ୍ଟନଆସୋସିଏଶନ (ଓଏସ୍‌ବିଏ)ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅକ୍ଟୋବର ୨ରୁ ଶହୀଦ ନଗରସ୍ଥିତ ସାଇ ଏକାଡେମୀର ଇନ୍‌ଡୋର ହଲ୍‌ରେ ଆରମ୍ଭ ହେବାକୁ ଯାଉଛି। ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ତଥା ମୋଟ୍ ଉପରେ ୩ୟଥର ପାଇଁ ଓଡ଼ିଶାରେ ଏହି ସମ୍ମାନଜନକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପୂର୍ବରୁ ୨୦୧୨ ଓ ୧୯୯୮ରେ କଟକରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆସନ୍ତା ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ଦଳ ଅଂଶଗ୍ରହଣ କରିବେ। ଚାରିଦିନ ବ୍ୟାପୀ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୨୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗନେବେ ବୋଲି ଓଏସ୍‌ବିଏ ସମ୍ପାଦକ ପ୍ରଦୀପ ମହାନ୍ତି ରବିବାର ଏକ ଖବରଦାତା ସମ୍ମିଳନୀ ଅବସରରେ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ସିନିୟର ପୁରୁଷ ଓ ମହିଳା ବର୍ଗରେ ଏବଂ ୧୯ ବର୍ଷରୁ କମ୍ ଜୁନିୟର ବାଳିକା ଓ ବାଳକ ବର୍ଗର ଟିମ୍ ଓ ବ୍ୟକ୍ତିଗତ ଇଭେଣ୍ଟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ପ୍ରତି ବର୍ଗର ଚାମ୍ପିୟନ ଓ ରନର୍ସଅପ୍ ଦଳ ଡିସେମ୍ବରରେ ହାଇଦ୍ରାବାଦଠାରେ ହେବାକୁ ଥିବା ନ୍ୟାଶନାଲ ଚାମ୍ପିୟନଶିପ୍‌କୁ ସିଧାସଳଖ ଯୋଗ୍ୟତା ହାସଲ କରିବେ ବୋଲି ଓଏସ୍‌ବିଏ ସମ୍ପାଦକ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ମୋଟ୍ ବଜେଟ୍ ୨୦ ଲକ୍ଷ ଟଙ୍କା ରଖାଯାଇଥିବାବେଳେ ଓଏସ୍‌ବିଏ ନିଜସ୍ୱ ଉଦ୍ୟମରେ ଖେଳାଳିଙ୍କ ସମସ୍ତ ଆନୁଷଙ୍ଗିକ ବନ୍ଦୋବସ୍ତ ବୁଝିବ। ଜାତୀୟ ଦଳର କାର୍ଯ୍ୟସୂଚୀରେ ବ୍ୟସ୍ତଥିବା ଯୋଗୁ ଓଡ଼ିଶାର ଉଦୀୟମାନ ଶଟ୍‌ଲର ଋତୁପର୍ଣ୍ଣା ପଣ୍ଡା ଏହି ଚାମ୍ପିୟନଶିପ୍‌ରେ ଖେଳିପାରିବେ ନାହିଁ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)ର ୧୦ ଜଣ ଅଫିସିଆଲଙ୍କ ସମେତ ୪୦ଜଣ ଲୋକାଲ ମ୍ୟାନେଜର ପରିଚାଳନାରେ ସହଯୋଗ କରିବେ ବୋଲି ପ୍ରଦୀପ ମହାନ୍ତି କହିଛନ୍ତି।

## ପ୍ରମୋଦ ରାଜ୍ୟ ଚାମ୍ପିୟନ ଅଫ ଚାମ୍ପିୟନ

କଟକ ଅଫିସ,୩୦।୯

ଝାଞ୍ଜିରୀମଙ୍ଗଳାଠାରେ ଓପନ ଅଲଓଡ଼ିଶା ବାହୁକୁସ୍ତି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କଟକ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ପ୍ରମୋଦ ମୁଖୀ ଚାମ୍ପିୟନ ଅଫ୍ ଚାମ୍ପିୟନ ରାଉଣ୍ଡରେ ପୁରୀର ପ୍ରତିଯୋଗୀଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ମୁନ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ୨ ଦିନିଆ ପ୍ରତିଯୋଗିତାରେ ରାଜ୍ୟର ପ୍ରାୟ ୪୦୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।

# କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରୋହିତ

ଦୁବାଇ, ୩୦।୯(ପି.ଟି.)

ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ତାରକା ଓପନର ରୋହିତ ଶର୍ମା କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ୟାଟିଂ ତାଲିକାରେ ଦୁଇଟି ସ୍ଥାନ ଉପରକୁ ଉଠି ସେ ଏହି ସଫଳତା ପାଇଛନ୍ତି। ଏଥିସହିତ ଦ୍ୱିତୀୟଥର ପାଇଁ ରୋହିତ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଜୁଲାଇ ମାସରେ ବ୍ୟାଟିଂ ତାଲିକାର ଏହି ସ୍ଥାନ ହାସଲ କରିଥିଲେ। ତେବେ ଏସିଆ କପ୍‌ରେ ଅଂଶଗ୍ରହଣ କରି ନ ଥିଲେ ମଧ୍ୟ ଭାରତୀୟ ନିୟମିତ ଅଧିନାୟକ ବିରାଟ କୋହଲି ପୂର୍ବପରି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ସଦ୍ୟ ସମାପ୍ତ ଏସିଆ କପ୍‌ରେ ରୋହିତ ମୋଟ୍ ୩୧୭ ରନ ସଂଗ୍ରହ କରିଥିଲେ ଓ ରୋହିତଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ବାଂଲାଦେଶକୁ ୩ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏସିଆ କପ୍‌ରେ ସର୍ବାଧିକ ୩୪୨ ରନ ସଂଗ୍ରହ କରିଥିବା ଅନ୍ୟତମ ଭାରତୀୟ ଓପନର ଶିଖର ଧାୱନ ୪ଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଆଫଗାନିସ୍ତାନ ବିପକ୍ଷ ସୁପର-୪ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଏହି ଓପିନଂ ଯୋଡିଙ୍କୁ ବିଶ୍ରାମ ଦିଆଯାଇଥିଲା ଓ ଏହା ଟାଇରେ ଶେଷ ହୋଇଥିଲା। ତେବେ ପାକିସ୍ତାନ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ଏହି ଯୋଡି ୨୧୦ ରନର ଭାଗୀଦାରି ସ୍ଥାପନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ରୋହିତ ଏହି ମ୍ୟାଚ୍‌ରେ ୧୧୧ ରନ କରି ଅପରାଜିତ ରହିଥିବା ବେଳେ ଧାୱନ ୧୧୪ ରନ କରି ଆଉଟ ହୋଇଥିଲେ।

ସେହିପରି ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବ ବୋଲିଂ ତାଲିକାରେ ୩ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏସିଆ କପ୍‌ରେ କୁଲଦୀପଙ୍କ ସମେତ ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନ ଓ ଆଫଗାନିସ୍ତାନ ଲେଗ୍ ସ୍ପିନର ରସିଦ ଖାଁ ପ୍ରତ୍ୟେକ ୧୦ଟି ଲେଖାଏ ଉଇକେଟ ନେଇ ମିଳିତ ଭାବେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି।

ଅଲରାଉଣ୍ଡର ତାଲିକାରେ ରସିଦ ବାଂଲାଦେଶ ଅଧିନାୟକ ସାକିବ ଅଲ ହାସନଙ୍କୁ ହଟାଇ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଆଫଗାନିସ୍ତାନର ପ୍ରଥମ ଖେଳାଳିଭାବେ ରସିଦ ଅଲରାଉଣ୍ଡର ତାଲିକାର ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ସେ ୬ଟି ସ୍ଥାନ ଉପରକୁ ଉଠି ମୋଟ ଉପରେ ୩୨ତମ ଅଲରାଉଣ୍ଡର ଭାବେ ଶୀର୍ଷକୁ ଉଠିଛନ୍ତି। ସେହିପରି ଆଫଗାନିସ୍ତାନ ଓପନର ମହମ୍ମଦ ସାହଜାଦ ୧୯ଟି ସ୍ଥାନ ଉପରକୁ ଉଠି ୩୬ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟତମ ଆଫଗାନ ସ୍ପିନର ମୁଜିବ ଉର ରହମାନ ୧୫ଟି ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ୍ କ୍ୟାରିୟର ଶ୍ରେଷ୍ଠ ୧୬ତମ ସ୍ଥାନକୁ ଉଠିଛନ୍ତି। ସେହିପରି ଓପନର ଲିଟନ ଦାସ ୧୦୭ଟି ସ୍ଥାନ ଉପରକୁ ଉଠି ଲମ୍ଫ ଡିଆଁ ମାରିବା ସହ ୧୧୬ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ରୁତ ବୋଲର ମୁସ୍ତାଫିଜୁର ୪ଟି ସ୍ଥାନ ଉପରକୁ ଉଠି ଦ୍ୱାଦଶ ସ୍ଥାନ ଅଧିକାର କରିଛନ୍ତି।

ପାକିସ୍ତାନ ବାମହାତୀ ବ୍ୟାଟ୍ସମ୍ୟାନ ଇମାମ-ଉଲ- ହକ ୧୫ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୭ତମ ସ୍ଥାନରେ ଓ ଅଭିଜ୍ଞ ସୋଏବ ମଲିକ ୧୨ଟି ସ୍ଥାନ ଉପରକୁ ଉଠି ୪୨ତମ ସ୍ଥାନ ଅଧିକାର କରିଛନ୍ତି। ଦ୍ରୁତ ବୋଲର ଜୁନେଦ ଖାଁ ୭ଟି ସ୍ଥାନ ଉପରକୁ ଉଠି ୩୦ତମ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଶ୍ରୀଲଙ୍କା ଦୃଷ୍ଟିକୋଣରୁ ବିଚାର କଲେ ଉପୁଲ ଥରଙ୍ଗା ଦୁଇଟି ସ୍ଥାନ ଉପରକୁ ଉଠି ୪୧ତମ ସ୍ଥାନରେ ରହିଛନ୍ତି। ହଂକଂ ଅଧିନାୟକ ଅଂଶୁମାନ ରଥ ୫୫ତମ ସ୍ଥାନକୁ ଉଠିଛନ୍ତି। ଅଂଶୁମାନଙ୍କ ଓପନିଂ ପାର୍ଟନର ନିଜାକତ ଖାନ ୨୮ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୭୮ତମ ସ୍ଥାନରେ ରହିଛନ୍ତି।

ଆଇସିସି ଦଳୀୟ ର୍‍ୟାଙ୍କିଙ୍ଗ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଂଲଣ୍ଡ ଶୀର୍ଷସ୍ଥାନରେ ରହିଥିବା ବେଳେ ଭାରତ ଦ୍ୱିତୀୟ, ନ୍ୟୁଜିଲାଣ୍ଡ ତୃତୀୟ, ଦକ୍ଷିଣ ଆଫ୍ରିକା ଚତୁର୍ଥ, ପାକିସ୍ତାନ ପଞ୍ଚମ, ଅଷ୍ଟ୍ରେଲିଆ ଷଷ୍ଠ, ବାଂଲାଦେଶ ସପ୍ତମ, ଶ୍ରୀଲଙ୍କା ଅଷ୍ଟମ ଓ ୱେଷ୍ଟଇଣ୍ଡିଜ୍ ନମବ ସ୍ଥାନରେ ରହିଛନ୍ତି। ଭାରତ ତା'ର ଦ୍ୱିତୀୟ ସ୍ଥାନ ବଜାୟ ରଖିଥିଲେ ମଧ୍ୟ ଗୋଟିଏ ପଏଣ୍ଟ ହାସଲ କରିଛି। ସେହିପରି ଆଫଗାନିସ୍ତାନ ୫ ପଏଣ୍ଟ ଲାଭ କରିଥିବା ବେଳେ ପାକିସ୍ତାନ ଓ ଶ୍ରୀଲଙ୍କା ୩ ଲେଖାଏ ପଏଣ୍ଟ ହରାଇଛନ୍ତି।

**ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍**




ରୋହିତ ଶର୍ମା



ଉତ୍କଳ କରାଟେ ସ୍କୁଲରେ ରବିବାର ଅନୁଷ୍ଠିତ ବେଲ୍ଟ ଗ୍ରେଡିଂ ପରୀକ୍ଷାରେ ଭାଗନେଇଥିବା କରାଟେକାମାନେ ।

## ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ

ଭୁବନେଶ୍ୱର,୩୦।୯(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ରବିବାର ଭୁବନେଶ୍ୱରର ଛାତ୍ରୀଛାତ୍ରଙ୍କ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୩୦୦ ଜଣ ପରୀକ୍ଷାର୍ଥୀ କୃତ କାର୍ଯ୍ୟ ହୋଇଛନ୍ତି। ଡ. ହରିପ୍ରସାଦଙ୍କ ତତ୍ତ୍ୱାବଧାନରେ ସେନସେଇ ଖାରବେଳ ମଲ୍ଲିକ, ସେନସେଇ ଦିଲ୍ଲୀପ ଜେନା, ସେନସେଇ ଗୌରୀ ମହାନ୍ତି, ସେନସେଇ ଦିଲ୍ଲୀପ ଜେନା, କୃଷ୍ଣଚନ୍ଦ୍ର ମହାରଣା, କ୍ରିଷ୍ଣା, ରାଜେସ ଦାସ, ମହେଶ, ବାସୁଦେବ, ସୁସ୍ମିନି, ରଜନୀ ବିସି ପ୍ରମୁଖ ପରିଚାଳନା କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


ଆପଣଙ୍କ ଆୱାର୍ଡ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ
TVS ପୁଣି ନମ୍ବର 1
2016
2017
2018
ଆପଣ ଦେଇଛନ୍ତି TVS ମୋଟରକୁ କ୍ରମାଗତ ଭାବରେ 3 ବର୍ଷ ଧରି ଗ୍ରାହକ ସନ୍ତୁଷ୍ଟିରେ ନମ୍ବର 1 ଆୱାର୍ଡ
J.D. Power* ସର୍ବଶ୍ରେଷ୍ଠ ପୁରସ୍କାର ଗୁଡ଼ିକ ମଧ୍ୟରେ ଅନ୍ୟତମ।
*For J.D. Power award information, visit www.jdpower.com
www.tvsmotor.com / ଅଧିକ ବିବରଣୀ ପାଇଁ, ଦୟା କରି କଲ୍ କରନ୍ତୁ 1800 2587 555
TVS Sport
Zest 110
TVS Victor
TVS Wego 110
TVS Jupiter
TVS Apache RR 310
TVS NTORQ 125
RTR 200 4V
Scooty Pep+
Star City+
TVS XL100



ଦାନ କରିସାରି ବାକି ଯେତକ ରହିଲା ସେତକ ଖାଇଲେ ଜାଣ ଅମୃତ ପାଇଲ।

- ବିନୋବା ଭାବେ

# ଅକ୍ଟୋବର ୨ରୁ ପୁରୀରେ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନିଷିଦ୍ଧ

ପୁରୀ ଅଫିସ, ୩୦।୯



ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ କପଡ଼ା ବ୍ୟାଗ ପ୍ରଦର୍ଶନ କରୁଛନ୍ତି।

ଅକ୍ଟୋବର ୨ରୁ ପୁରୀ ସମେତ ରାଜ୍ୟର ୬ଟି ସହରରେ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର, ବିକ୍ରି ନିଷିଦ୍ଧ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ରୋଟାରି କ୍ଲବ ଓ ଇନରହୁଇଲ କ୍ଲବ ଆନୁକୂଲ୍ୟରେ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ରୋଟାରି କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବର ସଭାପତି ଅଜୟ କୁମାର ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ସହରକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ଲାଗି ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଦିଲୀପ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ, ବୃକ୍ଷଲତା, ଜଳ ଉତ୍ସ, ମନୁଷ୍ୟ ଓ ପ୍ରାଣୀଜଗତ ଉପରେ ପ୍ଲାଷ୍ଟିକ ଓ ପଲିଥିନର କୁପ୍ରଭାବ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଯଥା ସମ୍ଭବ ପ୍ଲାଷ୍ଟିକ ଓ ପଲିଥିନ ଠାରୁ ଦୂରେଇ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ଜିଲାପାଳଙ୍କୁ କ୍ଲବର ସଦସ୍ୟଭାବେ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ କ୍ଲବ ପକ୍ଷରୁ ପୁରୀ ସହରରେ ୨ ହଜାର କନା ବ୍ୟାଗ ବିତରଣ କରାଯିବା ସହ ବିଭିନ୍ନ ସ୍ଥାନରେ ଶତାଧିକ ଡଷ୍ଟବିନ ରଖିବା ଲାଗି ନିଷ୍ପତ୍ତି ହୋଇଛି। ଜିଲାପାଳ ବ୍ୟାଗ ବଣ୍ଟନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରୋଟାରି ଓ ଇନରହୁଇଲ କ୍ଲବର କର୍ମକର୍ତ୍ତା, ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତା, ପୁରୀ ସହରରେ ଥିବା ଅନ୍ୟ ତିନିଟି କ୍ଲବର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ରୋଟାରିଆନ ସୁଧୀର ଚାନ୍ଦୁକା ଓ ପୂର୍ବତନ ସଭାପତି ଜୟ ଦାସଗୁପ୍ତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରୋଟାରି କ୍ଲବର ସମ୍ପାଦକ କମଳେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ଲେଙ୍କା, ରବି ନାରାୟଣ ମିଶ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, କେ.ପି. ଆଚାର୍ଯ୍ୟ, ମହେଶ ପ୍ରଧାନ, ବଦ୍ରି ନାରାୟଣ ପାତ୍ର, ଭକ୍ତ ଚରଣ ଦାସ, ଭୀମସେନ ପାତ୍ର, ନାରାୟଣ ଦାସ, ଦେବୀ ପ୍ରସନ୍ନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

- ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେଲା ରୋଟାରି କ୍ଲବ
- ୨ହଜାର କନା ବ୍ୟାଗ ବଣ୍ଟନ ଓ ଶହେ ଡଷ୍ଟବିନ ସ୍ଥାପନ କରିବ କ୍ଲବ

## ସଂକ୍ଷେପରେ

### ପ୍ଲାଷ୍ଟିକ ବ୍ୟବହାର ନିଷିଦ୍ଧ ଲାଗି ସଚେତନତା ରାଲି

**ପୁରୀ ଅଫିସ,୩୦।୯:** ପୁରୀ ସହରରେ ଆସନ୍ତା ୨ତାରିଖରୁ ପ୍ଲାଷ୍ଟିକ ପଲିଥିନର ବ୍ୟବହାର ନିଷିଦ୍ଧ ହେବ। ପୁରୀ ସହରକୁ ପ୍ଲାଷ୍ଟିକ ଓ ପଲିଥିନରୁ ମୁକ୍ତ ରଖିବା ଏବଂ ପ୍ଲାଷ୍ଟିକ ପଲିଥିନ ବ୍ୟବହାର ନିଷେଧ ଲାଗି ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଏହି ସଚେତନତା ରାଲିକୁ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। ଏହି ରାଲି ସିଂହଦ୍ୱାର ନିକଟରୁ ବାହାରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିବା ସହିତ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଲୋକମାନଙ୍କୁ ସଚେତନ କରିବା ଲାଗି ଲିଫଲେଟ୍ ଏବଂ ପ୍ଲାଷ୍ଟିକ, ପଲିଥିନର ବିକଳ୍ପ ବ୍ୟାଗ ବଣ୍ଟନ କରାଯାଇଥିଲା। ଏହି ର୍‍ୟାଲିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଭାସ୍କର ଚନ୍ଦ୍ର ସାମନ୍ତରାୟ, ପୁରୀ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ, ୩୦।୯:** ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ପୁରୁସାହି ଓଳସିଂହ ଗାଁର ଦାମୋଦର ରଣା (୫୫)ଙ୍କର ମୃତ୍ୟୁ ଘଟିଛି। ଦାମୋଦର ସାଇକେଲ ଯୋଗେ ଶନିବାର ଅପରାହ୍ନରେ ଗାଁକୁ ଫେରୁଥିଲେ। ପୁରୁସାହି ଗାଁ ମୁଣ୍ଡରେ ପଛ ପାଖରୁ ଏକ ବାଇକ୍ ଧକ୍କା ଦେଇ ପଳାଇ ଯାଇଥିଲା। ଦାମୋଦରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଦାମୋଦର ଶନିବାର ପ୍ରାଣ ହରାଇଥିଲେ। ଏ ନେଇ ଖୋର୍ଦ୍ଧା ଟାଉନ ଥାନାରେ ଦଫା ୨୭୯, ୩୦୪ ରେ ନଂ. ୩୮୨/୧୮ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

### ସାମ୍ବାଦିକଙ୍କୁ ଆକ୍ରମଣ: ଉତ୍କଳ ସାମ୍ବାଦିକ ସଂଘର ନିନ୍ଦା

ଟାଙ୍ଗୀ(ଖୋର୍ଦ୍ଧା),୩୦।୯(ଡି.ଏନ.ଏ.)- ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ଦୃଢ଼ ନିନ୍ଦା କରାଯାଇଛି। ରବିବାର ଅପରାହ୍ନ ୪ଟାରେ ସଂଘର ସଭାପତି ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ କରିବା ନିଶ୍ଚିତ ରୂପେ ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଥିଲା । ୨୯ରେ ବାଲେଶ୍ୱର ଜିଲାର କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ଓ ପୁରୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସର ଅମାନୁଷିକ ଆକ୍ରମଣ ଘଟଣାର ନିନ୍ଦା କରାଯାଇଥିଲା। ଅଭିଯୁକ୍ତଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବି ନେଇ ସୋମବାର ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘ ତରଫରୁ ପ୍ରତିବାଦ ସଭା କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ଉପସଭାପତି ହରିହର ରଣା, ସମ୍ପାଦକ ମାନସ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ସାହୁ, ସନ୍ତୋଷ ଚୌଧୁରୀ, ଯୋଗେନ୍ଦ୍ର ରାମ, ସୁରଜିତ୍ ପଟ୍ଟନାୟକ, ହିମାଂଶୁ ଚମ୍ପତିରାୟ, ମାନସ ବଳିୟାରସିଂହ, ଉମେଶ ପଟ୍ଟନାୟକ, ରାକେଶ ମହାନ୍ତି, ନୀଲୁ ପାଇକରାୟ, ଅଶ୍ୱିନୀ ପରିଡ଼ା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

### ଟାଙ୍ଗୀ ଗ୍ରାମୋତ୍ସବ ୨୦୧୮ ଉଦ୍‌ଯାପିତ

**ଟାଙ୍ଗୀ(ଖୋର୍ଦ୍ଧା),୩୦।୯(ଡି.ଏନ.ଏ.):** ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଜାଭିୟର ୟୁନିଭରସିଟ୍ ଓ ସ୍କୁଲ ଅଫ୍ ରୁରାଲ ମ୍ୟାନେଜମେଣ୍ଟର ମିଳିତ ଆନୁକୂଲ୍ୟରେ ୨ ଦିନିଆ ଗ୍ରାମୋତ୍ସବ-୨୦୧୮ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଯଥା ଏମ୍‌ସିଏଲ, ଜିଓ, ଆକ୍ସିସ ବ୍ୟାଙ୍କ, ହାତୀ ମସଲା, ବଳରାମ ପଣ୍ଡା ଟ୍ରଷ୍ଟ, କୋଷ୍ଟ କିଙ୍ଗ, ଜୋନ୍ ଡିୟର ଟ୍ରାକ୍ଟର, ଡିସ୍, ସାଇ ଗାରମେଣ୍ଟସ୍, ବିରଳା ଟିଏମ୍‌ଟି, ସ୍ପନ୍ଦନା ସ୍ଫୁତି, ମାରୁତି ସୁପର କ୍ୟାରିଅର, ମାରୁତି ଫୋର ହ୍ୱିଲର, ସୁଜୁକି ଟୁ ହ୍ୱିଲର ଇତ୍ୟାଦି ଅଂଶଗ୍ରହଣ କରିଥିଲେ। ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ୍ କୁମାର ଜେନା, ବିଡିଓ ଭାସ୍କର ରଇତ, ଜିଲା ପରିଷଦ ସଭ୍ୟା ରିଙ୍କୁ ମାନଧାତା, ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ଓ ସରପଞ୍ଚ ସୁପ୍ରଭା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଜାଭିୟର ସ୍କୁଲ ରୁରାଲ ମ୍ୟାନେଜମେଣ୍ଟର ଡିନ୍ ଡଃ କଜରୀ ମିଶ୍ର ଓ ସଂଯୋଜକ ଏସଏସ ସିଂହ ଉପସ୍ଥିତ ଥିଲେ ।

## ଖବରଦାତାଙ୍କୁ ପୋଲିସ ମାଡ଼ ଘଟଣା

# କଳାବ୍ୟାଜ ପରିଧାନ କଲେ ଖବରଦାତା

ପୁରୀ ଅଫିସ, ୩୦।୯

ତେଲ ଠକେଇ ନେଇ ମେଡିକାଲ ଛକସ୍ଥିତ ପେଟ୍ରୋଲ ପମ୍ପରେ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ପେଟ୍ରୋଲ ପମ୍ପରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠି ଚାଳନା କରିଥିଲା। ଏଥିରେ ଅନେକ ସାଧାରଣ ଜନତାଙ୍କ ସହିତ ବହୁ ଖବରଦାତା ଆହତ ହୋଇଥିଲେ। ଏନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆହତ ଖବରଦାତାମାନେ କୁମ୍ଭାରପଡା ଥାନାରେ ଏତଲା ଦେଇଛନ୍ତି। ରବିବାର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଶତାଧିକ ପ୍ରତିନିଧି କଳାବ୍ୟାଜ ପରିଧାନ କରି ସିଂହଦ୍ୱାର ଆଗରେ ଏହାର ପ୍ରତିବାଦ କରିଥିଲେ। ତୁରନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ, ଆସନ୍ତା ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବହୁ ଖବରଦାତା ସଂଘ ସୂଚନା ଦେଇଛନ୍ତି। ଏହାର ପ୍ରତିବାଦରେ ସୋମବାର ଚାଷୀ ମୂଲିଆ ସଂଘ ଓ ସିପିଆଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ପ୍ରେସ ବିବୃତିରେ କହିଛନ୍ତି।

ପୁରୀ ପତ୍ରକାର ସଂଘ ପକ୍ଷରୁ ଏକ ବୈଠକରେ ଖବରଦାତାମାନଙ୍କ ଉପରେ ଲାଠିଚାର୍ଜ ଘଟଣାକୁ ତୀବ୍ର ବିରୋଧ କରାଯାଇଛି। ସଂଘ ସମ୍ପାଦକ ବାବାଜୀ ସାହୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁରୀ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଲେଙ୍କା କହିଛନ୍ତି, ପୁରୀ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧକୁ ଦମନ କରିବାରେ ବିଫଳ ହୋଇଛି ପୋଲିସ। ଶୁକ୍ରବାର ରାତିରେ ପେଟ୍ରୋଲ ପମ୍ପ ଭଙ୍ଗାରୁଜା ଚାଲିଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ବିନା ନିର୍ଦ୍ଦେଶରେ ପୋଲିସ ଅତର୍କିତ ଭାବେ ଲାଠିଚାର୍ଜ କରିଥିଲା। ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ପରିଚୟପତ୍ର ଦେଖାଇବା ସତ୍ତ୍ୱେ ପୋଲିସ ଅତି ଅମାନୁଷିକ ଭାବେ ତାଙ୍କୁ ଗୋଡାଇ ଗୋଡାଇ ପିଟିଥିଲା। ସଂଘ ପକ୍ଷରୁ ଏହାକୁ ତ୍ରୀବ ବିରୋଧ କରାଯାଉଛି। ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲା ସଭାପତି ବିଜୟ ମିଶ୍ର କହିଲେ, ସାରା ରାଜ୍ୟରେ ଖବରଦାତାମାନଙ୍କ ଉପରେ ଆକ୍ରମଣ ଘଟଣା ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଆଇନ ଆଣିବା ଦରକାର। ଖବରଦାତାମାନଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ଲାଗି ସେ ଦାବି କରିଛନ୍ତି।


ଖବରଦାତାଙ୍କ କଳାବ୍ୟାଜ ପରିଧାନ।

# ଆନ୍ତର୍ଜାତିକ ଶ୍ରବଣବାଧିତ ସପ୍ତାହ ଓ ସାଙ୍କେତିକ ଭାଷା ଦିବସ

ନୟାଗଡ଼ ଅଫିସ,୩୦।୯



ଜିଲାପାଳ ଜଣେ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରୁଛନ୍ତି।

ଶନିବାର ରୋଟାରୀଭବନଠାରେ ୬୧ତମ ଆନ୍ତର୍ଜାତିକ ଶ୍ରବଣବାଧିତ ସପ୍ତାହ ଓ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଡ. ଏନ. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭିନ୍ନକ୍ଷମ (ଦିବ୍ୟାଙ୍ଗ)ଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିଭଳି ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧାର ସୁଯୋଗ ନେବା ପାଇଁ ଜିଲାପାଳ ନାୟକ୍ ପରାମର୍ଶ ଦେଇଥିଲେ। ଏହି ଅବସରରେ ସକାଳ ୮ଟାରେ ଜଗନ୍ନାଥ ମନ୍ଦିରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ, ସେବାସଂସ୍ଥାର ପରିଚାଳକ ସଞ୍ଜୟ କୁମାର ସୁବୁଦ୍ଧି, ଶ୍ରୁତି ଓ ଶ୍ରବଣ ବାଧିତ ବିଦ୍ୟାଳୟ ଅଧକ୍ଷା ଜୟଶ୍ରୀ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶିକ୍ଷା ଅଭିଯାନ, ଶହୀଦ୍ ଯୁବକ ସଂଘ, ଜନ ମିଲଟନ ସ୍ୱତନ୍ତ୍ର ବିଦ୍ୟାଳୟ ଆଦି ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ପୁରୀ ଅଫିସ, ୩୦।୯

ଗାନ୍ଧୀ ଜୟନ୍ତୀ ଅବସରରେ ନେହେରୁ ଯୁବକେନ୍ଦ୍ର (ଏନୱାଇକେ) ପୁରୀ ସଦର ଏବଂ ସୁଦାମ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଟରନ୍ୟାଶନାଲ ସାଣ୍ଡ ଆର୍ଟର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ଏନୱାଇକେ ସ୍ୱେଚ୍ଛାସେବୀମାନେ ଗାନ୍ଧୀଘାଟଠାରୁ ଏକ ଶୋଭାଯାତ୍ରାରେ ବାହାରି ବେଳାଭୂମିରେ ପର୍ଯ୍ୟଟକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପୁରୀ କ୍ଲବ୍‌ଠାରେ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରିଥିଲେ। ପିଲାମାନେ ପ୍ଲାଷ୍ଟିକ, ପଲିଥିନକୁ ନା କହିଥିଲେ। ଚିତ୍ରାଙ୍କନରେ ପ୍ଲାଷ୍ଟିକ ଓ ପଲିଥିନ ଚିତ୍ର ଅଙ୍କନ କରି ସଚେତନତାର ବାର୍ତ୍ତା ଦେଇଥିଲେ। ଏନୱାଇକେର ପୁରୀ ଜିଲା ସଂଯୋଜକ ଜୟଶଙ୍କର ଜୋଷୀ, ସୁଦାମ ସ୍ୟାଣ୍ଡ ଆର୍ଟର ନିର୍ଦ୍ଦେଶକ ସୁଦାମ ପ୍ରଧାନ ପ୍ରମୁଖ ଚିତ୍ରାଙ୍କନର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଶ୍ରୀମନ୍ଦିର ସଂସ୍କାର ମାମଲା

# ଭକ୍ତଙ୍କ ଉପରେ ଆଗ ପରୀକ୍ଷା

ପୁରୀ ଅଫିସ, ୩୦।୯

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ୧୨ଟି ପ୍ରସ୍ତାବ ମଧ ରଖିଛନ୍ତି। ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ନେଇ ଚାଲିଛି ତର୍ଜମା। ଇତିମଧ୍ୟରେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ପୁରୀ ଆସି ବିଭିନ୍ନ ପକ୍ଷଙ୍କଠାରୁ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଫେରିଯାଇଛନ୍ତି। ତେବେ ସୁପ୍ରିମ୍‌କୋର୍ଟଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ଲାଗି ଭକ୍ତଙ୍କ ଉପରେ ଆଗ ପରୀକ୍ଷା କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ସୁପ୍ରିମ୍‌କୋର୍ଟ ତାଙ୍କ ପ୍ରଥମ ରାୟରେ ଦାନ, ଦକ୍ଷିଣା ଉପରେ କଟକଣା ଲଗାଇଥିଲେ। ମହାପ୍ରଭୁଙ୍କ ନାଁରେ କୌଣସି ସେବକ ଦାନ, ଦକ୍ଷିଣା ଆଦାୟ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ହେଲେ ଏହା କାର୍ଯ୍ୟକାରୀ କରାଯାଇ ନ ଥିବା ବେଳେ ପ୍ରଥମେ ଭକ୍ତଙ୍କ ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟର ପରୀକ୍ଷା କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ସୋମବାରଠାରୁ ଆରମ୍ଭ ହେଉଛି ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା। ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ଏହି ବ୍ୟବସ୍ଥା କରାଯାଉଛି ବୋଲି କୁହାଯାଉଛି। କିନ୍ତୁ ଏହା ନିୟମିତ ହେଲେ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ଭକ୍ତ। ଜଣେ ଭକ୍ତ କେବଳ ଆନନ୍ଦ ବଜାରରୁ ମହାପ୍ରସାଦ କିଣିବାକୁ ଚାହୁଁଥିଲେ ବି ତାଙ୍କୁ ଦୀର୍ଘ ସମୟଧରି ଧାଡିରେ ଆସିବାକୁ ପଡିବ। ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଲାଗି ମନ୍ଦିର ପ୍ରଶାସନ ପ୍ରଥମେ ଭକ୍ତଙ୍କ ଉପରେ ଏଭଳି ପରୀକ୍ଷା କରୁଥିବା ଚର୍ଚ୍ଚା ହେଉଛି।

## ବିଜେଡିର ବିଶାଳ ମହିଳା ସମାବେଶ

# 'ରାଜ୍ୟର ବିକାଶ ନିମନ୍ତେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଖଣ୍ଡପଡ଼ା,୩୦।୯(ସ୍ୱ.ପ୍ର.)


ସମାବେଶରେ ଯୋଗଦେଇଥିବା ମହିଳାମାନେ।

ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସମଗ୍ର ରାଜ୍ୟରେ ବିକାଶ ଘଟିଛି । ବିଜୁ ବାବୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିଥିବା ବେଳେ ନବୀନବାବୁଙ୍କ ଶାସନ କାଳରେ ଏହାକୁ ୫୦ ପ୍ରତିଶତ କରାଯାଇଛି। ଏହାଦ୍ୱାରା ଜଣେ ମହିଳା ପୁରୁଷଙ୍କ ସହିତ ସମକକ୍ଷ ହୋଇପାରିଛି। ରବିବାର କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବ ଜୀଉଙ୍କ ମାଘମେଳା ପଡିଆଠାରେ ଖଣ୍ଡପଡ଼ା ବ୍ଲକସ୍ତରୀୟ ଏହି ବିଶାଳ ବିଜେଡି ମହିଳା ସମାବେଶରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଧାୟକ ଅନୁଭବ ପଟ୍ଟନାୟକ ଓ ରଣପୁର ବିଧାୟକ ତଥା ଜିଲା ବିଜେଡି ସଭାପତି ରବି ନାରାୟଣ ମହାପାତ୍ର ସମାବେଶ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟର ସାମଗ୍ରିକ ବିକାଶ ସହ ଅର୍ଥନୈତିକ ଅଭିବୃଦ୍ଧିରେ ବିଶେଷକରି ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳାମାନଙ୍କର ବିକାଶ ରାଜ୍ୟର ପ୍ରଗତି ଉପରେ ନିର୍ଭର କରୁଛି ବୋଲି ଦୁଇ ବିଧାୟକ ମତ ଦେବା ସହ ରାଜ୍ୟ ସରକାରଙ୍କ ମହିଳା କଲ୍ୟାଣକାରୀ ଯୋଜନାଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ମହିଳାମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ନବୀନ ସରକାରଙ୍କର ଏକ ବଡ ସଫଳତା ବୋଲି ରାଜ୍ୟ ବିଜେଡି ମହିଳା ମୋର୍ଚ୍ଚାର ସମ୍ପାଦକ ମାଳତୀ ଗୁରୁ, ଉପ ସଭାପତି ପ୍ରଭାସିନୀ ନନ୍ଦ, ବିଜେଡି ମୁଖପାତ୍ର ସୁଲତା ଦେଓ, ନାରୀନେତ୍ରୀ ଏଲିନା ମହାନ୍ତି, ମନ୍ଦାକିନୀ କର, ସଂଯୋଜିକା ବିଶ୍ୱଜ୍ୟୋତି ବେହେରା ଓ ରାଜ୍ୟ ସାଧାରଣ ସମ୍ପାଦିକା କବିର ସୁଲତାନା ପ୍ରମୁଖ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ବର୍ଷା ନାୟକ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାରସିଂହ, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସମାଜସେବୀ ଉଜ୍ଜ୍ୱଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡପଡ଼ା ଓ ଭାପୁର ବ୍ଲକର ୪୨ଟି ପଞ୍ଚାୟତବାସୀ ସମେତ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ମହିଳା ସମାବେଶରେ ଯୋଗଦେଇଥିଲେ ।

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ବିରୋଧ

# ୩ରେ ଜଗନ୍ନାଥ ସେନାର ପୁରୀ ବନ୍ଦ

ପୁରୀ ଅଫିସ, ୩୦।୯

ସୋମବାରଠାରୁ ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବାକୁ ଯାଉଛି ଧାଡ଼ି ଦର୍ଶନ ବ୍ୟବସ୍ଥା। ଶ୍ରୀମନ୍ଦିରରେ ସବୁଦିନିଆ ଧାଡି ଦର୍ଶନ ବ୍ୟବସ୍ଥାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେନା। ଧାଡ଼ିଦର୍ଶନ ସହିତ ୮ ଦଫା ଦାବି ନେଇ ସେନା ପକ୍ଷରୁ ଆସନ୍ତା ୩ ତାରିଖରେ ପୁରୀ ବନ୍ଦ ଡାକରା ଦିଆଯାଇଛି। ଅନ୍ୟାନ୍ୟ ଦାବିଗୁଡ଼ିକ ହେଲା ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ କରିବା, ନିରୀହ ଜନସାଧାରଣ, ଖବରଦାତା, ଓକିଲ ପ୍ରମୁଖଙ୍କୁ ପୁରୀ ପୋଲିସର ଲାଠିମାଡ଼, ଶ୍ରୀମନ୍ଦିରରେ ଦାନଦକ୍ଷିଣା ବନ୍ଦ ତଥା ଧର୍ମରେ ଅଯଥା ହସ୍ତକ୍ଷେପ, ସିଦ୍ଧ ମହାବୀର ନିକଟ ରେଳଫାଟକରେ ଓଭର ବ୍ରିଜ୍ ନିର୍ମାଣ, ପୁରୀ ସହରର ବିଭିନ୍ନ ସ୍ଥାନରେ ଗରିବ ବ୍ୟବସାୟୀଙ୍କଠାରୁ ପୋଲିସ ଏବଂ ଗୁଣ୍ଡାଙ୍କ ବଟି ଓ ପିସି ଆଦାୟ, ସ୍ୱର୍ଗଦ୍ୱାର ମୁକ୍ତି, ରତ୍ନଭଣ୍ଡାର ଖୋଲିବା ଓ ସମସ୍ତ ୫୨୨ ରୁପା ଇଟା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଫେରାଇ ଆଣିବା। ଏହି ପୁରୀ ବନ୍ଦରୁ ରେଳସେବା, ମେଡିକାଲ ଏବଂ ଶ୍ରୀମନ୍ଦିରକୁ ବାଦ୍ ଦିଆଯିବ। ସ୍କୁଲ, କଲେଜ, ଦୋକାନ ବଜାର, ଚକ-ଅଖି, ସରକାରୀ ଅଫିସ, ବ୍ୟାଙ୍କ, କୋର୍ଟ କଚେରି ବନ୍ଦ ହେବ। ଏହି ଶାନ୍ତିପୂର୍ଣ୍ଣ ବନ୍ଦକୁ ସମସ୍ତେ ସହଯୋଗ ଓ ସମର୍ଥନ ଦେବାକୁ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ନିବେଦନ କରିଛନ୍ତି।



ପର ଅନ୍ନ, ପର ବସ୍ତ୍ର, ପର ଶଯ୍ୟା, ପର ସ୍ତ୍ରୀ ସହ ଶୟନ ଓ ପର ଘରେ ନିବାସ ଇନ୍ଦ୍ର ସମାନ ତେଜସ୍ୱୀଙ୍କ ମହିମାକୁ ନଷ୍ଟ କରି ଦେଇଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ଓଡ଼ଗାଁ,୩୦।୯(ସ୍ୱ.ପ୍ର.): ଓଡ଼ଗାଁ ଥାନା ଅନ୍ତର୍ଗତ ପେଟାପଲ୍ଲୀ ଛକ ଆର୍ଯ୍ୟସମାଜ ନିକଟରେ ରବିବାର ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶରଣକୁଳ ଥାନା ଧୁଷୁମା ଗ୍ରାମର ଛାଟି ଜେନା (୬୦)। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଛାଟିଆ ପ୍ରତ୍ୟୁଷରେ ଦୁତିଆ ଓଷା ନିମନ୍ତେ ଭାର ନେଇ ଝିଅ ଘର ଓଡ଼ଗାଁ ନିକଟ ପଥରା ଗ୍ରାମକୁ ସାଇକେଲରେ ଆସୁଥିଲେ। କୌଣସି ଏକ ଅଜଣା ଗାଡି ଧକ୍କାରେ ସେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡିଥିବା ବେଳେ ଅଗ୍ନିଶମ ବାହିନୀ ତାଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ବିଳମ୍ବରେ ପହଞ୍ଚିବାପରେ ଛାଟିଆଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ନୟାଗଡ ପଠାଇଦେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସ୍ଥାନୀୟ ଥାନାରେ ଏ ନେଇ ୧୯୭/୧୮ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବଂଶୀଧର ବିଶ୍ୱାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସରକାରୀ କ୍ୱାର୍ଟର ଥିବା ସତ୍ତ୍ୱେ ସେସବୁର ଠିକ୍ ବିନିଯୋଗ ହେଉନାହିଁ। ଫଳରେ ଡ୍ୟୁଟିରେ ଥିବା ଡାକ୍ତର ବାହାରୁ ଆସିବାରେ ବିଳମ୍ବ କାରଣରୁ ଏଭଳି ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଜିଲାପାଳ ଧ୍ୟାନ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଦଶପଲ୍ଲାରେ ଚଳୁନି ଟଙ୍କିକିଆ କଏନ୍



ଦଶପଲ୍ଲା,୩୦।୯(ଡି.ଏନ.ଏ.): ଦଶପଲ୍ଲାରେ ଖୁଚୁରା ବେପାରୀ, ବଡ ବ୍ୟବସାୟୀ, ପେଟ୍ରୋଲପମ୍ପ ଏପରି କି ବିଭିନ୍ନ ବ୍ୟାଙ୍କରେ ମଧ୍ୟ ଟଙ୍କିକିଆ କଏନ୍ ନେଉ ନାହାନ୍ତି। ଟଙ୍କିକିଆ କଏନ ଚଳୁନି, କେହି ନେଉ ନାହାନ୍ତି କହି ଖାଉଟିମାନଙ୍କୁ ଫେରାଇ ଦିଆଯାଉଛି। କେବଳ ଏକଟଙ୍କିଆ ନୁହେଁ ୧୦ ଟଙ୍କିଆ କଏନ୍ ମଧ୍ୟ ବ୍ୟବସାୟୀମାନେ ନେଉ ନ ଥିବା ଦେଖିବାକୁ ମିଳୁଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି କଏନ୍‌ଗୁଡିକୁ ବ୍ୟାନ୍ କରାଯାଇ ନ ଥିବାବେଳେ ବ୍ୟବସାୟୀମାନେ ନ ନେବା ଖାଉଟିମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସାଧାରଣରେ ଦାବି ହେଉଛି।

### କଣ୍ଟାପକାଇ ରାସ୍ତା ଅବରୋଧ, ଗ୍ରାମବାସୀ ହଇରାଣ



ନୟାଗଡ଼ ଅଫିସ/ନୂଆଗାଁ (ଡ଼ି.ଏନ୍.ଏ.)୩୦।୯: ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତର ଡମୁଣୀ ଗ୍ରାମରେ ଦୁଇଦିନ ହେଲା ଜଣେ ବ୍ୟକ୍ତି ସର୍ବସାଧାରଣ ରାସ୍ତାରେ କଣ୍ଟା ପକାଇ ଅବରୋଧ କରିଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଲୋକମାନେ ହଇରାଣ ହେଉଛନ୍ତି। ନୂଆଗାଁ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଗ୍ରାମରେ ଥିବା ପୋଖରୀ ଓ ନଳକୂପରୁ ପାଣି ଆଣିବା ପାଇଁ ଲୋକମାନେ ଏହି ରାସ୍ତା ବ୍ୟବହାର କରୁଥିଲେ। ହେଲେ ଉକ୍ତ ରାସ୍ତାକୁ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ପଟ୍ଟାଜାଗା କହି ଦୁଇଦିନ ହେଲା କଣ୍ଟା ପକାଇ ଅବରୋଧ କରିଛନ୍ତି। ଫଳରେ ଗ୍ରାମର ମହିଳାମାନେ ନଳକୂପରୁ ପାଣି ଆଣିପାରୁ ନାହାନ୍ତି। ଏହା ସର୍ବସାଧାରଣ ଜାଗା ହୋଇଥିବା ବେଳେ କିପରି ସମ୍ପୃକ୍ତ ବ୍ୟକ୍ତି ଏହାକୁ ଅବରୋଧ କରିଛନ୍ତି ବୋଲି ପ୍ରଶ୍ନ କରି ଗ୍ରାମବାସୀ ନ୍ୟାୟ ପାଇଁ ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ମିଶ୍ର କହନ୍ତି, ଗ୍ରାମ ଲୋକମାନେ ଅଭିଯୋଗ କରିବା ପରେ ସମସ୍ତଙ୍କୁ ଡକାଯାଇ ଘଟଣାର ଆପୋସ ସମାଧାନ କରାଯିବ।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର




ରାଜୀବ ମାର୍କେଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।



ଖଣ୍ଡପଡ଼ାରୋଡ଼ର ବସ୍‌ଷ୍ଟାଣ୍ଡଠାରେ ଥିବା ମିଟରବକ୍ସ।

ନୟାଗଡ଼ ଅଫିସ,୩୦।୯

- ସହରର ଏକାଧିକ ସ୍ଥାନରେ ଏହି ଅବ୍ୟବସ୍ଥା
- ଧ୍ୟାନ ଦେଉନି ବିଦ୍ୟୁତ୍ ବିଭାଗ
- ବିପଦ ଆଶଙ୍କାରେ ଲୋକେ

ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ଦୋକାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ମିଟର ବକ୍ସ ଖୋଲାମେଲାରେ ରହିଛି। ଦିନେ କି ମାସେ ନୁହେଁ, ବର୍ଷ ବର୍ଷ ଧରି ଲାଗିରହିଛି ଏହି ଅବ୍ୟବସ୍ଥା। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଧ୍ୟାନଦେଉ ନ ଥିବାରୁ ସ୍ଥାନୀୟ ଲୋକେ ସର୍ବଦା ବିପଦ ଆଶଙ୍କାରେ କାଳାତିପାତ କରୁଛନ୍ତି। ବିଭାଗର ଏଭଳି ଖାମଖିଆଲ ମନୋଭାବ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ନୟାଗଡ଼ ସହରର ରାଜାବଗିଚାସ୍ଥିତ ଟ୍ରାନ୍ସଫର୍ମରଟି ଏକ ଘର ପାଖକୁ ଲାଗିରହିଛି। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଜନଗହଳି ପୂର୍ଣ୍ଣ ଏହି ରାସ୍ତାରେ କୌଣସି ସମୟରେ ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିଭଳି ଖଣ୍ଡପଡ଼ା ରୋଡ୍‌ର ନୂତନ କୋର୍ଟକୁ ଗଲାବେଳେ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅବ୍ୟବସ୍ଥାରେ ରହିଛି। ରାଜୀବ ମାର୍କେଟଠାରେ ଥିବା ଟ୍ରାନ୍ସଫର୍ମର କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ସୁରକ୍ଷା ଦୃଷ୍ଟିରୁ ଏହା ଚାରିପାଖରେ ତାରଜାଲି ଘେରାଇବା ଆବଶ୍ୟକ ଥିଲେ ମଧ୍ୟ ତାହା କରାଯାଇ ନାହିଁ। ଏହା ତଳେ ଲୋକମାନେ ବସି ବେପାର କରୁଛନ୍ତି। ପୁଣି ଟ୍ରାନ୍ସଫର୍ମର ଥିବା ସ୍ଥାନଠାରୁ ଅଳ୍ପ ଦୂରରେ ଦୋକାନଗୁଡ଼ିକ ରହିଛି। ବିଭିନ୍ନ ସମୟରେ ଏଥିରୁ ବିଦ୍ୟୁତ୍ ସ୍ପାର୍କ ହେଉଥିବା ମଧ୍ୟ ଦେଖାଯାଉଛି। ଏହା ସତ୍ତ୍ୱେ ବିଭାଗ ଏହାକୁ ଅଣଦେଖା କରିଚାଲିଛି। ଅନ୍ୟପଟେ ବିଭିନ୍ନ ସ୍ଥାନରେ ଦୋକାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ମିଟର ବକ୍ସ ଅବ୍ୟବସ୍ଥାରେ ଥିବା ଦେଖିବାକୁ ମିଳୁଛି। ଖଣ୍ଡପଡ଼ା ରୋଡ଼ ବସ୍‌ଷ୍ଟାଣ୍ଡରେ ଥିବା ମିଟର ବକ୍ସଟି କେତେବେଳେ ଯେ ଭାଙ୍ଗି ଗଳିପଡ଼ିବ ତାହା କହିବା ମୁସ୍କିଲ। ଉକ୍ତ ସ୍ଥାନରେ ବସ୍‌ରେ ଯିବାକୁ ଅପେକ୍ଷା କରୁଥିବା ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସେହିଭଳି ପାର୍କଲେନ୍, ୫୭ନଂ. ଜାତୀୟ ରାଜପଥର ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ନିକଟରେ ଥିବା ମିଟର ବକ୍ସ ମଧ୍ୟ ଅବ୍ୟବସ୍ଥା ମଧ୍ୟରେ ରହିଛି। ଏହି ବାକ୍ସଗୁଡ଼ିକ ବର୍ଷାପାଣିରେ କଳଙ୍କି ଲାଗି ନଷ୍ଟ ହୋଇଗଲାଣି। ପୁଣି ବିଭିନ୍ନ ସମୟରେ ଏଠାରେ ସ୍ପାର୍କ ହେଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହିଛି। ଏସବୁ ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଇ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ସମାଧାନ କରିବାକୁ ସହରବାସୀ ଦାବି କରିଛନ୍ତି। ଏ ନେଇ ନୟାଗଡ଼ ଫିଡ୍‌କୋ ଏସ୍‌ଡ଼ିଓ ରବୀନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ମୁକୁଳା ଥିବା ଟାନ୍ସଫର୍ମର ଚାରିପାଖରେ କିଛିଦିନ ମଧ୍ୟରେ ତାରବାଡ଼ ଲଗାଯିବ। ସେହିଭଳି ରାଜାବଗିଚାଠାରେ ଥିବା ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଥିଲେ।

# ଭଙ୍ଗା ଚାଳ ଘରେ ବିତୁଛି ଜୀବନ

ଦଶପଲ୍ଲା,୩୦।୯(ଡି.ଏନ.ଏ.)

ଗରିବ ଭୂମିହୀନଙ୍କୁ ଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଏସବୁ ଯୋଜନା ସତେଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ସତୁରା ବେହେରା ଓ ପଥୁରିଆ ଗ୍ରାମର କାଳିଆ ବେହେରାଙ୍କ କ୍ଷେତ୍ରରେ। ସତୁରାଙ୍କ ପରିବାର କହିଲେ ପତ୍ନୀ ଜମୁନା ବେହେରା ଓ ୯ବର୍ଷ, ୭ବର୍ଷ ଏବଂ ୩ବର୍ଷର ୩ଟି ପୁଅ। ସତୁରା ଦୈନିକ ମଜୁରି କରି ପରିବାର ଭରଣପୋଷଣ କରିଥାନ୍ତି। ସରକାରୀ ସହାୟତା କହିଲେ ରାଶନ କାର୍ଡରେ ମିଳୁଥିବା ଚାଉଳ ଏକମାତ୍ର ଭରସା। ନାମ ଭୁଲ ପାଇଁ ଭତ୍ତା ମଞ୍ଜୁର ହୋଇଥିଲେ ବି ତାହା ପ୍ରଦାନ କରାଯାଉ ନ ଥିବା ସତୁରା କହିଛନ୍ତି। ପ୍ରାୟ ୫ବର୍ଷ ତଳେ ଅଗ୍ନିକାଣ୍ଡ ଘଟି ତାଙ୍କ ଘର ପୋଡି ଯାଇଥିଲା। ପରେ ଝାଟିମାଟି କୁଡିଆ କରି ପଡିରହିଥିବା ବେଳେ ଘରଖଣ୍ଡେ ମିଳିପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ପଲ୍ଲିସଭାଠାରୁ ଆରମ୍ଭ କରି ପଞ୍ଚାୟତକୁ ଧାଉଁଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା କହିଛନ୍ତି। ସେହିପରି ପଥୁରିଆ ଗ୍ରାମର କାଳିଆ ବେହେରାଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। କାଳିଆଙ୍କ ପରିବାର କହିଲେ ପତ୍ନୀ ସବିତା ବେହେରା ଏବଂ ଗୋଟିଏ ପୁଅ ଓ ଗୋଟିଏ ଝିଅ। ଲଗାଣ ବର୍ଷାରେ ୨ବର୍ଷ ତଳେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ପଡିବା ପରେ ପାଇଖାନା ଘରେ ଆସବାବପତ୍ର ରଖି ପର ବାରଣ୍ଡାରେ ଦିନ ବିତାଇବାକୁ ପଡୁଥିଲା। ଏବେ ଅନ୍ୟ ଜଣକ ଘରେ ଆଶ୍ରୟ ନେଉଛନ୍ତି। ପକ୍କାଘର ପାଇଁ ପଲ୍ଲିସଭାରେ ବାରମ୍ବାର ନାମ ଦିଆଯାଉଛି। ତାଲିକାର ପ୍ରଥମରେ ନାମ ରହୁଛି, ମାତ୍ର ବର୍ଷ ଶେଷ ହୋଇଯାଉଥିଲେ ମଧ୍ୟ କାଳିଆଙ୍କୁ ଘର ମିଳିପାରୁ ନ ଥିବା ପତ୍ନୀ ସବିତା ଅଭିଯୋଗ କରିଛନ୍ତି। ଏଥିପ୍ରତି ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଦଶପଲ୍ଲା ବିଡିଓ ଦେବୀପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ମୁ ବର୍ତ୍ତମାନ ଛୁଟିରେ ଅଛି। କାର୍ଯ୍ୟରେ ଯୋଗଦେବା ପରେ ସେମାନଙ୍କ ବିଷୟରେ ବୁଝି ଯାହା ପଦକ୍ଷେପ ନେବି।



ସତୁରାଙ୍କ ଭଙ୍ଗା ଚାଳ ଛପର ଘର।

# ଦଶପଲ୍ଲା ଖୋଲା ଶୌଚମୁକ୍ତ ସହର ଘୋଷିତ

ଦଶପଲ୍ଲା,୩୦।୯ (ଡି.ଏନ.ଏ.)

ରବିବାର ଦଶପଲ୍ଲା ଏନ୍‌ଏସିକୁ ବାହ୍ୟ ବା ଖୋଲା ଶୌଚମୁକ୍ତ ସହର ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ନୟାଗଡ ଏସ୍‌ପି ଶଶିଭୂଷଣ ଶତପଥୀ, ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନବ କିଶୋର ସାହୁ, ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ, ଉପାଧ୍ୟକ୍ଷ ପ୍ରକାଶ କୁମାର ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବାହ୍ୟ ଶୌଚ ଦ୍ୱାରା ୭୦ ପ୍ରତିଶତ ରୋଗ ସୃଷ୍ଟି ହୋଇଥାଏ ବୋଲି ବିଧାୟକ ପ୍ରକାଶ କରିଥିଲେ। ସେହିପରି ପରିବେଶ ସୁରକ୍ଷା ପାଇଁ ବାହ୍ୟ ଶୌଚମୁକ୍ତ ଆବଶ୍ୟକ ବୋଲି ଏସ୍‌ପି ମତ ରଖିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ବାହ୍ୟ ଶୌଚ ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ରୋଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନିର୍ବାହୀ ଅଧିକାରୀ ଦଶପଲ୍ଲା ଏନ୍‌ଏସି ପକ୍ଷରୁ ୧୦୫୦ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ନିମନ୍ତେ ଅର୍ଥ ପ୍ରଦାନ କରାଯାଇଛି ଓ ଆଗାମୀ ଦିନରେ ୧୯ ଲକ୍ଷ ଟଙ୍କାରେ ଟେଣ୍ଡର କରାଯାଇ ୨ଟି ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ। ଶେଷରେ ଏନ୍‌ଏସି ଅଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଏନ୍‌ଏସି କାଉନସିଲର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଲୋକଙ୍କ ଦୁଃଖ ଦୂର କରିବାକୁ ଉଦ୍ୟମ କରିବି

ଭାପୁର,୩୦।୯(ଡି.ଏନ୍.ଏ.)

ଦୁଷ୍ମନ୍ତ ସ୍ୱାଇଁ। ଜଣେ ସ୍ଥପତି ଭାବେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବେଶ୍ ଜଣାଶୁଣା। ଆଗାମୀ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରାଗଲେ ସେ ଜନସାଧାରଣଙ୍କ ଦୁଃଖ ଦୂର କରିବାକୁ ସବୁମତେ ଚେଷ୍ଟା କରିବେ ବୋଲି କହିଛନ୍ତି। ରବିବାର ଭାପୁର ଡାକବଙ୍ଗଳାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହା ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ତାଙ୍କ ପିତା ସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁ ଖଣ୍ଡପଡା ବ୍ଲକରେ ୩ଥର ବ୍ଲକ ଅଧ୍ୟକ୍ଷ ହୋଇଥିବାବେଳେ ୧୯୮୦ ଓ ୧୯୮୫ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇ ସ୍ୱଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ। ଦୁଷ୍ମନ୍ତ କହନ୍ତି, ଜଣେ ଚାଷୀ ଘରର ପୁଅ ହିସାବରେ ସାଧାରଣ ଲୋକଙ୍କ ଦୁଃଖ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ।

# ବ୍ଲକସ୍ତରୀୟ ବିଜେଡି ମହିଳା ସମାବେଶ

ବୋଲଗଡ଼,୩୦।୯(ଡି.ଏନ.ଏ.)

ବୋଲଗଡ ନନ୍ଦିଘୋଷ ଭବନର ସମ୍ମିଳନୀ କକ୍ଷରେ ରବିବାର ବିଜେଡିର ବ୍ଲକସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଜେଡି ବ୍ଲକ ମହିଳା ସଭାନେତ୍ରୀ ଶୈଳବାଳା ବାହିନୀପତି ପୌରୋହିତ୍ୟ କରିଥିଲେ। ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମ ଏବଂ ମହିଳା କଲ୍ୟାଣକର ଯୋଜନାଗୁଡିକ ବିଷୟରେ କହିଥିଲେ। ସମାବେଶରେ କର୍ମୀ ଓ ନେତାମାନେ ଦଳକୁ ଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ। ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ତିଳୋତ୍ତମା ସୁବୁଦ୍ଧି, ସମିତି ସଭ୍ୟ ବୀର କିଶୋର ଦାସ, ପ୍ରଭାତି ରାଉତରାୟ ଓ ସରପଞ୍ଚ ବବିତା ସାହୁ ପ୍ରମୁଖଙ୍କ ସମେତ ବହୁ ମହିଳା ସମାବେଶରେ ଯୋଗ ଦେଇଥିଲେ।



ବିଜେଡି ମହିଳା ସମାବେଶରେ ଯୋଗଦେଇଥିବା ମହିଳା।

- ସଡ଼କ ସୁରକ୍ଷା ସମ୍ପର୍କିତ ବୈଠକ

# ୧୬୪୯ ଜଣଙ୍କଠାରୁ ଆଦାୟ ହୋଇଛି ୧ ଲକ୍ଷ ୧୭ ହଜାର ଜରିମାନା

ନୟାଗଡ଼ ଅଫିସ,୩୦।୯

ଶନିବାର ଅପରାହ୍ଣରେ ଜିଲାପାଳଙ୍କ ମିନି ସଭାଗୃହରେ ଜିଲାର ସଡ଼କ ସୁରକ୍ଷା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଏନ. ତିରୁମାଲା ନାୟକ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ଆଲୋଚନା କରି କହିଥିଲେ ଯେ, ନୟାଗଡ଼ ସଦର ମହକୁମାରେ ବ୍ୟବସାୟୀମାନେ ରାସ୍ତାକୁ ମାଡ଼ିଆସି ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ଗାଡ଼ିମୋଟର ଯିବାଆସିବାରେ ଅସୁବିଧା ଘଟୁଛି। ବସ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡରେ ରହିବା ଓ ନିଶାସକ୍ତ ଡ୍ରାଇଭରମାନଙ୍କୁ ଚିହ୍ନଟ ପାଇଁ ସ୍ଥିର କରାଯାଇଥିଲା। ହେଲମେଟ୍ ନ ପିନ୍ଧି ଓ ନିଶାଦ୍ରବ୍ୟ ସେବନ କରି ଚାଳକମାନେ ଗାଡ଼ି ଚଲାଉଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଥିବା ଜିଲାପାଳ ସୂଚନା ଦେଇଥିଲେ। ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିନା ହେଲମେଟ୍‌ରେ ଗାଡ଼ି ଚଲାଉଥିବା ୧୪୦୮ଜଣଙ୍କ ନାମରେ କେସ କରାଯାଇ ୧୪୮୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିଭଳି ସିଟ୍ ବେଲ୍ଟ ନ ବାନ୍ଧି ଗାଡ଼ି ଚଲାଉଥିବା ୧୬୫ଜଣଙ୍କ ନାମରେ କେସ୍ ରୁଜୁ କରାଯାଇ ୨୭୯୦୦ଟଙ୍କା ଜରିମାନା ଆଦାୟ କରାଯାଇଛି । ମୋବାଇଲ ବ୍ୟବହାର କରି ଗାଡ଼ି ଚଲାଉଥିବା ୧୮ଜଣଙ୍କ ନାମରେ କେସ୍ କରାଯାଇ ୧୮୦୦ଟଙ୍କା, ଦ୍ରୁତଗତିରେ ଯାନ ଚଲାଉଥିବା ୩୭ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରି ୫୧୮୦୦ଟଙ୍କା ଓ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଲାଉଥିବା ୨୧ଜଣଙ୍କୁ ଚିହ୍ନଟ କରି ୨୧୦୦୦ଟଙ୍କା ଜରିମାନା ଆଦାୟ କରାଯାଇଛ। ଏହିଭଳି ମୋଟ ୧୬୪୯ଜଣଙ୍କଠାରୁ ୧ଲକ୍ଷ ୧୭ହଜାର ୩୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏସ୍‌ପି ଶଶିଭୂଷଣ ଶତପଥୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ ପ୍ରୀତିମୟ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ବସ୍ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# ବିମାନବନ୍ଦରକୁ ରାଜ୍ୟ ସରକାରଙ୍କ ସ୍ୱୀକୃତି

ଭାପୁର,୩୦।୯(ଡି.ଏନ୍.ଏ.)

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ଗ୍ରାମଠାରେ ରହିଛି ୧୫୦ ଏକର ପରିମିତ ଜିଲାର ଏକମାତ୍ର ଉଡାଜାହାଜ ଅବତରଣ ପଡିଆ। ଦୀର୍ଘବର୍ଷ ପରେ ବନମାଳୀପୁର ବିମାନବନ୍ଦରକୁ ରାଜ୍ୟ ସରକାରଙ୍କ ପ୍ରାଥମିକ ସ୍ୱୀକୃତି ସ୍ୱରୂପ ତାରବାଡ଼ ଘେରାଉ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଖଣ୍ଡପଡ଼ାର ପୂର୍ବତନ ରାଜା ହରିହର ସିଂହ ମର୍ଦ୍ଦରାଜ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଉପପ୍ରଧାନମନ୍ତ୍ରୀ ଜଗଜ୍ଜୀବନ ରାମ ଓ ପରମାଣୁ ବୈଜ୍ଞାନିକ ରାଜା ରମନ୍ନା ବିମାନରେ ଏଠାରେ ଅବତରଣ କରିଥିଲେ। କିନ୍ତୁ ପ୍ରଶାସନିକ ଅଣଦେଖା ଯୋଗୁଁ ଏହା ସବୁଦିନିଆ ବିମାନବନ୍ଦରରେ ପରିଣତ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଏହାର କେତେକ ଅଞ୍ଚଳ ଏବେ ବି ଜନସାଧାରଣଙ୍କ ଜବରଦଖଲରେ ରହିଛି। ତେବେ ସେ ଯାହା ହେଉନା କାହିଁକି ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଏବେ ରାଜ୍ୟ ସରକାର ଏହାର ଚାରିପଟେ ତାରବାଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭାରତର ବିଶିଷ୍ଟ ବ୍ୟକ୍ତି ଏହି ବିମାନବନ୍ଦରରେ ଅବତରଣ କରିବାର ସ୍ମୃତି ସ୍ୱରୂପ ଏବେ ମଧ୍ୟ ୧୦ ଫୁଟ ଉଚ୍ଚର ସିମେଣ୍ଟ ନିର୍ମିତ ସଭାମଞ୍ଚ ମୂକସାକ୍ଷୀ ଭାବେ ରହିଛି । କିନ୍ତୁ ଏହାକୁ ସବୁଦିନିଆ ବିମାନବନ୍ଦରରେ ପରିଣତ କରିବା ସ୍ୱପ୍ନ କେବଳ ସ୍ୱପ୍ନ ହୋଇରହିଛି। ପୂର୍ବ ଭାରତର ପର୍ଯ୍ୟଟନ ଓ ସାମରିକ ବିକାଶ ଦୃଷ୍ଟିକୋଣରୁ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବାରୁ ଏଠାରେ ଏକାଧିକ ବିମାନ ବନ୍ଦରର ଆବଶ୍ୟକତା ଥିବା ମତ ପ୍ରକାଶ ପାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପରିପ୍ରେକ୍ଷୀରେ ବହୁ ପୂର୍ବରୁ କେନ୍ଦ୍ର ବିମାନ ଚଳାଚଳ ବିଭାଗ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ଦେଇଥିଲେ। ବିଧାୟକ ଅନୁଭବ ପଟ୍ଟନାୟକ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ ଥର ଲିଖିତ ଓ ମୌଖିକ ନିର୍ଦ୍ଦେଶ ଆସିଥିଲା। ତେବେ ପୂର୍ବତନ ଜିଲାପାଳ ଏହି ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ଏବେ ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନର ତତ୍ପରତା ପରେ ଖଣ୍ଡପଡ଼ାର ତତ୍କାଳୀନ ତହସିଲଦାର ଅନିତା ପଣ୍ଡା ଉକ୍ତ ଅଞ୍ଚଳର ପରିମାପ ରିପୋର୍ଟ ଦେଇଥିଲେ। ରାଜ୍ୟ ସରକାରଙ୍କ ସ୍ୱୀକୃତି ପରେ ପ୍ରଥମେ ତାରବାଡ଼ ଦିଆଯିବ। ପରବର୍ତ୍ତୀ ସମୟରେ ଅଧିକ ଅର୍ଥ ଆସିଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ। ଏହି କାର୍ଯ୍ୟଯୋଗୁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ୨ ଲକ୍ଷ ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଉଲ୍ଲେଖଯୋଗ୍ୟ କି, ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓ ଗଞ୍ଜାମର ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ମଧ୍ୟରେ ଏହା ଏକମାତ୍ର ବିମାନବନ୍ଦର ହୋଇଥିବାରୁ ସାମରିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ବିଶେଷ ଗୁରୁତ୍ୱ ରହିଛି।



ବନମାଳୀପୁର ବିମାନବନ୍ଦର ଚାରିପାଖରେ ତାରବାଡ଼ ଘେରା ଯାଉଛି।

- ତାର ବାଡ଼ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର
- ଜିଲାର ଆର୍ଥିକ ଓ ସାମାଜିକ ପ୍ରଗତି ଘଟିବ
- ଖଣ୍ଡପଡ଼ା ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ଜଣାଇଲେ ଧନ୍ୟବାଦ

## ସଂକ୍ଷେପରେ

### କଞ୍ଚଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୁରଭି-୨୦୧୮



**ବେଗୁନିଆପଡ଼ା,୩୦।୯(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକର କଞ୍ଚଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାର ଆଇନ ଓ ସର୍ବଶିକ୍ଷା ଅଭିଯାନ ପକ୍ଷରୁ କଞ୍ଚଣା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ନେଇ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ଘୋଷ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବେନ୍ଦ୍ର କୁମାର ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଚିତ୍ରସେନ ଘୋଷ, ଗ୍ରାମ୍ୟ କମିଟି ଓ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ଜଣେ ଗୁରୁତର

**କୋଦଳା,୩୦।୯(ଡି.ଏନ୍.ଏ.):** କୋଦଳା କୁମୁଟି ସାହି ଛକନିକଟରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କଲେଜ ରୋଡର ବାବୁଲା ନାୟକ (୫୦)। ରବିବାର ସକାଳ କୁମୁଟି ସାହି ଛକରେ ଥିବା ଏକ ପାନ କ୍ୟାବିନ୍ ତଳେ ନାଗ ସାପ ଦେଖି ଲୋକେ ହୋହଲ୍ଲା କରିବାରୁ ନିଶାସକ୍ତ ବାବୁଲା ସାପଟିକୁ ଧରିବାକୁ ଚେଷ୍ଟା କରିବା ବେଳେ ସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ପରେ ବାବୁଲା ହାତରେ ବାଡେଇ ସାପଟିକୁ ମାରିଦେଇଥିଲେ ଓ ତା'ର କିଛି ସମୟପରେ ପଡିଯାଇଥିଲେ। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ବ୍ଲକସ୍ତରୀୟ ନିଯୁକ୍ତି ଚୟନ ଶିବିର

**ଶେରଗଡ,୨୯।୯(ଡି.ଏନ୍.ଏ.)** ଶେରଗଡ ବ୍ଲକ ସ୍ତରୀୟ ନିଯୁକ୍ତି ଚୟନ ଶିବିର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମୋଟ ୬୭୫ ଜଣ ବେକାର ଯୁବତୀ ଯୁବକ ପଞ୍ଜୀକରଣ କରିଥିବାବେଳେ ୫୬୮ ଜଣଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା। ୯ ଟି କମ୍ପାନୀ ସେମାନଙ୍କୁ ତାଲିମ ଦେବା ପରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ। ବ୍ଲକ ଜୀବିକା ମିଶନ ସେଲ ପକ୍ଷରୁ ଆୟୋଜିତ ଏହି ଶିବିରରେ ଅନ୍ୟତମ ଅତିଥିଭାବେ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର , ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଏବିଡିଓ ଅରୁଣ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଜୁ ମହିଳା ଜନତା ଦଳ ସମ୍ମିଳନୀ

# କେନ୍ଦ୍ର ସରକାର ବନ୍ଦ କଲେଣି ୧୩ ଯୋଜନା

**ଭଞ୍ଜନଗର,୩୦।୯(ଡି.ଏନ.ଏ.)**

ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳର ବିରାଟ କର୍ମୀ ସମ୍ମଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଜଳସମ୍ପଦ ବିଭାଗ ଆମ୍ବ ତୋଟାରେ ଆୟୋଜିତ ଏହି ସମ୍ମିଳନୀରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହଇଥବଲେ ଯେ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପୂର୍ବରୁ କେନ୍ଦ୍ର ସରକାର ଶତ ପ୍ରତିଶତ ଅନୁଦାନ ଦେଉଥିଲେ । ଏବେ ୬୦ ପ୍ରତିଶତ ମିଳୁଛି। ବଳକା ୪୦ ପ୍ରତିଶତ ରାଜ୍ୟ ସରକାର ଦେଉଛନ୍ତି। ପଛୁଆ ଅଞ୍ଚଳ ଉନ୍ନୟନ ପାଣ୍ଠିରେ ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟ ହେଉଥିଲା। ତାହାକୁ ମଧ ବନ୍ଦ କରିଦିଆଯାଇଛି। ଏପରି ୧୩ଟି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବନ୍ଦ କରିଦେଇଛନ୍ତି ।



ମଞ୍ଚାସୀନ ଅତିଥି ।

କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାକୁ ମନ୍ତ୍ରୀ ଆରୁଖ ଦୁର୍ଭାଗ୍ୟ ଯୋଜନା ବୋଲି ତାସଲ୍ୟ କରିଥିଲେ। କେନ୍ଦ୍ର ସରକାର ଅନୁଦାନ କାଟୁଥିଲେ ମଧ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ଉନ୍ନୟନ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ୨୫ଶହ ଟଙ୍କାକୁ ବୃଦ୍ଧି କରିବା ପାଇଁ ଅନୁରୋଧ କରିଥିଲେ। ହେଲେ କେନ୍ଦ୍ର ସରକାର ଏଥିପ୍ରତି ଗୁରୁତ୍ୱ ଦେଲେନାହିଁ । ମହାନଦୀ ଉପରେ ମୁଣ୍ଡରେ ଛତିଶଗଡ଼ ବ୍ୟାରେଜ୍ ନିର୍ମାଣ କଲା। ଯଦ୍ୱାରା ରାଜ୍ୟର ୧୫ ଜିଲାରେ ମହାନଦୀ ଶୁଖିଲା ପଡୁଛି । ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବାକୁ ମନ୍ତ୍ରୀ ଉପସ୍ଥିତ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ । ବିଜୁ ମହିଳା ଜନତା ଦଳ ରାଜ୍ୟ ଉପ ସଭାନେତ୍ରୀ ସଞ୍ଜୁକ୍ତା ମହଲା, ଗଞ୍ଜାମ ଜିଲା ଉପ ସଭାନେତ୍ରୀ ସୁନିତା କୁମାରୀ ଦଳବେହେରା, ଭଞ୍ଜନଗର ବ୍ଲକ ସଭାନେତ୍ରୀ ଶୈଳବାଳା ବିଷୋୟୀ, ଏନଏସି ସଭାନେତ୍ରୀ ସୁଜ୍ଞାନୀ କୁମାରୀ ଗୌଡ଼, ଜଗନ୍ନାଥପ୍ରସାଦ ବ୍ଲକ ସଭାନେତ୍ରୀ ସଙ୍ଗୀତା ମହାପାତ୍ର, ଭଞ୍ଜନଗର ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ଜିଲା ପରିଷଦ ସଭ୍ୟା ପଦ୍ମଜା ପାତ୍ର, ଆଇନଜୀବୀ ଏମ୍.ତାଜ୍ ଆଦେନୀ, ଜିଲା ବିଜେଡ଼ି ଉପ ସଭାପତି ରାଜେନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ,ଏନଏସିଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଏମପି ପ୍ରତିନିଧି ବିପ୍ର ଚରଣ ବାରିକ, ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ ହିମାଂଶୁ ଶେଖର ବାରିକ, ବ୍ଲକ ବିଜେଡ଼ି ସଭାପତି ମୋହନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦିବାକର ନାୟକ ସଭା ସଂଯୋଜନା କରିଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ।

**ଚିକିଟି,୩୦।୯(ଡି.ଏନ.ଏ.)**

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ସରକାରୀ ଅନୁଦାନର ୭୦ ଲକ୍ଷ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିଜସ୍ୱ ପାଣ୍ଠିରୁ ୪୦ ଲକ୍ଷ ଟଙ୍କା ଏହି ଭଳି ମୋଟ ୧ କୋଟି ୧୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହୋଇଥିବା ଚିକିଟି ବିଜ୍ଞାପିତଞ୍ଚଳ କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଚତୁର୍ଦ୍ଦଶ ଆର୍ଥିକ ପାଣ୍ଠୀରୁ ୨୫ ଲକ୍ଷ ଟଙ୍କା ବିନିମୟରେ ହୋଇଥିବା ଇଲେକ୍‌ଟ୍ରିକ୍ ଛକଠାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମରାମତି, ଉଭୟ ପାର୍ଶ୍ୱରେ ହୋଇଥିବା ଗାର୍ଡଓ୍ୱାଲ୍‌କୁ ଉଦ୍‌ଘାଟନ କରିଥିଲେ। ଏଥି ସହିତ ଘରର ମଇଳା ଆବର୍ଜନା ନିଷ୍କାସନ କରି ବାହାରେ ନ ଫୋପାଡି ସେହି ମଇଳା ସବୁ ଆଣିବା ପାଇଁ ନୂତନ ଭାବେ ଅଣାଯାଇଥିବା ଦୁଇଟି ଗାଡିକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଆୟୋଜିତ ଏହି ଉତ୍ସବରେ ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଏନ୍ଏସି ଅଧ୍ୟକ୍ଷା ଜେ ଅନସ୍ୱୟା ଆଚାରୀ, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ଦେଓ, ଅତିରିକ୍ତ ତହସିଲ୍‌ଦାର ଡ. ଶକ୍ତି ପ୍ରସାଦ ଶ୍ରୀଚନ୍ଦନ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ବିଜେଡି ମହିଳା ସମାବେଶ



ଛତ୍ରପୁର ବିଧାୟକ ଉଦବୋଧନ ଦେଉଛନ୍ତି।

**ଛତ୍ରପୁର,୩୦।୯(ଡି.ଏନ.ଏ)**

ଛତ୍ରପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ମହିଳା ସମାବେଶ ରବିବାର ରଘୁନାଥପୁର ଗୋଜବାୟାଣୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନମିତା ମହାରଣା ସଭାପତିତ୍ୱ କରିଥିଲେ । ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଯୋଗଦେଇ ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ବହୁ ନିଜସ୍ୱ ଯୋଜନା କରିଥିବା କହିଥିଲେ। ମହିଳାମାନଙ୍କ ଉପରେ ନିର୍ଯାତନା ରୋକିବା ପାଇଁ ସ୍ୱୟଂସିଦ୍ଧା ଏବଂ ଶିଶୁ ଶ୍ରମିକ ଓ ନିଖୋଜ ଶିଶୁଙ୍କ ପାଇଁ ପରୀ-୨ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଭିନ୍ନ ଥାନା ପକ୍ଷରୁ କରାଯାଉଛି । ମୁଖ୍ୟମନ୍ତ୍ରୀ ସବୁ ବର୍ଗର ଲୋକଙ୍କ ପାଇଁ ସୁବିଧା କରିଛନ୍ତି ବୋଲି ବିଧାୟକ କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ୭ ଲକ୍ଷ ଟଙ୍କାର ବୀମା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡର ବ୍ୟବସ୍ଥା କରାଯାଇଛି । ବିରୋଧୀଦଳ ଅପପ୍ରଚାର କରିଚାଲିଛନ୍ତି। ସେମାନେ ଗାଁକୁ ଗଲେ ମହିଳାମାନେ ଏ ସମ୍ପର୍କରେ ପଚାରନ୍ତୁ ବୋଲି ବିଧାୟକ ଡା.ପ୍ରଧାନ କହିଥିଲେ । ଜିଲା ମହିଳା ବିଜେଡିର ସଭାନେତ୍ରୀ ସଂଘମିତ୍ରା ଦଳାଇ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ଏମପି ରେଣୁବାଳା ପ୍ରଧାନ, ଜିଲା ବିଜେଡି ସମ୍ପାଦକ ମନୋଜ ପାଢୀ, ଛତ୍ରପୁର ଏନଏସି ଅଧ୍ୟକ୍ଷା ଜି ଆରତୀ, ଗଞ୍ଜାମ ଏନଏସି ଅଧ୍ୟକ୍ଷା ଉର୍ମିଳା ପଲେଇ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ଆଦିକନ୍ଦ ସେଠୀ, ଜିଲା ମହିଳା ବିଜେଡିର ସମ୍ପାଦିକା ପି. ଆଶା ରାଣୀ ଓ ଲକ୍ଷ୍ମୀ ପ୍ରିୟା ପାଢୀ, ସୁବର୍ଣ୍ଣମାଳା ବିଷୋୟୀ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ଅନୀଲ ସାହୁ, ଜିଲା ବିଜେଡି ଉପସଭାପତି ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ରମ୍ଭା ଏନଏସି ମହିଳା ବିଜେଡି ସଭାନେତ୍ରୀ ସୋନିଆ ଦେବୀ ଧନ୍ୟବାଦ ଦେଇଥିଲେ ।

### ଭାଜପାର ସାଙ୍ଗଠନିକ ସଭା

**କବିସୂର୍ଯ୍ୟନଗର,୩୦।୯(ଡି.ଏନ.ଏ)**

କବିସୂର୍ଯ୍ୟନଗରର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଭାଜପାର ସାଙ୍ଗଠନିକ ସଭା ଭାଜପା ନଗର ଉପସଭାପତି ଶ୍ୱେତ ଦୋରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଆଇବି ଛକସ୍ଥିତ କବିସୂର୍ଯ୍ୟ ବଳଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଭାଜପା ନେତା ଓ କର୍ମୀ ତାଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ମନ୍ତ୍ରୀ ଓରାମଙ୍କ ସହ ରାଜ୍ୟ ପ୍ରବକ୍ତା, ଆସିକା ଲୋକସଭା ସଂଯୋଜକଙ୍କ ତତ୍ତ୍ୱାବଧାନରେ ଆସିକା ସଂସଦୀୟ କ୍ଷେତ୍ରରେ ସମସ୍ତ ୭ଟି ବିଧାନସଭା କ୍ଷେତ୍ରରେ ଅଲଗା ଅଲଗା ୭ଟି ବୈଠକ ହୋଇ ଆଗାମୀ ନିର୍ବାଚନ ପାଇଁ ପ୍ରତିନିଧି ଚୟନ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ସମସ୍ତ ଲୋକସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସେମାନେ ହେଲେ ମହେଶ ମହାନ୍ତି, ଉମା ପ୍ରଧାନ, ପ୍ରଦୀପ ପାତ୍ରୀ, ଶ୍ରୀନିବାସ ଭଞ୍ଜ, ସନ୍ତୋଷ ଦାଶ, ମିନା ଟହଲ, ଭି. ରାମକୃଷ୍ଣ ରାଓ, ବିକାଶ ଆଚାର୍ଯ୍ୟ, ପ୍ରତାପ ନାୟକ, ନିଶି ମାଧବ ପାତ୍ର, ସୂର୍ଯ୍ୟ ଦାଶ, ଜୟନ୍ତି ପଢ଼ିଆରୀ, ପ୍ରବୋଧ ପଣ୍ଡାସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଏସିଡ୍ ମାଡ଼ ରୋକିବାକୁ ସଚେତନତା

**ଦାରିଙ୍ଗବାଡ଼ି,୩୦।୯(ଡି.ଏନ.ଏ)**

ଏକ ତରଫା ଭଲ ପାଇବାକୁ ନେଇ ଅନେକ ସମୟରେ ଯୁବତୀଙ୍କୁ ଏସିଡ ମାଡ଼ ହେଉଥିବା ନଜିର ରହିଛି । ଏହାକୁ କିଭଳି ରୋକାଯାଇ ପାରିବ ଏବଂ ଏସିଡ ମାଡ଼ ହୋଇଥିଲେ ପୀଡ଼ିତାଙ୍କୁ ମିଳୁଥିବା ସହାୟତା ଓ ମାଗଣା ଚିକିତ୍ସା ବ୍ୟବସ୍ଥା ରହିଥିବା ସମ୍ପର୍କରେ ତାଲୁକା ଆଇନ ସେବା ପ୍ରାଧିକରଣ କମିଟି ପକ୍ଷରୁ ସଚେତନ କରାଯାଇଛି। ଶନିବାର ଦାରିଙ୍ଗବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତାଲୁକା ଆଇନ ପ୍ରାଧିକରଣ କମିଟିର ଅଧ୍ୟକ୍ଷା ତଥା ବିଚାରପତି ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଛି । କାର୍ଯ୍ୟକ୍ରମରେ ଆଇନଜୀବୀ ଉମେଶ କର, ମନୋଜ କୁମାର ପଣ୍ଡା, ଓକିଲ ସଂଘର ସମ୍ପାଦକ ପ୍ରବୀର କୁମାର ସାହୁ, ସୁବର୍ଣ୍ଣ ବାଗ୍ ସିଂ, କୋର୍ଟ କର୍ମଚାରୀ ସୁଶେନ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଘୁଡୁକି ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଏସିଡ ମାଡ଼ ଘଟଣାରେ ଆଇନର ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଅଞ୍ଚଳବାସୀ, ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଫୁଲବାଣୀ ବ୍ଲକ ଗଞ୍ଜୁଗୁଡ଼ା ପଞ୍ଚାୟତ ଘୋଡ଼ାଗାଡୁ ଗ୍ରାମର ତ୍ରିନାଥ ସାହୁଙ୍କ ନିର୍ଦ୍ଦେଶନାରେ ସଚେତନତା ଘୁଡ଼ୁକି ନୃତ୍ୟ ହୋଇଥିଲା।


ଏସିଡ୍ ମାଡ଼ ନିରାକରଣ ସମ୍ପର୍କରେ ସଚେତନ କରାଯାଉଛି ।

# ବାହ୍ୟ ମଳମୁକ୍ତ ଘୋଷଣା, ପଲିଥିନକୁ ନା କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୩୦।୯**

କବିସୂର୍ଯ୍ୟନଗରର ଏନ୍ଏସିସ୍ଥିତ ୧୮ଟି ୱାର୍ଡକୁ ବାହ୍ୟ ମଳମୁକ୍ତ ଘୋଷଣା ପାଇଁ ଏନ୍ଏସି ପକ୍ଷରୁ ଉଦ୍ୟମ ହୋଇଛି। ଏହା ସହ ପଲିଥିନକୁ ନା ପାଇଁ ଏକ ସାଧାରଣ ସଭା ଶନିବାର କବିସୂର୍ଯ୍ୟ କଲ୍ୟାଣ ମଣ୍ଡପରେ ଏନ୍ଏସି ଉପାଧ୍ୟକ୍ଷ ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆସିକା ସାଂସଦ ଲଡୁ କିଶୋର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଡିଓ ସତ୍ୟ ସୁନ୍ଦର ରାଉତ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ଏନ୍ଏସି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ସ୍ୱାଇଁ, ଆଇଆଇସି ବୀଭସ୍ତ କୁମାର ପ୍ରଧାନ, ଜିଲା ପରିମଳ ବିଶେଷଜ୍ଞ ରଶ୍ମି ରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ବିଇଓ ନିରଞ୍ଜନ ମିଶ୍ର, ଏନଏସି ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ଦିଲୀପ ସାହୁ, ରସଲ ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ସମସ୍ତ ସହରବାସୀ ନିଜ ମାନସିକତା ପରିବର୍ତ୍ତନ ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ ବୋଲି କହିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ସହରର ଜନସାଧାରଣ ଯୋଗ ଦେଇଥିଲେ। ଏଥିରେ ସିଇଓ ସୁଚିତ୍ରାରାଣୀ ଦାସ, ଏକାଉଣ୍ଟାଣ୍ଟ ଗଣେଶ ପଟ୍ଟନାୟକ, ଯନ୍ତ୍ରୀ ପ୍ରଦୀପ୍ତ କୁମାର ଦାସ, ବିଜୁ ଯୁବ ବାହିନୀର ସଂଯୋଜକ ମନୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଔଷଧ କିଣିବାକୁ ଯାଇ ରୋଗୀଙ୍କ ମୃତ୍ୟୁ

**ବୁଗୁଡ଼ା,୩୦।୯(ଡି.ଏନ.ଏ.)**

ବୁଗୁଡ଼ା ସହରର ଗୋଟିଏ ଔଷଧ ଦୋକାନକୁ ଔଷଧ କିଣିବାକୁ ଯାଇ ରବିବାର ସନ୍ଧ୍ୟା ୫ଟାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ଥାନା ବି.ବ୍ରହ୍ମପୁର ଗ୍ରାମର ଟୁନା ମହାରଣା (୪୮)। ଟୁନା ଶ୍ୱାସରୋଗର ଔଷଧ କିଣିବାକୁ ଗୋଟିଏ ଔଷଧ ଦୋକାନକୁ ଆସିଥିଲେ। ସେଠାରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତେଣୁ ତାଙ୍କୁ ତୁରନ୍ତ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜିଲା ସ୍ତରୀୟ ବିଶ୍ୱ ଶ୍ରବଣବାଧିତ ଦିବସ

**ବାଲିଗୁଡ଼ା, ୩୦.୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା ପ୍ରଶାସନ ଓ ବାଲିଗୁଡ଼ା ବନବାସୀ ସେବା ସମିତିର ମିଳିତ ଉଦ୍ୟମରେ ସ୍ଥାନୀୟ ବିଶ୍ୱନାଥ ପଲ୍ଲୀର ଶ୍ରବଣବାଧିତ ବିଦ୍ୟାଳୟ ପରିସରରେ କନ୍ଧମାଳ ଜିଲା ସ୍ତରୀୟ ବିଶ୍ୱ ଶ୍ରବଣବାଧିତ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଶ୍ରବଣବାଧିତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ବିଦ୍ୟାଳୟରୁ ବାହାରି ସମଗ୍ର ସହର ପରିକ୍ରମା କରିବା ପରେ ସଭାର ଆୟୋଜନ ହୋଇଥିଲା। ଉକ୍ତ ସଭାରେ ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମଧୁସୂଦନ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନବାସୀ ସେବା ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଜିଲା ଦିବ୍ୟାଙ୍ଗ ଥଇଥାନ ଅଧିକାରୀ ଅଖିଳ କୁମାର ପଣ୍ଡା, ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିଶ୍ୱ ଶ୍ରବଣବାଧିତ ଦିବସର ତାତ୍ପର୍ଯ୍ୟ ଓ କାର୍ଯ୍ୟାବଳୀ ବିଷୟରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ଶ୍ରେଷ୍ଠ ଶ୍ରବଣବାଧିତ ଛାତ୍ରଭାବେ ଗଜେନ୍ଦ୍ର ମଲିକ ଓ ଦୂତୀକୃଷ୍ଣ ଗୌଡ଼ଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରଶାସନ ଓ ସମିତି ପକ୍ଷରୁ ଶ୍ରବଣବାଧିତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା।



ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

# କୃଷି, କୃଷକ ବଞ୍ଚିଲେ ଦେଶ ବଞ୍ଚିବ

**ଗୋପାଳପୁର,୩୦।୯**

ସହଯୋଗିତା-୨୦୧୮ କାର୍ଯ୍ୟକ୍ରମ ରଙ୍ଗେଇଲୁଣ୍ଡା ବ୍ଲକରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ବୈଭବ କାର୍ଯ୍ୟକ୍ରମର କୃଷକ ସଶକ୍ତୀ, କୃଷକ ମେଳା ଓ ଗ୍ରାମ୍ୟ ଜଳ ପରିମଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା, ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ ଦାଶ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଷ୍ଣୁପ୍ରସାଦ ପାଣିଗ୍ରାହୀ, କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ବେହେରା, ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର କର, କୃଷି ବିଭାଗର ଉପ ନିର୍ଦ୍ଦେଶକ ଚନ୍ଦନ ମଲିକ, ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ କୃଷି ସମ୍ବନ୍ଧରେ ଆଲୋଚନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଓଡ଼ିଶାରେ ରଙ୍ଗେଇଲୁଣ୍ଡା ବ୍ଲକରେ ସବୁଠାରୁ ଅଧିକ ଗ୍ରାମ୍ୟ ଜଳ ଯୋଗାଣ କମିଟି ରହିଛି। ଶତକଡ଼ା ୫୭ ପ୍ରତିଶତ ଲୋକଙ୍କ ଘରେ ପିଇବା ପାଣି ପହଞ୍ଚିଛି। ୨୩ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୧୫ ହଜାର ପରିବାର ଏଥିରୁ ଉପକୃତ ହେବେ। କମିଟିମାନଙ୍କୁ ୮୬ଟି ମୋଟର ସେଟ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଏହାର ଅଟକଳ ମୂଲ୍ୟ ୧୩ ଲକ୍ଷ ୫୮ ହଜାର ୭୧୨ ଟଙ୍କା ରହିଛି। ବିଧାୟକ ପାଣିଗ୍ରାହୀଙ୍କ କହିବା ଅନୁସାରେ ଜଳବାୟୁ ପରିବର୍ତ୍ତନ ହେଲେ କୃଷି ଉପରେ ପ୍ରଭାବ ପଡ଼ିବ। ସରକାରଙ୍କ ପକ୍ଷରୁ କୃଷକଙ୍କ ପାଇଁ ଅନେକ ଯୋଜନା ରହିଛି। କୃଷି ଓ କୃଷକ ବଞ୍ଚିଲେ ଦେଶ ବଞ୍ଚିବ ବୋଲି କହିଥିଲେ। ସମବାୟ ସମିତି ବିଭାଗ ପକ୍ଷରୁ ୧୪୦ କୃଷକ ଗ୍ରୁପକୁ ୧୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ବିଜୁ କୃଷକ କଲ୍ୟାଣ କାର୍ଡ ୩ ହଜାର ୪୧୬ କୃଷକଙ୍କୁ ବଣ୍ଟନ ହୋଇଛି। ବାହ୍ୟ ମଳମୁକ୍ତ ଅଚଳ କରିବା ପାଇଁ ସ୍ଲୋଗାନ ଦିଆଯାଇଥିଲା। ବର୍ଷା ଜଳର ସଞ୍ଚୟ, ମୃତ୍ତିକା ପରୀକ୍ଷା ନିମନ୍ତେ ଆଲୋଚନା ହୋଇଥିଲା। ଏଥିରେ ଦୀପ୍ତିରାଣୀ କର, ଦମୟନ୍ତୀ ରେଡ୍ଡୀ, ସିଏଚ୍ ଭରତ ପାତ୍ର, ବିଷ୍ଣୁପ୍ରିୟା ନାୟକ, ରାଜେଶ୍ୱରୀ ଦୋରା, ଅରୁଣ କୁମାର ଦଳେଇ, ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ସମେତ କୃଷକମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


କୃଷକମାନଙ୍କୁ ଅତିଥିଙ୍କ ଦ୍ୱାରା ଋଣ ଚେକ୍ ବଣ୍ଟନ।

**ସହଯୋଗିତା-୨୦୧୮ ଉଦ୍‌ଯାପିତ**